ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ସେପ୍ଟେମ୍ବର ୨୯/୨୦୧୯ (୨୦ ପୃଷ୍ଠା+ ଛୁଟିଦିନ) Sambalpur, Sunday, September 29 / 2019 ★★
୧୫ଶ ଭାଗ ୨୮୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-



**'ଲାଲ୍ କପ୍ତାନ୍'ର ଦ୍ୱିତୀୟ ଟ୍ରେଲର ରିଲିଜ୍**

ସୈଫ୍ ଅଲୀ ଖାନ୍‌ଙ୍କ ଅପ୍‌କମିଂ ଫିଲ୍ମ 'ଲାଲ୍ କପ୍ତାନ୍'ର ଦ୍ୱିତୀୟ ଟ୍ରେଲର ରିଲିଜ୍ ହୋଇଛି। ଏଥିରେରେ ସୈଫ୍, ଦୀପକ ଓ ସୋନାକ୍ଷୀଙ୍କୁ ଦେଖିବାକୁ ମିଳିଛି। ୧୯

୧୪ **ଫାଇନାଲରେ ପ୍ରମୋଦ**

ଓଡ଼ିଶାର ପ୍ରମୋଦ ଭଗତ ଚାଇନାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଉଭୟ ପୁରୁଷ ସିଙ୍ଗଲ୍ସ ଓ ଡବଲ୍ସ ଫାଇନାଲରେ ପ୍ରବେଶ କରି ୨ଟି ପଦକ ନିଶ୍ଚିତ କରିଛନ୍ତି।





ଶନିବାର ସମଲେଇଙ୍କ ଧବଳମୁଖୀ ବେଶ ।

## ଧବଳମୁଖୀ ବେଶରେ ମା' ସମଲେଇ

ସମ୍ବଲପୁର,୨୮ ।୯(ବ୍ୟୁରୋ): ସମ୍ବଲପୁରର ଆରାଧ୍ୟା ତଥା ଇଷ୍ଟଦେବୀ ମା' ସମଲେଇ ଶନିବାର ଧବଳମୁଖୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ଦେବୀଙ୍କ ବିରଳ ଓ ସ୍ୱତନ୍ତ୍ର ବେଶ ଦର୍ଶନ କରିବାକୁ ରାଜ୍ୟ ଓ ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଛି। ପଞ୍ଚବାଦ୍ୟ, ଘଣ୍ଟ, ଶଙ୍ଖ, ହରିବୋଲ, ହୁଳହୁଳିରେ ମନ୍ଦିର ପରିସର ଉଚ୍ଛୁଳି ଉଠିଥିଲା। ରାତି ୪ଟାରୁ ଦେବୀଙ୍କ ଧବଳମୁଖୀ ତଥା ଗଙ୍ଗା ବେଶ ଦର୍ଶନ କରିବା ପାଇଁ ଭକ୍ତମାନେ ଧାଡି ବାନ୍ଧି ଅପେକ୍ଷା କରିଥିଲେ । ପ୍ରାତଃ ୪ଟା ୪୫ରେ ଭକ୍ତଙ୍କ ଦର୍ଶନ ପାଇଁ ମନ୍ଦିର ଦ୍ୱାର ଖୋଲା ଯାଇଥିଲା। ଆଶ୍ୱିନ ମହାଳୟା ତିଥିରୁ ଆଶ୍ୱିନ ପ୍ରତିପଦା ତିଥି (୩୦ ତାରିଖ)ର ଅପରାହ୍ନ ୨ଟା ପର୍ଯ୍ୟନ୍ତ ମା' ସମଲେଇ ଧବଳମୁଖୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ଶୁକ୍ରବାର ରାତି ୧୨ଟାରେ ପୂଜକମାନେ ମନ୍ଦିର ଗମ୍ଭୀରା ସଫା କରିଥିଲେ। ଗୋପୀ ତିଳକ, ଶଙ୍ଖର ମିଶ୍ରଣରେ ଦେବୀଙ୍କୁ ଧବଳମୁଖୀ ବେଶ କରାଯାଇଥିଲା । ରାତି ସାଢ଼େ ୩ଟାରେ ବେଶ ଶେଷ ହୋଇଥିଲା । ଏହାପରେ ପୂଜକମାନେ ମହାନଦୀ ସମଲେଇ ଘାଟରେ ସ୍ନାନ କରିଥିଲେ। ପିତଳ ପାତ୍ର (ଗରିଆ)ରେ ପାଣି ଆଣି ଦେବୀଙ୍କୁ ସ୍ନାନ କରାଯାଇଥିଲା। ପୂଜକମାନେ ସମ୍ବଲପୁରୀ ଶ୍ୱେତ ପାଟବସ୍ତ୍ର ଦେବୀଙ୍କୁ ପରିଧାନ କରାଇଥିଲେ। ପ୍ରାତଃ ୪ଟାରେ ମହାଆଳତି ସହ ଭୁବନେଶ୍ୱରୀଙ୍କ ବୀଜମନ୍ତ୍ରରେ ସ୍ୱତନ୍ତ୍ର ☞ପୃଷ୍ଠା-୪

**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

**■ ଛାତ୍ରୀଛାତ୍ରଙ୍କ ବୋଝ ବଢ଼ାଇଲା ଆଇଆଇଟି କାଉନସିଲ**

# ଏମ୍‌ଟେକ୍ ଫି ୯୦୦% ବୃଦ୍ଧି

- ବିଟେକ୍ ଭଳି ବର୍ଷକୁ ଗଣିବେ ୨ ଲକ୍ଷ
- ମିଳୁଥିବା ୧୨,୪୦୦ ଟଙ୍କା ଷ୍ଟାଇପେଣ୍ଡ ବନ୍ଦ
- ନୂଆ ପ୍ରଫେସରଙ୍କ ପ୍ରଦର୍ଶନର ସମୀକ୍ଷା ହେବ
- ୨୦୨୦ ଶିକ୍ଷାବର୍ଷରୁ ଲାଗୁ ହେବ

ନୂଆଦିଲ୍ଲୀ,୨୮।୯

ଏମ୍‌ଟେକ୍ ପାଠ୍ୟକ୍ରମ ଫି ପାଖାପାଖି ୯୦୦ ପ୍ରତିଶତ ବୃଦ୍ଧି କରି ଏହାକୁ ବିଟେକ୍ ଦେୟ ସହ ସମାନ କରିବାକୁ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲୋଜି (ଆଇଆଇଟି) କାଉନସିଲ ନିଷ୍ପତ୍ତି ନେଇଛି। ୨୦୨୦ ଶିକ୍ଷାବର୍ଷରୁ ଏହି ବର୍ଦ୍ଧିତ ଦେୟ ଲାଗୁ ହେବ। ଫଳରେ ଏମ୍‌ଟେକ୍ ଛାତ୍ରୀଛାତ୍ରଙ୍କୁ ବର୍ଷକୁ ପାଖାପାଖି ୨ ଲକ୍ଷ ଟଙ୍କା ପୈଠ କରିବାକୁ ପଡିବ। ବର୍ତ୍ତମାନର ବ୍ୟବସ୍ଥା ଅନୁଯାୟୀ ଆଇଆଇଟିଗୁଡ଼ିକରେ ଏମ୍‌ଟେକ୍ ପାଠ୍ୟକ୍ରମରେ ନାମଲେଖା ଓ ସେମିଷ୍ଟର ପ୍ରତି ଟ୍ୟୁଶନ୍ ଫି ୫ ହଜାରରୁ ୧୦ ହଜାର ଟଙ୍କା ମଧ୍ୟରେ ପଡୁଛି। ଏହାକୁ ୨୦ ହଜାରରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ଲାଗି ନିଷ୍ପତ୍ତି ହୋଇଛି। ଏହାବ୍ୟତୀତ ଗେଟ୍ (ଗ୍ରାଜୁଏଟ୍ ଆପ୍ଟିଚୁଡ୍ ଟେଷ୍ଟ ଇନ୍ ଇଞ୍ଜିନିୟରିଂ) ସ୍କୋର ଆଧାରରେ ଏମ୍‌ଟେକ୍ ଛାତ୍ରୀଛାତ୍ରଙ୍କୁ ପ୍ରତି ମାସରେ ମିଳୁଥିବା ୧୨,୪୦୦ ଟଙ୍କା ଷ୍ଟାଇପେଣ୍ଡକୁ ମଧ୍ୟ ଆଇଆଇଟି କାଉନସିଲ ବନ୍ଦ କରିଦେଇଛି। ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିୟାଲଙ୍କ ଅଧ୍ୟକ୍ଷତାରେ କାଉନସିଲ ବୈଠକ ବସିଥିଲା। ନୂଆ ପ୍ରଫେସରମାନଙ୍କ ପଞ୍ଚମ ବର୍ଷର ପ୍ରଦର୍ଶନକୁ ସମୀକ୍ଷା କରିବା ପରେ ସେମାନଙ୍କୁ ପଦୋନ୍ନତି ଦିଆଯିବ କି ବିଦା କରାଯିବ ସେ ସମ୍ପର୍କରେ ନିଷ୍ପତ୍ତି ନେବା ଲାଗି 'ଟେନ୍ୟୁର ଟ୍ରାକ୍ ପାଥ୍‌ୱେ'କୁ କାଉନସିଲ୍ ଅନୁମୋଦନ କରିଛି।

ସମ୍ପ୍ରତି ଆଇଆଇଟି ମୁମ୍ବାଇରେ ଏମ୍‌ଟେକ୍ ଟ୍ୟୁଶନ ଫି ସେମିଷ୍ଟର ପ୍ରତି ୫୦୦୦ ଟଙ୍କା ପଡୁଥିବାବେଳେ ଆଇଆଇଟି ଦିଲ୍ଲୀ ୧୦ ହଜାର, ଆଇଆଇଟି ମାଡ୍ରାସ ୫୦୦୦ ଟଙ୍କା ସହ ଏକକାଳୀନ ୩୭୫୦ ଟଙ୍କା ନେଉଛି। ଆଇଆଇଟି ଖଡଗପୁର ପ୍ରଥମ ସେମିଷ୍ଟରରେ ୨୫,୯୫୦ ଟଙ୍କା ନେଉଥିବାବେଳେ ସେଥିରୁ ୬୦୦୦ ଟଙ୍କା ଫେରସ୍ତ କରୁଛି ଏବଂ ୧୦,୫୫୦ ଟଙ୍କା ପରବର୍ତ୍ତୀ ସେମିଷ୍ଟର ପାଇଁ ରଖୁଛି। ଦେୟ ବୃଦ୍ଧି ସହ ଗରିବ ଛାତ୍ରୀଛାତ୍ରଙ୍କୁ ସରକାର ଡିବିଟି (ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ) ମାଧ୍ୟମରେ ସହାୟତା କିମ୍ବା ଶିକ୍ଷା ଋଣ ସୁବିଧା ଯୋଗାଇଦେବା ଲାଗି ପ୍ରସ୍ତାବ ଦିଆଯାଇଛି। ଏଥିସହିତ ଦେୟର ଏକ ବଡ଼ ଭାଗ ୟୁଜି ଲାବ୍ ଓ ପାଠ୍ୟକ୍ରମ ପାଇଁ ଅଧ୍ୟାପନା ସହାୟତା ଯୋଗାଇଦେବା ଉଚିତ। ଏହା ବ୍ୟତୀତ ଉକ୍ତ ପାଣ୍ଠିକୁ ଅନ୍ୟ ପେସାଗତ କାର୍ଯ୍ୟରେ ମଧ୍ୟ ବିନିଯୋଗ କରାଯାଇପାରିବ ବୋଲି କାଉନସିଲ୍ ପ୍ରସ୍ତାବ ଦେଇଛି। ସୂଚନାଯୋଗ୍ୟ, ତିନିଜଣିଆ ସଂସ୍କାର କମିଟିର ସୁପାରିସକ୍ରମେ ଏମ୍‌ଟେକ୍ ଫି ବୃଦ୍ଧି କରାଯାଇଛି। ଆଇଆଇଟିଗୁଡ଼ିକରେ ଏମ୍‌ଟେକ୍ ପାଠ୍ୟକ୍ରମରେ ସଂସ୍କାର ସମ୍ପର୍କିତ ସୁପାରିସ ଲାଗି ଉକ୍ତ କମିଟି ଗଠନ କରାଯାଇଥିଲା। ଦେୟ ବୃଦ୍ଧି ଓ ଷ୍ଟାଇପେଣ୍ଡ ବନ୍ଦ କରିବା ଦ୍ୱାରା ଅଧାରୁ ପାଠ ଛାଡୁଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ହ୍ରାସ ପାଇବ ବୋଲି କମିଟି ବିଚାର କରୁଛି। କାରଣ ଏମ୍‌ବିଏ ଭଳି ଅଧିକ ଦେୟ ନିଆଯାଉଥିବା ପାଠ୍ୟକ୍ରମରେ କ୍ୱଚିତ ଅଧାରୁ ପାଠ ଛାଡିଥାନ୍ତି। ସେହିପରି ଟେନ୍ୟୁର ଟ୍ରାକ୍ ସିଷ୍ଟମ ନୂଆ ପ୍ରଫେସରମାନଙ୍କ ପ୍ରଦର୍ଶନ ବଢ଼ାଇବାରେ ସହାୟକ ହେବ। ଶିକ୍ଷାନୁଷ୍ଠାନରେ ଯୋଗଦେବାର ୫.୫ ବର୍ଷ ପରେ ଏକ୍ସଟରନାଲ କମିଟି ଦ୍ୱାରା ଉକ୍ତ ପ୍ରଫେସରମାନଙ୍କ ପ୍ରଦର୍ଶନର ସମୀକ୍ଷା କରାଯିବ। ଏହାର ମୂଲ୍ୟାୟନ ଆଧାରରେ ସେମାନଙ୍କୁ ପଦୋନ୍ନତି ଦିଆଯିବ କିମ୍ବା ଶିକ୍ଷାନୁଷ୍ଠାନ ଛାଡ଼ିବାକୁ କୁହାଯିବ ବୋଲି ଜଣାପଡିଛି।



ଲ୍ୟୁଟ୍‌ନାଣ୍ଟ ଜେନେରାଲ ବିବେକ ବିଜୟମୋରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ କଲର୍ସ ସମ୍ମାନ ଗ୍ରହଣ କରୁଛନ୍ତି।

**■ ଆର୍ମି ଏୟାର ଡିଫେନ୍ସକୁ ରାଷ୍ଟ୍ରପତି କଲର୍ସ ସମ୍ମାନ**

# 'ଦେଶ ସୁରକ୍ଷାରେ ସେନା ଭୂମିକା ପ୍ରଶଂସନୀୟ'

ବ୍ରହ୍ମପୁର ଅଫିସ୍,୨୮।୨

ଗଞ୍ଜାମ ଜିଲା ଗୋପାଳପୁର ଗୋଳବାନ୍ଧ ସେନା ଷ୍ଟେଶନ୍‌ସ୍ଥିତ ସେନା ବାୟୁ ପ୍ରତିରକ୍ଷା ବାହିନୀ(ଆର୍ମି ଏୟାର୍ ଡିଫେନ୍ସ)କୁ ଶନିବାର ରାଷ୍ଟ୍ରପତି କଲର୍ସ ସମ୍ମାନରେ ସମ୍ମାନିତ କରାଯାଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶନିବାର ଏହି ସମ୍ମାନ ପ୍ରଦାନ କରିଛନ୍ତି । ନିଜ ଅଭିଭାଷଣରେ ରାଷ୍ଟ୍ରପତି କୋବିନ୍ଦ ଦେଶ ସୁରକ୍ଷାରେ ସେନା ଭୂମିକା ପ୍ରଶଂସନୀୟ ବୋଲି କହିଥିଲେ। ସେହିପରି ରାଷ୍ଟ୍ରର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱ ରକ୍ଷା ଦିଗରେ ଭାରତୀୟ ସଶସ୍ତ୍ର ସେନା ବାହିନୀ ଓ ସେନା ବାୟୁ ପ୍ରତିରକ୍ଷା ବାହିନୀର କାର୍ଯ୍ୟକୁ ମଧ୍ୟ ପ୍ରଶଂସା କରିଥିଲେ ।

ଭାରତୀୟ ସ୍ଥଳସେନାର ଗୌରବପୂର୍ଣ୍ଣ ସମ୍ମାନ ମଧ୍ୟରେ ରାଷ୍ଟ୍ରପତି କଲର୍ସ ସମ୍ମାନ ହେଉଛି ସର୍ବୋଚ୍ଚ ସମ୍ମାନ । ଆର୍ମି ଏୟାର ଡିଫେନ୍ସକୁ ଏହି ସମ୍ମାନ ପ୍ରଦାନ କରାଯାଉଥିବାରୁ ଏକ ଭବ୍ୟ କାର୍ଯ୍ୟକ୍ରମର ଆୟୋଜିତ ହୋଇଥିଲା। ଶନିବାର ସକାଳ ସାଢ଼େ ୮ଟାରେ ରାଷ୍ଟ୍ରପତି ସମାରୋହ ସ୍ଥଳରେ ପହଞ୍ଚିଥିଲେ। ବ୍ରିଗେଡିୟର୍ ରାଜୀବ ଶ୍ରୀବାସ୍ତବଙ୍କ ନେତୃତ୍ୱରେ ରାଷ୍ଟ୍ରପତି କୋବିନ୍ଦଙ୍କୁ ଏକ ଭବ୍ୟ ପରେଡ୍ ମାଧ୍ୟମରେ ରାଷ୍ଟ୍ରୀୟ ଅଭିବାଦନ ଦିଆଯାଇଥିଲା। ପରେ ଲ୍ୟୁଟ୍‌ନାଣ୍ଟ ବିବେକ ବିଜୟ ମୋରେ ସେନା ବାୟୁ ପ୍ରତିରକ୍ଷା ବାହିନୀ ତରଫରୁ ରାଷ୍ଟ୍ରପତିଙ୍କଠାରୁ କଲର୍ସ ସମ୍ମାନ ଗ୍ରହଣ କରିଥିଲେ। ନିଜ ଅଭିଭାଷଣରେ ଏହି ସମ୍ମାନ ପ୍ରଦାନ ନେଇ ସେ ସନ୍ତୋଷ ପ୍ରକାଶ କରିଥିଲେ। ଏଥିସହ ରାଷ୍ଟ୍ରପତି କୋବିନ୍ଦ କହିଥିଲେ, ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସେନା ବାୟୁ ପ୍ରତିରକ୍ଷାର ବହୁ ସୈନ୍ୟ ଦଳ ବିଭିନ୍ନ ଅଭିଯାନରେ ଭାଗ ନେଇଥିଲେ। ଏଥି ମଧ୍ୟରେ ବର୍ମା ଅଭିଯାନ, ଇମ୍ଫାଲ ଓ କୋହିମା ଘେରାବନ୍ଦୀ, ରେଙ୍ଗୁନ୍ ପୁନଃଦଖଲ, ଆରାକାନ୍ ☞ପୃଷ୍ଠା-୪

**■ ମହାନଦୀ ଜଳ ବିବାଦ: ଓଡ଼ିଶା, ଛତିଶଗଡ଼କୁ ଟ୍ରିବ୍ୟୁନାଲର ନିର୍ଦ୍ଦେଶ**

# ନଭେମ୍ବର ୩୦ ସୁଦ୍ଧା ରିପୋର୍ଟ ଦିଅ



- ଅକ୍ଟୋବର ୩୦ରେ ଛତିଶଗଡ଼ ବ୍ୟାରେଜ ପରିଦର୍ଶନ କରିବ ଓଡ଼ିଶା ବୈଷୟିକ ଟିମ୍
- ନଭେମ୍ବର ୧୭ରେ ଆସିବ ଛତିଶଗଡ଼ ଟିମ୍

ଭୁବନେଶ୍ୱର,୨୮ ।୯(ବ୍ୟୁରୋ)

ଓଡ଼ିଶାର ଏକ ଅଭିଜ୍ଞ ବୈଷୟିକ ଟିମ୍ ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ନିର୍ମାଣ କରିଥିବା ବ୍ୟାରେଜଗୁଡ଼ିକ ପରିଦର୍ଶନ କରିବ । ବ୍ୟାରେଜଗୁଡିକ ଯୋଗୁ ଜଳ ପ୍ରବାହରେ ବାଧା ଉପୁଜୁଛି କି ନାହିଁ। କେଉଁ ସମୟରେ କେତେ ଜଳ ବ୍ୟାରେଜକୁ ପ୍ରବେଶ କରୁଛି ଓ କେତେ ଜଳ କେଉଁ ସମୟରେ ଛଡ଼ାଯାଉଛି। ବ୍ୟାରେଜ ନିର୍ମାଣ ଦ୍ୱାରା ଓଡ଼ିଶାକୁ ଜଳ ପ୍ରବାହ ଉପରେ କି ପ୍ରଭାବ ପଡୁଛି। ଏ ନେଇ ବୈଷୟିକ ଟିମ୍ କ୍ଷେତ୍ର ପରିଦର୍ଶନ କରିବା ସହ ଛତିଶଗଡ଼ ବ୍ୟାରେଜ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ସହ ଆଲୋଚନା କରିବ । ଏହି ବୈଷୟିକ ଟିମ୍ ଆସନ୍ତା ଅକ୍ଟୋବର ୩୦ରୁ ନଭେମ୍ବର ୨ ମଧ୍ୟରେ ବିଭିନ୍ନ ପ୍ରକଳ୍ପ ବୁଲି ସ୍ଥିତି ଅନୁଧ୍ୟାନ କରିବେ। ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ମହାନଦୀ ଜଳ ବିବାଦର ସମାଧାନ ପାଇଁ ଗଠନ ହୋଇଥିବା ଟ୍ରିବ୍ୟୁନାଲ ଏହି ନିର୍ଦ୍ଦେଶ ଦେଇଛନ୍ତି। ଛତିଶଗଡ଼ର ମଧ୍ୟ ଏକ ବୈଷୟିକ ଟିମ୍ ଓଡ଼ିଶା ଯାଇ ମହାନଦୀ ଜଳ ପ୍ରବାହକୁ ନିରୀକ୍ଷଣ କରିବ। ଏହି ଟିମ୍ ନଭେମ୍ବର ୧୭ରୁ ୧୯ ତାରିଖ ମଧ୍ୟରେ କ୍ଷେତ୍ର ପରିଦର୍ଶନ କରିବ। ନଭେମ୍ବର ୩୦ ତାରିଖ ଅର୍ଥାତ୍ ପରବର୍ତ୍ତୀ ଶୁଣାଣି ପୂର୍ବରୁ ଉଭୟ ରାଜ୍ୟ ଏ ନେଇ ସ୍ଥିତି ଅନୁଧ୍ୟାନ ରିପୋର୍ଟ ଟ୍ରିବ୍ୟୁନାଲ୍‌ଙ୍କ ନିକଟରେ ଦାଖଲ କରିବେ। ଶନିବାର ଜଷ୍ଟିସ ଏଏମ୍ ଖାନ୍‌ୱାଲିକରଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଥିବା ମହାନଦୀ ଟ୍ରିବ୍ୟୁନାଲର ୩ ଜଣିଆ ବେଞ୍ଚ ଉଭୟ ରାଜ୍ୟ ସରକାରଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ଛତିଶଗଡ଼ ସରକାରଙ୍କ ପକ୍ଷ ଶୁଣାଣି ପରେ ଓଡ଼ିଶା ଆବେଦନ ଉପରେ ଇସ୍ୟୁ ଫ୍ରେମ୍ କରାଯିବ ବୋଲି କୋର୍ଟ କହିଛନ୍ତି।

ଶୁଣାଣି ବେଳେ ଆଡଭୋକେଟ ଜେନେରାଲ ଅଶୋକ ପରିଜା ଖଣ୍ଡପୀଠଙ୍କୁ କହିଛନ୍ତି, ଶୁକ୍ରବାର ଏକ ବୈଠକ କରି କ୍ଷେତ୍ର ପରିଦର୍ଶନ ତାରିଖ ଧାର୍ଯ୍ୟ କରାଯାଇଛି। ଏହାସହ ଛତିଶଗଡ଼ ଆବେଦନ ଉପରେ ଓଡ଼ିଶା ତା'ର ଜବାବ ରଖିଛି । ସୂଚନାଯୋଗ୍ୟ, ଉଭୟ ରାଜ୍ୟ ପରସ୍ପର ଅଞ୍ଚଳ ପରିଦର୍ଶନ କରିବାକୁ ଟ୍ରିବ୍ୟୁନାଲ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ମୌସୁମୀ ବର୍ଷା ପରେ କ୍ଷେତ୍ର ପରିଦର୍ଶନ କରିବେ ବୋଲି ଓଡ଼ିଶା ଏବଂ ଛତିଶଗଡ଼ ଟ୍ରିବ୍ୟୁନାଲଙ୍କୁ ଜଣାଇଥିଲେ। ଉପରମୁଣ୍ଡରେ ଛତିଶଗଡ଼ ୬ଟି ବୃହତ୍ ବ୍ୟାରେଜ ନିର୍ମାଣକୁ ନେଇ ଓଡ଼ିଶା ଆପତ୍ତି ଉଠାଇଥିଲା। ଏହି ବ୍ୟାରେଜ ଯୋଗୁ ଅଣମୌସୁମୀ ସମୟରେ ମହାନଦୀରେ ଜଳ ପ୍ରବାହ ପ୍ରଭାବିତ ହେବା ସହ ଚାଷ, ପିଇବା ପାଣି ଏବଂ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ବିରାଟ ସଙ୍କଟ ଦେଖାଦେବ ବୋଲି ଓଡ଼ିଶା ଅଭିଯୋଗ କରିଥିଲା। କେନ୍ଦ୍ର ଏଥିରେ ହସ୍ତକ୍ଷେପ କରି ବ୍ୟାରେଜ ନିର୍ମାଣକୁ ବନ୍ଦ କରିବାକୁ ଓଡ଼ିଶା ସରକାର ବହୁବାର ଦାବି କରିଥିଲେ। ଏ ନେଇ ଉଭୟ ରାଜ୍ୟ ମଧ୍ୟରେ କେନ୍ଦ୍ର ଜଳ ସମ୍ପଦମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଫଳରେ ରାଜ୍ୟ ସରକାର ନିର୍ମାଣାଧୀନ ବ୍ୟାରେଜ ବନ୍ଦ କରିବାକୁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ମହାନଦୀ ଜଳ ବିବାଦର ସମାଧାନ ପାଇଁ ଟ୍ରିବ୍ୟୁନାଲ ଗଠନ କରାଯାଇଛି।

**ଆଜିର ସମ୍ପାଦକୀୟ**

**ଆତଙ୍କବାଦର ସଂଜ୍ଞା**

**ଆଜିର ମନ୍ତବ୍ୟ**

> ପାକିସ୍ତାନ ପ୍ରଧାନମନ୍ତ୍ରୀ ବୁଲିବୁଲି ବିଶ୍ୱ ନେତାଙ୍କୁ ଭେଟିବା କାର୍ଟୁନିଷ୍ଟଙ୍କ ଲାଗି ଖୋରାକ୍ ଯୋଗାଇଛି।
> -ରାଜନାଥ ସିଂ, ପ୍ରତିରକ୍ଷାମନ୍ତ୍ରୀ

**କିଛି ତଥ୍ୟ**

ଚଳିତ ବର୍ଷ ଖରିଫ ଋତୁରେ ୧୦୦ ନିୟୁତ ହେକ୍ଟରରୁ ଅଧିକ ଜମିରେ ଚାଷ କାର୍ଯ୍ୟ ହୋଇଛି।

– କୃଷି ମନ୍ତ୍ରଣାଳୟ

NECC NATIONAL EGG CO-ORDINATION COMMITTEE 28.09.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 65 | 113 | 123 |
| CTC | 64 | 111 | 121 |
| DKL | 64 | 111 | 121 |
| BDK | 64 | 111 | 121 |
| BLS | 64 | 111 | 121 |
| ANG | 65 | 113 | 123 |
| BHM | 58 | 103 | 113 |

*Conditions Apply
Eggs Retail Price- 51/-Dozen
Issued in the Interest of Consumers

**■ ବିଜେପୁର ଉପନିର୍ବାଚନ**

# ରୀତାଙ୍କୁ ଭରସିଲେ ନବୀନ

**ଆଜି ପ୍ରାର୍ଥୀ ଘୋଷଣା କରିବ ଭାଜପା**



ଭୁବନେଶ୍ୱର,୨୮ ।୯(ବ୍ୟୁରୋ)

ସବୁ କଳ୍ପନାଜଳ୍ପନାର ଅବସାନ ଘଟିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବତନ ବିଧାୟିକା ରୀତା ସାହୁଙ୍କୁ ବିଜେପୁର ଉପନିର୍ବାଚନ ପାଇଁ ଦଳୀୟ ପ୍ରାର୍ଥୀ ଭାବେ ଘୋଷଣା କରିଛନ୍ତି। ନବୀନ ନିବାସରେ ଶନିବାର ଗଣମାଧ୍ୟମ ପ୍ରତିନିଧିଙ୍କୁ ବିଜେଡି ସଭାପତି କହିଥିଲେ ଯେ, ବିଜେପୁରବାସୀଙ୍କ ଆଶୀର୍ବାଦ ପାଇଁ ସେ ଋଣୀ। ବିଜେପୁର ସବୁବେଳେ ତାଙ୍କ ଧ୍ୟାନକେନ୍ଦ୍ରିତ(ଫୋକସ୍) ନିର୍ବାଚନମଣ୍ଡଳୀ ରହିବ। ଉପନିର୍ବାଚନରେ ରୀତା ସାହୁ ହିଁ ବିଜେଡି ପ୍ରାର୍ଥିନୀ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ରୀତା ଚଳିତ ମାସ ୩୦ରେ ନାମାଙ୍କନପତ୍ର ଦାଖଲ କରିବେ ବୋଲି ଜଣାପଡ଼ିଛି। ଗତ ସପ୍ତାହରେ ବିଜେପୁର ଉପନିର୍ବାଚନ ଲାଗି ବିଜ୍ଞପ୍ତି ପ୍ରକାଶ ପରେ ଶାସକ ଦଳରୁ କିଏ ପ୍ରାର୍ଥୀ ହେବେ ସେନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ରୀତାଙ୍କ ନାଁ ସମେତ ବରଗଡର ପୂର୍ବତନ ଏମ୍‌ପି ପ୍ରଭାସ ସିଂ ଏବଂ ଏପିକଲ୍ ଅଧ୍ୟକ୍ଷ ପ୍ରଭାତ ଆଦିତ୍ୟ ମିଶ୍ରଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ବିଜେପୁର ଉପନିର୍ବାଚନ ଲାଗି ଦଳୀୟ ବ୍ୟାପାର ପରିଚାଳନା ପାଇଁ ବିଜେଡି ସଭାପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିକଟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଯିଏ ବି ଦଳର ପ୍ରାର୍ଥୀ ହୁଅନ୍ତୁ ନା କାହିଁକି, ତାଙ୍କୁ ବିପୁଳ ବ୍ୟବଧାନରେ ବିଜୟୀ କରିବା ପାଇଁ ପ୍ରଚେଷ୍ଟା କରିବାକୁ ନିର୍ଦ୍ଦେଶ ରହିଥିଲା। ସେହିଦିନ ପ୍ରାର୍ଥୀଙ୍କୁ ନେଇ ଦଳର ମୁଖ୍ୟ କୌଣସି ସଙ୍କେତ ଦେଇ ନ ଥିଲେ। ତେଣୁ ରୀତାଙ୍କ ଉପରେ ପୁନର୍ବାର ଭରସା କରାଯିବ ଅଥବା ନୂଆ ମୁହଁ ଦିଆଯିବ, ସେନେଇ କଳ୍ପନାଜଳ୍ପନା ଲାଗି ରହିଥିଲା। ହେଲେ ରୀତାଙ୍କ ନାଁ ଘୋଷଣା ପରେ ସେଥିରେ ପୂର୍ଣ୍ଣଚ୍ଛେଦ ପଡିଛି। ଦଳ ପକ୍ଷରୁ ତାଙ୍କ ନାଁ ଘୋଷଣା ☞ପୃଷ୍ଠା-୪

**■ ଜୁନାଗଡ଼ ନର୍ସିଂ ଛାତ୍ରୀ ଗଣବଳାତ୍କାର ଘଟଣା**

# ଲିଫ୍ଟ ଦେଇଥିବା ବସ୍ ଡ୍ରାଇଭର ଗିରଫ

ଜୁନାଗଡ଼/ଭବାନୀପାଟଣା, ୨୮।୯(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ବନମାଳୀପୁର ନିକଟ ଘନା ସଂରକ୍ଷିତ ଜଙ୍ଗଲରେ ଜଣେ ନର୍ସିଂ ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଥିଲା । ଏହାର ଭିଡ଼ିଓ ଭାଇରାଲ ହୋଇଥିଲା । ଏହି ଘଟଣାରେ ସଂପୃକ୍ତା ଛାତ୍ରୀଙ୍କୁ ଲିଫ୍ଟ ଦେଇଥିବା ବସ୍ ଡ୍ରାଇଭର ତଥା ଧର୍ମଗଡ଼ ବ୍ଲକ ପର୍ଲା ଗ୍ରାମର ଲଳିନ୍ଦ୍ର ଶବରଙ୍କୁ ପୋଲିସ ଗିରଫ କରିଛି । ଶନିବାର ପୀଡ଼ିତାଙ୍କ ବୟାନ ନିଆଯିବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଡାକ୍ତରମାଇନା ପରେ ଲଳିନ୍ଦ୍ରଙ୍କୁ ଜୁନାଗଡ଼ ଜେଏମ୍‌ଏଫ୍‌ସିଙ୍କ କୋର୍ଟରେ ହାଜର କରାଯାଇଥିଲା। ଅଭିଯୁକ୍ତଙ୍କ ପକ୍ଷରୁ କୌଣସି ଓକିଲ ମାମଲା ଲଢୁ ନ ଥିବାରୁ ତାଙ୍କ ଜାମିନ ଆବେଦନ ହୋଇପାରି ନ ଥିଲା। ଫଳରେ ତାଙ୍କୁ ଧର୍ମଗଡ଼ ଉପଖଣ୍ଡ କାରାଗାରକୁ ପଠାଇ ଦିଆଯାଇଛି।



ଗିରଫ ବସ୍ ଡ୍ରାଇଭର ଲଳିନ୍ଦ୍ର ଶବର।

ସୂଚନାଯୋଗ୍ୟ, ଗୁରୁବାର ପୀଡ଼ିତା ଏକ ୱେବ୍ ଚ୍ୟାନେଲକୁ ସାକ୍ଷାତ୍‌କାର ଦେଇ କହିଥିଲେ, ଏହି ଘଟଣାରେ ତାଙ୍କୁ ବାଇକ୍‌ରେ ଲିଫ୍ଟ ଦେଇଥିବା ବସ୍ ଡ୍ରାଇଭର ଲଳିନ୍ଦ୍ର ମୁଖ୍ୟ ଖଳନାୟକ । ସେ ମଧ୍ୟ ତାଙ୍କୁ ବଳାତ୍କାର କରିଥିଲେ। ତାଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଫାଶୀ ଦିଆଯାଉ। ନଚେତ୍ ସେ ଆତ୍ମହତ୍ୟା କରିବେ ବୋଲି ଧମକ ଦେଇଥିଲେ। ଗୁରୁବାର ସନ୍ଧ୍ୟାରେ ଏହି ଘଟଣାରେ ନାବାଳକଙ୍କୁ ଛାଡ଼ି ପୋଲିସ ୮ଜଣ ଅଭିଯୁକ୍ତଙ୍କୁ ଜୁନାଗଡ଼ ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରିଥିଲା। ଅଭିଯୁକ୍ତଙ୍କ ପକ୍ଷରୁ କୌଣସି ଓକିଲ ମାମଲା ଲଢୁ ନ ଥିବାରୁ ସମସ୍ତଙ୍କୁ ଧର୍ମଗଡ଼ ଉପଖଣ୍ଡ କାରାଗାରକୁ ପଠାଯାଇଥିଲା। ସେହିପରି ନାବାଳକଙ୍କୁ ଭବାନୀପାଟଣା ଜୁଭେନାଇଲ ବୋର୍ଡରେ ହାଜର କରାଯାଇଥିଲା। ସେଠାରେ ମଧ୍ୟ କେହି ଓକିଲ ମାମଲା ଲଢି ନ ଥିବାରୁ ତାଙ୍କୁ ବ୍ରହ୍ମପୁରସ୍ଥିତ ଜୁଭେନାଇଲ କାରାଗାରକୁ ପଠାଯାଇଥିଲା। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ଗଣବଳାତ୍କାର ଘଟଣାରେ ୬ଜଣ ସମ୍ପୃକ୍ତ ରହିଥିଲେ। ସେମାନେ ହେଲେ ଜୁନାଗଡ଼ ଥାନା ବକ୍ସିତୁଲସୀପାଲି ଗ୍ରାମର ଅମିତ ନାଏକ(୩୦), ପ୍ରକାଶ ନାଏକ ଓରଫ ଲୁକୁ (୨୨), ଶାନ୍ତ ନାଏକ(୨୪), ଲାବାଣ୍ୟ ଛତ୍ରିଆ (୨୧), ଅନିରୁଦ୍ଧ ଛତ୍ରିଆ ଓରଫ ତରଙ୍ଗ(୨୦) ଓ ଜଣେ ନାବାଳକ। ସେହିପରି ଭିଡିଓ ଭାଇରାଲ ଘଟଣାରେ ଜୁନାଗଡ଼ ଥାନା ବକ୍ସିତୁଲସୀପାଲି ଗ୍ରାମର ବିନୋଦ ନାଏକ ଓରଫ ଘାଟୁ(୩୨), ସ୍ୱୟମ୍ବର ବାଗ(୩୦) ଓ କୋକସରା ଥାନା ତେନ୍ତୁଲିପଡ଼ାର ଟିକମଣି ପୋଢ(୩୨)ଙ୍କୁ ପୋଲିସ ଗିରଫ କରିଥିଲା । ଗୁରୁବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବା ପରେ ଶୁକ୍ରବାର ଅଟକ ଡ୍ରାଇଭରଙ୍କୁ ଛାଡିବା ପାଇଁ ପୋଲିସ ଚିନ୍ତା କରିଥିଲା। ହେଲେ ପୀଡିତାଙ୍କ ପୁନଃ ବୟାନ ପରେ ତାଙ୍କୁ ମଧ୍ୟ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅନ୍ୟପକ୍ଷେ ଏହି ଘଟଣାକୁ ନେଇ କଳାହାଣ୍ଡିରେ ରାଜନୀତି ଜୋର ଧରିଛି। ଭାଜପା ଏହି ଘଟଣାରେ ବିଜେଡିର ଲିଙ୍କ୍ ଥିବା କହୁଥିବା ବେଳେ ବିଜେଡି ଏହାକୁ ଖଣ୍ଡନ କରିଛି।



ପାକିସ୍ତାନ ଆତଙ୍କବାଦ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଦ୍ୱିପାକ୍ଷିକ ଆଲୋଚନା ଅସମ୍ଭବ ।
-ଅର୍ଜୁନରାମ ମେଘ୍‌ୱାଲ,
କେନ୍ଦ୍ର ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ

## ସଂକ୍ଷେପରେ

### ପାକ୍‌ରେ ଆଖିବୁଜା ଗୁଳିମାଡ଼: ୬ ନିହତ

**ପେଶାୱର,୨୮।୯(ପି.ଟି.):** ପାକିସ୍ତାନର ଖାଇବର ପଖ୍‌ତୁନ୍‌ଖ୍ୱା ପ୍ରଦେଶରେ ଶନିବାର କେତେକ ଅଜ୍ଞାତ ଆତତାୟୀମାନେ ଚଳନ୍ତା ଭ୍ୟାନ୍ ଉପରକୁ ଆଖିବୁଜା ଗୁଳିମାଡ଼ କରିବା ଫଳରେ ୬ ଜଣ ପ୍ରାଣ ହରାଇଥିବା ଜଣାପଡ଼ିଛି। ପୁରୁଣା ଶତ୍ରୁତାକୁ ନେଇ ଏଭଳି ଗୁଳିମାଡ଼ କରାଯାଇଥିବା ସନ୍ଦେହ କରାଯାଉଛି। ମୃତାହତଙ୍କୁ ହଙ୍ଗୁସ୍ଥିତ ଜିଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ପ୍ରକାଶ।

### ସନ୍ଦିଗ୍ଧ ଜେଇଏମ୍ ଆତଙ୍କବାଦୀ ଗିରଫ

**ଅମ୍ବାଲା,୨୮।୯(ପି.ଟି.):** ହରିୟାଣାର ଅମ୍ବାଲା କ୍ୟାଣ୍ଟନ୍‌ମେଣ୍ଟ ଅଞ୍ଚଳରୁ ଜଣେ ସନ୍ଦିଗ୍ଧ ଜୈଶ-ଇ-ମହମ୍ମଦ ଆତଙ୍କବାଦୀ ସଙ୍ଗଠନର ସଦସ୍ୟଙ୍କୁ ଗିରଫ କରାଯାଇଛି। ଜାତୀୟ ରାଜପଥରେ ଛିଡ଼ାହୋଇଥିବା ଏକ ଟ୍ରକ୍ ଭିତରୁ ଧରାପଡ଼ିଥିବା ଏହି ଆତଙ୍କବାଦୀଙ୍କ ନାମ ମହମ୍ମଦ ଇସ୍‌ମାଇଲ ଓ ଘର ଜମ୍ମୁ-କଶ୍ମୀରରେ ବୋଲି ଏସ୍‌ପି ଅଭିଷେକ ଜୋର୍‌ୱାଲ ପ୍ରକାଶ କରିଛନ୍ତି। ପଞ୍ଜାବ ପୋଲିସ ଓ ଜମ୍ମୁ-କଶ୍ମୀର ସେନା ଗୋଇନ୍ଦାଠାରୁ ଏନେଇ ଖବର ମିଳିବା ପରେ ଚଢ଼ାଉ କରାଯାଇଥିବା ସେ କହିଛନ୍ତି। ଅମ୍ବାଲା-ଦିଲ୍ଲୀ ଜାତୀୟ ରାଜପଥରେ ଯାଉଥିବା ଗାଡ଼ିକୁ ଯାଞ୍ଚ କରାଯିବା ସହ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ଧରାଯାଇଥିଲା। ନିଜ ପରିଚୟ ଠିକ୍ ଭାବେ ସେ ଦେଇପାରି ନଥିଲେ। ଗିରଫ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ପରେ ଜମ୍ମୁ-କଶ୍ମୀର ପୋଲିସକୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।

### ଆମେରିକାରେ ଶିଖ୍ ପୋଲିସ ଅଫିସରଙ୍କୁ ହତ୍ୟା



**ହ୍ୟୁଷ୍ଟନ,୨୮।୯(ପି.ଟି.):** ଆମେରିକାର ଟେକ୍ସାସରେ ଜଣେ ଭାରତୀୟ-ଆମେରିକୀୟ ଶିଖ୍ ପୋଲିସ ଅଫିସରଙ୍କୁ ହତ୍ୟା କରାଯାଇଛି। ଆମେରିକା ପୋଲିସ ବିଭାଗରେ ସନ୍ଦିପ୍ ସିଂ ଧଲିୱାଲଙ୍କୁ ଦାଢ଼ି ରଖିବା ଓ ପଗଡି ବାନ୍ଧିବାକୁ ଅନୁମତି ମିଳିବାବେଳେ ସବୁ ଜାତୀୟ ଗଣମାଧ୍ୟମର ଶିରୋନାମା ମଣ୍ଡନ କରିଥିଲା। ଏହି ହତ୍ୟାକାଣ୍ଡକୁ ଭାରତ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଶୁକ୍ରବାର ହ୍ୟୁଷ୍ଟନର ଏକ ଟ୍ରାଫିକ ଷ୍ଟପ୍‌ରେ ସେ ଏକ ଗାଡ଼ିକୁ ସନ୍ଦେହ କରି ଅଟକାଇଥିଲେ। ସେଥିରେ ଜଣେ ପୁରୁଷ ଓ ଜଣେ ମହିଳା ଥିଲେ। ପୁରୁଷ ଜଣକ ହଠାତ୍ ଗାଡ଼ିରୁ ଓହ୍ଲାଇ ସନ୍ଦିପ୍‌ଙ୍କ ଉପରକୁ ଗୁଳି ଚଳାଇଥିଲା। ଗୁଳିକାଣ୍ଡର କାରଣ ଜଣାପଡିନାହିଁ। ଏହି ଘଟଣାରେ ରବର୍ଟ ସୋଲିସ୍ ନାମକ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ ହେବା ସହ ତାଙ୍କଠାରୁ ବନ୍ଧୁକ ଜବତ ହୋଇଛି।

### [ଇତିହାସର ଆଇନାରେ]

### ସେପ୍ଟେମ୍ବର ୨୯ରେ ପ୍ରମୁଖ ଘଟଣା

୨୦୧୬ ସେପ୍ଟେମ୍ବର ୨୯ରେ ଭାରତ ପକ୍ଷରୁ ଉରି ଆତଙ୍କବାଦୀ ଆକ୍ରମଣ ବିରୋଧରେ ସର୍ଜିକାଲ ଷ୍ଟ୍ରାଇକ୍ କରାଯାଇଥିଲା। ପିଓକେ'ରେ ଥିବା ଆତଙ୍କବାଦୀ ଆଡ୍ଡା ଉପରେ ଭାରତୀୟ ସେନା ଆକ୍ରମଣ କରିଥିଲା। ପ୍ରାୟ ୭୦ ଆତଙ୍କବାଦୀ ଏଥିରେ ନିହତ ହୋଇଥିବାବେଳେ ସେଠାରେ ଥିବା ଲଞ୍ଚପ୍ୟାଡ୍‌ଗୁଡ଼ିକୁ ଭାରତ ଧ୍ୱଂସ କରିଥିଲା। ହେଲେ ପାକିସ୍ତାନ ଏହାକୁ ଅଗ୍ରାହ୍ୟ କରିବା ପରେ ୨୦୧୮ରେ ଏହାର ଭିଡିଓ ଜାରି କରାଯାଇଥିଲା।

୨୦୦୯ ସେପ୍ଟେମ୍ବର ୨୯ରେ ଆମେରିକାର ସମୋଆ ଓ ଟୋଙ୍ଗାରେ ଭୟଙ୍କର ଭୂକମ୍ପ ଦେଖାଦେଇଥିଲା। ଅନେକ ଘର ଭାଙ୍ଗିଯାଇଥିବାବେଳେ ଏଥିରେ ପ୍ରାୟ ୧୯୦ ଜଣ ପ୍ରାଣ ହରାଇଥିଲେ। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୮.୧ ଥିଲା। ଭୂକମ୍ପ ପରେ ୧୪ ଫୁଟର ସୁନାମି ଆସିବାରୁ ବ୍ୟାପକ କ୍ଷୟକ୍ଷତି ହୋଇଥିଲା।

## ଜାତିସଂଘରେ କଶ୍ମୀର ପ୍ରସଙ୍ଗରେ ଇମ୍ରାନ୍‌ଙ୍କ ଭାଷଣ

# ଦୃଢ଼ ଜବାବ ରଖିଲା ଭାରତ

ଜାତିସଂଘ,୨୮।୯ (ପି.ଟି.)



ବିଦିଶା ମୈତ୍ର

ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)ରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଶୁକ୍ରବାର ଦେଇଥିବା ଉଦ୍‌ବୋଧନର କଡ଼ା ଜବାବ ରଖିଛି ଭାରତ। ଇମ୍ରାନ ତାଙ୍କର ୫୦ ମିନିଟ ଭାଷଣର ଅର୍ଦ୍ଧାଧିକ ସମୟ ଭାରତ ଓ କଶ୍ମୀର ପ୍ରସଙ୍ଗରେ କହିବା ସହ ଆଣବିକ ଯୁଦ୍ଧର ଭୟ ଦେଖାଇଥିଲେ। ଉତ୍ତର ରଖିବା ଅଧିକାରର ଉପଯୋଗ କରି ଭାରତ ଏହାର ରୋକ୍‌ଠୋକ୍ ଜବାବ ରଖିବା ସହ ପାକିସ୍ତାନର ଅସଲ ମୁଖା ଖୋଲିଦେଇଛି। ଭାରତୀୟ ପ୍ରତିନିଧି ଜାତିସଂଘରେ ଇମ୍ରାନଙ୍କୁ ପ୍ରଶ୍ନବାଣରେ ଯେପରି ଜର୍ଜରିତ କରିଛନ୍ତି, ତାହାର ଉତ୍ତର ଇସ୍‌ଲାମାବାଦ ପାଖରେ ନାହିଁ। ଘୃଣାନୀତିରୁ ଆତଙ୍କବାଦର କାରଖାନା ଖୋଲିଥିବା କୌଣସି ରାଷ୍ଟ୍ର ଭାରତୀୟ ନାଗରିକଙ୍କ ତରଫରୁ କହିବା ସେମାନେ ଚାହାନ୍ତି ନାହିଁ ବୋଲି ନୂଆଦିଲ୍ଲୀ ସ୍ପଷ୍ଟ କରିଦେଇଛି।

ଜାତିସଂଘ ସାଧାରଣ ସଭାରେ କୁହାଯାଉଥିବା ପ୍ରତିଟି ଶବ୍ଦ ଐତିହାସିକ ଗୁରୁତ୍ୱ ବହନ କରିଥାଏ। କିନ୍ତୁ ଦୁର୍ଭାଗ୍ୟର ବିଷୟ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଆମେ ବନାମ ସେମାନେ, ଉତ୍ତର ବନାମ ଦକ୍ଷିଣ, ବିକଶିତ-ବିକାଶଶୀଳ, ମୁସଲମାନ ବନାମ ଅନ୍ୟମାନେ ଆଦି ଶବ୍ଦ ମାଧ୍ୟମରେ ବିଭାଜନର ମଞ୍ଜି ବୁଣିଛନ୍ତି। ସେ ବିଭେଦତାକୁ ତୀକ୍ଷ୍ଣ କରିବା ସହ ଘୃଣା ବୃଦ୍ଧି ଲାଗି ଉଦ୍ୟମ କରିଛନ୍ତି ବୋଲି ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ବିଦିଶା ମୈତ୍ର କହିଛନ୍ତି। ଇମ୍ରାନ କଶ୍ମୀର ପ୍ରସଙ୍ଗରେ କହିଲାବେଳେ ତାଣ୍ଡବ ରଚିବା, ରକ୍ତସ୍ନାନ, ବନ୍ଧୁକ ଉଠାଇବା, ଶେଷ ପର୍ଯ୍ୟନ୍ତ ଯୁଦ୍ଧ କରିବା ଆଦି କଥା କହିଥିଲେ। ଏହା ତାଙ୍କର ଏକବିଂଶ ଶତାବ୍ଦୀର ଦୃଷ୍ଟିକୋଣ ନୁହେଁ ମଧ୍ୟଯୁଗୀୟ ମାନସିକତା ବୋଲି ବିଦିଶା କହିଛନ୍ତି। ସେ ଇମ୍ରାନଙ୍କ ପ୍ରତି ଅଭିଯୋଗର ଜବାବ ରଖିବା ସହ ପାକିସ୍ତାନ ଆତଙ୍କବାଦର ମୂଳ ଉତ୍ସ ବୋଲି ଅଭିହିତ କରିଥିଲେ। ଆଣବିକ ଯୁଦ୍ଧର ପରିଣାମ ସମ୍ପର୍କରେ ଧମକ ଦେବା ଇମ୍ରାନଙ୍କୁ ରାଷ୍ଟ୍ରନାୟକ ନୁହେଁ ଜଣେ ଅସ୍ଥିରତାବାଦୀରେ ପରିଣତ କରିଛି। ପାକ୍ ପ୍ରଧାନମନ୍ତ୍ରୀଙ୍କୁ ଇମ୍ରାନ ଖାନ୍ ନିଆଜି ସମ୍ବୋଧନ କରି ୧୯୭୧ର ଗଣହତ୍ୟାକୁ ସେ ଭୁଲିଯିବା ଉଚିତ ନୁହେଁ ବୋଲି ବିଦିଶା କହିଛନ୍ତି।

- ଆଣବିକ ଯୁଦ୍ଧ ଧମକ ଇମ୍ରାନଙ୍କୁ ଅସ୍ଥିରତାବାଦୀରେ ପରିଣତ କରିଛି
- ଜାତିସଂଘ ଘୋଷିତ ୧୩୦ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଇଛି ପାକ୍
- ସଂଖ୍ୟାଲଘୁ ୨୩ ପ୍ରତିଶତରୁ ୩ ପ୍ରତିଶତକୁ ହ୍ରାସ ପାଇଛନ୍ତି

୧୯୭୧ ଯୁଦ୍ଧ ବେଳେ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏ.ଏ.କେ. ନିଆଜିଙ୍କ ନେତୃତ୍ୱରେ ପାକିସ୍ତାନୀ ସେନା ନିଜ ଲୋକମାନଙ୍କୁ ହତ୍ୟା କରିଥିଲା। ଆତଙ୍କବାଦ ସମ୍ପର୍କରେ ଇମ୍ରାନ୍‌ଙ୍କ ଓକିଲାତି ନିର୍ଲଜ୍ଜତା ଓ ଉତ୍ତେଜନା ସୃଷ୍ଟିକାରୀ ବୋଲି ଜାତିସଂଘରେ ଭାରତୀୟ ପ୍ରତିନିଧି ଉତ୍ତର ରଖିଛନ୍ତି।

ଜାତିସଂଘ ୧୩୦ ଜଣ ଆତଙ୍କବାଦୀ ଓ ୨୫ଟି ଆତଙ୍କବାଦୀ ସଂଗଠନ ଘୋଷଣା କରିଥିବା ବେଳେ ପାକିସ୍ତାନ ସେମାନଙ୍କୁ ଆଶ୍ରୟ ଦେଇଛି। ଏହାର ସତ୍ୟତା ପାକିସ୍ତାନ ସ୍ପଷ୍ଟ କରୁ ବୋଲି ବିଦିଶା ପ୍ରଶ୍ନ କରିଥିଲେ। ବିଶ୍ୱରେ ପାକିସ୍ତାନ ଏକମାତ୍ର ସରକାର ଯିଏ ଜାତିସଂଘ ତାଲିକାରେ ଥିବା ଆତଙ୍କବାଦୀମାନଙ୍କୁ ପେନ୍‌ସନ ଯୋଗାଇଦେଉଛି। ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଇବା ଅଭିଯୋଗରେ ନ୍ୟୁୟର୍କର ହବିବ୍ ବ୍ୟାଙ୍କକୁ ନିୟୁତ ଡଲାର ଅର୍ଥଦଣ୍ଡରେ ଦଣ୍ଡିତ କରାଯିବା ପରେ ଏହି ପ୍ରମୁଖ ବ୍ୟାଙ୍କ ବନ୍ଦ ହୋଇଗଲା। ଏହାର କାରଣ ସମ୍ପର୍କରେ ଇସ୍‌ଲାମାବାଦ ସ୍ପଷ୍ଟୀକରଣ ଦେଇପାରିବ କି ବୋଲି ଭାରତୀୟ ପ୍ରତିନିଧି ପ୍ରଶ୍ନ କରିଥିଲେ। ଆର୍ଥିକ କାର୍ଯ୍ୟାନୁଷ୍ଠାନ ଟାସ୍କଫୋର୍ସ ଧାର୍ଯ୍ୟ କରିଥିବା ୨୭ ନିୟମାବଳୀରୁ ପାକିସ୍ତାନ ୨୦ରୁ ଊର୍ଦ୍ଧ୍ୱ ନିୟମ ଉଲ୍ଲଂଘନ କରିଛି। ଇମ୍ରାନ ଜଣେ କ୍ରିକେଟର। କ୍ରିକେଟକୁ ଭଦ୍ରଲୋକର ଖେଳ କୁହାଯାଏ। ତେବେ ସେ ଜାତିସଂଘରେ ଯେଭଳି ଢଙ୍ଗରେ ଭାଷଣ ଦେଲେ ତାହା ଅସଭ୍ୟତାର ସୀମା ଟପିଗଲା। ୧୯୪୭ରେ ପାକିସ୍ତାନରେ ୨୩ ପ୍ରତିଶତ ସଂଖ୍ୟାଲଘୁ ଥିଲାବେଳେ ଆଜି ତାହା ୩ ପ୍ରତିଶତକୁ ହ୍ରାସ ପାଇଛି। ସେଠାରେ ସଂଖ୍ୟାଲଘୁମାନଙ୍କୁ ଜୋରଜବରଦସ୍ତ ଧର୍ମାନ୍ତର କରାଯାଉଥିବା ସ୍ପଷ୍ଟ ହୋଇଛି। ଇସ୍‌ଲାମାବାଦ ଏହାର ଜବାବ ଦେଇପାରିବ କି ବୋଲି ବିଦିଶା ପ୍ରଶ୍ନ କରିଛନ୍ତି।

## ବିହାର କୋର୍ଟରେ ଇମ୍ରାନ୍‌ଙ୍କ ବିରୋଧରେ ମାମଲା

**ପାଟନା,୨୮।୯ (ଆଇଏଏନ୍‌ଏସ୍)** ବିହାର ମୁଜାଫରପୁର ଜିଲାର ଏକ ଅଦାଲତରେ ଶନିବାର ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଜାତିସଂଘରେ ଇମ୍ରାନ ଭାରତକୁ ଆଣବିକ ଯୁଦ୍ଧ ଧମକ ଦେବା ସହ ଆପତ୍ତିଜନକ ମନ୍ତବ୍ୟ ଦେଇଥିବାରୁ ଏହା ବିରୋଧରେ ଆଇନଜୀବୀ ସୁଧୀର କୁମାର ଓଝା ମୁଜାଫରପୁରର ମୁଖ୍ୟ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରେ ପିଟିଶନ୍ ଦାଏର କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ଏତଲା ଦାଏର ପାଇଁ ନିର୍ଦ୍ଦେଶ ଦେବାକୁ ସେ କୋର୍ଟଙ୍କୁ ଅନୁରୋଧ କରିଛନ୍ତି।

## ଚାଇନାର 'କଶ୍ମୀର' ମନ୍ତବ୍ୟକୁ ଭାରତର ବିରୋଧ

ନୂଆଦିଲ୍ଲୀ,୨୮।୯(ପି.ଟି.)

ଜାତିସଂଘରେ ଚାଇନା କଶ୍ମୀର ପ୍ରସଙ୍ଗ ଉଠାଇଥିବାରୁ ଭାରତ ଏହାର ଦୃଢ଼ ବିରୋଧ କରିଛି। ୟୁଏନ୍‌ଜିଏରେ ଉଦ୍‌ବୋଧନ ଦେଇ ଚାଇନା କହିଥିଲା, ଜାତିସଂଘ ନିୟମାବଳୀ, ସୁରକ୍ଷା ପରିଷଦର ସଂକଳ୍ପନାମା ଓ ଦ୍ୱିପାକ୍ଷିକ ଚୁକ୍ତିନାମା ଆଧାରରେ ଏହି ବିବାଦର ଶାନ୍ତିପୂର୍ଣ୍ଣ ଓ ଉପଯୁକ୍ତଭାବେ ସମାଧାନ ହେବା ଉଚିତ। କଶ୍ମୀର ସ୍ଥିତିରେ ପରିବର୍ତ୍ତନ ଲାଗି ଏକପାଖିଆ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ ନୁହେଁ ବୋଲି ବେଜିଂ କହିଥିଲା। ଶନିବାର ଭାରତ ଏହାର ପ୍ରତିବାଦ କରିଛି। କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବାରୁ ଏହାର ସାର୍ବଭୌମତ୍ୱକୁ ସବୁ ଦେଶ ସମ୍ମାନ ଦେବା ଉଚିତ ବୋଲି ନୂଆଦିଲ୍ଲୀ କହିଛି।



ମୁମ୍ବାଇ ଡକ୍‌ୟାର୍ଡରେ ନୂତନ ବୁଡ଼ାଜାହାଜ ଆଇଏନ୍‌ଏସ୍ ଖଣ୍ଡେରୀକୁ ଶନିବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ନୌସେନାରେ ସାମିଲ କରାଉଛନ୍ତି।

## ସ୍କୁଲ କାନ୍ଥ ଭୁଶୁଡ଼ି ୩ ଛାତ୍ର ମୃତ

**ଜୟପୁର,୨୮।୯(ପି.ଟି.):** ରାଜସ୍ଥାନର ଉଦୟପୁର ଜିଲାରେ ପ୍ରବଳ ବର୍ଷା ଯୋଗୁ ଏକ ସରକାରୀ ସ୍କୁଲ କାନ୍ଥ ଭୁଶୁଡ଼ି ପଡ଼ିବାରୁ ୩ ଛାତ୍ରୀଛାତ୍ରଙ୍କ ଶନିବାର ମୃତ୍ୟୁ ଘଟିଛି। ପାହାଡ଼ ପାଦଦେଶରେ ଥିବା ଥୋବ୍‌ୱାରା ସରକାରୀ ମାଧ୍ୟମ ସ୍କୁଲରେ ଏଭଳି ଅଘଟଣ ଘଟିଥିବା ପୋଲିସ କହିଛି। ଶନିବାର ପୂର୍ବାହ୍ନରେ ପ୍ରବଳ ବର୍ଷା ଯୋଗୁ କାନ୍ଥ ଭାଙ୍ଗି ପିଲାଙ୍କ ଉପରେ ପଡ଼ିଯାଇଥିଲା। ଘଟଣାସ୍ଥଳରେ ୩ ପିଲାଙ୍କ ମୃତ୍ୟୁ ହୋଇଥିଲା। ମୃତ୍ୟୁବରଣ କରିଥିବା ସ୍କୁଲ ଛାତ୍ରୀଛାତ୍ରମାନେ ହେଲେ ମନୀଷା ମୀନା(୧୦), ଅବିନାଶ(୮) ଓ ଆୟୁଷ(୫)। ମୃତଦେହ ଗୁଡ଼ିକୁ ପୋଷ୍ଟମର୍ଟମ କରାଯିବା ପରେ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି।

## ଜମ୍ମୁ-କଶ୍ମୀରରେ ୯ ଘଣ୍ଟାର ସେନା ଅପରେଶନ

# ଯବାନ ଶହୀଦ, ୩ ଆତଙ୍କବାଦୀ ନିହତ



ଜମ୍ମୁ,୨୮।୯(ପି.ଟି.)

ଜମ୍ମୁ-କଶ୍ମୀରର କିସ୍ତୱାର ନିକଟ ରମ୍‌ବନର ବାଟୋଟେ ଅଞ୍ଚଳରେ ଶନିବାର ସେନାର ଦୀର୍ଘ ୯ ଘଣ୍ଟା ଅପରେଶନ ପରେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ଏଥିରେ ଜଣେ ଯବାନ ଶହୀଦ ହୋଇଥିବା ଜଣାପଡ଼ିଛି। ଏକ ଘରେ ଲୁଚିଥିବା ଏହି ଆତଙ୍କବାଦୀଙ୍କୁ ସେନା ପକ୍ଷରୁ ଘେରାବନ୍ଦୀ କରାଯାଇଥିଲା। ଆତଙ୍କବାଦୀମାନେ ପ୍ରଥମେ ସେନା ଉପରକୁ ଗୁଳିମାଡ଼ କରିବା ପରେ ଏହାର କଡ଼ା ଜବାବ୍ ଦିଆଯାଇଥିଲା। ଖସିବାକୁ ଉଦ୍ୟମ କରୁଥିବାବେଳେ ଆତଙ୍କବାଦୀମାନେ ସେନା ଗୁଳିର ଶିକାର ହୋଇଥିଲେ ବୋଲି ଜମ୍ମୁସ୍ଥିତ ସେନା ଅଧିକାରୀ ଦେବେନ୍ଦ୍ର ଆନନ୍ଦ ପ୍ରକାଶ କରିଛନ୍ତି। ଏବେ ବି ସମ୍ପୃକ୍ତ ଅଞ୍ଚଳରେ ସେନାର ସର୍ଚ୍ଚ ଅପରେଶନ ଜାରି ରହିଥିବା ସେ କହିଛନ୍ତି। ଶନିବାର ୩ ଏନ୍‌କାଉଣ୍ଟର କରାଯିବା ସହ ସେନା କାର୍ଯ୍ୟାନୁଷ୍ଠାନକୁ ଜୋର୍‌ଦାର କରାଯାଇଥିଲା। ପ୍ରଥମେ ବାଟୋଟେ ଓ ଧରମୁଣ୍ଡରେ ଏନ୍‌କାଉଣ୍ଟର କରାଯାଇଥିଲା।

ଶନିବାର ସକାଳେ ଏକ ଗାଡ଼ିକୁ ୨ ସନ୍ଦିଗ୍ଧ ଅଟକାଇବାକୁ ଚେଷ୍ଟାକରି ବିଫଳ ହୋଇଥିଲେ। ଗାଡ଼ି ଡ୍ରାଇଭର ସେନା ପୋଷ୍ଟକୁ ଏନେଇ ଅବଗତ କରାଇବା ପରେ ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଥିଲା। ଏକ ଘରେ କେତେକ ଆତଙ୍କବାଦୀଙ୍କୁ ଭାରତୀୟ ସେନା ଘେରାବନ୍ଦୀ କରିଥିଲେ। ସେନାର କ୍ୟୁଆର୍‌ଟି ଉପରକୁ ସେମାନେ ଗ୍ରେନେଡ୍ ମାଡ଼ କରିବା ସହ ଗୁଳିମାଡ଼ କରି ଫେରାର୍ ହେବା ଲାଗି ପ୍ରୟାସ କରିଥିଲେ। ଘର ମାଲିକ ଓ ପରିବାରବର୍ଗଙ୍କୁ ସେନା ପକ୍ଷରୁ ସୁରକ୍ଷାର ସହ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି। ସେନା କାର୍ଯ୍ୟାନୁଷ୍ଠାନ ଲାଗି ସୁରକ୍ଷା ଦୃଷ୍ଟିରୁ କେତେକ ରାସ୍ତାରେ ଯାତାୟାତ ବନ୍ଦ ରହିଥିଲା।

## ଆଇଏନ୍‌ଏକ୍ସ ମିଡିଆ ମାମଲା: ସିବିଆଇକୁ କେନ୍ଦ୍ରର ଅନୁମତି

# ୪ ଅଧିକାରୀଙ୍କ ବିରୋଧରେ ତଦନ୍ତ ଚାଲିବ

ନୂଆଦିଲ୍ଲୀ,୨୮।୯

ଆଇଏନ୍‌ଏକ୍ସ ମିଡିଆ ଦୁର୍ନୀତି ମାମଲାରେ ନୀତି ଆୟୋଗର ପୂର୍ବତନ ସିଇଓଙ୍କ ସମେତ ୪ ବରିଷ୍ଠ ପୂର୍ବତନ ଅଧିକାରୀଙ୍କ ବିରୋଧରେ ତଦନ୍ତ କରିବା ଲାଗି ସିବିଆଇକୁ ସରକାର ଅନୁମତି ଦେଇଛନ୍ତି। ୨୦୦୭ରେ ଆଇଏନ୍‌ଏକ୍ସ ମିଡିଆରେ ବିଦେଶୀ ପୁଞ୍ଜିନିବେଶ ଲାଗି ଅନୁମତି ପ୍ରଦାନରେ ଅନିୟମିତା ହୋଇଥିବା ଅଭିଯୋଗରେ ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କ ସମେତ ଏହି ଅଧିକାରୀମାନେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ଚିଦାମ୍ବରମ ଏବେ ତିହାର ଜେଲ୍‌ରେ ଅଛନ୍ତି। ସେତେବେଳେ ଅର୍ଥ ବିଭାଗର ଅତିରିକ୍ତ ସଚିବ ଏବଂ ପରେ ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ହୋଇଥିବା ସିନ୍ଧୁଶ୍ରୀ ଖୁଲ୍ଲର, ଅର୍ଥ ମନ୍ତ୍ରଣାଳୟର ପୂର୍ବତନ ଯୁଗ୍ମ ସଚିବ ତଥା ଓଡ଼ିଆ ଅଫିସର ଅନୁପ କୁମାର ପୂଜାରୀ, ପୂର୍ବତନ ନିର୍ଦ୍ଦେଶକ ପ୍ରବୋଧ ସାକ୍ସେନା ଏବଂ ପୂର୍ବତନ ଅନୁସଚିବ ରବୀନ୍ଦ୍ର ପ୍ରସାଦଙ୍କ ବିରୋଧରେ ମାମଲା ଚଳାଇବା ଲାଗି ସିବିଆଇ ସରକାରଙ୍କଠାରୁ ଅନୁମତି ଲୋଡ଼ିଥିଲା। ଫେବୃୟାରୀରେ ସରକାର କେବଳ ଚିଦାମ୍ବରମଙ୍କ ବିରୋଧରେ ତଦନ୍ତ ଲାଗି ଅନୁମତି ଦେଇଥିଲେ। ଜୁନ୍ ମାସରେ କେନ୍ଦ୍ରୀୟ ଭିଜିଲାନ୍ସ ଆୟୋଗ (ସିଭିସି) ପୁଣି ଥରେ କେନ୍ଦ୍ରର ଅନୁମତି ଚାହିଁଥିଲେ। ୨୦୦୭ରେ ଉପରୋକ୍ତ ୪ ଅଧିକାରୀ ଚିଦାମ୍ବରମଙ୍କ ଅଧୀନରେ କାମ କରୁଥିଲେ। ଗତ ମାସରେ ଚିଦାମ୍ବରମ ସିବିଆଇ ହାଜତରେ ଥିବାବେଳେ ଉକ୍ତ ଅଧିକାରୀମାନଙ୍କ ସହ ତାଙ୍କୁ ମୁହାଁମୁହିଁ ଜେରା କରାଯାଇଥିଲା।

## ଅନୁଚ୍ଛେଦ ୩୭୦ ଉଚ୍ଛେଦ ବିରୋଧରେ ପିଟିଶନ୍

# ଗଠନ ହେଲା ସାମ୍ବିଧାନିକ ପୀଠ

**ନୂଆଦିଲ୍ଲୀ,୨୮।୯(ଆଇଏଏନ୍‌ଏସ୍)** ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଦାଏର ପିଟିଶନର ବିଚାର ନିମନ୍ତେ ଶନିବାର ୫ ଜଣିଆ ସାମ୍ବିଧାନିକ ପୀଠ ଗଠନ କରାଯାଇଛି। ଜଷ୍ଟିସ୍ ଏନ୍.ଭି. ରାମାନ୍ନାଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ସାମ୍ବିଧାନିକ ପୀଠ ୩୭୦ ଉଚ୍ଛେଦ ବିରୋଧରେ ଆସିଥିବା ଏକାଧିକ ପିଟିଶନର ଶୁଣାଣି ଅକ୍ଟୋବର ପ୍ରଥମ ସପ୍ତାହରୁ ଆରମ୍ଭ କରିବେ। ୩୭୦ ଉଚ୍ଛେଦ ନିମନ୍ତେ କେନ୍ଦ୍ରର ନିଷ୍ପତ୍ତି ଓ ତତ୍‌ପରବର୍ତ୍ତୀ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶନାମାର ସାମ୍ବିଧାନିକ ବୈଧତାକୁ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରାଯାଇଛି। ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି), ସାଜଦ ଲୋନ୍‌ଙ୍କ ନେତୃତ୍ୱାଧୀନ ପିପୁଲ୍ସ କନ୍‌ଫରେନ୍ସ, ଆଇନଜୀବୀ ଏମ୍.ଏଲ୍. ଶର୍ମାଙ୍କ ସମେତ ଏକାଧିକ ବ୍ୟକ୍ତି ପିଟିଶନ ଦାଏର କରିଥିଲେ। ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ ନିଷ୍ପତ୍ତିକୁ ମଧ୍ୟ ପିଟିଶନରେ ଚ୍ୟାଲେଞ୍ଜ୍ କରାଯାଇଛି।



ଶନିବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ପ୍ରବଳ ବର୍ଷା ସହ ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୦ | ୨୨.୬ |
| ଚାନ୍ଦବାଲି | ୩୧.୦ | ୨୪.୬ |
| କଟକ | ୨୯.୪ | ୨୨.୦ |
| ପାରାଦ୍ୱୀପ | ୩୧.୩ | ୨୫.୨ |
| ଭୁବନେଶ୍ୱର | ୩୦.୫ | ୨୪.୦ |
| ଗୋପାଳପୁର | ୨୯.୦ | ୨୫.୯ |
| ପୁରୀ | ୩୦.୬ | ୨୬.୦ |
| ଅନୁଗୋଳ | ୨୯.୭ | ୧୯.୦ |
| ବାରିପଦା | ୨୮.୦ | ୨୩.୫ |
| ଝାରସୁଗୁଡ଼ା | ୨୮.୨ | ୨୪.୨ |
| କେନ୍ଦୁଝର | ୨୮.୯ | ୨୨.୨ |
| ସମ୍ବଲପୁର | ୩୦.୭ | ୨୪.୨ |
| ସୁନ୍ଦରଗଡ଼ | ୨୮.୦ | ୨୨.୦ |
| ହୀରାକୁଦ | ୩୦.୧ | ୨୪.୯ |
| ତାଳଚେର | ୩୦.୩ | ୨୪.୧ |
| ଭବାନୀପାଟଣା | ୩୩.୫ | ୨୪.୦ |
| ବଲାଙ୍ଗୀର | ୩୨.୭ | ୨୪.୫ |
| କୋରାପୁଟ | ୨୯.୬ | ୧୯.୬ |
| ଫୁଲବାଣୀ | ୩୦.୫ | ୨୦.୨ |
| ଟିଟିଲାଗଡ଼ | ୩୪.୦ | ୨୧.୧ |
| ମାଲକାନଗିରି | ୩୩.୦ | -- |
| ସୋନପୁର | ୩୧.୬ | ୨୧.୪ |
| ଦାରିଙ୍ଗିବାଡ଼ି | ୨୮.୦ | ୧୭.୦ |

ଡିଗ୍ରୀ ସେଲ୍‌ସିୟସ୍

## ପ୍ରଦୂଷଣ ବିରୋଧରେ ଲଢ଼େଇ

# ଖାଦ୍ୟ ନଷ୍ଟ ରୋକିବାକୁ ଫ୍ରାନ୍ସର ବୈପ୍ଳବିକ ପ୍ରୟାସ

ପ୍ୟାରିସ୍,୨୮।୯



ପରିବେଶ ପ୍ରଦୂଷଣ ଏବେ ସାରା ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଥିବାବେଳେ ଏହାର ସମାଧାନ ଦିଗରେ ଫ୍ରାନ୍ସ ସରକାର ଅଭିନବ ପଦକ୍ଷେପ ଗ୍ରହଣ କରିଛନ୍ତି। ସାରା ବିଶ୍ୱରେ ପ୍ରତିଦିନ ପ୍ରଚୁର ଖାଦ୍ୟ ନଷ୍ଟ ହୋଇଥାଏ। ପରିବେଶ ପ୍ରଦୂଷଣର ଏହା ଅନ୍ୟତମ କାରଣ। ତେବେ ଖାଦ୍ୟ ନଷ୍ଟ ହେବାରୁ ରକ୍ଷା କରିବାରେ ଫ୍ରାନ୍ସ ବିପ୍ଳବ ଆଣିବା ସହ ତାଲିକାର ୧ ନମ୍ବର ସ୍ଥାନରେ ରହିଛି। ୨୦୨୫ ସୁଦ୍ଧା ଦେଶକୁ ଖାଦ୍ୟ ନଷ୍ଟରୁ ସମ୍ପୂର୍ଣ୍ଣ ମୁକ୍ତ ହେବା ଲାଗି ଲକ୍ଷ୍ୟ ରଖିଛି।

ଫ୍ରାନ୍ସ ବିଶ୍ୱର ବିଭିନ୍ନ ଦେଶକୁ ଖାଦ୍ୟ ରପ୍ତାନି କରିଥାଏ। ଜାତୀୟ ସ୍ତରରେ ଏହା କେବଳ କମ୍ ଖାଦ୍ୟ ନଷ୍ଟ କରେ ତାହା ନୁହେଁ, ସମସ୍ତେ ଯେପରି ଖାଦ୍ୟ ପାଇପାରିବେ ତାହା ପ୍ରତି ମଧ୍ୟ ଦୃଷ୍ଟି ଦେଇଥାଏ। ଏଥିପାଇଁ ସେଠାକାର ଲୋକଙ୍କ ଖାଦ୍ୟ ଅଭ୍ୟାସରେ ପରିବର୍ତ୍ତନ ଘଟିଛି। ୨୦୧୨ରୁ ଫ୍ରାନ୍ସ କେତେଗୁଡ଼ିଏ ଖାଦ୍ୟନୀତି କାର୍ଯ୍ୟକାରୀ କରିଆସୁଛି। ଏହାର ବର୍ଜ୍ୟ ପରିଚାଳନା କାର୍ଯ୍ୟକାରିତା ଆଇନ ଜୈବ ବର୍ଜ୍ୟ କମାଇବାରେ ସହାୟକ ହୋଇଛି। ପୂର୍ବରୁ ସେଠାରେ ବର୍ଷକୁ ୧୨୦ ଟନ୍‌ରୁ ଊର୍ଦ୍ଧ୍ୱ ଜୈବ ବର୍ଜ୍ୟକୁ ରିସାଇକ୍ଲିଂ କରିବାକୁ ପଡୁଥିଲା, ଯେଉଁଥିରେ ଘରୋଇ କମ୍ପାନୀଗୁଡ଼ିକୁ ନିୟୋଜିତ କରାଯାଉଥିଲା। ଏବେ ତାହାକୁ ୧୦ ଟନ୍‌କୁ ହ୍ରାସ କରାଯାଇଛି, ଅର୍ଥାତ୍ ଦିନକୁ ୩୦ କିଲୋଗ୍ରାମର କମ୍ ଜୈବ ବର୍ଜ୍ୟ ବାହାରୁଛି। ବର୍ଜ୍ୟ ନିଷ୍କାସନ କରୁଥିବା ସୁପରମାର୍କେଟ, କୃଷି କମ୍ପାନୀ ସମେତ ସମୁଦାୟ ହସ୍ପିଟାଲିଟି ସେକ୍ଟର ଲାଗି ୭୫ ହଜାର ୟୁରୋ ଜରିମାନା ବ୍ୟବସ୍ଥା କରାଯାଇଛି।



ଅନ୍ୟର ନିନ୍ଦା କରିବାରେ ପଟୁତା, ନିଜ କାର୍ଯ୍ୟ ପ୍ରତି ଅବହେଳା ଓ ଭଲ ଲୋକଙ୍କ ସହିତ ଶତ୍ରୁତା-ଏ ତିନୋଟି ଅବସ୍ଥା ମଣିଷର ପତନର କାରଣ।
- ଚାଣକ୍ୟ




## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ସୁଦର୍ଶନ ପରିବାରବର୍ଗ


ମନୋଜ ପରିବାରବର୍ଗ


ନିଧି ପରିବାରବର୍ଗ


ପ୍ରିୟାଂଶୀ ପରିବାରବର୍ଗ


ରୁପ୍ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଚନ୍ଦ୍ରଭାଗାରେ ଜଳ କ୍ରୀଡ଼ାର ମଜାନେବେ ପର୍ଯ୍ୟଟକ

ପୁରୀ ଅଫିସ, ୨୮।୯

ଆସୁଛି ପର୍ଯ୍ୟଟନ ଋତୁ। ପୁରୀକୁ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇବ। ତେଣୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ପୁରୀ ଜିଲା ପ୍ରଶାସନ ବିଭିନ୍ନ ପଦକ୍ଷେପ ନେବାକୁ ଯୋଜନା କରୁଛି। ଚନ୍ଦ୍ରଭାଗାରେ ପର୍ଯ୍ୟଟକଙ୍କୁ ୱାଟର ସ୍ପୋର୍ଟ୍ସ (ଜଳ କ୍ରୀଡ଼ାର) ମଜା ମିଳିବ। ଏ ନେଇ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋଣାର୍କର ଅକେଲା ଆଡ୍‌ଭେଞ୍ଚର ସଂସ୍ଥାର ପଦାଧିକାରୀ ଯୋଗଦେଇ ସରକାରଙ୍କଠାରୁ ପାଇଥିବା ଅନୁମତି ସଂକ୍ରାନ୍ତରେ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ।
ବୈଠକରେ ହୋଇଥିବା ଆଲୋଚନା ଅନୁଯାୟୀ, ସମ୍ପୃକ୍ତ ସଂସ୍ଥା ପ୍ରଥମେ ପର୍ଯ୍ୟଟକଙ୍କ ସୁରକ୍ଷା ଓ ନିରାପତ୍ତା ସଂକ୍ରାନ୍ତୀୟ ଅଣ୍ଡରଟେକିଂ ଲେଖିଦେବ। ଏଥିସହ ନିୟମକାନୁନ ମାନିବା ନେଇ ସମ୍ମତି ଜଣାଇବା ପରେ ପ୍ରଶାସନ ଅନୁଧ୍ୟାନ କରି ସଂସ୍ଥାକୁ ଅନୁମତି ଦେବ। ଏହି ସଂସ୍ଥା ସ୍ପିଡ୍ ବୋଟ, ଜେଟ୍ ସ୍କି, ବାନାନା ବୋଟ ସହିତ ବାଲିରେ ଏଟିଭି (ଅଲ୍-ଟେରେନ ଭେଇକ୍ଲ) ଚଳାଇବ ବୋଲି ଜଣାପଡ଼ିଛି। ଚନ୍ଦ୍ରଭାଗାଠାରୁ ୫୦୦ ମିଟର ପରେ ନୋଳିଆସାହି ପଟକୁ ଏହା ଚଳାଚଳ କରିବ ବୋଲି ସ୍ଥିର ହୋଇଛି। ଅକ୍ଟୋବର ୨ରୁ ଏହା ଚଳାଚଳ କରିବାର ସମ୍ଭାବନା ରହିଛି। ବୈଠକରେ ଜିଲାପାଳ ବଲୱନ୍ତ ସିଂଙ୍କ ସମେତ ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ବିଜୟ କୁମାର ଜେନା, କୋଣାର୍କ ଟୁରିଷ୍ଟ ଅଫିସର ସରୋଜକାନ୍ତ ପ୍ରଧାନ, କୋଣାର୍କ ଏନ୍ଏସି ଏକ୍‌ଜିକ୍ୟୁଟିଭ ଅଫିସର ଏବଂ ଥାନା ଆଇଆଇସି ପ୍ରମୁଖ ଉପସ୍ଥିତ ଥିଲେ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ଯଶୋମତୀ ମହାପାତ୍ର


ଅଶ୍ୱିନୀ ଗୌତମ ମିଶ୍ର

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com
ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ପ୍ରଥମ ପୃଷ୍ଠାରୁ...

### 'ଦେଶ ସୁରକ୍ଷାରେ ...

ମାୟିତକିୟିନା, ହଙ୍କଂ, ସିଙ୍ଗାପୁର, ମାଳୟ , ବାହାରିନ୍, ଇରାକ୍ ଏବଂ ପାରସ୍ୟ ଅଭିଯାନ ଅନ୍ତର୍ଭୁକ୍ତ । ଏଥିପାଇଁ ବହୁ ବୀରତ୍ୱ ସମ୍ମାନ ଯଥା ୪ ମିଲିଟାରୀ କ୍ରସ୍, ବ୍ରିଟିଶ୍ ସାମାଜ୍ୟର ଏକ ପଦକ, ୭ ଭାରତୀୟ ବିଶିଷ୍ଟ ସେନା ପଦକ ଏବଂ ବ୍ରିଟିଶ୍ ସାମ୍ରାଜ୍ୟର ଦୁଇଟି ସମ୍ମାନପତ୍ର ରହିଛି। ସେନା ବାୟୁ ପ୍ରତିରକ୍ଷା ବାହିନୀ ୧୯୪୦ ପରଠୁ ଆର୍ଟିଲାରୀର ଏକ ଅଂଶବିଶେଷ ଭାବେ କାର୍ଯ୍ୟ କରିଆସୁଛି । ଏହାକୁ ୧୯୯୪ ରେ ଏକ ସ୍ୱତନ୍ତ୍ର ସଶସ୍ତ୍ର ସୈନ୍ୟ ବାହିନୀର ମାନ୍ୟତା ମିଳିଥିଲା । ସେନା ବାୟୁ ପ୍ରତିରକ୍ଷା ବାହିନୀକୁ ୨ ଅଶୋକ ଚକ୍ର, ୨ କୀର୍ତ୍ତି ଚକ୍ର, ୨୦ ବୀର ଚକ୍ର, ୯ ଶୌର୍ଯ୍ୟ ଚକ୍ର, ୧୧୩ ସେନା ପଦକ ଏବଂ ୫୫ ମାନ୍‌ସନ୍ ଇନ୍ ଡେସ୍‌ପ୍ୟାଚ୍ ସହିତ ୧୯୭୧ର ଭାରତ-ପାକିସ୍ତାନ ଯୁଦ୍ଧ ସମୟରେ ୪ ସମ୍ମାନଜନକ ଉପାଧିରେ ମଧ୍ୟ ସମ୍ମାନିତ କରାଯାଇଛି । ଏହା ଯୁବପିଢ଼ିଙ୍କୁ ରାଷ୍ଟ୍ରସେବା ପ୍ରତି ଅନୁପ୍ରାଣିତ କରିବ ବୋଲି ରାଷ୍ଟ୍ରପତି କୋବିନ୍ଦ ପ୍ରକାଶ କରିଥିଲେ । ଏଥିସହ ସେ ଉପସ୍ଥିତ ସମସ୍ତ ସେନା ଅଧିକାରୀ ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ସୂଚନାଯୋଗ୍ୟ, ସ୍ୱାଧୀନ ବାହିନୀ ଭାବେ ୨୫ବର୍ଷରୁ ଊର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ଯୁଦ୍ଧ ଏବଂ ଶାନ୍ତି କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି କଲର୍ସ ସମ୍ମାନ ପ୍ରଦାନ କରାଯାଇଥାଏ । କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍, କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ, ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ଥଳସେନା ମୁଖ୍ୟ ତଥା ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଜେନେରାଲ୍ ବିପିନ ରାୱତ, ସେନା ବାୟୁ ପ୍ରତିରକ୍ଷା ବାହିନୀ ମୁଖ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ୍ ଆଶ୍ୱିନୀ କୁମାର, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ଓ ବିରୋଧୀ ଦଳ ନେତା ପ୍ରଦୀପ ନାୟକଙ୍କ ସମେତ ସେନା ବାହିନୀର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆର୍ଥିକ ଅଭିବୃଦ୍ଧି, ଧର୍ମୀୟ ଭାବନା, ବନ୍ଧୁ ମିଳନ ଓ ସକାଳୁଆ ଯାତ୍ରା କେତେକାଂଶରେ ଶାନ୍ତି ପ୍ରଦାୟକ ହେବ। ପାରିବାରିକ, ପରିବହନ, ସାଧାରଣ ଆଲୋଚନା କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ ଲାଗି ରହିବ। ଯାନବାହନ ଚଳାଇବା ସମୟରେ ଅନ୍ୟମନସ୍କତା ଅସୁବିଧାର କାରଣ ହେବାର ସମ୍ଭାବନା ରହିଛି।

**ବୃଷ** ଆର୍ଥିକ ଅଭାବ ଓ ଅନଟନକୁ ଦୂରେଇବାରେ ବନ୍ଧୁ ସାହାଯ୍ୟ କରିବେ। ପାରିବାରିକ ସମସ୍ୟା ଲାଗି ରହିବାରୁ କର୍ମକ୍ଷେତ୍ର ମଧ୍ୟ ପ୍ରଭାବିତ ହୋଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରା ଓ ବନ୍ଧୁ ମିଳନ, କଳା, ସାହିତ୍ୟ, ସଭା ସମିତିରେ ସମ୍ମାନିତ ହେବେ। ବ୍ୟବସାୟ, ବାଣିଜ୍ୟ, ଶିଳ୍ପ ଓ ଏଜେନ୍‌ସିପ୍‌ରୁ ଖୁସି ରହିବେ।

**ମିଥୁନ** ଆପଣଙ୍କର ସହନଶୀଳତା ଓ ଉଦାରତା ଗୁଣରୁ ବନ୍ଧୁଙ୍କ କାମକୁ ପ୍ରାଧାନ୍ୟ ଦେବେ। ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର କରନ୍ତୁ, ନଚେତ୍ ପରେ ଅନୁତାପ କରିବାକୁ ପଡ଼ିପାରେ। ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ ବିନା କାରଣରେ କ୍ରୋଧ ପ୍ରକାଶ କରିପାରନ୍ତି। ସହକର୍ମୀଙ୍କ ବାକି ରହିଥିବା ଟଙ୍କା, ପଇସାକୁ କେନ୍ଦ୍ରକରି ଅନର୍ଥ ସୃଷ୍ଟି ହୋଇପାରେ।

**କର୍କଟ** ବିଗତ ଦିନଗୁଡ଼ିକରୁ ରହିଯାଇଥିବା କାମଗୁଡ଼ିକ ସହଜ ଓ ସୁବିଧାରେ ହେବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ଘଟିବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ଏଣୁ ସତର୍କତାର ସହ କାମ କରିବା ଭଲ।

**ସିଂହ** ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ କାମଗୁଡ଼ିକ ସୁବିଧାରେ ହୋଇପାରିବ ନାହିଁ। ରାଜନୀତି ସ୍ତରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ବ୍ୟବସାୟ,ବାଣିଜ୍ୟ, ପରିବହନ, ଜମିଜମା, କଳକାରଖାନା, ସଭାସମିତିରେ ସଫଳତା ଅର୍ଜନ କରିବେ। ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମଧ୍ୟ ମନ ବଳିପାରେ।

**କନ୍ୟା** କାମଗୁଡ଼ିକ ବିଳମ୍ବ ହେବାରୁ ଅନ୍ୟକୁ ଦାୟୀ କରି ବିରକ୍ତି ପ୍ରକାଶ କରିବେ। ବନ୍ଧୁମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ କିନ୍ତୁ ଯାହା କାମକୁ ଆସିବନାହିଁ। ଅର୍ଥ ଲାଭରୁ କିମ୍ବା କଳ୍ପନାର ବାହାରେ ଥିବା କୌଣସି କାର୍ଯ୍ୟ ହାସଲ ହେତୁ ଖୁସି ରହିବେ। ସଭାସମିତି,କଳା,ସାହିତ୍ୟ, ମନୋରଞ୍ଜନାଦି କାର୍ଯ୍ୟକ୍ରମରେ ସାମିଲ୍ ହୋଇପାରନ୍ତି।

**ତୁଳା** ଆଜି ଆପଣ ନିଜ ଲୋକମାନଙ୍କ ଉପରେ ଭରସା କରି ପାରିବେ ନାହିଁ। ଫଳରେ କାମ ହାସଲ ପାଇଁ ଅନ୍ୟର ସାହାଯ୍ୟ ଲୋଡିବାକୁ ବାଧ ହେବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ, ଅନ୍ୟଥା କୌଣସି ଅପ୍ରୀତିକର ପରିସ୍ଥିତିରେ ସାମ୍ନା କରିବାକୁ ପଡ଼ିବ। ଚିତ୍ରାର ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ ।

**ବିଛା** ସହକର୍ମୀଙ୍କ ପ୍ରାୟୋଜିତ କୌଣସି ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। ଆଲୋଚନା ପରିସରରେ ଶତ୍ରୁତା କରୁଥିବା ବ୍ୟକ୍ତି ଦ୍ୱାରା ଅସମ୍ମାନିତ ହୋଇପାରନ୍ତି। ଆବଶ୍ୟକତା ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିବେ। କୌଣସି ଗୁରୁତ୍ୱପୂର୍ଣ୍ଣ କାମରେ ବନ୍ଧୁ ମିଳନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ।

**ଧନୁ** କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଅଧିକାଂଶ ସମୟ ଭଲ ଲାଗିବ ନାହିଁ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ, ଯାହାକି ଚିନ୍ତା ବୃଦ୍ଧି କରିବ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡର ରୋଗରେ କଷ୍ଟ ପାଇବେ। ନିର୍ମାଣ, ଚୁକ୍ତିପତ୍ର, ମାଲିମକଦ୍ଦମା ଓ ବ୍ୟବସାୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମକର** କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣାରୁ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ପରୋକ୍ଷଶତ୍ରୁତା କାରଣରୁ କାମ ହାସଲ କରିବାରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ। ଏହା ସାଙ୍ଗକୁ ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇ ମନରେ ଅସ୍ଥିରତା ସୃଷ୍ଟି କରିପାରନ୍ତି।

**କୁମ୍ଭ** ଆକସ୍ମିକ ଭାବରେ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଆକସ୍ମିକ ଦୂର ଯାତ୍ରା କରିବାକୁ ପଡ଼ିପାରେ। ପରିବାର ଭିତରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଦୀର୍ଘପଥ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ମାନସିକ ଓ ଶାରୀରିକ ଦିଗ ପାଇଁ ଅନୁକୂଳ ହେବ ନାହିଁ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ।

**ମୀନ** ପରିବାରରେ ସମସ୍ୟା ସମାଧାନ ନ ହେବା କାରଣରୁ ଟେନସନ୍ ବଢ଼ିଯାଇପାରେ। କର୍ମକ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ଶିଳ୍ପ, ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ସାଧାରଣ କଥାକୁ କେନ୍ଦ୍ରକରି ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହେବାର ସୂଚନା ରହିଛି।

ଆଜି ଆଶ୍ୱିନ ଶୁକ୍ଳ ପ୍ରତିପଦା ରବିବାର, ଶ୍ରୀଦୁର୍ଗାଦେବ୍ୟାଃ ନବଦିନାତ୍ମକ ପୂଜାରମ୍ଭ, ଶ୍ରୀଦୁର୍ଗାମାଧବ ବାହାର ବିଜେ, ସେପ୍ଟେମ୍ବର ୨୯ ତାରିଖ, ବିଶ୍ୱ ହୃତ୍‌ପିଣ୍ଡ ଦିବସ, ବିଶ୍ୱ ମୂକବଧିର ଦିବସ (ସେପ୍ଟେମ୍ବର ଶେଷ ରବିବାର), ରାଶିନକ୍ଷତ୍ର-ହସ୍ତା/କନ୍ୟା, ମେଷ ରାଶିର ଘାତବାର, ବୃଷ ରାଶିର ଘାତଚନ୍ଦ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୨୯ମି. ଗତେ ଘ୮।୫୦ମି. ମଧ୍ୟେ, ଘ୧୧।୫୮ମି. ଗତେ ଘ୩।୦୬ମି. ମଧ୍ୟେ ଅମୃତବେଳା। ସକାଳ ଘ୮।୩୫ମି. ଗତେ ଘ୧୦।୨୦ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ଣ ଘ୪।୦୪ମି. ଗତେ ଘ୫।୩୩ମି. ମଧ୍ୟେ ରାହୁକାଳ।

## ନକଲି ସାର୍ଟିଫିକେଟ୍ ଦେଇ କାର୍ଯ୍ୟ କରୁଛନ୍ତି କର୍ମଚାରୀ

# ଯାଞ୍ଚ କରିବାକୁ ଓସେପାର ନିର୍ଦ୍ଦେଶ

ଭୁବନେଶ୍ୱର, ୨୮।୯(ବ୍ୟୁରୋ)

ନକଲି ସାର୍ଟିଫିକେଟ୍ ଦେଇ କାର୍ଯ୍ୟ କରୁଛନ୍ତି ସରକାରୀ ଅଧିକାରୀ। ଓଡ଼ିଶା ପ୍ରାଇମେରି ଏଜୁକେଶନ ପ୍ରୋଗ୍ରାମ ଅଥରିଟି(ଓପେପା)/ ଓଡ଼ିଶା ସ୍କୁଲ ଏଜୁକେଶନ ପ୍ରୋଗ୍ରାମ ଅଥରିଟି(ଓସେପା) ଅଧୀନରେ ଅନେକ କର୍ମଚାରୀ ନକଲି ସାର୍ଟିଫିକେଟ୍‌ଦେଇ ଚାକିରି କରୁଛନ୍ତି। ଏଭଳି ଅଭିଯୋଗ ହେବା ପରେ ବିଭାଗ ତତ୍ପର ହୋଇପଡ଼ିଛି। ନକଲି ସାର୍ଟିଫିକେଟ୍ ଦେଇ ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଓସେପା ପକ୍ଷରୁ ସମସ୍ତ ଜିଲାପାଳ ତଥା ଆର୍‌ଡିଇ ଅଧକ୍ଷଙ୍କୁ ଚିଠି ଲେଖାଯାଇଛି। ଓପେପା କିମ୍ବା ଓସେପା ଅଧୀନରେ ଏସ୍‌ପିଓ, ଡିପିଓ, ବ୍ଲକସ୍ତରୀୟ କର୍ମଚାରୀମାନେ ନିଯୁକ୍ତି ପାଇଥିବା ସମୟରେ ଦେଇଥିବା ସାର୍ଟିଫିକେଟ୍‌କୁ ଅତି ସାବଧାନତା ସହ ଯାଞ୍ଚ କରିବାକୁ କୁହାଯାଇଛି। ଯଦି କିଏ ଜାଲ୍ ସାର୍ଟିଫିକେଟ୍ ଦେଇଥିବା ଜଣାପଡ଼େ, ତେବେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ତୁରନ୍ତ ମାମଲା ରୁଜୁ କରିବାକୁ ମଧ୍ୟ କୁହାଯାଇଛି। ଉକ୍ତ କର୍ମଚାରୀଙ୍କ ମାର୍କଶିଟ୍ ଓ ସାର୍ଟିଫିକେଟ୍‌ର ଅଧିକ ଯାଞ୍ଚ ପାଇଁ ରାଜ୍ୟ କିମ୍ବା ରାଜ୍ୟ ବାହାର ବୋର୍ଡ, କାଉନ୍‌ସିଲ, ବିଶ୍ୱବିଦ୍ୟାଳୟ, ଶିକ୍ଷାନୁଷ୍ଠାନ କିମ୍ବା କୌଣସି ଅନୁଷ୍ଠାନକୁ ପଠାଯାଇପାରିବ। ସାର୍ଟିଫିକେଟ୍ ଯାଞ୍ଚ ହେବା ପରେ ଡିପିସି କର୍ମଚାରୀଙ୍କ ମାର୍କଶିଟ୍ ଓ ସାର୍ଟିଫିକେଟ୍ ଠିକ୍ ଅଛି କିମ୍ବା ଭୁଲ ସେନେଇ ଏସ୍‌ପିଓଙ୍କୁ ଦୁଇମାସ ମଧ୍ୟରେ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

### ଧବଳମୁଖୀ ବେଶରେ...

ପୂଜାର୍ଚ୍ଚନା କରି ମୁଗ ଓ ଗୁଡରେ ପ୍ରସ୍ତୁତ ମୁଗବରା ଭୋଗ ଲାଗିଥିଲା। ଏହାପରେ ଭକ୍ତଙ୍କ ଦର୍ଶନ ଲାଗି ଦ୍ୱାର ଖୋଲା ଯାଇଥିଲା। ମଧ୍ୟାହ୍ନ ୧୨ଟାରେ ଅନ୍ନଭୋଗ, ରାତି ୮ଟାରେ ସନ୍ଧ୍ୟା ଆଳତି ଓ ୯ଟାରେ ଅନ୍ନଭୋଗ ଲାଗିଥିଲା। ମଧ୍ୟରାତି ପର୍ଯ୍ୟନ୍ତ ଭକ୍ତମାନେ ଦେବୀଙ୍କୁ ଦର୍ଶନ କରିଥିଲେ । ମୁଖ୍ୟପୂଜକ ଅମ୍ବିକା ପ୍ରସାଦ ରାୟ ପୂଜାର୍ଚ୍ଚନା କରିଥିଲେ। ପୂଜକ ଅମିୟ ରାୟ, ସୁଧାଂଶୁ ରାୟ, ଗଙ୍ଗାଧର ରାୟ, ପ୍ରକାଶ ରାୟ, ନିର୍ଭୟ ରାୟ, ପ୍ରଶାନ୍ତ ରାୟ ପ୍ରମୁଖ ଦେବୀଙ୍କ ବେଶ କରିଥିଲେ। ଧବଳମୁଖୀ ଦର୍ଶନ କରିଥିବା ଭକ୍ତଙ୍କୁ ସମଲେଇଙ୍କ ପ୍ରିୟଭୋଗ ମୁଗବରା ପ୍ରସାଦ ବଣ୍ଟନ କରାଯାଇଥିଲା । ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ, ଟ୍ରଷ୍ଟସଭ୍ୟ କାର୍ଯ୍ୟନିର୍ବାହ ଅଧିକାରୀ, ଦଶହରା ପୂଜା କମିଟି ସଭାପତି, ସମ୍ପାଦକ ଓ ସଭ୍ୟାମାନେ ଭକ୍ତଙ୍କ ଦର୍ଶନ ଲାଗି ବ୍ୟବସ୍ଥା କରିଥିଲେ।

### ରୀତାଙ୍କୁ ଭରସିଲେ...

ହେବା ପରେ ରୀତା ବିଜେଡି ସଭାପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରୀତା କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ତାଙ୍କ ଉପରେ ପୁନର୍ବାର ଭରସା କରିଥିବାରୁ ସେ କୃତଜ୍ଞ। ବିଜେପୁର ପାଇଁ ଅତୀତରେ ବହୁ ଉନ୍ନତିମୂଳକ କାର୍ଯ୍ୟ କରାଯାଇଛି। ଆଗାମୀ ଦିନରେ ଏହି ଧାରା ବଜାୟ ରହିବ। ପ୍ରାର୍ଥିତ୍ୱକୁ ନେଇ ବର୍ତ୍ତମାନ କୌଣସି ଅସହମତି ନାହିଁ ବୋଲି ରୀତା କହିଛନ୍ତି। ଅପରପକ୍ଷରେ ଗତ ୨ ନିର୍ବାଚନରେ ସେହି ଆସନରେ ଦ୍ୱିତୀୟ ସ୍ଥାନରେ ଥିବା ଭାଜପା ଏଯାଏ ପ୍ରାର୍ଥୀ ଘୋଷଣା କରିନାହିଁ। ରବିବାର ନୂଆଦିଲ୍ଲୀରେ ହେବାକୁ ଥିବା ସଂସଦୀୟ ଦଳ ବୈଠକରେ ବିଜେପୁର ପ୍ରାର୍ଥୀଙ୍କ ସମ୍ପର୍କରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡିଛି। ରାଜ୍ୟ ଭାଜପା ଉପସଭାପତି ସମୀର ମହାନ୍ତି ଶନିବାର ଏହି ସୂଚନା ଦେଇଛନ୍ତି। ସନତ ଗଡତିଆ ଏବଂ ପଦ୍ମପୁରର ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତଙ୍କ ମଧ୍ୟରୁ ଜଣଙ୍କୁ ପ୍ରାର୍ଥୀ କରାଯିବାର ସମ୍ଭାବନା ରହିଥିବା କୁହାଯାଇଛି। ହେଲେ କଂଗ୍ରେସ ଦିଲୀପ ପଣ୍ଡାଙ୍କୁ ନିଜର ପ୍ରାର୍ଥୀଭାବେ ଘୋଷଣା କରିସାରିଛି। ବିଜେଡିର ପ୍ରାର୍ଥୀ ଘୋଷଣା ପରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ବିଜେଡି ପ୍ରାର୍ଥିନୀ ରୀତା ପୂର୍ବରୁ କଂଗ୍ରେସ ପରିବାରର ବୋହୂ ଥିଲେ। ଏବେ ବିଜେଡିକୁ ଯାଇଛନ୍ତି, ତେଣୁ ତାଙ୍କ ବିଷୟରେ କିଛି କହିବାକୁ ଚାହୁଁନି। ହେଲେ ସବୁବେଳେ ହାୱା(ସିମ୍ପାଥି) କାମ କରେନା। ବିଜେପୁରବାସୀଙ୍କୁ ବିଜେଡି କେତେଥର ପ୍ରତାରିତ କରିବ ବୋଲି ନିରଞ୍ଜନ ପ୍ରଶ୍ନ କରିଛନ୍ତି। ଉଲ୍ଲେଖଯୋଗ୍ୟ,ବିଜେପୁର ନିର୍ବାଚନୀମଣ୍ଡଳୀରେ ଆସନ୍ତା ଅକ୍ଟୋବର ୨୧ରେ ଭୋଟ ଗ୍ରହଣ ଓ ୨୪ରେ ଭୋଟ ଗଣତି କରାଯିବ। ଏଥିପାଇଁ ଗତ ୨୩ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେହିପରି ଆସନ୍ତା ୩୦ (ସୋମବାର)ରେ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ଅକ୍ଟୋବର ୧ (ମଙ୍ଗଳବାର) ନାମାଙ୍କନପତ୍ର ଯାଞ୍ଚ କରାଯିବ। ସେହିଭଳି ଅକ୍ଟୋବର ୩ (ଗୁରୁବାର)ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ରଖାଯାଇଛି।

## ପ୍ରଥମ ପୃଷ୍ଠାରୁ...



## ଜିଲା ଚିଠି
### ଗଜପତି

## ଆରଟିଓ ସେବା

୧୯୯୨ ମସିହା, ଅବିଭକ୍ତ ଗଞ୍ଜାମ ଜିଲାରୁ ପୃଥକ୍ ହୋଇ ସ୍ୱତନ୍ତ୍ର ଜିଲାର ମାନ୍ୟତା ପାଇଥିଲା ଗଜପତି। ଏହାର ୧୧ ବର୍ଷ ପରେ ଅର୍ଥାତ୍ ୨୦୦୩ରେ ଜିଲାର ପାରଳାଖେମୁଣ୍ଡିରେ ଏକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଖୋଲିଥିଲା। ଆଶା ଥିଲା ଜନସାଧାରଣଙ୍କ ମୋଟରଯାନ ସମ୍ପର୍କୀତ ସମସ୍ୟାର ସମାଧାନ ହେବ। ହେଲେ ସେହି ବିଶ୍ୱାସ ଭୁଲ ସାବ୍ୟସ୍ତ ହୋଇଛି। ଜିଲାବାସୀ ସେବା ପାଇବା ପାଇଁ ଉକ୍ତ କାର୍ଯ୍ୟାଳୟକୁ ଦୌଡି ଦୌଡି ନିରାଶ ହେଉଛନ୍ତି। ନୂତନ ମୋଟରଯାନ ନିୟମ ଲାଗୁ ହେବା ପରେ ଏବେ ସେହି କାର୍ଯ୍ୟାଳୟରେ ଭିଡ଼ ଜମୁଛି। ହେଲେ ଗାଡ଼ି ଚାଳକଙ୍କ ସୁବିଧା ପାଇଁ କୌଣସି ତତ୍ପରତା ସୃଷ୍ଟି ହେଉନାହିଁ। ନୂତନ ନିୟମ ଅନୁଯାୟୀ ପ୍ରଦୂଷଣ ପ୍ରମାଣପତ୍ରକୁ ବାଧ୍ୟତାମୂଳକ କରାଯାଇଛି। ଅକ୍ଟୋବର ୧ରୁ ଏହି ଯାଞ୍ଚକୁ କଡ଼ାକଡ଼ି କରାଯିବ ବୋଲି ପ୍ରଥମେ ଘୋଷଣା କରାଯାଇଥିଲା। ପରେ ଏହାକୁ କୋହଳ କରାଯାଇଛି। ଅକ୍ଟୋବର ବଦଳରେ ଜାନୁୟାରୀରୁ ଏହା କଡ଼ାକଡ଼ି ହେବ। ନୂତନ ନିୟମ ଅନୁଯାୟୀ ଗାଡ଼ି ଚାଳକଙ୍କୁ ମୋଟାଅଙ୍କରେ ଜରିମାନା ଦେବାକୁ ନିର୍ଦ୍ଦେଶ ରହିଛି। ତେଣୁ ପ୍ରଥମ ଘୋଷଣା ଅନୁସାରେ ହାତରେ ଆଉ ମାତ୍ର ୩ଦିନ ରହିଥିବାରୁ ପ୍ରଦୂଷଣ ପ୍ରମାଣପତ୍ର ଯୋଗାଡ଼ ପାଇଁ ଚାଳକମାନେ ତତ୍ପର ହୋଇପଡ଼ିଛନ୍ତି। ହେଲେ ଗଜପତି ଜିଲାରେ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ପାଇଁ କୌଣସି ବ୍ୟବସ୍ଥା ନାହିଁ। ଫଳରେ ଜିଲାର ଗାଡ଼ି ଚାଳକମାନେ ପାରଳାଖେମୁଣ୍ଡି ସହର ସୀମାନ୍ତବର୍ତ୍ତୀ ତଥା ପଡ଼ୋଶୀ ଆନ୍ଧ୍ରର ପୁରୁଣାପାଟଣା ଗ୍ରାମକୁ ଯାଇ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ସଂଗ୍ରହ କରୁଛନ୍ତି। ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ କିଛି ବର୍ଷ ତଳେ ପ୍ରଦୂଷଣ ପ୍ରମାଣପତ୍ର ପାଇଁ ବ୍ୟବସ୍ଥା କରାଯାଇଥିଲା। ମାତ୍ର ତାହା ବହୁ ଦିନରୁ ବନ୍ଦ ରହିଛି। ସେହିପରି ଗାଡ଼ି ଚାଳକଙ୍କ ନାମ ପଞ୍ଜୀକରଣ ପାଇଁ ବହୁ ଦିନ ଅପେକ୍ଷା କରିବାକୁ ପଡୁଛି। ଏପରି କି ଡ୍ରାଇଭିଂ ଲାଇସେନ୍ସ ପରୀକ୍ଷା ସ୍ଥଳ ବି ଉପଯୁକ୍ତ ନୁହେଁ। ଜିଲାର କୋଣ ଅନୁକୋଣ ତଥା ଦୁର୍ଗମ ଅଞ୍ଚଳରୁ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଲୋକେ ନିଜର ଗାଡ଼ି ପଞ୍ଜୀକରଣ ଏବଂ ଲାଇସେନ୍ସ ପାଇଁ ଆର୍‌ଟିଓ ଅଫିସ୍‌କୁ ଦୌଡୁଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ସେମାନଙ୍କୁ ଜନସେବା କେନ୍ଦ୍ର ଏବଂ ଅନ୍ୟସ୍ଥାନକୁ ପଠାଇ ଦିଆଯାଉଥିବା ଅଭିଯୋଗ ହେଉଛି। ଏହି ଆରଟିଓ କାର୍ଯ୍ୟାଳୟରେ ଡ୍ରାଇଭିଂ ଲାଇସେନ୍ସ ଏବଂ ପଲ୍ୟୁସନ୍ ସାର୍ଟିଫିକେଟ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ନିକଟରେ ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଥିଲେ। ହେଲେ ଏ ଯାବତ ତାହା ହୋଇନାହିଁ। କୁଆଡ଼େ ଗଜପତି ଜିଲା ଆର୍‌ଟିଓଙ୍କ କାର୍ଯ୍ୟାଳୟରେ କର୍ମଚାରୀଙ୍କ ସଂଖ୍ୟା ଆବଶ୍ୟକତାଠାରୁ ଯଥେଷ୍ଟ କମ୍। ଆର୍‌ଟିଓଙ୍କ ସମେତ ଜଣେ ଏମ୍‌ଭିଆଇ, ଜଣେ ଟ୍ରାଫିକ୍ ସବ୍-ଇନ୍‌ସପେକ୍ଟର, ଜଣେ ବରିଷ୍ଠ କିରାଣି, ଜଣେ କନିଷ୍ଠ କିରାଣି ଓ ଜଣେ କନ୍‌ଷ୍ଟେବଲ ସ୍ଥାୟୀ ଭାବେ କାର୍ଯ୍ୟ କରୁଛନ୍ତି। ୩ ସୁରକ୍ଷା କର୍ମୀ, ଜଣେ ସହକାରୀ ପ୍ରୋଗ୍ରାମର୍, ଜଣେ ପିଅନ, ଇଣ୍ଟରସେପ୍ଟର ଚାଳକ ଓ ଜଣେ ଅପରେଟର୍ ଅସ୍ଥାୟୀ ଭାବେ ରହିଛନ୍ତି। ଏଥିଯୋଗୁ ସେବା ପ୍ରଦାନ ପାଇଁ ବିଳମ୍ବ ଘଟୁଥିବା ବିଭାଗୀୟ ଅଧିକାରୀମାନେ କହୁଛନ୍ତି। - ରଶ୍ମିରଞ୍ଜନ ମିଶ୍ର

■ ବ୍ରାଉନ୍‌ସୁଗାର ବେପାରୀଙ୍କ ଘରେ ଚଢ଼ାଉ

## ଲକ୍ଷାଧିକ ଟଙ୍କା ସହ ସୁନାଗହଣା ଜବତ

ବାଲେଶ୍ୱର ଅଫିସ, ୨୮।୯:ବାଲେଶ୍ୱର ଅରଡ଼ବଜାରସ୍ଥିତ ମସଜିଦ୍ ଗଳିର ବ୍ରାଉନ୍‌ସୁଗାର ମୁଖ୍ୟ ବ୍ୟବସାୟୀ ସେକ୍ ରାଜା ଗିରଫ ହେବା ପରେ ଆନ୍ତଃ ରାଜ୍ୟ ଏବଂ ଜାତୀୟ ସ୍ତରରେ ବ୍ରାଉନ୍‌ସୁଗାର ବ୍ୟବସାୟ ସମ୍ପର୍କରେ ବହୁ ତଥ୍ୟ ଏସଟିଏଫ୍ ଓ ଜିଲା ପୋଲିସ ହାତରେ ଲାଗିଛି। ଶନିବାର ଜିଲା ପୋଲିସର ସ୍ୱତନ୍ତ୍ର ଟିମ୍ ଜଳେଶ୍ୱର ପୌରପରିଷଦର ଝାଡ଼େଶ୍ୱରପୁର ଓ ରାଜପୁର ଗ୍ରାମର ବ୍ୟବସାୟୀ ସେକ୍ ତୈରୁଦ୍ଦିନ ଓ ତାଙ୍କ ଭାଇ ସେକ୍ ନାସିରୁଦ୍ଦିନଙ୍କ ଘରରେ ଚଢ଼ାଉ କରି ତାଙ୍କ ପୁତୁରା ଜାହିରଙ୍କୁ ପୋଲିସ ଥାନାକୁ ନେଇଛି। ଚଢ଼ାଉ ବେଳେ ୩୦ ଗ୍ରାମ୍ ବ୍ରାଉନ୍‌ସୁଗାର ସହିତ ନଗଦ ୩ଲକ୍ଷ ୭୯ହଜାର ୪୪୦ ଟଙ୍କା, ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା, ୫ଟି ମୋବାଇଲ ଫୋନ୍, ଗୋଟିଏ ବୁଲେଟ୍ ଗାଡ଼ି, ସିସି କ୍ୟାମେରା ଓ ହାର୍ଡ଼ଡିସ୍କ ଜବତ କରାଯାଇଛି। ଡିଏସ୍‌ପି ମନୋଜ ରାଉତଙ୍କ ସ୍ୱତନ୍ତ୍ର ଟିମ୍‌ରେ ଜଳେଶ୍ୱର ଏସ୍‌ଡିପିଓ ସୁଦର୍ଶନ ଦାସ, ଜଳେଶ୍ୱର ଆଇଆଇସି ପ୍ରଦୀପ ମାଝି, ସହଦେବଖୁଣ୍ଟା ମଡ଼େଲ ଥାନାର ସବଇନ୍‌ସପେକ୍ଟର ବିରଞ୍ଚି ସାହୁଙ୍କ ସହ ୧ ପ୍ଲାଟୁନ ପୋଲିସ୍ ଫୋର୍ସ ନିୟୋଜିତ ଥିଲେ। ସେହିପରି ଜଳେଶ୍ୱର ଥାନା ରାଜପୁର ଗ୍ରାମର ସେକ୍ ରଫିକୁଲ ନାମକ ବ୍ରାଉନ୍‌ସୁଗାର ବେପାରୀ ପଶ୍ଚିମବଙ୍ଗର ହାୱଡ଼ାରୁ ଟ୍ରେନ୍ ଯୋଗେ ଜଳେଶ୍ୱର ଆସୁଥିବାବେଳେ ଖଡ଼ଗପୁର ରେଳଷ୍ଟେଶନରେ ରେଳବାଇ ପୋଲିସ ହାତରେ ଧରାପଡ଼ିଛନ୍ତି। ତାଙ୍କ ନିକଟରୁ ୩ଶହ ଗ୍ରାମ୍‌ର ବ୍ରାଉନ୍‌ସୁଗାର ଜବତ ହୋଇଛି, ଯାହାର ମୂଲ୍ୟ ୩୦ଲକ୍ଷ ଟଙ୍କା ହେବ।




## ପିଲେଟ ପରିବହନକୁ କେନ୍ଦ୍ରକରି ଗୋଷ୍ଠୀସଂଘର୍ଷ

**ଯୋଡ଼ା,୨୮।୯(ଡି.ଏନ.ଏ.)**-କେନ୍ଦୁଝର ଜିଲା ଯୋଡା ଥାନା ଅନ୍ତର୍ଗତ କମାରଯୋଡାଠାରେ ଲୁହାପଥର 'ପିଲେଟ' ପରିବହନକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ ଘଟଣା ଘଟି ଥାନାରେ ଏ ନେଇ ଦୁଇ ପକ୍ଷରୁ ଏତଲା ଦିଆଯାଇଛି। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।
ଯୋଡା ଥାନା ସବଇନ୍‌ସପେକ୍ଟର ବିଶ୍ୱଜିତ ବେହେରା ଏହି ସୂଚନା ଦେଇ କହିଛନ୍ତି, ଶୁକ୍ରବାର ବାଂଶପାଣି ରେଳସାଇଡିଂରେ ଗଚ୍ଛିତ ରଖାଯାଇଥିବା ଗୋଲି ପିଲେଟ ପରିବହନ କରାଯାଉଥିଲା। ପିଲେଟ ଉତ୍ପାଦନକାରୀ କମ୍ପାନୀ ପକ୍ଷରୁ ୨୦୦ ଟ୍ରିପ୍ ପିଲେଟ ଜୁରୁଡି ରେଳସାଇଡିଂକୁ ପରିବହନ କରିବା ସକାଶେ ଏକ ପରିବହନକାରୀ ସଂସ୍ଥାକୁ କୁହାଯାଇଥିଲା। ଏହି ସଂସ୍ଥା ୪୦ ଟ୍ରିପ୍ ପରିବହନ କରି କାର୍ଯ୍ୟ ବନ୍ଦ ରଖି ପରେ ପୁଣି ପରିବହନ ଆରମ୍ଭ କରିଥିଲା । ଏଥିରେ ସ୍ଥାନୀୟ ଗାଡିଗୁଡିକୁ ପରିବହନ କାମ ଦିଆ ନ ଯିବାରୁ ସେଠାରେ ଉପସ୍ଥିତ ଲୋକେ ଏହାକୁ ବିରୋଧ କରିବାରୁ ଯୁକ୍ତିତର୍କ ହୋଇ ମାରପିଟ୍ ଘଟିଥିଲା । ଘଟଣାସ୍ଥଳରେ ଗୁରୁମିତ ସିଂ, ଅମର ମହାକୁଡ, ଚନ୍ଦ୍ରକାନ୍ତ ବେହେରାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ଯୋଡା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ ୧୫୮/୨୦୧୯) ରୁଜୁ କରିଛି। ଅନ୍ୟପକ୍ଷେ ଏହି ଘଟଣାକୁ ନେଇ ଅପର ଗୋଷ୍ଠୀ ପକ୍ଷରୁ ପାଲଟା ଅଭିଯୋଗ କରିଥିବା ପୋଲିସ ସୂଚନା ଦେଇଛି।



# ଜୀବନଶୈଳୀ ସୁଧାରିବାକୁ ପଡ଼ିବ

ବିଶ୍ୱ ହୃତ୍‌ପିଣ୍ଡ ଦିବସ ସାରା ବିଶ୍ୱରେ ପ୍ରତିବର୍ଷ ସେପ୍ଟେମ୍ବର ୨୯ରେ ପାଳନ କରାଯାଉଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହୃତ୍‌ପିଣ୍ଡ ସମ୍ବନ୍ଧୀୟ ରୋଗ ତଥା ଏହାକୁ ସୁସ୍ଥ ରଖିବା ପାଇଁ ସଚେତନତା ଆଣିବା। ୨୦୦୦ ମସିହାରୁ ଏହି ଦିବସ ପ୍ରତିବର୍ଷ ସେପ୍ଟେମ୍ବର ଶେଷ ରବିବାରରେ ପାଳନ କରାଯାଉଥିଲା। ପରବର୍ତ୍ତୀ ସମୟରେ ସେପ୍ଟେମ୍ବର ୨୯ ରେ ଏହା ପାଳିତ ହେଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ) ସହଯୋଗରେ ୱାର୍ଲ୍ଡ ହାର୍ଟ ଫେଡେରେଶନ ପ୍ରତିବର୍ଷ ଏହି ଦିବସକୁ ପାଳନ କରୁଛି। ଚଳିତ ବର୍ଷ ଏହି ଦିବସରେ 'ନିଜେ ସୁସ୍ଥ ହୃତ୍‌ପିଣ୍ଡର ଅଧିକାରୀ ହେବା ସହ ପ୍ରିୟ ପରିଜନଙ୍କୁ ଏ ଦିଗରେ ସଚେତନ ଲାଗି ପ୍ରୟାସ ଉପରେ ଗୁରୁତ୍ୱ ଦିଆଯାଇଛି'। ହୃଦ୍‌ରୋଗ ସମଗ୍ର ବିଶ୍ୱରେ ଏବେ ଗମ୍ଭୀର ସମସ୍ୟା ଭାବେ ଉଭା ହୋଇଛି। ଏଣୁ ଏହି ଦିବସ ମାଧ୍ୟମରେ ଲୋକମାନଙ୍କୁ ହୃଦ୍‌ରୋଗକୁ କିପରି ଦୂର କରାଯାଇପାରିବ, ସେ ବିଷୟରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଜନ ଜାଗରଣ ସୃଷ୍ଟି କରାଯାଉଛି। ଅବ୍ୟବସ୍ଥିତ ତଥା ନିଷ୍କ୍ରିୟ ଜୀବନଶୈଳୀ, ଅତ୍ୟଧିକ ମାନସିକ ଚାପ, ଉଚ୍ଚ ରକ୍ତଚାପ, ଡାଇବେଟିସ୍, ଧୂମପାନ, ମେଦ ବହୁଳତା, ଚର୍ବିଜାତୀୟ ଖାଦ୍ୟ ଗ୍ରହଣ କରୁଥିବା ଲୋକେ ହୃଦ୍‌ରୋଗରେ ପୀଡ଼ିତ ହେବା ଆଶଙ୍କା ଅଧିକ। ଯେଉଁମାନଙ୍କର କୋଲେଷ୍ଟରଲ, ଟ୍ରାଇଗ୍ଲିସେରାଇଡ୍ ଓବିଏଲ୍‌ଡିଏଲ ଏବଂ ଏଲ୍‌ଡିଏଲ ଅଧିକ ରହିଥାଏ ସେମାନଙ୍କୁ ଏହି ରୋଗର ଶିକାର ହେବାକୁ ପଡ଼େ। ଏହି ସବୁ ଦିଗ ପ୍ରତି ଲୋକମାନେ ସଚେତନ ନ ହେବା ଯୋଗୁ ବିଶ୍ୱରେ ହୃଦ୍‌ରୋଗ ବୃଦ୍ଧି ପାଇବାରେ ଲାଗିଛି। ବ୍ୟସ୍ତବହୁଳ ଜୀବନରେ ସମୟ ଅଭାବରୁ ବ୍ୟାୟାମ କରିବା ସମ୍ଭବ ନ ହେବା ହୃଦ୍‌ରୋଗକୁ ମଧ୍ୟ ଆମନ୍ତ୍ରଣ କରୁଛି। ଏହି ରୋଗ ଯେକୌଣସି ବୟସର ବ୍ୟକ୍ତିଙ୍କୁ ହୋଇପାରେ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି। ପୁରୁଷଙ୍କ ତୁଳନାରେ ମହିଳାମାନଠାରେ ଏହି ରୋଗର ଆଶଙ୍କା ବେଶି। ଏବେ ପ୍ରଦୂଷଣର ପ୍ରଭାବ ହୃତ୍‌ପିଣ୍ଡ ଉପରେ ପରିଲକ୍ଷିତ ହେଉଛି ବୋଲି ଏକ ଗବେଷଣା ତଥ୍ୟରୁ ଜଣାପଡ଼ିଛି। ଏଣୁ ବିଶ୍ୱ ହୃତ୍‌ପିଣ୍ଡ ଦିବସରେ ଲୋକମାନଙ୍କ ମଧ୍ୟରେ ଏହି ଭାବନା ଜାଗ୍ରତ କରିବା ଜରୁରୀ ମନେହୁଏ।

## ମାନସିକ ଚାପ ଅନ୍ୟତମ କାରଣ



ବିଶ୍ୱରେ ପ୍ରତିବର୍ଷ ଯେତେଲୋକ ହୃଦ୍‌ରୋଗରେ ମୃତ୍ୟୁବରଣ କରନ୍ତି, ସେମାନଙ୍କ ମଧ୍ୟରୁ ୨୯ ପ୍ରତିଶତ ହୃଦ୍‌ରୋଗ କାରଣରୁ ଘଟୁଛି। ବିଶ୍ୱରେ ଏହି ଗମ୍ଭୀର ସମସ୍ୟାର ଏକ ବଡ଼ କାରଣ ହେଉଛି ମାନସିକ ଚାପ। ବ୍ୟସ୍ତବହୁଳ ଜୀବନରେ ଏଥିରୁ ସମ୍ପୂର୍ଣ୍ଣ ମୁକ୍ତି ପାଇବା ସମ୍ଭବ ନହେଲେ ବି ଯଥାସମ୍ଭବ ଏହାଠାରୁ ଦୂରେଇ ରହିବା ଲାଗି ଚେଷ୍ଟା କରିବା ଜରୁରୀ। ମାନସିକ ଚାପରୁ ମୁକ୍ତି ପାଇବା ପାଇଁ ଯୋଗ ଓ ବ୍ୟାୟାମର ଆବଶ୍ୟକତା ରହିଛି।

## ଭୟଙ୍କର ହେଉଛି ...

ଏବେ ହୃଦ୍‌ରୋଗ ଜନିତ ସମସ୍ୟା ସାଂଘାତିକ ହେବାରେ ଲାଗିଛି। ଏହାର କାରଣ ଯୁବପିଢ଼ି ଏଥିରେ ବେଶି ଆକ୍ରାନ୍ତ ହେଉଛନ୍ତି। ଏହା ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି। ୩୦-୪୦ ବର୍ଷ ବୟସ ମଧ୍ୟରେ ଏହି ରୋଗର ପ୍ରାବଲ୍ୟ ସବୁଠୁ ବେଶି। ଏକ ଆକଳନରୁ ଜଣାପଡ଼ିଛି ଯେ, ଭାରତରେ ଏବେ ୧୦.୨ କୋଟି ଲୋକ ହୃଦ୍‌ରୋଗରେ ଆକ୍ରାନ୍ତ। ବିଶ୍ୱରେ ପ୍ରତିବର୍ଷ ୧.୭ କୋଟି ଲୋକ ଉକ୍ତ ରୋଗର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ଯଦି ଏହା ଉପରେ ଏବେଠୁ ଅଙ୍କୁଶ ଅଣା ନ ଯାଏ, ତେବେ ୨୦୨୦ ସୁଦ୍ଧା ଏହା ଭୟଙ୍କର ରୂପ ନେବ। ଯୁବକମାନେ ଅଫିସ୍‌ରେ ବେଶି ସମୟ ବସିରହିବା ଯୋଗୁ ଶାରୀରିକ ଶ୍ରମରୁ ବଞ୍ଚିତ ହେବା ଦ୍ୱାରା ହୃଦ୍‌ରୋଗର ଶିକାର ହେଉଛନ୍ତି। ବୟସ ବୃଦ୍ଧି ସହ ହୃତ୍‌ପିଣ୍ଡ ଦୁର୍ବଳ ହେବାରେ ଲାଗେ। ଏଣୁ ହୃତ୍‌ପିଣ୍ଡ ସମ୍ବନ୍ଧରେ ଆମକୁ କିଛି କଥା ଜାଣିବାକୁ ପଡିବ। ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବାକୁ ହେବ। ଆମ ଦେଶରେ ବିଶେଷକରି ଖାଦ୍ୟପେୟରେ ଅସନ୍ତୁଳନ ଓ ଅବ୍ୟବସ୍ଥିତ ଜୀବନଶୈଳୀ ଏହି ରୋଗକୁ ରାସ୍ତା କଢ଼ାଇ ଦେଉଛି। ଅଧିକ ଚର୍ବିଜାତୀୟ ଖାଦ୍ୟ, ଲୁଣ, ଅଣ୍ଡା, ମାଂସ ଖାଇବା କାରଣରୁ ହୃଦ୍‌ଘାତର ଆଶଙ୍କା ୩୫ ପ୍ରତିଶତ ବୃଦ୍ଧିପାଉଛି ବୋଲି ସର୍କ୍ୟୁଲେଶନ ଜର୍ନାଲରେ ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି।

## ଏପରି ରଖନ୍ତୁ ସୁସ୍ଥ

### ହୃତ୍‌ପିଣ୍ଡକୁ ସୁସ୍ଥ ରଖିବା ପାଇଁ ଜାଣନ୍ତୁ କେତୋଟି କଥା ...

- ମଦ୍ୟପାନ ଏବଂ ଧୂମପାନ କରୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ହାର୍ଟ ଆଟାକ୍‌ର ଆଶଙ୍କା ଅଧିକ ଥାଏ। ଏସବୁ ପଦାର୍ଥ ରକ୍ତ କୋଷିକାକୁ ଉତ୍ତେଜିତ କରି ରକ୍ତ ସଞ୍ଚାଳନ ବୃଦ୍ଧି କରାଇଥାଏ। ଫଳରେ ରକ୍ତଚାପ ବୃଦ୍ଧି ପାଇଥାଏ। ଏହା ଯୋଗୁ ହାର୍ଟକୁ ଉପଯୁକ୍ତ ପରିମାଣର ରକ୍ତ ପହଞ୍ଚିପାରି ନ ଥାଏ ଓ ହାର୍ଟରେ ଫାଟ ସୃଷ୍ଟି ହୋଇଥାଏ। ତେଣୁ ଶରୀରର ଅଙ୍ଗପ୍ରତ୍ୟଙ୍ଗକୁ ରକ୍ତ ଯୋଗାଣରେ ବାଧା ପହଞ୍ଚିଥାଏ। ୭୨ଘଣ୍ଟା ମଧ୍ୟରେ ରୋଗୀଙ୍କର ମୃତ୍ୟୁ ଘଟିବା ଆଶଙ୍କା ବଢ଼ିଯାଏ।
- ଅଧିକ ଲୁଣ ଖାଇବା ଦ୍ୱାରା ଉଚ୍ଚ ରକ୍ତ ଚାପକୁ ଡାକି ଆଣିଥାଉ। ଯାହାକି ପରବର୍ତ୍ତୀ ସମୟରେ ହାର୍ଟ ଆଟାକ୍‌ର ଅନ୍ୟତମ କାରଣ ହିଁ ପାଲଟିଯାଏ।
- ଚର୍ବି ଜାତୀୟ ଖାଦ୍ୟ ଅଧିକ ନ ଖାଇବା ଭଲ। ଏହା ଯୋଗୁ କୋଲେଷ୍ଟରଲ ସ୍ତର ବଢ଼ିଥାଏ।
- କ୍ଷୀର ପିଇବା ଦ୍ୱାରା ଏଥିରେ ଥିବା ପଟାସିୟମ୍ ରକ୍ତଚାପ କମ କରିଥାଏ। ଫଳରେ ହାର୍ଟ ଉପରେ ଅଧିକ ଚାପ ପଡ଼ି ନ ଥାଏ।
- ଗ୍ରୀନ୍ ଟି, ବ୍ଲାକ୍ ଟି, କଫି ଏବଂ ଫଳ ରସ ପିଇଲେ ହାର୍ଟ ଉପରେ ସକାରାତ୍ମକ ପ୍ରଭାବ ପଡ଼ିଥାଏ। ଫଳରେ ହାର୍ଟ ସ୍ୱାଭାବିକ ଭାବେ କାର୍ଯ୍ୟ କରିଥାଏ।

## ହାର୍ଟ ଆଟାକ୍‌ର ଲକ୍ଷଣ

ହାର୍ଟ ଆଟାକ୍‌ର କେତେକ ସ୍ୱତନ୍ତ୍ର ଲକ୍ଷଣ ରହିଥାଏ। ଏହା ହେଲେ ଛାତିରେ ପ୍ରବଳ ଯନ୍ତ୍ରଣା ହୁଏ। ଯନ୍ତ୍ରଣା କାନ୍ଧ, ବାହୁ, ପିଠି, ବେକ ଓ ମୁହଁର ନିମ୍ନ ଭାଗ ପର୍ଯ୍ୟନ୍ତ ମଧ୍ୟ ବ୍ୟାପିଥାଏ। ବେଳେ ବେଳେ ଅମ୍ଳ ବା ଏସିଡିଟି ଥିବାପରି ଛାତିରେ ଜ୍ୱଳନ ହୁଏ। ଏହା ଅଳ୍ପ କେତେ ମିନିଟ ପର୍ଯ୍ୟନ୍ତ ରୁହେ ଓ ବିଶ୍ରାମ ନେଲେ ଭଲ ଲାଗେ। ବେଳେବେଳେ ଛୋଟ ଶ୍ୱାସକ୍ରିୟା ଦ୍ୱାରା ହାର୍ଟ ଆଟାକ୍‌ର ଲକ୍ଷଣ ପ୍ରକାଶ ପାଇଥାଏ। ଏଥିରେ ଲୋକ ଧଇଁସଇଁ ହେବା ଆରମ୍ଭ କରିଥାନ୍ତି।






ଅଜ୍ଞାନ ଦ୍ୱାରା ପ୍ରତାରିତ ହୁଅନାହିଁ। ଜ୍ଞାନ ଦ୍ୱାରା ମଧ୍ୟ ପ୍ରତାରିତ ହୁଅନାହିଁ। ଏଠି କେହି ପ୍ରକୃତରେ ବନ୍ଧନରେ ନାହାନ୍ତି– କି କେହି ମଧ୍ୟ ମୁକ୍ତ ନୁହନ୍ତି। କେହି ମଧ୍ୟ ମୁକ୍ତି ଖୋଜୁ ନାହାନ୍ତି। ଏଠାରେ କେବଳ ସ୍ୱୟଂ ଈଶ୍ୱର ହିଁ ତାଙ୍କର ଆତ୍ମା– ସଚେତନ ସତ୍ତାର ବିସ୍ତୃତି ଭିତରେ ନିଜ ସହିତ ନିଜେ ହିଁ ଖେଳ ଖେଳି ଚାଲିଛନ୍ତି। ତାଙ୍କର ଏହି ବିସ୍ତୃତ କ୍ରୀଡାଙ୍ଗନକୁ ଆମେ ବିଶ୍ୱ ବୋଲି କହୁଛୁ। –ଶ୍ରୀଅରବିନ୍ଦ



# ଆତଙ୍କବାଦର ସଂଜ୍ଞା



ଆକାର ପଟେଲ

ଚେଗେଭାରା ଥିଲେ ଜଣେ ସୀମାପାର ଆତଙ୍କବାଦୀ। ସେ ଜଣେ ଡାକ୍ତର ଥିଲେ ଏବଂ ବର୍ତ୍ତମାନ ତାଙ୍କୁ ସାରା ବିଶ୍ୱରେ ବହୁ ଲୋକ ଜଣେ ମାର୍କ୍ସବାଦୀ ବିପ୍ଳବୀ ଭାବେ ଅଭିହିତ କରୁଛନ୍ତି। ୧୯୫୯ ମସିହାରେ ୩୧ ବର୍ଷ ବୟସରେ ଚେ ଭାରତ ଆସିଥିଲେ ଏବଂ ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନେହେରୁଙ୍କ ସହ ଭୋଜନ କରିଥିଲେ। ସେ ଦୁଇଟି ପୁସ୍ତକ ଲେଖିଛନ୍ତି: 'ଦ ବଲିଭିଆନ ଡାଏରୀ' ଓ 'ଦ ମୋଟରସାଇକେଲ ଡାଏରିଜ୍'। ଦ୍ୱିତୀୟ ପୁସ୍ତକର କଥାବସ୍ତୁକୁ ନେଇ ୨୦୦୪ରେ ଏକ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ନିର୍ମାଣ କରାଯାଇଥିଲା। ଚେ ହେଉଛନ୍ତି ଜଣେ ଆର୍ଜେଣ୍ଟିନାବାସୀ କିନ୍ତୁ ଫିଡେଲ କାଷ୍ଟ୍ରୋଙ୍କ ଗୃହଯୁଦ୍ଧରେ ବାତିସ୍ତା ସରକାରଙ୍କ ବିରୋଧରେ ଲଢ଼ିବା ପାଇଁ ସେ କ୍ୟୁବା ଯାଇଥିଲେ। ତା'ପରେ ସେ ବାରିଏଣ୍ଟୋଙ୍କ ସରକାର ବିରୋଧରେ ଗେରିଲା ଯୁଦ୍ଧ ଲଢ଼ିବା ପାଇଁ ବଲିଭିଆ ଯାଇଥିଲେ। ଚେ'ଙ୍କ ନିଜ ଲେଖା ଅନୁସାରେ ସେ ଓ ତାଙ୍କ ଲୋକମାନେ ଲୁଚିଛପି ଅନେକ ସୈନିକଙ୍କୁ ମାରିଛନ୍ତି। ୧୯୬୭ ମସିହାରେ ୩୯ ବର୍ଷ ବୟସରେ ଚେ ଗେଭାରା ସେନା ଦ୍ୱାରା ଧରା ହୋଇ ମୃତ୍ୟୁଦଣ୍ଡ ପାଇଲେ।

ଜର୍ଜ ଅର୍‌ୱେଲ ମଧ୍ୟ ଥିଲେ ଜଣେ ସୀମାପାର ଆତଙ୍କବାଦୀ। ସେ ଜଣେ ପୋଲିସ ଅଫିସର ଥିଲେ ଯିଏ ବିହାରର ମୋତିହାରୀରେ ଜନ୍ମଗ୍ରହଣ କରିଥିଲେ। ସରକାରୀ ଚାକିରି ପରେ ସେ ଅନେକ ପୁସ୍ତକ ଲେଖିଲେ ଯାହା ତାଙ୍କୁ ଇତିହାସରେ ଜଣେ ପ୍ରଭାବଶାଳୀ ଲେଖକର ମର୍ଯ୍ୟାଦା ଦେଲା। ତାଙ୍କ ପୁସ୍ତକଗୁଡ଼ିକ ମଧ୍ୟରେ ଗୋଟିଏ ହେଉଛି ୧୯୮୪ ଆଣ୍ଡ୍ ଆନିମଲ ଫାର୍ମ। କାର୍ଗିଲ ଯୁଦ୍ଧ ସମୟରେ ବାଜପେୟୀଙ୍କ ସରକାର ତାଙ୍କ ପୁସ୍ତକକୁ ପ୍ରଶଂସା କରିଥିଲେ। ଅନେକ ଆଧୁନିକ ଲେଖକ ସମୟକ୍ରମେ ଅପ୍ରାସଙ୍ଗିକ ହୋଇପଡୁଛନ୍ତି କିନ୍ତୁ ଅର୍‌ୱେଲଙ୍କ ପୁସ୍ତକଗୁଡ଼ିକର ଲୋକପ୍ରିୟତା ଅନେକ ଦଶନ୍ଧି ପରେ ବି ଅତୁଟ ରହିଛି।

କିନ୍ତୁ ହିଂସାତ୍ମକ ପଥକୁ ଆପଣେଇବାରେ ଅର୍‌ୱେଲଙ୍କର କୌଣସି ଆପତ୍ତି ନ ଥିଲା। ସେ ଜଣେ ବ୍ରିଟିଶ ନାଗରିକ ଥିଲେ କିନ୍ତୁ ୧୯୩୭ ମସିହାରେ ଜେନେରାଲ ଫ୍ରାଙ୍କୋଙ୍କ ବିରୋଧରେ ଗୃହଯୁଦ୍ଧରେ ଭାଗନେବା ପାଇଁ ସେ ସ୍ପେନ ଯାଇଥିଲେ। ସେ ତାଙ୍କ ଅନୁଭୂତିକୁ ନେଇ ଏକ ପୁସ୍ତକ ଲେଖିଛନ୍ତି ଯାହାର ନାମ 'ହୋମେଜ୍ ଟୁ କାଟାଲୋନିଆ'। ଏଥିରେ ସେ ଲୋକଙ୍କୁ ବୋମାମାଡ଼ କରି ମାରିଥିବା କଥା ପ୍ରକାଶ କରିବା ସହ ତାଙ୍କ ନିଜ ଗଳାକୁ ଗୁଳିବିଦ୍ଧ କରାଯାଇଥିବା କଥା ଲେଖିଛନ୍ତି।

ଏବେ ମୁଁ ଏହି ଉଦାହରଣଗୁଡ଼ିକ ଦେବାର କାରଣ କ'ଣ ଲେଖୁଛି। ଶୁକ୍ରବାର ଭାରତର ପ୍ରଧାନମନ୍ତ୍ରୀ ୟୁନାଇଟେଡ୍ ଜେନେରାଲ ଆସେମ୍ବ୍ଲିରେ ଉଦ୍‌ବୋଧନ ଦେବା ଅବସରରେ କହିଥିଲେ: ''ଜାତିସଂଘ ଶାନ୍ତିରକ୍ଷା ମିଶନ ପାଇଁ ଲଢ଼େଇ କରି ଆତ୍ମବଳି ଦେଇଥିବା ସବୁଠାରୁ ଅଧିକ ସୈନିକ ହେଉଛନ୍ତି ଭାରତର। ଆମେ ବିଶ୍ୱକୁ ଯୁଦ୍ଧ ଦେଇ ନାହୁଁ ବରଂ ବୁଦ୍ଧଙ୍କ ଶାନ୍ତିର ବାର୍ତ୍ତା ଦେଇଛୁ। ସେଥିପାଇଁ ଆମେ ସାରା ବିଶ୍ୱରେ ଶାନ୍ତିଭଙ୍ଗ କରୁଥିବା ଆତଙ୍କବାଦ ବିରୋଧରେ ଦୃଢ଼ ସ୍ୱର ଉତ୍ତୋଳନ କରୁଛୁ। ଆତଙ୍କବାଦ ଏକ ବିରାଟ ଆହ୍ୱାନ ଯାହା ବିରୋଧରେ କୌଣସି ଗୋଟିଏ ଦେଶ ଲଢ଼ିପାରିବ ନାହିଁ ଏବଂ ସମଗ୍ର ବିଶ୍ୱ ଏହା ବିରୋଧରେ ଏକଜୁଟ ହେବା ଆବଶ୍ୟକ।'' ପ୍ରଧାନମନ୍ତ୍ରୀ ଠିକ୍ କଥା କହିଛନ୍ତି ଯେ ଆତଙ୍କବାଦ ପ୍ରସଙ୍ଗ ଉପରେ ସାରା ବିଶ୍ୱରେ ଐକମତ୍ୟ ନାହିଁ। କିନ୍ତୁ ଏହାର କାରଣ କ'ଣ? ତାହାର ଉତ୍ତର ହେଉଛି ଆତଙ୍କବାଦ ଓ ଆତଙ୍କବାଦୀର ଏକ ସର୍ବଗ୍ରାହ୍ୟ ସଂଜ୍ଞା ନାହିଁ।

କଂଗ୍ରେସ ଅମଳରେ ତିଆରି ହୋଇଥିବା ଆତଙ୍କବାଦ ବିରୋଧୀ ଆଇନ ଟାଡାରେ କୁହାଯାଇଛି: ''ଯଦି କୌଣସି ବ୍ୟକ୍ତି ସରକାରଙ୍କ ଆଇନ ବିରୋଧରେ ଯାଇ କାର୍ଯ୍ୟ କରେ, ଲୋକମାନଙ୍କୁ ଆତଙ୍କିତ କରେ, ବୋମା, ଡିନାମାଇଟ ବା ଅନ୍ୟ ବିସ୍ଫୋରକ ଦ୍ରବ୍ୟ, ବିଷାକ୍ତ ଗ୍ୟାସ୍ ବା ରାସାୟନିକ ବ୍ୟବହାର କରି ଲୋକଙ୍କ ଜୀବନ ବା ସର୍ବସାଧାରଣ ସମ୍ପଦ ନଷ୍ଟର କାରଣ ହୁଏ ବା ସର୍ବସାଧାରଣଙ୍କ ବଞ୍ଚିବା ପାଇଁ ଆବଶ୍ୟକ ଯୋଗାଣ ବ୍ୟବସ୍ଥାକୁ କ୍ଷତି ପହଞ୍ଚାଏ, ତେବେ ଏହି କାର୍ଯ୍ୟକୁ ଆତଙ୍କବାଦ ବୋଲି କୁହାଯିବ।'' ଆମର ଦ୍ୱିତୀୟ ଆତଙ୍କବାଦ ବିରୋଧୀ ଆଇନ ହେଉଛି ପୋଟା ଯାହା ଭାଜପା ସରକାର ଅମଳରେ ତିଆରି ହୋଇଛି। ଏହି ଆଇନରେ ପ୍ରଦତ୍ତ ସଂଜ୍ଞା ଅନୁସାରେ ଦେଶର ଏକତା, ଅଖଣ୍ଡତା, ସୁରକ୍ଷା ବା ସାର୍ବଭୌମତ୍ୱକୁ ବିପନ୍ନ କରୁଥିବା କାର୍ଯ୍ୟ ବା ଲୋକଙ୍କ ଭିତରେ ଆତଙ୍କ ସୃଷ୍ଟି କରୁଥିବା କାର୍ଯ୍ୟକୁ ଆତଙ୍କବାଦ କୁହାଯିବ। ଏହି ସଂକ୍ଷିପ୍ତ ଓ ଅସ୍ପଷ୍ଟ ସଂଜ୍ଞା ଯୋଗୁ ବିଭ୍ରାନ୍ତି ସୃଷ୍ଟି ହେଉଛି ଏବଂ ଆମ ଦେଶରେ ଦୋଷୀ ସାବ୍ୟସ୍ତ ହେବାର ହାର ସବୁଠାରୁ କମ୍ ରହୁଛି। ଟାଡା ଆଇନ ଅନୁସାରେ ଦୋଷୀ ସାବ୍ୟସ୍ତ ହାର ୧ ପ୍ରତିଶତ ଥିବା ବେଳେ ପୋଟା ଆଇନ ଅନୁସାରେ ୧ ପ୍ରତିଶତରୁ କମ୍ ରହୁଛି। ତେଣୁ ଭାରତୀୟ ଆଇନରେ ସଂଜ୍ଞାକୁ ଅଧିକ ସ୍ପଷ୍ଟ କରାଯିବା ଆବଶ୍ୟକ ଥିବାବେଳେ ଭଲ ଆଇନ ତିଆରି କରିବାକୁ ଆମ ଆଇନ ନିର୍ମାତାମାନେ ଗୁରୁତ୍ୱ ଦେଉନାହାନ୍ତି। ଭାରତରେ ଜଣେ ସଶସ୍ତ୍ର ଲୋକ ନିରସ୍ତ୍ର ଜନତାଙ୍କୁ ଆକ୍ରମଣ କରିବାକୁ ଆତଙ୍କବାଦ କୁହାଯାଉଛି। ସଶସ୍ତ୍ର ଲୋକ ଅନ୍ୟ ସଶସ୍ତ୍ର ଲୋକଙ୍କ ଉପରେ ଆକ୍ରମଣ କରିବାକୁ ବି ଆତଙ୍କବାଦ କୁହାଯାଉଛି। ସେନା ଶିବିର ଉପରେ ଉଗ୍ରବାଦୀଙ୍କ ଆକ୍ରମଣ ବି ଆତଙ୍କବାଦ। ତା'ହେଲେ ଆକ୍ରମଣକାରୀ କିଏ? ଦଳେ ଲୋକ ସଂଖ୍ୟାଲଘୁ ଲୋକଙ୍କ ଭିତରେ ଆତଙ୍କ ସୃଷ୍ଟି କରିବା ପାଇଁ ତାଙ୍କୁ ଆକ୍ରମଣ କଲେ ତାଙ୍କୁ ଦଙ୍ଗାକାରୀ ବୋଲି କୁହାଯାଉଛି। ଏକା ଅପରାଧ ଏକା ପ୍ରକାର ଉପାୟରେ କରାଗଲେ ମଧ୍ୟ ତାକୁ ଭିନ୍ନ ଭିନ୍ନ ନାଁ ଦିଆଯାଉଛି। ତେବେ ଭାରତ ଏକମାତ୍ର ଦେଶ ନୁହେଁ, ଯେଉଁଠି ଏପରି ଘଟୁଛି।

ଦୁଇ ପ୍ରକାର ଘଟଣାରେ ଯେଉଁଠି ଜଣେ ବନ୍ଧୁକଧାରୀ ବହୁ ନିରସ୍ତ୍ର ସାଧାରଣ ଲୋକଙ୍କୁ ହତ୍ୟାକଲେ ଆମେରିକା ରାଷ୍ଟ୍ରପତି ଜଣଙ୍କୁ କହିବେ ଆତଙ୍କବାଦୀ ଏବଂ ଅନ୍ୟ ଜଣଙ୍କୁ କହିବେ ମାନସିକ ବିକୃତ– ତାହା ନିର୍ଭର କରୁଛି ଉକ୍ତ ବନ୍ଧୁକଧାରୀଙ୍କ ଧର୍ମ ଉପରେ। ଭାରତରେ ବର୍ତ୍ତମାନ ଯେଉଁ ସଂଜ୍ଞା ପ୍ରଚଳିତ ସେହି ଅନୁସାରେ ଚେ ଓ ଅର୍‌ୱେଲ ଆତଙ୍କବାଦୀ ବିବେଚିତ ହେବେ। ସାରା ପୃଥିବୀରେ ଆତଙ୍କବାଦର ସଂଜ୍ଞାକୁ ନେଇ ଐକମତ୍ୟ ନ ଥିବା ବେଳେ ଭାରତ ଉକ୍ତ ବିଭ୍ରାନ୍ତିକୁ ଆହୁରି ବୃଦ୍ଧି କରିବାରେ ସାହାଯ୍ୟ କରିଛି।

Email: aakar.patel@gmail.com

# ବିଦାୟ ଗୋଧୂଳି



ଡ. ରମେଶ ଚନ୍ଦ୍ର ପରିଡ଼ା

ସନ୍ଧ୍ୟା କାଳକୁ ଆମେ ଗୋଧୂଳି ସମୟ ବୋଲି କହୁ। କାରଣ ଆଗେ ଏହି ସମୟରେ ଗ୍ରାମାଞ୍ଚଳରେ ଗୋରୁଗାଈ ଗୋଠରୁ ଫେରୁଥିଲେ ଏବଂ ତାଙ୍କ ଖୁରାଘାତରେ ଉଡୁଥିବା ଧୂଳି ଆକାଶକୁ ଆଚ୍ଛାଦିତ କରୁଥିଲା। ସେଥିପାଇଁ କବି ସନ୍ଧ୍ୟାକାଳର ବର୍ଣ୍ଣନା କରିବାକୁ ଯାଇ ଲେଖିଥିଲେ, 'ଧୂଳି ଉଡ଼ାଇଣ ଦାଣ୍ଡେ ଦେଇ ହମ୍ବାରଡ଼ି, ଯାଉଛନ୍ତି ଗୋରୁପଲ ଗୋଠରୁ ବାହୁଡ଼ି।' ତେବେ ଆଜିକାଲି ଏ ଦୃଶ୍ୟ ବିରଳ ହେଲାଣି। ଦିନକୁଦିନ ହ୍ରାସ ପାଇ ଚାଲିଥିବା ଗୋସମ୍ପଦ ଏହାର କାରଣ। ଏକ ଆକଳନ ଅନୁସାରେ ୧୯୫୧ ମସିହା ବେଳକୁ ଆମ ଦେଶରେ ପ୍ରତି ୧୦୦୦ ଲୋକଙ୍କ ପାଇଁ ଗୋରୁଗାଈ ସଂଖ୍ୟା ୪୩୦ ଥିଲାବେଳେ, ୧୯୬୧ରେ ତାହା ୪୦୦, ୧୯୭୧ରେ ୩୨୬, ୧୯୮୧ରେ ୨୭୮, ୧୯୯୧ରେ ୨୦୨, ୨୦୦୧ରେ ୧୧୦ ଏବଂ ୨୦୧୧ରେ ମାତ୍ର ୨୦କୁ ଖସି ଆସିଥିଲା। ଏବେ ଏ ଧାରା ଅବ୍ୟାହତ ରହିଛି। ମୁଣ୍ଡ ପିଛା ଚାଷ ଜମି ହ୍ରାସ ଏବଂ ଯାନ୍ତ୍ରିକ କୃଷିର ପ୍ରସାର ଫଳରେ ବଳଦଙ୍କ ସଂଖ୍ୟା ଦ୍ରୁତ କମିଯିବା ଏହାର ଅନ୍ୟତମ ମୁଖ୍ୟ କାରଣ।

ସମୟ ଥିଲା, ଯେତେବେଳେ ଖେତକୁ ହଳ କରିବା, ମଇ ଦେବା, କାଦୁଅ କରିବାଠାରୁ ଆରମ୍ଭକରି ବେଙ୍ଗଳା ପକାଇ ଫସଲ ଅମଳ କରିବା, ବୋଝ ବୋହିବା, ଗାଡ଼ି ଟାଣିବା ଆଦି ବିଭିନ୍ନ କାର୍ଯ୍ୟରେ ବଳଦଙ୍କୁ ବ୍ୟବହାର କରାଯାଉଥିଲା। ସେଥିପାଇଁ ବଜାରରେ ଗାଈ ତୁଳନାରେ ତାଙ୍କର ଦାମ୍ ଥିଲା ଅଧିକ। କିନ୍ତୁ ଏସବୁ କ୍ଷେତ୍ରରେ ଏବେ ଅନୁସୃତ ହେଲାଣି ବିବିଧ ଯାନ୍ତ୍ରିକ ବ୍ୟବସ୍ଥା। ଏଣୁ ଆଗେ ଯେପରି ଘରେ ଘରେ ଗୋପାଳନ କରାଯାଉଥିଲା ତାହା ଏବେ ଆଉ ନାହିଁ। ଅନ୍ୟପକ୍ଷରେ ବଳଦଗୁଡ଼ିକୁ ଅସମୟରେ ପଠାଇ ଦିଆଯାଉଛି କଂସେଇଖାନାକୁ। ୨୦୦୩ରେ ଆମ ଦେଶରେ ଗୋରୁ ସଂଖ୍ୟା ପ୍ରାୟ ୭.୭୫ କୋଟି ଥିଲା ବେଳେ ୨୦୧୨ରେ ତାହା ପହଞ୍ଚିଥିଲା ୬.୧୯ କୋଟିରେ। ଏବେ ଏହି ସଂଖ୍ୟା ଆହୁରି ତଳକୁ ଖସି ସାରିବଣି। ପୁନଶ୍ଚ ମଇଁଷି ସମେତ ଅନ୍ୟାନ୍ୟ ପ୍ରାଣୀସମ୍ପଦର ଅବସ୍ଥା ମଧ୍ୟ ଏଥିରୁ ଭିନ୍ନ ନୁହେଁ।

ବିଗତ ୨୦୧୪ ମସିହାରେ ଆମ ରାଜ୍ୟରେ ଅନୁଷ୍ଠିତ ୧୯ତମ ଲାଇଭଷ୍ଟକ୍ ସେନ୍‌ସସ୍ ବା ଗୋ–ମହିଷାଦି ପଶୁ ଗଣନାର ରିପୋର୍ଟ ପ୍ରକାଶ ପାଇଥିଲା। ଏହି ଅନୁସାରେ ଓଡ଼ିଶା ସମଗ୍ର ଦେଶର ୬.୦୯ ଶତାଂଶ ଗୋ–ସମ୍ପଦର ଅଧିକାରୀ ହୋଇଥିଲା ବେଳେ ୨୦୦୭ରୁ ୨୦୧୨ ମସିହା ମଧ୍ୟରେ ଏହା ୫.୫୯ ଶତାଂଶକୁ ହ୍ରାସ ପାଇଛି। ବିଶେଷକରି ବଳଦ ଓ ମଇଁଷିଙ୍କ କ୍ଷେତ୍ରରେ ଏହା ଅଧିକ ଘଟିଛି। ଅନ୍ୟପକ୍ଷରେ ବିଦେଶୀ ବା ସଙ୍କର ଜାତୀୟ ଗାଈ ଓ ବଳଦଙ୍କ ସଂଖ୍ୟା ୧.୭ ନିୟୁତରୁ ୧.୩ ନିୟୁତକୁ ଖସି ଆସିଥିଲାବେଳେ (୨୩ ଶତାଂଶ ହ୍ରାସ), କେବଳ ଗାଈମାନଙ୍କ ସଂଖ୍ୟା ୧୯ ଶତାଂଶ ବୃଦ୍ଧିପାଇଛି। ଅତଏବ ଆମ ଗୋ–ସମ୍ପଦ ଯାହା କମିଛି ତାହା କେବଳ ବଳଦମାନଙ୍କ ସଂଖ୍ୟା ହ୍ରାସ ଯୋଗୁ। ଅନୁରୂପ ଘଟିଛି ମଇଁଷିମାନଙ୍କ କ୍ଷେତ୍ରରେ। ଉଭୟ ମାଈ ଓ ଅଣ୍ଡିରା କଥା ବିଚାରକୁ ନେଲେ ୨୦୦୭ ତୁଳନାରେ ୨୦୧୨ ମସିହା ବେଳକୁ ଏମାନଙ୍କ ସମୁଦାୟ ସଂଖ୍ୟା ୩୯ ଶତାଂଶ ହ୍ରାସ ପାଇଛି। କିନ୍ତୁ ମାଈମାନଙ୍କ କ୍ଷେତ୍ରରେ ଏହା ୩୩ ଶତାଂଶ। ସେହିପରି ଛେଳି ଓ ମେଣ୍ଢାଙ୍କ ସଂଖ୍ୟାର ଏ ଅଧୋଗତି ଯଥାକ୍ରମେ ୮.୬୧ ଓ ୧୩.୦୪ ଶତାଂଶ (ସମୁଦାୟ ପ୍ରାୟ ୧.୩୫ କୋଟିରୁ ୧.୨ କୋଟି) ହେଲାବେଳେ କୁକୁଡା ଓ ଘୁଷୁରି କ୍ଷେତ୍ରରେ ତାହା ଯଥାକ୍ରମେ ୩.୪ ଓ ୫୪.୧୪ ଶତାଂଶ। ଅତଏବ ଆମ ରାଜ୍ୟର ଗ୍ରାମାଞ୍ଚଳରେ ୧୦୦ ପରିବାର ପ୍ରତି ଗାଈ–ବଳଦ, ମଇଁଷି, ମେଣ୍ଢା ଓ ଛେଳିଙ୍କ ସଂଖ୍ୟା ଏବେ ଯଥାକ୍ରମେ ୧୧୫୨, ୭୧, ୧୫୮ ଓ ୬୪୮ ଏବଂ ସହରାଞ୍ଚଳରେ ଏହା ୨୪୧, ୧୯, ୨୦ ଏବଂ ୧୧୫। କେବଳ ଗୁଜରାଟ ଭଳି କେତୋଟି ରାଜ୍ୟକୁ ଛାଡିଦେଲେ ସମଗ୍ର ଦେଶର ଦୃଶ୍ୟପଟ ଏହାଠାରୁ ଭିନ୍ନ ନୁହେଁ।

ଏହିସବୁ ପରିସଂଖ୍ୟାନ ପ୍ରତି ଦୃଷ୍ଟିଦେଲେ ମନେହୁଏ, ଆମ ଦେଶରେ ଅଧିକ ଦୁଗ୍ଧ ଉତ୍ପାଦନକାରୀ ବିଦେଶୀ ବା ସଙ୍କର ଗାଈଙ୍କ ସଂଖ୍ୟା କିଛିଟା ବଢୁଥିଲେ ହେଁ ଦେଶୀ ଗାଈ ଓ ବଳଦ, ମଇଁଷି ଆଦିଙ୍କ ସଂଖ୍ୟା ବହୁମାତ୍ରାରେ କମି ଚାଲିଛି। ଏପରି ଚାଲିଲେ ଆଗାମୀ ବର୍ଷଗୁଡ଼ିକରେ ଅନେକ ଦେଶୀ ପ୍ରଜାତି ବିଲୁପ୍ତ ହୋଇଯିବେ। ଏହା ଉଭବ ଘଟାଇବ ଏକ ଜଟିଳ ପରିସଂସ୍ଥୀୟ ସମସ୍ୟାର। କାରଣ ଏହାଦ୍ୱାରା ଜୈବବିବିଧତା ଗଭୀରଭାବେ ପ୍ରଭାବିତ ହେବ। ଦୁନିଆରେ ବିଗତ ଶତାବ୍ଦୀ ମଧ୍ୟରେ ବିଲୁପ୍ତ ହୋଇ ସାରିଛନ୍ତି ପ୍ରାୟ ୬ ଶତାଂଶ ପ୍ରଜାତିର ସ୍ତନ୍ୟପାୟୀ ଏବଂ ବର୍ତ୍ତମାନ ଆହୁରି ପ୍ରାୟ ୯ ଶତାଂଶ ଲୁପ୍ତପ୍ରାୟ। ପରିସଂସ୍ଥାକୁ ଏହା ଯେ କି ପ୍ରକାର କ୍ଷତି ପହଞ୍ଚାଇବ ତାହା ଏବେ ଆକଳନ କରିବା କଷ୍ଟକର। ଆମର ଅତି ନିକଟତର ହୋଇଥିବା ଗୋ–ଜାତିର ଦେଶୀ ପ୍ରଜାତିମାନଙ୍କ ଅବକ୍ଷୟର ପରିଣାମ ଅଧିକ ଭୟାବହ ହୋଇପାରେ। ପୁନଶ୍ଚ ଏହା ଫଳରେ ଜିନୀୟ ବିଭିନ୍ନତାର ମଧ୍ୟ ଅବକ୍ଷୟ ଘଟିବ। କାରଣ ଦେଶୀ ଗୋରୁଗାଈଙ୍କ ଭିତରେ ଅଛନ୍ତି ବହୁ ଅଲଗା ଅଲଗା ଜିନ୍‌ଧାରୀ। ବିଭିନ୍ନ ଜଳବାୟୁ ଓ ପରିବେଶ ସହିତ ଖାପ ଖୁଆଇବାକୁ ଏହା ତାଙ୍କୁ ସାମର୍ଥ୍ୟ ଦିଏ। ଅପରପକ୍ଷରେ ଏହି ପ୍ରଜାତିଗୁଡ଼ିକର ସ୍ଥାନ ଅଧିକାର କରୁଥିବା ବିଦେଶୀ ଓ ସଙ୍କର ପ୍ରଜାତିଗୁଡ଼ିକର ଏ ପ୍ରକାର ବିଭିନ୍ନତା କମ୍ ଏବଂ ସେମାନଙ୍କର ଏହା ସହ୍ୟ କରିବା ଶକ୍ତି ମଧ୍ୟ କମ୍। ଏଣୁ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଘଟିଲେ କିମ୍ବା ରୋଗବ୍ୟାଧି ବ୍ୟାପିଲେ ଏଗୁଡ଼ିକର ବଂଶ ହଠାତ୍ ବୁଡ଼ିଯିବାର ସମ୍ଭାବନା ଅଧିକ।

ପରିବେଶର ସୁରକ୍ଷା ଦିଗରେ ଦେଶୀ ଗୋରୁଗାଈ, ମଇଁଷିଙ୍କର, ବିଶେଷକରି ସେମାନଙ୍କ ଅଣ୍ଡିରା ପ୍ରଜାତିର ମଧ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ଉପଯୋଗ ରହିଛି। ସେଗୁଡ଼ିକ ହେଲା ପରିବହନ, ଗମନାଗମନ, ଜୈବିକ କୃଷି, ଶକ୍ତି ଉତ୍ପାଦନ ଏବଂ ଶିଳ୍ପ କ୍ଷେତ୍ରରେ ସେମାନଙ୍କ ଚର୍ମ ଓ ହାଡ଼ ବିନିଯୋଗ। କୃଷି, ପରିବହନ ଓ ଗମନାଗମନରେ ଯାନ୍ତ୍ରିକ ବ୍ୟବସ୍ଥାର ଦ୍ରୁତ ବର୍ଦ୍ଧିଷ୍ଣୁ ବ୍ୟବହାର ବାୟୁ ପ୍ରଦୂଷଣଠାରୁ ଆରମ୍ଭକରି ନାନାପ୍ରକାର ପରିବେଶୀୟ ସମସ୍ୟା ଉତ୍ପନ୍ନ କରୁଛି। ଏଣୁ ଏସବୁରେ ବଳଦ ଓ ମଇଁଷିଙ୍କ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଦରକାର। ସେହିପରି କୃଷିକ୍ଷେତ୍ରରେ ରାସାୟନିକ ସାର ଓ କୀଟାଣୁନାଶକ ବ୍ୟବହାର ହ୍ରାସ ଦିଗରେ ଗୋବର ଓ ଗୋମୂତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବେ। ଉଦାହରଣ ସ୍ୱରୂପ ଗୋଟିଏ ଗାଈ ବା ବଳଦ ବର୍ଷକୁ ହାରାହାରି ୩୫୦୦ କିଲୋଗ୍ରାମ ଗୋବର ଦେଇଥାଏ। ଯାହାକି ୮୦ରୁ ୧୦୦ ଟନ୍ କମ୍ପୋଷ୍ଟ ସାର ସହିତ ସମାନ। ଏଣୁ ଜୈବିକ କୃଷି ପାଇଁ ଏହାର ଦାନ ଅତୁଳନୀୟ ହୋଇପାରିବ। ପୁନଶ୍ଚ ଏହି ଗୋବରରୁ ପରିବେଶ ସହାୟକ ଜୈବ ଇନ୍ଧନ ଗୋବର ବାଷ୍ପ ମଧ୍ୟ ଉତ୍ପନ୍ନ କରାଯାଇପାରିବ। ଏହା ବ୍ୟତୀତ ମୃତ ଗୋରୁଗାଈଙ୍କ ହାଡ଼କୁ କ୍ଷେତରେ ଜୈବିକ ସାର ରୂପେ କିମ୍ବା ତହିଁରୁ କ୍ୟାଲସିୟମ୍ ନିର୍ଯାସ କାଢ଼ି ତାହାକୁ ଔଷଧ ରୂପେ ଏବଂ ଚର୍ମକୁ ଚମଡ଼ା ଶିଳ୍ପରେ ଉପଯୋଗ କରିହେବ। ଏହିଭଳି ଗୋଟି ଗୋଟି କରି ବିଚାରକୁ ନେଲେ ସ୍ପଷ୍ଟ ଅନୁମିତ ହୁଏ ଯେ, ଗୋସମ୍ପଦର ଅବକ୍ଷୟ ଆଦୌ ଶୁଭ ସୂଚନା ନୁହେଁ। ଅଧିକ ଦୁଗ୍ଧ ଉତ୍ପାଦନକାରୀ ବିଦେଶୀ ଓ ସଙ୍କର ଜାତୀୟ ଗାଈଙ୍କ ସହିତ କମ୍ ଯତ୍ନ ଆବଶ୍ୟକ କରୁଥିବା ଗାଈ, ବଳଦ ଓ ମଇଁଷି ପାଳନ ଆମ ଦେଶ ପାଇଁ ବିଶେଷକରି ପରିବେଶ ଓ ପରିସଂସ୍ଥା ଏବଂ ସହନୀୟ କୃଷି ପାଇଁ ଏକାନ୍ତ ଆବଶ୍ୟକ। ପୁନଶ୍ଚ ଏଠାରେ ଏ କଥା ମଧ୍ୟ ସୂଚାଇ ଦିଆଯାଇପାରେ ଯେ ଆମ ଦେଶରେ ଏଇ କେଇବର୍ଷ ମଧ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଥିଲେ ହେଁ ସମସ୍ତଙ୍କୁ ଏହା ଯଥେଷ୍ଟ ମିଳିପାରେ ନାହିଁ। ଏ ଅଭାବ ବ୍ୟବସାୟିକ ଭିତ୍ତିରେ ବିଦେଶୀ ବା ସଙ୍କର ଗାଈମାନଙ୍କ ପାଳନ ଦ୍ୱାରା ପୂରଣ ହେବା ସମ୍ଭବ ନୁହେଁ, ସେଥିପାଇଁ ବ୍ୟକ୍ତିଗତ ପାଳନ କରାଯାଇ ପାରୁଥିବା ଦେଶୀ ଗାଈ ଓ ମଇଁଷିଙ୍କର ମଧ୍ୟ ଆବଶ୍ୟକତା ରହିଛି।

ତେବେ ଏମାନଙ୍କ ବଂଶବୃଦ୍ଧି ମଧ୍ୟ ଆଉ ଗୋଧୂଳିକୁ ଫେରାଇ ଆଣି ପାରିବନି। କାରଣ ଏବେ ଚାରଣଭୂମି ଖୁବ୍ ସଂକୁଚିତ ହୋଇସାରିଲାଣି। ଏଣୁ ଦେଶୀ ଗାଈ, ବଳଦ କିମ୍ବା ମଇଁଷିଙ୍କୁ ମଧ୍ୟ ଦେବାକୁ ପଡିବ କ୍ଷେତରୁ ଉତ୍ପାଦିତ ଦାନା ନଡୁବା ଘାସ, ଫଳରେ ତାଙ୍କୁ ଆଉ ଗୋଠକୁ ନେବାର ଅବକାଶ ରହିବ ନାହିଁ। ଅନ୍ୟପକ୍ଷରେ ଏବେ ଏପରିକି ଗ୍ରାମାଞ୍ଚଳର ଅଧିକାଂଶ ରାସ୍ତାଘାଟ ପକ୍କା ହୋଇ ସାରିଲାଣି। ଏଣୁ ସେଥିରୁ ତାଙ୍କ ଖୁରାଘାତରେ ଧୂଳି ଉଡ଼ିବାର ମଧ୍ୟ ସମ୍ଭାବନା ନାହିଁ। ଏପରିସ୍ଥଳେ ଧରିନେବା ଯେ, ଗୋଧୂଳି ଏବେ ଆମଠୁ ବିଦାୟ ନେଇସାରିଛି ଚିରଦିନ ଲାଗି।

ଖଣ୍ଡଗିରି ବିହାର, ଭୁବନେଶ୍ୱର, ମୋ–୯୯୩୭୯୮୫୭୬୭

# ନୂଆ ଆଇଏମ୍‌ଏଫ୍ ମୁଖ୍ୟ

ବିଶ୍ୱ ମୁଦ୍ରା ସହଯୋଗ, ଆର୍ଥିକ ସ୍ଥିରତା, ବିଶ୍ୱ ବାଣିଜ୍ୟକୁ ସୁଗମ, ନିଯୁକ୍ତିର ପ୍ରସାର ଓ ନିରନ୍ତର ଅର୍ଥନୈତିକ ଅଭିବୃଦ୍ଧି ଏବଂ ଦାରିଦ୍ର୍ୟ ହ୍ରାସ ଦିଗରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ଅହରହ କାର୍ଯ୍ୟ କରିଆସୁଛି। ୧୯୪୪ରେ ପ୍ରତିଷ୍ଠିତ ଏହି ବୃହତ୍ ଆର୍ଥିକ ସଂସ୍ଥାର ମୁଖ୍ୟାଳୟ ଆମେରିକା ରାଜଧାନୀ ୱାଶିଂଟନ ଡିସିଠାରେ ଅବସ୍ଥିତ। ୧୮୯ ରାଷ୍ଟ୍ର ଏହା ସହ ଅନୁବନ୍ଧିତ। ଏଭଳି ଏକ ଅନ୍ତର୍ଜାତୀୟ ଆର୍ଥିକ ସଂସ୍ଥାକୁ ସୁପରିଚାଳନା କରୁଥିବା ମୁଖ୍ୟଙ୍କ କାର୍ଯ୍ୟଧାରା ଓ ନିଷ୍ପତ୍ତି ସର୍ବଦା ଚର୍ଚ୍ଚାରେ ରହିଥାଏ। ବୁଲଗେରୀୟ ଅର୍ଥନୀତିଜ୍ଞ କ୍ରିଷ୍ଟାଲିନା ଜର୍ଜିଭା ନିକଟରେ ଆଇଏମ୍‌ଏଫ୍ ମୁଖ୍ୟ ଭାବେ ନିଯୁକ୍ତ ହୋଇଛନ୍ତି। ସେ ଅକ୍ଟୋବର ପହିଲାରେ ଦାୟିତ୍ୱ ଗ୍ରହଣ କରିବେ। ତାଙ୍କ ନିଯୁକ୍ତି ନେଇ ଖବର ପ୍ରସାର ହେବା ପରେ ସେ କହିଛନ୍ତି, ବର୍ତ୍ତମାନ ବିଶ୍ୱ ଅର୍ଥନୈତିକ ଅଭିବୃଦ୍ଧି ହତାଶଭାବ ସୃଷ୍ଟି କରିଥିବା ବେଳେ ବାଣିଜ୍ୟିକ ଉତ୍ତେଜନା ଓ ରଣଭାର ଯୋଗୁ ବହୁ ରାଷ୍ଟ୍ର ଚାପଗ୍ରସ୍ତ। ତେଣୁ ବିଶ୍ୱସ୍ତରରେ ଅର୍ଥନୀତିକୁ ସୁଦୃଢ଼ କରିବା ସହ ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବାକୁ ପଡ଼ିବ। ସେ କହିଛନ୍ତି, ଏଥିପାଇଁ ଏହାର ପାଣ୍ଠିକୁ ଅଧିକ ଓଜନିଆ କରିବା ସହ ସଦସ୍ୟ ରାଷ୍ଟ୍ରଙ୍କ ଆବଶ୍ୟକତାକୁ ପୂରଣ କରିବା ଦିଗରେ କାର୍ଯ୍ୟ କରିବେ।



ବ୍ୟକ୍ତିତ୍ୱ

କ୍ରିଷ୍ଟାଲିନା ଜର୍ଜିଭା

କ୍ରିଷ୍ଟାଲିନା ବୁଲଗେରିଆର ସୋଫିଆଠାରେ ୧୩ ଅଗଷ୍ଟ ୧୯୫୩ରେ ଜନ୍ମଗ୍ରହଣ କରିଥିଲେ। ସିଭିଲ୍ ଇଞ୍ଜିନିୟରଙ୍କ କନ୍ୟା ଭାବେ ସେ ଖ୍ୟାତନାମ ଶିକ୍ଷାନୁଷ୍ଠାନରେ ପଢ଼ିବାର ସୁଯୋଗ ପାଇଥିଲେ। ସୋଫିଆସ୍ଥିତ କାର୍ଲ ମାର୍କ୍ସ ହାୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇକୋନମିକ୍ସରୁ ରାଜନୈତିକ ଅର୍ଥନୀତି (ପଲିଟିକାଲ ଇକୋନୋମି) ଓ ସମାଜବିଜ୍ଞାନ ବିଷୟରେ ପାଠ ପଢ଼ିଥିଲେ। ୧୯୭୬ରେ ଡିଗ୍ରୀ ଶେଷ କରିବା ପରେ ସେ ଲଣ୍ଡନ ସ୍କୁଲ ଅଫ୍ ଇକୋନମିକ୍ସ ଅଧ୍ୟୟନ କରି ବ୍ରିଟିଶ କାଉନ୍‌ସିଲ ସ୍କଲାର ଭାବେ ପରିଚିତ ହୋଇଥିଲେ। ପୁଞ୍ଜିବାଦ ଉପରେ ତାଙ୍କ ପରୀକ୍ଷାନିରୀକ୍ଷା ଗବେଷଣା ସନ୍ଦର୍ଭ ପ୍ରସ୍ତୁତିରେ ସହାୟକ ହୋଇଥିଲା। ନିଜର ପ୍ରତିଭା ବଳରେ କ୍ରିଷ୍ଟାଲିନା ବିଶ୍ୱ ବ୍ୟାଙ୍କ ଓ ୟୁରୋପୀୟ ସଂଘ (ଇୟୁ)ର ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିବାର ସୁଯୋଗ ପାଇଥିଲେ। ୧୯୯୩ରୁ ୨୦୧୦ ଯାଏ ବିଶ୍ୱବ୍ୟାଙ୍କ ଗ୍ରୁପ୍‌ରେ ଅନ୍ୟତମ ପ୍ରଭାବୀ ବ୍ୟକ୍ତି ହୋଇପାରିଥିବା କ୍ରିଷ୍ଟାଲିନା ୨୦୦୮ରେ ଏହାର ଭାଇସ୍ ପ୍ରେସିଡେଣ୍ଟ ଓ କର୍ପୋରେଟ୍ ସେକ୍ରେଟାରୀ ଭଳି ପଦବୀକୁ ଉନ୍ନୀତ ହୋଇଥିଲେ। ଏଥିସହିତ ସେ ବୁଲଗେରିଆସ୍ଥିତ ୟୁନିଭର୍ସିଟି ଅଫ୍ ନ୍ୟାଶନାଲ ଆଣ୍ଡ୍ ୱାର୍ଲଡ୍ ଇକୋନୋମିରେ ଅର୍ଥନୀତି ବିଭାଗର ଆସୋସିଏଟ୍ ପ୍ରଫେସର ଭାବେ ଅଧ୍ୟାପନା କରିଥିଲେ। ୨୭ ସେପ୍ଟେମ୍ବର ୨୦୧୬ରେ ବୁଲଗେରିଆ ସରକାର କ୍ରିଷ୍ଟାଲିନାଙ୍କୁ ଜାତିସଂଘର ମହାସଚିବ ଲାଗି ମନୋନୀତ କରିଥିଲା। ହେଲେ ତାହା ଫଳପ୍ରଦ ହୋଇ ନ ଥିଲା। ତେବେ ଭାଗ୍ୟ ତାଙ୍କ ପାଇଁ ଅନ୍ୟ ଏକ ଉତ୍ତମ ପଦବୀ ସାଇତି ରଖିଥିଲା। ଜାନୁୟାରୀ ୨୦୧୭ରେ ସେ ଇୟୁର ବଜେଟ ପ୍ରସ୍ତୁତିର କମିଶନର୍ ଦାୟିତ୍ୱ ଛାଡ଼ି ବିଶ୍ୱବ୍ୟାଙ୍କର ସିଇଓ ଭାବେ ଯୋଗ ଦେଇଥିଲେ। କେବଳ ସେତିକି ନୁହେଁ, ଅର୍ଥନୀତି ଉପରେ ପ୍ରଗାଢ଼ ଜ୍ଞାନ ଯୋଗୁ କ୍ରିଷ୍ଟାଲିନାଙ୍କ ପାଇଁ ଆଇଏମ୍‌ଏଫ୍ ତା'ର ନିୟମାବଳୀରେ ପରିବର୍ତ୍ତନ କରିଥିଲା। ଉଲ୍ଲେଖଯୋଗ୍ୟ ଯେ, ଆଇଏମ୍‌ଏଫ୍‌ର ମୁଖ୍ୟ ଜଣେ ୟୁରୋପୀୟ ରହିଆସିଛନ୍ତି ଓ ଏହାର ସର୍ବୋଚ୍ଚ ପଦବୀ ଲାଗି ଆବେଦନାକରୀଙ୍କ ବୟସସୀମା ୬୫ ରହିଥିଲା। ହେଲେ କ୍ରିଷ୍ଟାଲିନାଙ୍କ ନିମନ୍ତେ ଏଥିରେ ପରିବର୍ତ୍ତନ କରାଯାଇଥିଲା। ବିଶେଷକରି ଆଇଏମ୍‌ଏଫ୍ ଉପରେ ଫ୍ରାନ୍ସ ଚାପ ପକାଇଥିଲା। ଖ୍ରୀଷ୍ଟିନ ଲାଗାର୍ଡଙ୍କ ସ୍ଥାନରେ କ୍ରିଷ୍ଟାଲିନା ଆଇଏମ୍‌ଏଫ୍ ମୁଖ୍ୟ ପଦବୀରେ ବସିବାରେ ଏକ ବିକାଶୋନ୍ମୁଖୀ ଅର୍ଥନୀତିର ବ୍ୟକ୍ତି ହେବାକୁ ଯାଉଛନ୍ତି।

ଅର୍ଥନୀତି ସହ ରାଜନୀତିରେ ମଧ୍ୟ କ୍ରିଷ୍ଟାଲିନାଙ୍କ ପହୁଞ୍ଚ ରହିଆସିଛି। ୟୁରୋପୀୟ ସଂଘର କେତେକ ପଦବୀ ମଣ୍ଡନ ବେଳେ ନିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିର ସେ ଅଂଶବିଶେଷ ପାଲଟିଥିଲେ। ଆଇଏମ୍‌ଏଫ୍ ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଅର୍ଥନୈତିକ ବୈଷମ୍ୟ, ଜଳବାୟୁ ସଂକ୍ରାନ୍ତ ବିପଦ ସହ ଦ୍ରୁତ ବୈଷୟିକ ପରିବର୍ତ୍ତନକୁ ଆଖିଆଗରେ ରଖି ତାଙ୍କୁ ବିଭିନ୍ନ ନିଷ୍ପତ୍ତି ନେବାକୁ ପଡ଼ିବ ବୋଲି ସେ କହିଛନ୍ତି। ବ୍ୟକ୍ତିଗତ ଜୀବନ କହିଲେ ସ୍ୱାମୀ କିନୋ କିନୋଭ ଓ ଏକ ସନ୍ତାନକୁ ନେଇ କ୍ରିଷ୍ଟାଲିନାଙ୍କ ସଂସାର।

**–ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ଜଣେ ସାଧାରଣ ରିକ୍ସାଚାଳକ ଅବହେଳିତ, ଗରିବ ଏବଂ ଅନାଥ ପିଲାଙ୍କ ଜୀବନ ଗଢିବାରେ ସବୁ ଉତ୍ସର୍ଗ କରିଦେବା କିଛି କମ୍ କଥା ନୁହେଁ। ଦୃଢ଼ ସଙ୍କଳ୍ପ ଓ ଉତ୍ସର୍ଗୀକୃତ ମନୋଭାବ ନେଇ ଏଭଳି କାର୍ଯ୍ୟ କରୁଛନ୍ତି ପଶ୍ଚିମବଙ୍ଗ ସିଲିଗୁଡ଼ିନିବାସୀ ଶିବ କଟ୍‌ୱାଲ। ସେ ଇ–ରିକ୍ସା ଚଲାଇ ୧୯ ବର୍ଷ ହେବ ଶିକ୍ଷାରୁ ବଞ୍ଚିତ ପିଲାମାନଙ୍କୁ ମାଗଣାରେ ଶିକ୍ଷାଦାନ କରୁଛନ୍ତି। ସାକ୍ଷରତା ଅଭିଯାନରେ ତାଙ୍କ ଭୂମିକା ମଧ୍ୟ ଉଲ୍ଲେଖନୀୟ। ତାଙ୍କୁ ଲୋକମାନେ ଲେକ ବାହାଦୁର ନାମରେ ବି ଜାଣନ୍ତି। ପିଲାମାନେ ବି ତାଙ୍କୁ ମାଷ୍ଟରଜୀ ବୋଲି ସମ୍ବୋଧନ କରନ୍ତି। କଟ୍‌ୱାଲ ୯ମ ଯାଏ ପଢିଛନ୍ତି। ପରିବାରର ସ୍ଥିତି ଭଲ ନ ଥିବାରୁ ସେ ପାଠପଢା ଛାଡିଦେଇ ଚାକିରି ପାଇଁ ବେଙ୍ଗାଲୁରୁ ଯାଇଥିଲେ। ସେଠାରେ ଏକ ହୋଟେଲରେ ପରିବା କାଟିବା ଏବଂ ବାସନ ମାଜିବା କାର୍ଯ୍ୟ କରୁଥିଲେ। ବେଙ୍ଗାଲୁରୁରେ ନିର୍ଯାତନାର ଶିକାର ହେବାପରେ ସେଠାରୁ ଫେରିବା ସମୟରେ ଏକ ଚା' ବଗିଚା ପାଖରେ ସେ ଚାରିପାଞ୍ଚ ଜଣ ଗରିବ ପିଲା ବୁଲୁଥିବା ଦେଖିବାକୁ ପାଇଥିଲେ। ଏମାନେ ବଡ଼ ହେଲେ ତାଙ୍କ ଭଳି ଦୁର୍ଦ୍ଦଶା ଯେମିତି ନ ଭୋଗିବେ ଓ ଭଲ ଶିକ୍ଷା ପାଇବେ, ଏହି ସଙ୍କଳ୍ପ ନେଇ ସେ ୨୦୦୦ ମସିହାରେ ଏକ କ୍ଲବ୍ ଘରେ ୭ ଜଣ ପିଲାଙ୍କୁ ଶିକ୍ଷାଦାନ ଆରମ୍ଭ କରିଥିଲେ। ପରେ ସେହି ପାଠଶାଳାର ନାମ 'ଖୁସି ପାଠଶାଳା' ରଖିଥିଲେ। ଏବେ କଟ୍‌ୱାଲ ସେଠାରେ ଅଷ୍ଟମ ଶ୍ରେଣୀ ଯାଏ ପିଲାଙ୍କୁ ପଢାଉଛନ୍ତି। ରିକ୍ସା ଚଲାଇ ପିଲାମାନଙ୍କ ଶିକ୍ଷା ପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ କରୁଛନ୍ତି। ସରକାରୀ କିମ୍ବା ବେସରକାରୀ ସ୍ତରରୁ କିଛି ବି ସାହାଯ୍ୟ ପାଇନାହାନ୍ତି। ଏବେ ତାଙ୍କ ପାଠଶାଳାରେ ୩୭ ଜଣ ପିଲା ପଢୁଛନ୍ତି। କେବଳ ଶିକ୍ଷା ନୁହେଁ, ସମର କଳା, ଜୁଡୋ, କରାଟେ ବି ଶିକ୍ଷା ଦିଆଯାଉଛି ଏହି ପାଠଶାଳାରେ। ଗରିବ ପିଲାମାନଙ୍କୁ ଶିକ୍ଷା ସହ ବ୍ୟକ୍ତିତ୍ୱ ଓ ଆଚରଣ ସମ୍ବନ୍ଧୀୟ ଶିକ୍ଷା ମଧ୍ୟ ଦେଉଛନ୍ତି। ସମାଜର ଦୁଃଖକୁ ଅନୁଭବ କରିବା ପାଇଁ ପ୍ରତି ବର୍ଷ ପିଲାମାନଙ୍କୁ ବୃଦ୍ଧାଶ୍ରମ ଓ ଅନାଥାଶ୍ରମକୁ ବୁଲାଇବାକୁ ନେଉଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ର୍‍ୟାଗିଂ ପାଇଁ ଅନୁଷ୍ଠାନର କର୍ତ୍ତୃପକ୍ଷ ଦାୟୀ ରୁହନ୍ତୁ

ମହାଶୟ,

ବରିଷ୍ଠ ଛାତ୍ରମାନେ କନିଷ୍ଠ ନବାଗତ ଛାତ୍ରମାନଙ୍କୁ ସ୍ନେହଶ୍ରଦ୍ଧା ଦେଇ ସ୍ୱାଗତ କରିବା ପରିବର୍ତ୍ତେ ସେମାନଙ୍କ ପ୍ରତି ଅସଭ୍ୟ, ଅମାନୁଷିକ ବ୍ୟବହାର ପ୍ରଦର୍ଶନ କରିବା କେତେଦୂର ନ୍ୟାୟସଙ୍ଗତ? କ୍ୟାମ୍ପସ ଭିତରେ ଓ ହଷ୍ଟେଲରେ ର୍‍ୟାଗିଂ ହେଉଥିବା ଖବର କର୍ତ୍ତୃପକ୍ଷ କିପରି ଜାଣିପାରୁନାହାନ୍ତି। ନା ଜାଣି ଅଜଣା ଭଳି ଅଭିନୟ କରୁଛନ୍ତି। ନା ନିଜେ ର୍‍ୟାଗିଂର ଶିକାର ହୋଇପାରନ୍ତି ବୋଲି ଭୟ କରୁଛନ୍ତି? ଆଇନଗତ କଡା କଟକଣା ଥିବା ସତ୍ତ୍ୱେ ଛାତ୍ରମାନେ କାହିଁକି କର୍ତ୍ତୃପକ୍ଷଙ୍କୁ ଅବଜ୍ଞା କରୁଛନ୍ତି। ମାତ୍ର ଦୁଇ ହଜାର ଟଙ୍କା ଜରିମାନା କିମ୍ବା ଗୋଟିଏ ବର୍ଷ ପାଇଁ ପରୀକ୍ଷା ବାତିଲ କରିଦେଲେ ର୍‍ୟାଗିଂ କ'ଣ ନିୟନ୍ତ୍ରଣ ହୋଇପାରିବ? ନିର୍ଯାତିତ ହେଉଥିବା ଛାତ୍ର ଯଥାଶୀଘ୍ର କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିବା ସହ ଥାନାରେ ଅଭିଯୋଗ କରନ୍ତୁ ଏବଂ ଏହାକୁ ସାହସର ସହିତ ସାମ୍ନା କରିବା ଶିଖନ୍ତୁ। ର୍‍ୟାଗିଂ କରୁଥିବା ଛାତ୍ର ଭବିଷ୍ୟତରେ ଯେ ଜଣେ ମାଓବାଦୀ କିମ୍ବା ଆତଙ୍କବାଦୀ ନ ହେବ ସେ କଥା କିଏ କହିବ? ଏମାନେ ଛାତ୍ର ନୁହନ୍ତି ଅପରାଧୀ ଏବଂ ଏମାନଙ୍କୁ ଅପରାଧୀଙ୍କ ପରି କଠୋର ଦଣ୍ଡ ଦିଆଯିବା ଉଚିତ।

ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

### ଶ୍ରାଦ୍ଧ ଓ ମୂର୍ତ୍ତିପୂଜା

ଶ୍ରାଦ୍ଧ ଓ ମୂର୍ତ୍ତିପୂଜା ବେଦରେ ଲେଖା ନାହିଁ। ସମାଜ ସଂସ୍କାରକ ସ୍ୱାମୀ ଦୟାନନ୍ଦ ବେଦ ଆଧାରିତ କର୍ମ ମଧ୍ୟରେ ମୂର୍ତ୍ତିପୂଜା, ଶ୍ରାଦ୍ଧକର୍ମ, ଜନ୍ମଗତ ଜାତିଭେଦ, ନାରୀ ପ୍ରତି ଅସମ୍ମାନ, ବାଲ୍ୟବିବାହ ଆଦିକୁ ଗ୍ରହଣ କରିନାହାନ୍ତି। ସମ୍ପ୍ରଦାୟବାଦୀମାନେ ବ୍ୟାସଦେବଙ୍କ ନାମରେ ଅନେକ ପୁରାଣ ରଚନା କରିଛନ୍ତି। ସତ୍‌ସଙ୍ଗ, ସ୍ୱାଧ୍ୟାୟ ଓ ପରୋପକାରକୁ ତୀର୍ଥ ବୋଲି ନ ବୁଝି ନଦୀସ୍ନାନ, ମୃତ୍ୟୁ ପରେ ଶୁଦ୍ଧି କର୍ମ, ପିଣ୍ଡଦାନ ଆଦିକୁ ବେଦ ଆଧାରିତ କର୍ମ ବୋଲି ମାନୁଛନ୍ତି।

ବାବାଜୀ ଚରଣ ସେଠୀ, ପ୍ରାକ୍ତନ ଅଧକ୍ଷ, ଭୁବନେଶ୍ୱର–୨

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପାଶେ ଆସି ତା'ର ପୁଛିଲଇଁ ପରିଚୟ,
ନିରେଖି ସେ ମୁଖ ଉପୁଜିଲା ଘୋର ଭୟ–
ଦଶନବିହୀନ ଅଧରେ ଉଠିଲା ହସି
କପୋଳୁଁ ରକତ ଶୁଖିଛି, ରହିଛି ମସୀ!
ପଉଷ–ଶୀତଳ କର୍କଶ କରେ ଛୁଇଁ
ମୋ ଦେହ, କହିଲା,– ଜୀବନ! ଜୀବନ ମୁହିଁ!
କାହିଁକି ଜୀବନ–ପୁଛିଲି, ଏ ଧରାତଳେ?
ଚଉଦିଶେ ଏ ଯେ ମୃତ୍ୟୁର ଚିତା ଜଳେ!

(ଜୀବନର ସ୍ୱର୍ଗ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

### ୨୯ ସେପ୍ଟେମ୍ବର ୧୯୯୪

- ଫିନ୍‌ଲାଣ୍ଡର ଦକ୍ଷିଣ–ପଶ୍ଚିମ ଉପକୂଳରେ ଏକ ଜାହାଜ ଦୁର୍ଘଟଣାଗ୍ରସ୍ତ ହେବାରୁ ୮୦୦ ଜଣଙ୍କ ମୃତ୍ୟୁ।
- ଓମାନରୁ ଭାରତକୁ ଗ୍ୟାସ୍ ଚାଲାଣ ପାଇଁ ଗଭୀର ସମୁଦ୍ରରେ ପାଇପଲାଇନ ବିଛାଇବା ସକାଶେ ଭାରତ–ଓମାନ ମଧ୍ୟରେ ଏକ ବ୍ୟୟବହୁଳ ରାଜିନାମା ସ୍ୱାକ୍ଷରିତ।
- ବଲ୍ଲଭ ଦାସ ଆଜୋନ ମୋହତାଙ୍କ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଶପଥ ଗ୍ରହଣ।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 5 | | | E | | | | | | | 1 | | 2 | |
| 4 | | | | | | | | 7 | | | 3 | | 6 | |
| | | 7 | | | | | | 9 | 8 | 0 | | E | | |
| | | | | 0 | | | A | | 6 | D | | | 5 | B |
| | | 9 | C | | D | 1 | 4 | | | | | 3 | | |
| | | | | | B | | 9 | E | 0 | | | 6 | | |
| | | | | 2 | | | | 5 | | 6 | | | | |
| | 0 | 8 | | | | | | | | | | 1 | 7 | |
| A | | 2 | | 7 | | | | 1 | 5 | 9 | | | | |
| E | 7 | 1 | | | | | B | | 2 | 3 | D | 9 | | |
| | | E | B | 9 | | | | A | | | 0 | | C | |
| | 1 | | 4 | | | | 3 | | | C | 9 | | 8 | |
| | 9 | | | 1 | | | 2 | B | 3 | E | A | D | 0 | |
| | 3 | | | | | 4 | | | B | 8 | | | | E |
| | 4 | 6 | 5 | | | | C | | | 2 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | B | 8 | C | 3 | 9 | D | 5 | 6 | 1 | A | 0 | 7 | 4 | 2 |
| 3 | 9 | 2 | E | 0 | 5 | A | 4 | B | C | 7 | 8 | D | 1 | 6 |
| 0 | 7 | 1 | 4 | 2 | B | 8 | 3 | C | 9 | 6 | D | E | 5 | A |
| C | 4 | D | A | 6 | 8 | 7 | 2 | 1 | B | E | 5 | 3 | 0 | 9 |
| A | 6 | 5 | 1 | D | 7 | 9 | E | 0 | 2 | 4 | 3 | 8 | C | B |
| 5 | 1 | 3 | 2 | A | C | E | D | 4 | 0 | 8 | 6 | B | 9 | 7 |
| 7 | 0 | 4 | 3 | 5 | D | 6 | B | 8 | A | C | 9 | 1 | 2 | E |
| 9 | A | 6 | 8 | B | E | C | 7 | 3 | 5 | 2 | 1 | 4 | D | 0 |
| 2 | D | C | 7 | 9 | 0 | 5 | 1 | A | E | B | 4 | 6 | 3 | 8 |
| 8 | E | B | 6 | 1 | 4 | 0 | 9 | 2 | D | 3 | 7 | 5 | A | C |
| 1 | 3 | 9 | 0 | 4 | A | 2 | 8 | E | 6 | D | B | C | 7 | 5 |
| 6 | C | E | 5 | 8 | 3 | 4 | 0 | 9 | 7 | 1 | 2 | A | B | D |
| B | 8 | 7 | D | C | 2 | 3 | A | 5 | 4 | 9 | E | 0 | 6 | 1 |
| D | 2 | 0 | B | E | 6 | 1 | C | 7 | 3 | 5 | A | 9 | 8 | 4 |
| 4 | 5 | A | 9 | 7 | 1 | B | 6 | D | 8 | 0 | C | 2 | E | 3 |

ଗତକାଲିର ଉତ୍ତର



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
- ଠାକୁର ଅନୁକୂଳଚନ୍ଦ୍ର



## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ବିଜୟ



ଦୀପକ



ପିଣ୍ଟୁ



ସାନନ୍ଦ



ଆଶିଷ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# ବ୍ୟାଣ୍ଡ ପିନ୍ଧିବେ ଆର୍‌ଟିଓ କର୍ମଚାରୀ

ଭୁବନେଶ୍ୱର,୨୮।୯(ବ୍ୟୁରୋ)

ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ)ଗୁଡିକୁ ମଧ୍ୟସ୍ଥ ମୁକ୍ତ କରିବାକୁ ରାଜ୍ୟ ପରିବହନ ବିଭାଗ ପଦକ୍ଷେପ ନେବା ଆରମ୍ଭ କରଛି। ଆରଟିଓଗୁଡ଼ିକୁ ମଧ୍ୟସ୍ଥମାନେ ନିଜ କବ୍‌ଜାରେ ରଖିବା ସହ ସାଧାରଣ ଲୋକଙ୍କୁ ହଇରାଣ କରୁଛନ୍ତି। ଏଥିରେ ଆର୍‌ଟିଓ, ଏମ୍‌ଭିଆଇ ଓ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀମାନଙ୍କ ମଧ୍ୟ ପରୋକ୍ଷ ପ୍ରୋତ୍ସାହନ ରହୁଛି। ରାଜ୍ୟର ସମସ୍ତ ଆର୍‌ଟିଓ କାର୍ଯ୍ୟାଳୟକୁ ଲୋକାଭିମୁଖୀ ଏବଂ ମଧ୍ୟସ୍ଥ ମୁକ୍ତ କରିବାକୁ ରାଜ୍ୟ ପରିବହନ କମିଶନର ସଞ୍ଜୀବ ପଣ୍ଡା ଶନିବାର ସମସ୍ତ ଆର୍‌ଟିଓଙ୍କୁ ଚିଠି ଲେଖି ଜଣାଇଛନ୍ତି। ଯଦି କୌଣସି ମଧ୍ୟସ୍ଥ ଆର୍‌ଟିଓ କାର୍ଯ୍ୟାଳୟ ପରିସରରେ ପ୍ରବେଶ କରିବେ ତେବେ ତାଙ୍କ ବିରୋଧରେ ଆଇପିସି ଦଫା ୧୮୮ ଅନୁଯାୟୀ ନିକଟସ୍ଥ ଥାନାରେ ଏଫ୍‌ଆଇଆର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏପରି କି କାର୍ଯ୍ୟାଳୟ ବାହାରେ ଯଦି କୌଣସି ବ୍ୟକ୍ତି ମଧ୍ୟସ୍ଥ କାର୍ଯ୍ୟରେ ଲିପ୍ତ ରୁହନ୍ତି ତେବେ ତୁରନ୍ତ ନିକଟସ୍ଥ ଥାନାକୁ ଜଣାଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର। କୌଣସି ମଧ୍ୟସ୍ଥ କାର୍ଯ୍ୟାଳୟ କିମ୍ବା ଯାନବାହନ ପରୀକ୍ଷା କେନ୍ଦ୍ରକୁ ଯେପରି ପ୍ରବେଶ ନ କରିବେ ସେ ନେଇ ବିଜ୍ଞାପନ ପ୍ରକାଶ କରିବାକୁ କୁହାଯାଇଛି। ଆରଟିଓ କାର୍ଯ୍ୟାଳୟ ନିକଟରେ କୌଣସି ଅସ୍ଥାୟୀ କୁଡ଼ିଆ କିମ୍ବା ଟେଣ୍ଟ ଯେପରି ନ ରହିବ ସେ ଦିଗରେ ପଦକ୍ଷେପ ନେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ସରକାରୀ କର୍ମଚାରୀ, ଘରୋଇ ସଂସ୍ଥା (ଆଉଟ୍ ସୋର୍ସ) ଏବଂ ଲାଇସେନ୍ସ ଦେବା କାର୍ଯ୍ୟରେ ନିୟୋଜିତ ଥିବା ସ୍ମାର୍ଟ ଚିପ୍ ଲିମିଟେଡର କର୍ମଚାରୀମାନେ ଯେପରି କୋଣସି ମଧ୍ୟସ୍ଥ ସହିତ କାରବାର ନ କରିବେ ସେ ନେଇ ଏକ ନିର୍ଦ୍ଦେଶନାମା ଜାରି କରିବାକୁ କୁହାଯାଇଛି। ପ୍ରତ୍ୟେକ କର୍ମଚାରୀଙ୍କୁ ଚିହ୍ନଟ କରିବାକୁ ପରିଚୟ ପତ୍ର ଇସ୍ୟୁ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ କର୍ମଚାରୀମାନେ ନୀଳ (ବ୍ଲୁ) ରଙ୍ଗର ବ୍ୟାଣ୍ଡ ପିନ୍ଧିବେ। ସେହିପରି ଘରୋଇ ସଂସ୍ଥା ଦ୍ୱାରା ନିଯୁକ୍ତ ଅସ୍ଥାୟୀ କର୍ମଚାରୀମାନେ ସବୁଜ(ଗ୍ରୀନ୍) ଓ ସ୍ମାର୍ଟ ଚିପ୍ କର୍ମଚାରୀମାନେ ହଳଦିଆ(ଏଲୋ) ରଙ୍ଗର ବ୍ୟାଣ୍ଡ ପିନ୍ଧିବାକୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ କର୍ମଚାରୀଙ୍କୁ ପରିଚୟ ପତ୍ର ଲୋକଙ୍କୁ ଦେଖାଗଲା ଭଳି ଝୁଲାଇବାକୁ ପଡ଼ିବ। ଆରଟିଓ ଦ୍ୱାରା ଲୋକମାନଙ୍କୁ ଯୋଗାଇ ଦିଆଯାଉଥିବା ସେବା ଓ ମୂଲ୍ୟ ବିଷୟରେ କାନ୍ଥରେ ଲେଖିବା ସହ ବଡ଼ ବଡ଼ ବୋର୍ଡ ଲଗାଇବାକୁ ପରାମର୍ଶ ଦିଆଯାଇଛି। ଏହାଛଡା ଇ-କିୟୋସ୍କ ସ୍ଥାପନ କରିବାକୁ କୁହାଯାଇଛି। ଏହି କାର୍ଯ୍ୟପାଇଁ ଲୋକମାନଙ୍କୁ ସହାୟତା କରିବାକୁ ଛାତ୍ର ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି କୌଣସି ମଧ୍ୟସ୍ଥ ବିଶୃଙ୍ଖଳା ସୃଷ୍ଟି କରିବାକୁ ଚେଷ୍ଟା କରିବେ ଏସ୍‌ପିଙ୍କୁ ଜଣାଇ ସେଠାରେ ପୋଲିସ ମୁତୟନ କରାଯିବ। ମଧ୍ୟସ୍ଥ ଜରିଆରେ ନ ଆସି ସରକାରୀ କାର୍ଯ୍ୟାଳୟରେ ସିଧା ସଳଖ ନିଜର ସମସ୍ତ କାର୍ଯ୍ୟ କରିବାକୁ ସଚେତନତା ସୃଷ୍ଟି କରିବା ଲାଗି ପଦକ୍ଷେପ ନେବାକୁ ଚିଠିରେ ଜଣାଇ ଦିଆଯାଇଛି। ଲୋକମାନେ ମଧ୍ୟସ୍ଥଙ୍କ ବିଷୟରେ ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଏ)ଙ୍କ ଟୁଇଟର ହ୍ୟାଣ୍ଡଲ STAodisha, ଫେସ୍‌ବୁକ ପେଜ 'ଷ୍ଟେଟ୍ ଟ୍ରାନ୍ସପୋର୍ଟ ଅଥରିଟି ଓଡ଼ିଶା ଏବଂ ହେଲ୍‌ପ ଡେସ୍କ ନଂ ୧୮୦୦୩୪୫୧୦୭୩ରେ ଜଣାଇ ପାରିବେ।

### ଆରଟିଓଙ୍କୁ ପରିବହନ କମିଶନରଙ୍କ ନିର୍ଦ୍ଦେଶ



- କାର୍ଯ୍ୟାଳୟକୁ ମଧ୍ୟସ୍ଥ ମୁକ୍ତ କର
- ସରକାରୀ କର୍ମଚାରୀ ପିନ୍ଧିବେ ନୀଳ ବ୍ୟାଣ୍ଡ
- ଆଉଟ୍ ସୋର୍ସ କର୍ମଚାରୀ ସବୁଜ
- ସ୍ମାର୍ଟ ଚିପ୍ କର୍ମଚାରୀ ହଳଦିଆ

## ମଧ୍ୟସ୍ଥଙ୍କ ସହ ସମ୍ପର୍କ ଥିବା ଅଧିକାରୀ ଚାକିରିରୁ ବିଦା ହେବେ

ଭୁବନେଶ୍ୱର,୨୮।୯(ବ୍ୟୁରୋ)

ରାଜ୍ୟର ବିଭିନ୍ନ ପରିବହନ କାର୍ଯ୍ୟାଳୟ(ଆର୍‌ଟିଓ)ରେ ଥିବା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ହେବ କଡ଼ା କାର୍ଯ୍ୟାନୁଷ୍ଠାନ। ମଧ୍ୟସ୍ଥଙ୍କ ସହ କେଉଁ ଅଧିକାରୀ ସମ୍ପୃକ୍ତ ଅଛନ୍ତି ତାହା ଖୁବ୍‌ଶୀଘ୍ର ଜଣାପଡ଼ିବ। ଯେଉଁ ମଧ୍ୟସ୍ଥମାନଙ୍କୁ ଗିରଫ କରାଯାଇଛି ସେମାନଙ୍କ ଜରିଆରେ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଚିହ୍ନଟ କରାଯିବ ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଶନିବାର କହିଛନ୍ତି। ଗଣମାଧ୍ୟକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି ଯେ, ମଧ୍ୟସ୍ଥଙ୍କ ସହ ଯେଉଁ କର୍ମଚାରୀମାନଙ୍କ ସମ୍ପର୍କ ରହିଛି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଚାକିରିରୁ ମଧ୍ୟ ବିଦା କରାଯିବ। ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ବଦଳି କରିବାକୁ ତାଲିକା ପ୍ରସ୍ତୁତ କରାଯାଉଛି। ଆସନ୍ତା ଅକ୍ଟୋବରରେ ଏହି ପ୍ରକ୍ରିୟା ଆରମ୍ଭ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । କାଗଜପତ୍ର ପ୍ରସ୍ତୁତ କରିବାକୁ ଲୋକମାନଙ୍କୁ ଆସନ୍ତା ଡିସେମ୍ବର ୩୧ ଯାଏ ସମୟ ଦିଆଯାଇଛି। ଏହି ସମୟରେ କଡ଼ାକଡ଼ି ଯାଞ୍ଚ ହେବ ନାହିଁ। ତେବେ ମଦ୍ୟପାନ କରି ଗାଡି ଚଳାଉଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଅଭିଯୋଗ ଶୁଣିବାକୁ ଟୋଲ ଫ୍ରି ନମ୍ବର ବ୍ୟବସ୍ଥା



ଜିଲାପାଳ ଶୁଭମ୍ ସକ୍‌ସେନା ଟ୍ରୋଲ ଫ୍ରି ବ୍ୟବସ୍ଥା ସଂକ୍ରାନ୍ତରେ ସୂଚନା ଦେଉଛନ୍ତି ।

ସମ୍ବଲପୁର,୨୮।୯(ବ୍ୟୁରୋ)

- ସମ୍ବଲପୁର ଜିଲା ପ୍ରଶାସନର ନୂଆ ପଦକ୍ଷେପ
- ବିଳମ୍ବ ହେଲେ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ
- ମିଛ ଅଭିଯୋଗ ନ କରିବାକୁ ଅନୁରୋଧ

ସମ୍ବଲପୁର ଜିଲା ପ୍ରଶାସନ ଜନସାଧାରଣଙ୍କ ଅଭିଯୋଗ ଶୁଣିବା ପାଇଁ ଏକ ଟ୍ରୋଲ ଫ୍ରି ନମ୍ବର ଶନିବାର ଜାରି କରିଛି। ଏହାଦ୍ୱାରା ଲୋକେ ବ୍ୟକ୍ତିଗତ ହେଉ କି ଗୋଷ୍ଠୀଗତ ଅଭିଯୋଗ ପାଇଁ ବ୍ଲକ୍, ଜିଲା ପ୍ରଶାସନ ପାଖକୁ ଧାଇଁବାରୁ ମୁକ୍ତି ପାଇବେ। ଲୋକଙ୍କ ସମୟ ନଷ୍ଟ ହେବନି। ଖର୍ଚ୍ଚାନ୍ତ ମଧ ହେବାକୁ ପଡିବନି। ଦିନକୁ ଦିନ ବୈଷୟିକ ଜ୍ଞାନକୌଶଳର ଦ୍ରୁତ ପ୍ରୟୋଗ ହେଉଛି। ଏଣୁ ଜିଲା ପ୍ରଶାସନ ଲୋକଙ୍କ ସୁବିଧା ପାଇଁ ଏଭଳି ନୂଆ ପଦକ୍ଷେପ ନେଇଛି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ଶୁଭମ୍ ସକ୍‌ସେନା ଶନିବାର ଏହି ବ୍ୟବସ୍ଥାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଜିଲାପାଳ ସକ୍‌ସେନା କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ୫-ଟି ନିର୍ଦ୍ଦେଶକୁ ପାଳନ କରି ଟୋଲ ଫ୍ରି ନମ୍ବର ୧୮୦୦୩୪୫୬୭୨୩ ଜାରି କରାଯାଇଛି । ଏହି ନମ୍ବରକୁ କଲ୍ କରି ଜିଲାର ଯେକୌଣସି ସ୍ଥାନରୁ ଯେକେହି ଅଭିଯୋଗ କରିପାରିବେ। ବ୍ୟକ୍ତିଗତ ହେଉ କି ଗୋଷ୍ଠୀଗତ ଅଭିଯୋଗ ଫୋନ୍ ମାଧ୍ୟମରେ ଅଭିଯୋଗ କରିହେବ। ଏଥିରେ ଅଭିଯୋଗକାରୀଙ୍କୁ ସେମାନଙ୍କ ନାମ ଓ ଠିକଣା ଦେବାକୁ ପଡିବ । ଏହା ରେଜିଷ୍ଟ୍ରେଶନ କରାଯିବ। ରେଜିଷ୍ଟ୍ରେଶନ ହେବା ପରେ ଅଭିଯୋଗକାରୀଙ୍କ ପାଖକୁ ଏକ ମେସେଜ ଯିବ । କେଉଁ ବିଭାଗ ଓ କେଉଁ ଅଧିକାରୀ ତାଙ୍କ ଅଭିଯୋଗ ଉପରେ ସମାଧାନ କରିବେ ସେ ଦିଗରେ ସୂଚନା ମଧ ଦିଆଯିବ। ସୂଚନା ଦିଆଯିବା ସମୟରେ ଅଭିଯୋଗ ସମାଧାନ କରାଯିବାକୁ ଚେଷ୍ଟା କରାଯିବ । ଯଦି ବିଳମ୍ବ ହୁଏ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଜନସାଧାରଣ ମିଛ ଅଭିଯୋଗ ନ କରିବାକୁ ଜିଲାପାଳ ଅନୁରୋଧ କରଛନ୍ତି। ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡା, ଡିଆରଡିଏ ପିଡି ସୁକାନ୍ତ ତ୍ରିପାଠୀ, ଉପଜିଲାପାଳ ଅନିରୁଦ୍ଧ ପ୍ରଧାନ, ଜରୁରିକାଳୀନ ଅଧିକାରୀ ଶୁଭସ୍ମିତା ମିଶ୍ରଙ୍କ ସମେତ ଅନ୍ୟ ବିଭାଗର ଅଧିକାରୀମାନେ ଏହି ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ।

- ଯୁବକ ନିଖୋଜ ଘଟଣାର ଭିନ୍ନ ମୋଡ଼

# ମହିଳାଙ୍କୁ ଅସଦାଚରଣ କରିବାରୁ ହତ୍ୟା

**ଦମ୍ପତିଙ୍କ ସମେତ ୩ ଗିରଫ**

ବୌଦ୍ଧ, ୨୮।୯(ସ୍ୱ.ପ୍ର): ବୌଦ୍ଧ ଜିଲା ହରଭଙ୍ଗା ଥାନା ଅଧୀନ ସାମ୍ଭୋଚ ପଞ୍ଚାୟତ ଘୋରଡା ଗ୍ରାମର ଯୁବକ ରଞ୍ଜିତ ଦୀପଙ୍କ ନିଖୋଜ ମାମଲା ଭିନ୍ନମୋଡ ନେଇଛି । ରଞ୍ଜିତଙ୍କୁ ହତ୍ୟା କରାଯାଇଛି। ଏହି ଘଟଣାରେ ପୋଲିସ ଦମ୍ପତିଙ୍କ ସହ ୩ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ପ୍ରକାଶ ସେଠୀ(୩୫), ତାଙ୍କ ସ୍ତ୍ରୀ ସେବତୀ ସେଠୀ ଓ ବନ୍ଧୁ ପ୍ରକାଶ ମହାକୁଡ(୩୦) । ସମସ୍ତ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ପୋଲିସ ସୂଚନା ଅନୁସାରେ, ଗତ ୨୪ ତାରିଖରେ ରଞ୍ଜିତ ଧାନ ବିଲକୁ ଯାଉଥିବା କହି ଘରୁ ବାହାରି ଥିଲେ। ହେଲେ ରାତିରେ ଆଉ ଫେରି ନ ଥିଲେ। ପରଦିନ ରଞ୍ଜିତଙ୍କ ସ୍ତ୍ରୀ ରୀନା ଦୀପ ବୌଦ୍ଧ ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ଚାଲିଥିବା ବେଳେ ଗତ ୨୭ ତାରିଖରେ ପୁଣି ରିନା ବୌଦ୍ଧ ଥାନାକୁ ଆସି ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ପୋଲିସ ଗ୍ରାମର ତାଳବନ୍ଧ ଅମରିବୁଦା ମୂଳରୁ ରଞ୍ଜିତଙ୍କ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ଡାକ୍ତରଖାନାକୁ ପଠାଇଥିଲା। ଏହି ଘଟଣାର ତଦନ୍ତ କରି ପୋଲିସ ସନ୍ଦେହରେ ଉକ୍ତ ଗ୍ରାମର ପ୍ରକାଶ ସେଠୀ, ତାଙ୍କ ସ୍ତ୍ରୀ ସେବତୀ ସେଠୀ ଓ ବନ୍ଧୁ ପ୍ରକାଶ ମହାକୁଡଙ୍କୁ ଅଟକ ରଖି ପଚରାଉଚୁରା କରିଥିଲା। ଜେରା ବେଳେ ସେମାନେ ରଞ୍ଜିତଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିବା ବୌଦ୍ଧ ଥାନା ଅଧିକାରୀ ତପସ୍ୱିନୀ କହଁର କହିଛନ୍ତି । ଥାନା ଅଧିକାରୀ କହଁର ଆହୁରି କହିଛନ୍ତି, ଗତ ୨୪ ତାରିଖରେ ସେବତୀ ନିଜର ୮ ବର୍ଷର ପୁଅ ଓ ୨ ମାସର ଝିଅ ସହ ଘରେ ଥିଲେ । ପ୍ରକାଶଙ୍କ ଅନୁପସ୍ଥିତିର ସୁଯୋଗ ନେଇ ରଞ୍ଜିତ ତାଙ୍କ ଘରକୁ ଜୋର ଜବରଦସ୍ତ ପଶି ଅସଦାଚରଣ କରିବାକୁ ଉଦ୍ୟମ କରିଥିଲେ । ଏହି ସମୟରେ ପ୍ରକାଶ ଘରେ ପହଞ୍ଚି ଏକ ଠେଙ୍ଗାରେ ରଞ୍ଜିତଙ୍କ ମୁଣ୍ଡ ପଛପଟକୁ ପିଟି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଏହି ଘଟଣାକୁ ଚପାଇ ଦେବା ପାଇଁ ପ୍ରକାଶ ସେଠୀ ନିଜ ବନ୍ଧୁ ଚପାମାଳି ଗ୍ରାମର ପ୍ରକାଶ ମହାକୁଡ (୩୦)ଙ୍କୁ ଡକାଇ ରାତାରାତି ରଞ୍ଜିତଙ୍କ ମୃତଦେହ ନେଇ ତାଳବନ୍ଧ ଅମରିବୁଦାରେ ଫିଙ୍ଗି ଦେଇଥିଲେ ବୋଲି ଥାନା ଅଧିକାରୀ କହଁର କହିଛନ୍ତି। ଏ ନେଇ ବୌଦ୍ଧ ଥାନାରେ ଏକ ହତ୍ୟା ମାମଲା (ନଂ. ୨୩୬/୧୯) ରୁଜୁ କରାଯାଇଛି।

## ଆଜି କ'ଣ କେଉଁଠି

**ଲୋଇସିଂହା**

- ମାରୱାଡି ସମ୍ମେଳନ ପକ୍ଷରୁ ଅଗ୍ରସେନ ଜୟନ୍ତୀ, ଅଗ୍ରସେନ ଭବନ, ପୂର୍ବାହ୍ନ ୮ଟା। ମାହେଶ୍ୱରୀ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧନା ସଭା, ଲୋଇସିଂହା କଲ୍ୟାଣ ମଣ୍ଡପ, ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**

- ନିଃଶୁଳ୍କ ହୃଦ୍ ପରୀକ୍ଷା ଶିବିର, ଫାର୍ମରୋଡ ସଞ୍ଜୀବନୀ ଡାକ୍ତରଖାନା, ପୂର୍ବାହ୍ନ ୧୦ଟା ।
- ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ଆଦିତ୍ୟ ବିର୍ଲା ସ୍କିଲ ଫାଉଣ୍ଡେଶନ ପରିସର, ସାଢ଼େ ୭ଟା ।
- ଭାରତୀୟ ଜୀବନ ବୀମା ସମ୍ବଲପୁର ମଣ୍ଡଳ କର୍ମଚାରୀ ସଂଘ ସମ୍ମିଳନୀ, ତପସ୍ୱିନୀ ପ୍ରେକ୍ଷାଳୟ, ପୂର୍ବାହ୍ନ ସାଢ଼େ ୧୦ଟା ।
- ଅଖଣ୍ଡ ଦୀପ ପ୍ରଜ୍ୱଳନ ଓ ଶୈଳପୁତ୍ରୀ ବେଶ, ଲମ୍ବଡୁଙ୍ଗୁରି ପାହାଡ ଗୁପ୍ତେଶ୍ୱରୀ ପୀଠ, ପୂର୍ବାହ୍ନ ୧୦ଟା ।
- ରାଜ୍ୟ ଓ ଦେଶରେ କ୍ୟାନସର ଶୀର୍ଷକ ଆଲୋଚନା ଚକ୍ର, ହୋଟେଲ ଗ୍ରାଣ୍ଡଶିବା ସଭା କକ୍ଷ, ପୂର୍ବାହ୍ନ ସାଢ଼େ ୧୧ଟା ।
- ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା, ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ, ପୂର୍ବାହ୍ନ ୧୦ଟା।

**ଉଲ୍ଲୁଣ୍ଡା**

- ଜୟ ଜଗନ୍ନାଥ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ, ଝରବାହାଲି ଜଗନ୍ନାଥ ଖେଳ ପଡିଆ, ପୂର୍ବାହ୍ନ ୧୦ଟା।

**ବୌଦ୍ଧ**

- ନୀଳଚକ୍ର ସାହିତ୍ୟ ସଂସଦର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବ, ଟାଉନ ହଲ ବୌଦ୍ଧ, ସକାଳ ୯ଟା ।
- ଅଗ୍ରୱାଲ ବଂଶର ସଂସ୍ଥାପକ ମହାରାଜ ଶ୍ରୀ ଅଗ୍ରସେନଙ୍କ ଜୟନ୍ତୀ ମହୋତ୍ସବ, ଭିକାରୀ କଳା ମଣ୍ଡପ ବୌଦ୍ଧ, ସନ୍ଧ୍ୟା ୬ଟା।

**ବରଗଡ଼**

- ତ୍ରିରଙ୍ଗା କପ ଫୁଟବଲ, (ମ୍ୟାଚ୍: ଖଲିଆପାଲି ବନାମ ବରଗାଁ ଓ ଧାଙ୍ଗେର ବନାମ ସାହାଜବାହାଲ), ଖୁଣ୍ଟପାଲି ପଡିଆ, ଅପରାହ୍ନ ୨ଟା।
- ସୁବର୍ଣ୍ଣଦୀପର ରୌପ୍ୟ ଜୟନ୍ତୀ ସମାରୋହ, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ, ବରଗଡ଼, ପୂର୍ବାହ୍ନ ୯ଟା।
- ସମଲେଶ୍ୱରୀଙ୍କ ଶୈଳପୁତ୍ରୀ ବେଶ, ସମଲେଶ୍ୱରୀ ମନ୍ଦିର, ତଳିପଡା, ବରଗଡ଼, ଭୋର୍ ୫ଟା ।

**ନୂଆପଡା**

- ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା, ନୋଡାଲ ହାଇସ୍କୁଲ ଖରିଆର ରୋଡ, ପୂର୍ବାହ୍ନ ୧୧ଟା।
- ବ୍ରାହ୍ମଣ ସମାଜର ନୂଆଁଖାଇ ଭେଟ୍‌ଘାଟ, କଲ୍ୟାଣ ମଣ୍ଡପ, ପୂର୍ବାହ୍ନ ୧୧ଟା।

**ସିନାପାଲି**

- ମାରୱାଡି ଯୁବାମଞ୍ଚ ତରଫରୁ ଅଗ୍ରସେନ ଜୟନ୍ତୀ, ଅଗ୍ରସେନ ଭବନ, ପୂର୍ବାହ୍ନ ୧୦ଟା।

**ଦେବଗଡ଼**

- ବାମସେଫ୍ ଓ ଭାରତ ମୁକ୍ତି ମୋର୍ଚ୍ଚାର ଜିଲାସ୍ତରୀୟ କାର୍ଯ୍ୟକ୍ରମ, ରୌନକ ପ୍ଲାଜା, ଦେବଗଡ଼, ପୂର୍ବାହ୍ନ ୧୦ଟା।
- ନବରାତ୍ର ପୂଜା ଆରମ୍ଭ, ମା' କନକ ଦୁର୍ଗା ମନ୍ଦିର, ମଠସାହି, ଶନି ମନ୍ଦିର, କଲେଜଛକ, ପୂର୍ବାହ୍ନ ୧୦ଟା।

# 'ରାଉରକେଲା ହେବ ଦେଶର ପ୍ରମୁଖ ଶିଳ୍ପ କେନ୍ଦ୍ର'

ଭୁବନେଶ୍ୱର, ୨୮।୯ (ବ୍ୟୁରୋ)



ବିମାନବନ୍ଦରରେ ଆର୍‌ଏସ୍‌ପି ସିଇଓ ଦୀପକ ଚାଟାର୍ଜୀ କେନ୍ଦ୍ର ଇସ୍ପାତ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସ୍ୱାଗତ କରୁଛନ୍ତି।

ରାଉରକେଲାକୁ କେନ୍ଦ୍ର ସରକାର ପ୍ରାଧାନ୍ୟ ଦେଇ ଆସୁଛନ୍ତି। ଆଗାମୀ ଦିନରେ ଏଠାକୁ କିପରି ଅଧିକ ପ୍ରକଳ୍ପ ଆସିବା ସହ ଏହା ଦେଶର ପ୍ରମୁଖ ଶିଳ୍ପକେନ୍ଦ୍ର ହେବ, ସେନେଇ ସମସ୍ତେ ମିଳିମିଶି କାର୍ଯ୍ୟ କରିବେ। ତିନିଦିନିଆ ରାଉରକେଲା ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଗଣମାଧମକୁ ଏହା କହିଛନ୍ତି। ଇସ୍ପାତ ମନ୍ତ୍ରଣାଳୟର ଦାୟିତ୍ୱ ନେବା ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କର ଏହା ପ୍ରଥମ ରାଉରକେଲା ଗସ୍ତ। ୩ ଦିନର ରହଣି ମଧ୍ୟରେ ସେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଦେଖିବା ସହ ଖଣି ଅଞ୍ଚଳ ପରିଦର୍ଶନ କରିବେ ବୋଲି ଜଣାପଡିଛି। ଇସ୍ପାତ ଶିଳ୍ପର ବିକାଶ ପାଇଁ ସ୍ଥାନୀୟ ଜନସାଧାରଣ ଓ ପ୍ରଶାସନକୁ ଭେଟି ରାଉରକେଲା ଇସ୍ପାତ କାରଖାନା ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

# ହୀରାକୁଦ ଡ୍ୟାମ୍‌ର ୧୪ ଗେଟ୍ ଖୋଲିଲା

ସମ୍ବଲପୁର,୨୮।୯(ବ୍ୟୁରୋ)

ହୀରାକୁଦ ଡ୍ୟାମ୍‌ର ଜଳସ୍ତର ଶନିବାର ୬୩୦ ଫୁଟ ରହିଛି। ଏଣୁ ସୁରକ୍ଷା ଦୃଷ୍ଟିରୁ ଡ୍ୟାମ୍‌ର ୧୪ଟି ଗେଟ୍ ଦେଇ ଜଳ ନିଷ୍କାସିତ ହେଉଛି। ଡ୍ୟାମ୍ ବାମପାର୍ଶ୍ୱର ୧୦ଟି ଓ ଡାହାଣପାର୍ଶ୍ୱର ୪ଟି ଗେଟ୍ ଖୋଲା ରହିଛି। ଡ୍ୟାମ୍ ଭିତରକୁ ପ୍ରତି ସେକେଣ୍ଡରେ ୨ଲକ୍ଷ ୪୮ ହଜାର ୪୯୩ କ୍ୟୁସେକ ପାଣି ଜଳ ପ୍ରବେଶ କରୁଛି । ସମାନ ପରିମାଣର ପାଣି ମଧ ନିଷ୍କାସିତ ହେଉଛି। ୧୪ଟି ସ୍ଲୁଇସ୍ ଗେଟ ଦେଇ ୨ ଲକ୍ଷ ୩୦ ହଜାର ୧୬୦, ପାୱାର ଚ୍ୟାନେଲରେ ୧୪ ହଜାର ୩୪୮, ବିଭିନ୍ନ କେନାଲରେ ୩ହଜାର ୮୧୫ ଓ ଶିଳ୍ପକୁ ୧୭୦ କ୍ୟୁସେକ ଜଳ ଛଡା ଯାଉଛି । ଡ୍ୟାମ୍ ଉପର ମୁଣ୍ଡରେ ୧୨.୬ ମିଲିମିଟର ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ବର୍ଷା ହୋଇ ନ ଥିବା ରେକର୍ଡ କରାଯାଇଛି। ବେଲଗାଁରେ ୮ ହଜାର, ପର୍ଥଲାରେ ୩୦ ହଜାର ୬୫୧, ଖଇରମାଳରେ ୨ ଲକ୍ଷ ୫୯ ହଜାର ୫୦୦, ବଡମୂଳରେ ୨ ଲକ୍ଷ ୧୨ ହଜାର ୩୭୫ ଓ ମୁଣ୍ଡଲିରେ ୧ ଲକ୍ଷ ୫୨ ହଜାର ୩୦୪ ଜଳ ପ୍ରବାହିତ ହେଉ ଥିବା ଡ୍ୟାମ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।



ତ୍ୟାଗ ଜୀବନର ମୂଳ ଲକ୍ଷ୍ୟ ହେଉ। ତ୍ୟାଗ ନ କଲେ ଏହି ଗଭୀର ଜୀବନ ସମସ୍ୟାର ରହସ୍ୟ ଭେଦ କରିପାରିବ ନାହିଁ।

-ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଆହତ ଯୁବକଙ୍କ ମୃତ୍ୟୁ

ବରଗଡ଼ ଅଫିସ୍, ୨୮।୯: ବରଗଡ଼-ସୋହେଲା ରାସ୍ତାର ସର୍ୟାଁ ଛକ ନିକଟରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିବା ଜଣେ ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ମୃତ୍ୟୁ ହୋଇଛି। ମୃତକ ହେଲେ ମେଲଛାମୁଣ୍ଡା ଥାନା ଚାଣ୍ଟିପାଲି ଅଞ୍ଚଳର ସାରଥୀ ଭୁଏ । ତେବେ କେଉଁ ପରିସ୍ଥିତିରେ ସେ ଗୁରୁତର ଅବସ୍ଥାରେ ରାସ୍ତା ଉପରେ ପଡ଼ିଥିଲେ ତାହା ସ୍ପଷ୍ଟ ହୋଇନାହିଁ । କୌଣସି ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିବା ଅନୁମାନ କରାଯାଉଛି । ଜିଲା ଶବ ସଂକ୍ଷଣ ଗୃହରେ ତାଙ୍କ ମୃତଦେହ ରଖାଯାଇଛି । ରବିବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି ।

### ପୂର୍ତ୍ତ ବିଭାଗ ରାସ୍ତାରେ ଗର୍ତ୍ତ

ଘଣ୍ଟାପଡା, ୨୮।୯ (ଡି.ଏନ.ଏ): କନ୍ଧମାଳ ବ୍ଲକର ମନମୁଣ୍ଡା-ସିନ୍ଧୁଗୋରା ଏସଏଚ ନଂ. ୪୧ ରାସ୍ତାର ଖୁଣ୍ଟିଗୋରା ନିକଟରେ ରାସ୍ତା ମଝିରେ ଗଭୀର ଗର୍ତ୍ତ ସୃଷ୍ଟି ହୋଇଛି । ଏହି ରାସ୍ତାରେ ନିୟମିତ ଭାରିଯାନ ଯିବା ଆସିବା କରୁଛି । ଏହି ରାସ୍ତା ଦେଇ ଛାତ୍ରୀଛାତ୍ର ସ୍କୁଲ, କଲେଜ ଓ ଲୋକେ ହସ୍ପିଟାଲ ଓ ଦୋକାନ ବଜାରକୁ ଯାଆସ କରୁଛନ୍ତି । କନ୍ଧମାଳ ଓ କଳାହାଣ୍ଡି ଜିଲାକୁ ସଂଯୋଗ କରୁଥିବାରୁ ଏହା ବ୍ୟସ୍ତବହୁଳ ରାସ୍ତା ହୋଇଛି । ଗର୍ତ୍ତ ଯୋଗୁ ରାତି ସମୟରେ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି । ଏ ନେଇ ପୂର୍ତ୍ତ ବିଭାଗର ଏସଡିଓ ସଚି ସାହୁଙ୍କୁ ପଚାରିବାରୁ ଶୀଘ୍ର ମରାମତି କରାଯିବ ବୋଲି କହିଛନ୍ତି ।

### ବରିଷ୍ଠ ନାଗରିକ ସଂଘ ବୈଠକ

ପାଇକମାଳ, ୨୮।୯ (ଡି.ଏନ.ଏ): ବରଗଡ଼ ଜଲା ପାଇକମାଳ ବରିଷ୍ଠ ନାଗରିକ ସଂଘର ଏକ ବୈଠକ ଶନିବାର ନନ୍ଦଲାଲ ତ୍ରିବେଦୀଙ୍କ ଅଧ୍ୟକ୍ଷତାରେ ନୃସିଂହନାଥ ଧର୍ମଶାଳାରେ ଅନୁଷ୍ଠିତ ହୋଇଯାଇଛି। ଅକ୍ଟୋବର ୧ ତାରିଖରେ ବରିଷ୍ଠ ନାଗରିକ ଦିବସ ପାଳନ କରାଯିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା। ଏହି ଦିନ ବରଗଡ ଠାରେ ଥିବା ବିକାଶ ହସପିଟାଲ ପରିସରରେ ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି ସୂଚନା ଦିଆଯାଇଥିଲା। ଆଲୋଚନାରେ ୪୪ ଜଣ ବରିଷ୍ଠ ନାଗରିକ ଭାଗ ନେଇଥିଲେ। ଶେଷରେ ଭାଗ୍ୟଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

■ ପାଠ୍‌ପଢ଼ାରେ ବାଧକ୍ ସାଜିଛେ ଗରିବୀ

# ଭିଖ୍ ମାଗି ପେଟ୍ ପାଲୁଛନ୍ ନାବାଲିକା

ଅତାବିରା, ୨୮।୯ (ଡି.ଏନ୍.ଏ.)

କେନ୍ଦ୍ର ଆର ରାଏଜ୍ ଉଭଏ ସରକାର 'ସଭେ ପଢ଼ୁନ୍ ସଭେ ବଢ଼ୁନ' ନାରା ଦେଉଛନ୍। ଇଥିରଲାଗି ଅନେକ୍ ଯୋଜନା କାର୍ଯ୍ୟକାରୀ କରି କୋଟି କୋଟି ଟଁକା ସାରୁଛନ୍। ହେଲେ ଗାଁଗଁଲିରେ ଏନ୍‌ତା ଅନେକ ଗରିବ୍ ପରିବାର ଅଛନ୍ ଯେନ୍‌ମାନେ କି ପେଟ୍‌ପାଲବାର ଲାଗି ତାକର ବୁଧିବନା ହେଇଯାଉଛେ। ଏନ୍‌ତାଥି ସେମାନେ ନିଜର ଛୁଆପିଲାକର ହାତେ ଖାତାକଲମ, ବହି ଜାଗାରେ ଫଡ଼କି ଗିନାଖୁରି ଧରେଇ ଭିଖ୍ ମଗେଇ କରୁଛନ୍। ଏନ୍‌ତା ଗୁଟେ ଦୁଖଦ୍ ଦୁରୁଶ୍ ଦେଖିବାକେ ମିଲିଛେ ବରଗଡ଼ ଜିଲା ଭେଡ଼େନ ବ୍ଲକ ଦେଶଭଟିଲି ପଁଚେତ୍ ଅଂଚଲରେ।

ସୂଚନା ଅନ୍‌ସାରେ ସମ୍ବଲପୁର ଜିଲାର ମୂଳ ବାସିନ୍‌ଦା ମହେନ୍ଦ୍ର ଡୋରା ଆଏଜ୍‌କେ ପାଖାପାଖି ୧୫ ବଛର ହେଲା ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିନ୍ଦୁରପୁର ପଁଚେତ୍ ବଲାରଙ୍ଗା, ଘାଟି ଜାମପାଲିନେ ରହୁଛନ୍। ସେ ନିହାତି ଗରିବ୍ ହେଇଥିଲାବେଲେ ବନେ ବଛରକେତେ ହେଲା ତାକର ମାଏକିନା ଆରପାରକେ ଚାଲିଯାଇଛନ୍। ଏନ୍‌ତାଥି



ନାବାଲିକ ଝି' ଝନ୍‌କ ଦେଶଭଟିଲି ପଁଚେତ୍ ଅଂଚଲରେ ଭିଖ୍ ମାଗୁଛନ୍ ।

ମହେନ୍ଦ୍ର ତାକର ୧୦ ବଛରିଆ ଝିଁକେ ବଲାରଙ୍ଗାରେ ରହୁଥିବାର ତାକର ଶଲା ଭାଣ୍ଡବା ଡୋରାର ପାସେ ଛାଡ଼ିଦେଇଛନ୍। ହେଲେ ଭାଣ୍ଡବା ବି ବହୁତ୍ ଗରିବ୍, ସେ ଗୁଟେ ତାଲବରଡ଼ା ଛାଉନି କରି ବଲାରଙ୍ଗାରେ ରହୁଛନ୍। ଏନ୍‌ତାଥି ସେ ଭାନ୍‌ଜିକେ ପୁଷବାର ସଂଗେ ଦୁଇଅଖର ପାଠ୍‌ପଢ଼ାବାର ଲାଗି ସକ୍ଷମ ନୁହଁନ୍। ସେଥିରଲାଗି ମାମୁ ଭାନ୍‌ଜି ଗୁଟେ ସାଇକେଲରେ ଆସର ପାସର ଗାଁଗଁଡ଼ାକେ ଯାଇ ଭିଖ୍ ମାଗୁଛନ୍। ଭିଖ୍‌ରେ ଯାହା ମିଳୁଛେ ସେଥିରେ ପରିବାର ଚଲୁଛେ। ଭେଡ଼େନ ବ୍ଲକ ଦେଶଭଟିଲି ପଁଚେତ୍ ଅଂଲରେ ଭିଖ୍ ମାଗଲା ବେଲେ ଇ ନାବାଲିକ୍ ଝିଁକେ ଭେଟିଥିଲେ ଥାନୀଅ ଧରିତ୍ରୀ ପରତିନିଧି। ସେ ଭିଖ୍ ମାଗ୍‌ବାର କାରନ୍ ପଚରାଲାରୁ ତାକର ଦୁଖ୍ ବଖାନିଥିଲେ। ଛୁଆବେଲୁ ମୋର ମା' ମରିଯାଇଛେ, ମୁଇଁ ମାମୁଁ ଘରେ ରହୁଛେଁ। ହେଲେ ମୋର ମାମୁଁ ବି ବହୁତ୍ ଗରିବ୍ ଆମେ ଭିଖ୍ ମାଗିକରି ନେଲେ ଯାଇ ଖାଉଛୁଁ ବଲି ସେ କହିଥିଲେ। ତାହାକୁ ପାଠ୍‌ପଢ଼ା ବାବ୍‌ଦେ ପଚରାଲାରୁ ଆମେ ଗରିବ୍ ଲୋକ୍ ଆଗିଆଁ, ସଖାଲୁ ବେଲବୁଡ଼ା ତକ୍ ଭିଖ୍ ମାଗ୍‌ଲେ ଯାଇ ପେଟ୍ ପୁରୁଛେ, ମୋତେ କିଏ ଖାତାକଲମ, ବହି ଦେବା, କେନ୍‌ନୁ ପାଠ୍ ପଢ଼ବାର ଲାଗି ଟଁକା ପାଏମୁ ବଲି ସେ କହିଥିଲେ। ହେଲେ ପଢ଼ବାର ସୁଯୋଗ ମିଲ୍‌ଲେ ପାଠ୍ ପଢ଼ମି ଆଗିଆଁ ବଲି ସେ କହିଥିଲେ। ଇ ଦିଗେ ସୁବର୍ଣ୍ଣପୁର ଜିଲା ଆର ବିନିକା ବ୍ଲକ ପରଶାସନ ଦୁରୁଷ୍‌ଟି ଦେଇ ଇ ନାବାଲିକ୍ ଝି'ର ଥଇଥାନ ସଂଗେ ପାଠ୍‌ପଢ଼ବାର ବେବସ୍‌ତା କରବାକେ ବୁଧିଜୀବୀ ମହଲରେ ଦାବି ହେଉଛେ।

## (ତା୨୯।୯।୧୯ରିଖ ରବିବାର)

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଢ଼ିଲା ଝିଅ**
**ପୁରୁଣା ଘିଅ ।**

ସାଧାରଣତଃ ଝିଅ ଘରଯୋଗ୍ୟା ହେଲେ ତାକୁ ଅଧିକ ଦିନ ଘରେ ରଖିବା ଉଚିତ ହୋଇ ନ ଥାଏ। କାରଣ ଏପରି ରଖିବା ଦ୍ୱାରା ପଛରେ ନିନ୍ଦା ଅପବାଦ ମିଳିବାର ଭୟ ରହିଥାଏ। ସେହିପରି ଘିଅ ପୁରୁଣା ହୋଇଗଲେ ବା ଅଧିକ ଦିନ ଘରେ ରଖିଲେ ତାହା ରହଣିଆ ଲାଗିଥାଏ ଓ ଏହା ଖାଦ୍ୟୋପଯୋଗୀ ହୋଇ ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ବାଇଗଣ ପରିବା**
**ଦି' ସଉତୁଣୀ କଳିଆ କଲେ**
**ଘଇତାକୁ ମାରିବା ।**

ଦୁଇ ସଉତୁଣୀଙ୍କ ମଧ୍ୟରେ ଅହିନକୁଳ ସମ୍ପର୍କ ରହିଥାଏ। କେହି କାହାର ସୁଖଶିରୀ ଦେଖି ସହି ପାରି ନ ଥାନ୍ତି। ସଉତୁଣୀ ହିଁ ଦାମ୍ପତ୍ୟ ଜୀବନରେ ଚରମ ଅଶାନ୍ତିର କାରଣ ସାଜିଥାଏ। ଯେଉଁ ଘରେ ଦୁଇ ସଉତୁଣୀ ରହିଥାନ୍ତି ସେହି ଘରେ ନାନାପ୍ରକାର ବିଶୃଙ୍ଖଳା ଘଟିବା ଥୟ। ଦୁଇ ସଉତୁଣୀ ମଧ୍ୟରେ କଳିକଜିଆ ଲାଗିଲେ ସବୁ ରାଗ ସ୍ୱାମୀ ଉପରେ ଶୁଝା ଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା



ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ସୁବାସ ଚୌହାନଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

ପୁରୁଣାକଟକ,୨୮।୯(ଡି.ଏନ.ଏ)

ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ସୁବାଷ ଚୌହାନଙ୍କୁ ହରଭଙ୍ଗା ବ୍ଲକ ବିଜେଡି ପକ୍ଷରୁ ଶନିବାର ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟକ୍ଷ ଚୌହାନ ଅପରାହ୍ନ ୨ଟା ସମୟରେ ହରଭଙ୍ଗା ବ୍ଲକ ସଦର ମହକୁମା ଚାରିଛକରେ ପହଞ୍ଚିଥିଲେ। ସେ ପ୍ରଥମେ ଠିଡିକାଯୋର ସ୍ଥିତ ଜଗନ୍ନାଥ ମନ୍ଦିର ଦର୍ଶନ କରି ସେଠାକାର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ । ପରେ ଚାରିଛକ ଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଶେଷରେ ଚାରିଛକସ୍ଥିତ ବନ ବିଶ୍ରାମଗାରରେ ବ୍ଲକ ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର, ବୌଦ୍ଧ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଅକ୍ରୁର ସେଠୀ, ବିଶ୍ୱଜିତ ପ୍ରଧାନ, ଧିରେନ୍ଦ୍ର କୁମାର ମହାକୁଡ ପ୍ରମୁଖ ଦଳୀୟ କର୍ମୀଙ୍କ ସହିତ ଆଲୋଚନା କରି ବରଗଡ ଫେରିଥିଲେ। ହରଭଙ୍ଗା ବ୍ଲକ ଅଫିସ୍ ପକ୍ଷରୁ ମଧ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା ।

### କାର ଦୁର୍ଘଟଣାଗ୍ରସ୍ତ

ପୁରୁଣାକଟକ,୨୮।୯(ଡି.ଏନ.ଏ)

ପୁରୁଣାକଟକ ଥାନା ୫୭ ନଂ ଜାତୀୟ ରାଜପଥ ଦେଇ ଭୁବନେଶ୍ୱରରୁ ବୌଦ୍ଧ ଫେରୁଥିବା ଏକ କାର (ନଂ.ଓଡି ୧୫ସି / ୭୦୭୭) କରଡାକୋଠା ନିକଟସ୍ଥ ଏକ ଗଛରେ ଶନିବାର ପିଟି ହୋଇଥିଲା । ତେବେ ଗାଡିରେ ଥିବା ଡ୍ରାଇଭରଙ୍କ ସହ ମାଲିକ ଅଳ୍ପକେ ରକ୍ଷା ପାଇଯାଇଥିବା ଆଡେଣିଗଡ ଫାଣ୍ଡି ଏଏସଆଇ ସନ୍ତୋଷ ସ୍ୱାଇଁ ସୂଚନା ଦେଇଛନ୍ତି ।

### ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ

ପଦ୍ମପୁର, ୨୮।୯ (ଡି.ଏନ.ଏ)

ପଦ୍ମପୁର ଲଖମରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁ ବାଟିକାର ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ଜନାର୍ଦ୍ଦନ ସାହୁ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ କଲ୍ୟାଣୀ ସାହୁ ଯୋଗଦାନ କରି ମାତୃ ଶକ୍ତିର ପରାକାଷ୍ଠ ବଖାଣିଥିଲେ। ଶିଶୁ ବାଟିକା ପ୍ରମୁଖ ପିଙ୍କି ବେହେରା ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ କରିଥିଲେ ।

# ଗଙ୍ଗାଧର ସ୍ୱେଚ୍ଛାସେବୀ ସମିତିର ସମୂହ ତିଳତର୍ପଣ



ମହାନଦୀରେ ତିଳତର୍ପଣ କରାଯାଉଛି ।

ବୌଦ୍ଧ,୨୮।୯(ସ୍ୱ.ପ୍ର)

ଶନିବାର ଥିଲା ମହାଳୟା। ଏହି ଦିନରେ ପିତୃ ପୁରୁଷକୁ ପିଣ୍ଡଦାନ କରାଯାଏ। ଏହି କ୍ରମରେ ବୌଦ୍ଧ ବୁଟୁପାଲି ଗଙ୍ଗାଧର ସ୍ୱେଚ୍ଛାସେବୀ ସମିତି ପକ୍ଷରୁ ସମୂହ ତିଳ ତର୍ପଣ ମହାନଦୀର ହନୁମାନ ଘାଟରେ କରାଯାଇଛି । ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ ହେଲେ ଏହି ସମିତି ପକ୍ଷରୁ ଶବ ସତ୍କାର କରାଯାଉଛି। ଯେତେସବୁ ଅଜଣା ବ୍ୟକ୍ତିଙ୍କ ଶବ ସତ୍କାର କରାଯାଇଛି ତାଙ୍କରି ଉଦ୍ଦ୍ୟଶ୍ୟରେ ସମିତିର କର୍ମକର୍ତ୍ତାଙ୍କ ପକ୍ଷରୁ ସମୁହ ପିଣ୍ଡଦାନ କରାଯାଇଛି। ଏହି ପିଣ୍ଡଦାନରେ ସମିତିର ଆବାହକ ଇନ୍ଦ୍ରମଣି ମେହେରଙ୍କ ସମେତ କର୍ମକର୍ତ୍ତା ମାନେ ସାମିଲ ହୋଇଥିଲେ ।



ଭକ୍ତମାନେ ଚକ୍ର ପୁଷ୍କରିଣୀରେ ତିଳତର୍ପଣ କରୁଛନ୍ତି ।

# ଚକ୍ର ପୁଷ୍କରିଣୀରେ ସାମୂହିକ ତିଳତର୍ପଣ

ଭଟଲି, ୨୮।୯(ଡି.ଏନ.ଏ)

ପଶ୍ଚିମ ଓଡିଶାର ଶ୍ରୀକ୍ଷେତ୍ର ଭାବେ ପରିଚିତ ପୂଣ୍ୟଧାମ ଭଟଲି ସ୍ଥିତ ଦଧିବାମନ ମହାପ୍ରଭୁଙ୍କ ଆବିର୍ଭାବସ୍ଥଳ ଚକ୍ର ପୁଷ୍କରିଣୀରେ ପବିତ୍ର ମହାଳୟା ଅବସରରେ ଶନିବାର ସାମୂହିକ ତିଳତର୍ପଣ କରାଯାଇଛି। ଏହି ଅବସରରେ ଦଧିବାମନ ମନ୍ଦିରରୁ ଶତାଧିକ ଭକ୍ତ ଶଙ୍ଖ ନାଦ ସହ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ବାହାରି ଚକ୍ର ପୁଷ୍କରିଣୀରେ ପହଞ୍ଚିଥିଲେ। ପଣ୍ଡିତମାନଙ୍କ ଶାସ୍ତ୍ରୀୟ ପୂଜା ବିଧିବିଧାନ ପରେ ସମସ୍ତେ ନିଜ ନିଜ ପିତୃ ପୁରୁଷଙ୍କୁ ପଣ୍ଡିତଗଣଙ୍କ ମନ୍ତ୍ର ଧ୍ୱନି ମଧ୍ୟରେ ତିଳତର୍ପଣ କରିଥିଲେ । ସମସ୍ତଙ୍କ ବିଶ୍ୱାସ ଯେ, ଦଧିବାମନଙ୍କ ଆବିର୍ଭାବ ସ୍ଥଳରେ ତିଳତର୍ପଣ କଲେ ପିତୃପୁରୁଷ ଶୁଭଫଳ ପ୍ରଦାନ କରିଥାନ୍ତି। ଏଣୁ ଆଖପାଖ ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ତିଳତର୍ପଣରେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟରେ ମୁଖ୍ୟ ପଣ୍ଡିତ ଗୋକୁଳେଶ୍ୱର ରଥ ଥିବା ବେଳେ ଗୌରଚନ୍ଦ୍ର ରଥ, ରାମେଶ୍ୱର ଷଡଙ୍ଗୀ, ସତ୍ୟ ନାରାୟଣ ମିଶ୍ର, ଚତର୍ଭୁଜ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ବିଜେପୁର ଉପନିର୍ବାଚନ ପାଇଁ ପ୍ରଶାସନିକ ପ୍ରସ୍ତୁତି

ବରଗଡ଼ ଅଫିସ,୨୮।୯

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ପାଇଁ ଶନିବାର ବରଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ତଥା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ବରଗଡ଼ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଜ୍ୟୋତିରଞ୍ଜନ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଜେପୁର ଉପନିର୍ବାଚନକୁ ସୂଚାରୁ ରୂପେ ସମ୍ପାଦନ କରିବା ସକାଶେ ବିଚାର ବିମର୍ଷ ହୋଇଥିଲା। ଏହି ନିର୍ବାଚନରେ ସାମିଲ ହେବାକୁ ଥିବା ବିଭିନ୍ନ ଅଧିକାରୀ ମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । ଅପରାହ୍ନରେ ପ୍ରାର୍ଥୀମାନଙ୍କ ଖର୍ଚ୍ଚ ବିବରଣୀ ହିସାବ କରିବା ପାଇଁ ସମସ୍ତ ପ୍ରକାର ଫ୍ଲାଇଙ୍ଗ ସ୍କ୍ୱାର୍ଡ଼ର ସଦସ୍ୟ, ଷ୍ଟେଟିକ୍ ସର୍ଭିଲିଆନ୍ସ ଟିମ୍‌ର ସଦସ୍ୟ, ଭିଡିଓ ସର୍ଭିଲିଆନ୍ସ ଟିମ୍‌ର ସଦସ୍ୟ, ଏକାଉଣ୍ଟିଙ୍ଗ୍ ଟିମ୍‌ର ସଦସ୍ୟ, ଭିଡିଓ ଦୃଶ୍ୟ ଟିମ୍‌ର ସଦସ୍ୟ, ମିଡିଆ ସାର୍ଟିଫିକେସନ୍ ଏବଂ ମନିଟରିଂ ଟିମ୍‌ର ସଦସ୍ୟ ଓ ବ୍ୟୟ ପର୍ଯ୍ୟବେକ୍ଷକ ସହଯୋଗୀ ଅଧିକାରୀମାନଙ୍କର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ଏହାସହିତ ଅନ୍ୟ କାର୍ଯ୍ୟପାଇଁ ମଧ୍ୟ ତାଲିମ ପ୍ରଦାନ କରିବା ସକାଶେ ବିଶେଷଜ୍ଞ ପ୍ରଶିକ୍ଷକ ମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

Telnet Towers Co.
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇ-ୱେ ପାର୍ଶ୍ୱ ଜମିରେ
ଡିଜିଟାଲ ମଲ୍ଟିମିଡିଆ ଟାୱାର୍ ଲଗାନ୍ତୁ।
ଅଗ୍ରିମ: 70 ଲକ୍ଷ
ଭଡ଼ା: 60 ହଜାର
+ ଏଗ୍ରିମେଣ୍ଟ
09625373491, 07827396829
www.telnettowers.com
Add.: Hamiltonganj, Uttar Latabari (WB)

FINANCE

ଆପଣଙ୍କ ଅତି ନିଜର ଭାଇ ଆପଣଙ୍କ ସେବାରେ
ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଟର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9450741373
B-34/7 A Block Vijay Enclave, Burari, New Delhi

ନବରାତ୍ରିର ଶୁଭ ଅବସରରେ ଋଣ ଧମାକା
ଭାରତର Govt. Regd. ନଂ.1 କମ୍ପାନୀ
DURGA FINANCE LTD.
Reg. No. U6519TN198PLC008555
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଗ୍ରୁପ୍ ଓ ସମସ୍ତ ଋଣ
3-4 ଦିନରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ବ୍ୟବସାୟିକ ସୁଯୋଗ ପାଇଁ ଯୋଗାଯୋଗ କରନ୍ତୁ
9499218733
7302958798
H.No. 12, Sohana, Distt. Mohali

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫0,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଟର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7289999543
7289948952
SCO- 106, Second Floor, Vishal Tower, Cannaught Place, Delhi.

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
ଭାରତର Govt. Regd. ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
ମହାଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ Reg No. MH32820D788
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଟର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
7894582823
H.No. 10, Mandi Road, Bathinda Punjab.

HINDUSTAN TOWER
ନାମ ନୁହେଁ କାମ କହିଥାଏ ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ ୨0 ଲକ୍ଷ, ଭଡ଼ା 60,000 + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ । ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

BUSINESS

ASTROLOGY

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ ।
ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ରାଧାକୃଷ୍ଣଙ୍କୁ ତୁମେ ନ ମାନ ପଛକେ, ରାଧା ଆଉ କୃଷ୍ଣଙ୍କ ଆକର୍ଷଣକୁ ଗ୍ରହଣ କର। ଭଗବାନଙ୍କ ପାଇଁ ତୁମ ହୃଦୟରେ ସେହିଭଳି ବ୍ୟାକୁଳତା ପ୍ରକାଶ ପାଉ। ତାଙ୍କୁ ପାଇବା ପାଇଁ କେବଳ ବ୍ୟାକୁଳତା ଦରକାର।
- ଶ୍ରୀ ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ବୈଦିକ ସ୍କୁଲରେ ନୃତ୍ୟ ପ୍ରତିଯୋଗିତା

**ସମ୍ବଲପୁର, ୨୮।୯ (ବ୍ୟୁରୋ)**
ବୈଦିକ ଇଣ୍ଟରନ୍ୟାଶନାଲ ସ୍କୁଲ ଡୁଲିପ୍ ଛାତ୍ରୀ ନିବାସଠାରେ ଆନ୍ତଃଶ୍ରେଣୀ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରଥମରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଭାଗ ନେଇଥିଲେ। ୩ଟି ଦଳରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିସହ ର୍ୟାମ୍ପ ଶୋ ମଧ ହୋଇଥିଲା। ସ୍କୁଲ ଅଧକ୍ଷ ପାର୍ଥ ମୁଖାର୍ଜୀ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ସିଲ୍ ପ୍ରଦାନ କରିଥିଲେ । ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ସମୃଦ୍ଧି ସାରଦା, ନଭ୍ୟା ଅଗ୍ରୱାଲ ଓ ପ୍ରଥମ ଶ୍ରେଣୀ ଛାତ୍ରୀ ସାଇସ୍ମିତା ସବ୍‌ଜୁନିୟର ବର୍ଗରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ସବ୍‌ଜୁନିୟର ବର୍ଗରେ ଅର୍ପିତା ଅଗ୍ରୱାଲ ପ୍ରଥମ, ବିନମ୍ର କେଡିଆ ଦ୍ୱିତୀୟ, ଆହାନ ଅଗ୍ରୱାଲ ତୃତୀୟ ସ୍ଥାନ ଅଧିକାର କରିଥିଲେ । କସିସ୍ ବୋଷ ଓ ସୋହାନି ବୋଷଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଦିଆଯାଇଥିଲା। ସିନିୟର ବିଭାଗରେ ତେଜସ୍ୱିନୀ କାନୁନଗୋ ପ୍ରଥମ, ପ୍ରିୟାଂଶୁ ଦ୍ୱିତୀୟ ଓ ଆୟୁଷ ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ । ଗୁନବିନ୍ ଓ ରୀତିକା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଜଗଦୀଶ, ବୈଶାଲି ଓ ଗୀତା ବିଚାରକ ଥିଲେ।

### କୁଦୋପାଲି ଫୁଟବଲ ଟୁର୍ନାମେଣ୍ଟ ସେମିଫାଇନାଲରେ ଧୁରୁରାପଡା ଦଳ

**ସମ୍ବଲପୁର,୨୮।୯(ବ୍ୟୁରୋ)**
ମାନେଶ୍ୱର ବ୍ଲକ ପରମାଣପୁର ମାଁ ବୀଣାପାଣି ଯୁବକ ସଂଘ ପକ୍ଷରୁ ୩୧ ତମ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। କ୍ଲବ ସଭାପତି କୃଷ୍ଣଚନ୍ଦ୍ର ତ୍ରିପାଠୀ ଏହାର ଶୁଭାରମ୍ଭ କରିଥିଲେ । ଏଥିରେ ମୋଟ ୧୬ଟି ଦଳ ଭାଗ ନେଇଛନ୍ତି। ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ଉଦ୍‌ଘାଟନୀ ଦିବସରେ ପ୍ରଥମ ମ୍ୟାଚ କତରବଗା ଓ ରେଙ୍ଗାଲି ମଧରେ ହୋଇଥିଲା । ଏଥିରେ କତରବଗା ଦଳ ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚରେ ଜମାଦାରପାଲିକୁ ହରାଇ ଧୁଚୁରାପଡା ଦଳ ବିଜୟୀ ହୋଇଥିଲା । କ୍ୱାର୍ଟର ଫାଇନାଲ ମ୍ୟାଚ ଧୁଚୁରା ପଡା ଓ କତରବଗା ମଧରେ ହୋଇଥିଲା । ଖେଳ ଶେଷ ସମୟ ପର୍ଯ୍ୟନ୍ତ ଗୋଲ ସ୍କୋର ହୋଇ ପାରି ନ ଥିଲା । ଶେଷରେ ଟାଇବ୍ରେକରରେ ୩-୨ ଗୋଲ ସ୍କୋର ହୋଇଥିଲା ଓ ଧୁଚୁରାପଡା ବିଜୟୀ ହୋଇ ସେମିରେ ପ୍ରବେଶ କରିଥିଲା । କିଶୋର ପଣ୍ଡା, କିରନ ଓରାମ ମ୍ୟାଚ ଗୁଡିକ ପରିଚାଳନା କରିଥିଲେ।

### ମୋବାଇଲ ଚୋରି ଅଭିଯୋଗରେ ୨ ଗିରଫ

**ସମ୍ବଲପୁର,୨୮।୯(ବ୍ୟୁରୋ)**
ରେଙ୍ଗାଲି ଥାନା ପୋଲିସ ମୋବାଇଲ ଚୋରି ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି। ଏମାନେ ହେଲେ ବରଗଡ ଜିଲା ଅତାବିରା ଥାନା ନୂଆପଡାର ଛୋଟୁ ମାଝି ଓ ଲବି ସିଂ। ଅନ୍ୟପକ୍ଷେ ଏ ଦୁହିଁଙ୍କ ସହ ଜଣେ ନାବାଳକ ମଧ ରହିଛନ୍ତି । ଏମାନଙ୍କ ନିକଟରୁ ୬ଟି ମୋବାଇଲ ଫୋନ୍ ଜବତ ହୋଇଛି । ଏ ନେଇ ଥାନାରେ ଏକ ମାମଲା (ନଂ. ୧୫୬/୧୯) ରୁଜୁ ହୋଇଛି। ପୋଲିସ କହିଛି ଯେ, ରେଙ୍ଗାଲି ରାମଚନ୍ଦ୍ର ନଗର ଜଗନ୍ନାଥ ପୃଷ୍ଟିଙ୍କ ମୋବାଇଲ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରିଥିଲା।

### ଅଢେଇ କୁଇଣ୍ଟାଲ ଲୁହାପାଇପ ଜବତ, ୨ ଗିରଫ

**ସମ୍ବଲପୁର,୨୮।୯(ବ୍ୟୁରୋ)**
ସମ୍ବଲପୁର ଜିଲା ରେଙ୍ଗାଲି ଥାନା ପୋଲିସ ଅଢେଇ କୁଇଣ୍ଟାଲ ଲୁହା ପାଇପ ଜବତ କରି ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ବିହାର କୁଞ୍ଚ ଥାନା ଅଞ୍ଚଳର ଅଲପେନ୍ଦ୍ରା ପାସୱାନ ଓ ଉତ୍ତର ପ୍ରଦେଶ ବିନ୍ଧ୍ୟାଞ୍ଚଲ ଥାନା କାମପୁରର ଆକାଶ କୁମାର ପାଣ୍ଡେ । ଏ ନେଇ ଥାନାରେ ଏକ ମାମଲା (ନଂ. ୧୫୭/୧୯) ରୁଜୁ ହୋଇଛି। ଶ୍ୟାମ ମେଟାଲିକ୍ସର ସୁରକ୍ଷା ସଂସ୍ଥା ଅଧିକାରୀ ମନୋଜ କୁମାର ମିଶ୍ରଙ୍କ ଅଭିଯୋଗ ଆଧାରରେ ଏମାନେ ଗିରଫ ହୋଇଛନ୍ତି।



ଶନିବାର ସମ୍ବଲପୁର ସମଲେଶ୍ୱରୀ ମଣ୍ଡପରେ ଭକ୍ତମାନେ ନାମକୀର୍ତ୍ତନ ପରିବେଷଣ କରୁଛନ୍ତି ।



ଶନିବାର ସମ୍ବଲପୁର ସମଲେଇ ମନ୍ଦିରରେ ମା'ଙ୍କଧବଳମୁଖୀବେଶ ଦେଖିବାକୁ ଭକ୍ତଙ୍କ ଭିଡ ।

# ଗଙ୍ଗାବେଶ ଦର୍ଶନରେ ମୋକ୍ଷ ପ୍ରାପ୍ତି ହୁଏ



ସମ୍ବଲପୁର ସମଲେଇ ମନ୍ଦିରରେ ଜଣେ ଭକ୍ତ ମାନସିକ ଦୀପ ଜାଳୁଛନ୍ତି ।

**ସମ୍ବଲପୁର,୨୮।୯(ବ୍ୟୁରୋ)**

ଦେବୀ ସମଲେଇଙ୍କ ଧବଳମୁଖୀ ବେଶ ତଥା ଗଙ୍ଗାବେଶ ଦର୍ଶନ କଲେ ମୋକ୍ଷ ପ୍ରାପ୍ତି ହୋଇଥାଏ । ଏହି ବିଶ୍ୱାସକୁ ଆଧାର କରି ଶନିବାର ରାଜ୍ୟ ଓ ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତ ମା' ସମଲେଇଙ୍କ ଗଙ୍ଗାବେଶ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ଐତିହାସିକ ତଥ୍ୟ ଅନୁସାରେ ଚୌହାନ ରାଜା ବଳରାମ ଦେବଙ୍କ ରାଜତ୍ୱ କାଳରେ ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ମନ୍ଦିର ପ୍ରତିଷ୍ଠା ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ଆଶ୍ୱିନ ମହାଳୟା ତିଥିରେ ଦେବୀ ସମଲେଇ ଧବଳମୁଖୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇ ଆସୁଛନ୍ତି। ଭକ୍ତମାନେ ଦର୍ଶନ କଲେ କାର୍ଯ୍ୟସିଦ୍ଧି ହୋଇଥିବା ଲୋକକଥା ରହିଛି । ତେବେ ସୁସଜ୍ଜିତ ଆଲୋକମାଳାରେ ମନ୍ଦିର ଝଲସୁଛି । ରଙ୍ଗ ବେରଙ୍ଗ ଫୁଲରେ ମନ୍ଦିର ମୁଖଶାଳା, ମୁଖ୍ୟଦ୍ୱାର, ଅଷ୍ଟଧାତୁରେ ନିର୍ମିତ ସିଂହ ଆସ୍ଥାନ ସଜା ଯାଇଛି । ସେହିପରି ପାର୍ଶ୍ୱ ଦେବାଦେବୀଙ୍କ ଠାରେ ମଧ ପୁଷ୍ପ ପ୍ରଦାନ କରାଯାଇଛି । ଢୁଲଢୁଲି, ନିଶାନ, ତାସା, ଝାଞ୍ଜ ଓ ମୁହୁରୀର ସ୍ୱରରେ ଦୁଲୁକୁଛି ମନ୍ଦିର ପରିସର । ସମଲେଇ ମଣ୍ଡପ ପରିସରରେ ନାମକୀର୍ତ୍ତନ ମଧ କରାଯାଉଛି। ଏହିପରି ଭକ୍ତଙ୍କ ମନରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। ସତେ ଯେମିତି ମହାଳୟା ତିଥିଠାରୁ ସହର ପାର୍ବଣ ମୁଖର ହୋଇଛି। ଗଙ୍ଗାବେଶ ଦର୍ଶନ କରିଥିବା ଭକ୍ତଙ୍କ ସହ ମୁଖ୍ୟ ପୂଜକ, ଟ୍ରଷ୍ଟ ବୋର୍ଡ ସଭାପତିଙ୍କ ସହ ସ୍ୱତନ୍ତ୍ର ଉପସ୍ଥାପନା.....



" ବିଗତ ୫ବର୍ଷ ହେବ ସପରିବାର ମା' ସମଲେଇଙ୍କ ଗଙ୍ଗା ବେଶ ଦର୍ଶନ କରି ଆସୁଛି । ଦର୍ଶନ ପରେ ମନରେ ଆପେ ଆପେ ଆନନ୍ଦ ଅନୁଭବ କରିଥାଏ । ସତେ ଯେମିତି ଜୀବନର ପ୍ରତିଟି ମୁହୂର୍ତ୍ତ ଖୁସି ଅନୁଭବ କରେ । ପ୍ରକୃତ ପକ୍ଷେ ଜୀବନଟି ମୋକ୍ଷ ପ୍ରାପ୍ତି ହୋଇଯାଏ । ପ୍ରାତଃ ୫ଟାରୁ ଦର୍ଶନ ପାଇଁ ଧାଡିରେ ଛିଡା ହୋଇଥିଲୁ। କିନ୍ତୁ ମନରେ କଷ୍ଟ ନ ଥିଲା।

**ମମିତାରାଣୀ ସାହୁ, ନାକଟିଦେଉଳ**



" ମା' ସମଲେଇଙ୍କ ଧବଳମୁଖୀ ବେଶ ଦର୍ଶନ କରିବା ପରେ ହୃଦୟକୁ ଆନନ୍ଦ ମିଳିଥାଏ । ପ୍ରତିବର୍ଷ ଅଧିକରୁ ଅଧିକ ଭିଡ ଲାଗି ରହୁଛି । କିନ୍ତୁ ସଂପ୍ରତି ଭିଡ ହେଲେ ମଧ ଭକ୍ତମାନେ ସୁବିଧାରେ ଦର୍ଶନ କରି ପାରୁଛନ୍ତି। ପୂର୍ବରୁ ପାଟଣେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ୨/୩ଟି ଧାଡିରେ ଭକ୍ତମାନେ ଛିଡା ହେଉଥିଲେ । ସମୟକ୍ରମେ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ମଧ ବଦଳୁଛି।

**ଅଭିନନ୍ଦନ ତ୍ରିପାଠୀ, ସମ୍ବଲପୁର**



" ଗଙ୍ଗା ବେଶ ଦର୍ଶନର ଫଳ କୋଟି ଜନ୍ମର ପୁଣ୍ୟପ୍ରାପ୍ତି ହୋଇଥାଏ। ଜନସାଧାରଣ ଏହି ଦିନ ପିତୃ ପୁରୁଷମାନଙ୍କୁ ପିଣ୍ଡଦାନ କରନ୍ତି। ପ୍ରାତଃ ସାଢ଼େ ୪ଟାରୁ ଆମେ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ ଛାତ୍ରୀଛାତ୍ର ଦର୍ଶନ ଲାଗି ଧାଡି ବାନ୍ଧି ଛିଡା ହୋଇଥିଲୁ। ଦେବୀଙ୍କୁ ଗଙ୍ଗାବେଶରେ ଦର୍ଶନ କରି ଖୁସି ଅନୁଭବ କରିଛୁ।

**ସାଇପ୍ରସାଦ ସାହୁ, ଜିଏମ୍‌ୟୁ, ସମ୍ବଲପୁର**

" ମା' ସମଲେଇଙ୍କ ଧବଳମୁଖୀ ବେଶ ଦେବୀଙ୍କ ଶାନ୍ତ ଓ ମନଲୋଭା ବେଶ। ଦେବୀଙ୍କୁ ସଜା ଯାଇଥିବା ଫୁଲଠାରୁ ଆରମ୍ଭ କରି ଶାଢ଼ି ପର୍ଯ୍ୟନ୍ତ ଶ୍ୱେତ ରଙ୍ଗର ହୋଇଥାଏ । ଏହା ଦର୍ଶନ କରିବାକୁ ମନରେ ଉତ୍ସାହ ଭରି ରହିଥାଏ। ଆଶ୍ୱିନ ମାସ ହେବା ପରେ ମହାଳୟା ତିଥିକୁ ସମସ୍ତେ ଅପେକ୍ଷା କରିଥାଉ। ଅନ୍ୟ ଦିନେ ଦେବୀଙ୍କ ଦର୍ଶନ କରିବା ପୂର୍ବରୁ ମନରେ ଭୟ ଲାଗିଥାଏ । କିନ୍ତୁ ଏହି ବେଶ ଦର୍ଶନ କରି ଆତ୍ମତୃପ୍ତି ଅନୁଭବ କରିଛି।



**ପ୍ରୀତି ନାୟକ, ହୀରାକୁଦ କଲୋନୀ**



# ଧାନଚାଷରେ ରୋଗପୋକ ସମ୍ବନ୍ଧୀୟ ତାଲିମ ଶିବିର

ଦେବଗଡ,୨୮।୯(ଡି.ଏନ୍.ଏ.)

ଦେବଗଡ଼ ଜିଲା ରିଆମାଳ ବ୍ଲକ ଅଧୀନ ବୁରବୁଡ଼ା ଗ୍ରାମରେ ରିଲାଏନ୍ସ ଫାଉଣ୍ଡେଶନ୍ ପକ୍ଷରୁ ଧାନଚାଷରେ ରୋଗପୋକ ସମ୍ବନ୍ଧୀୟ ଏକ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କୃଷି ବିଜ୍ଞାନ କେନ୍ଦ୍ର ଶସ୍ୟ ସଂରକ୍ଷଣ ବୈଜ୍ଞାନିକ ଡ. ଲବ ସୋରେନ୍ ଯୋଗଦେଇ ଚାଷୀଙ୍କୁ ଧାନଚାଷରେ ହୋଇଥିବା ବିଭିନ୍ନ ରୋଗପୋକର ଚିହ୍ନଟ ଏବଂ ଏହାର ପ୍ରତିକାର ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏପରି କି ଉପଯୁକ୍ତ କୀଟନାଶକ ପ୍ରୟୋଗ କରିବାକୁ ଚାଷୀଙ୍କୁ ବୁଝାଇଥିଲେ। ଚାଷୀଙ୍କୁ ବିଭିନ୍ନ ପ୍ରକାର ଚାଷ ସହ ଗୋପାଳନ ଏବଂ ମାଛ ଚାଷ ପାଇଁ ରିଲାଏନ୍ସ ଫାଉଣ୍ଡେଶନ୍ ଅନୁଷ୍ଠାନ ଦେୟମୁକ୍ତ ଫୋନ ନମ୍ବର ୧୮୦୦୪୧୯୮୮୦୦ରେ ଯୋଗାଯୋଗ କରି ସୁବିଧା ହାସଲ କରିବାକୁ ଆହ୍ୱାନ ଦେଇଥିଲେ।



ରୋଗପୋକ ସମ୍ବନ୍ଧୀୟ ତାଲିମ୍ ଶିବିରରେ ଯୋଗଦେଇଥିବା ଚାଷୀମାନେ।

## ବିଭିନ୍ନ ସମସ୍ୟା ସମାଧାନ ଦାବି

# ଡବ୍ଲୁଓଡିସି ଅଧକ୍ଷଙ୍କୁ ଭେଟିଲେ ଜିଏମୟୁ ଛାତ୍ର ପ୍ରତିନିଧି

ସମ୍ବଲପୁର, ୨୮।୯ (ବ୍ୟୁରୋ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ)ରେ ବିଭିନ୍ନ ସମସ୍ୟା ଲାଗି ରହିଛି। ମୁଖ୍ୟତଃ ଶୌଚାଳୟ ନ ଥିବାରୁ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷେ ଅମୃତ ବିହାର ପରିସରରେ ନିର୍ମାଣାଧୀନ ପ୍ରେକ୍ଷାଳୟ କଚ୍ଛପ ଗତିରେ ଚାଲିଛି । ଏଥିପ୍ରତି କାହାରି ନିଘା ପଡୁନାହିଁ । ତେଣୁ ଶନିବାର ଜିଏମ୍‌ୟୁ ଛାତ୍ର ପ୍ରତିନିଧି ସର୍କିଟ ହାଉସଠାରେ ପଶ୍ଚିମ ଓଡିଶା ବିକାଶ ପରିଷଦ (ଡବ୍ଲୁଓଡିସି) ଅଧକ୍ଷ ସୁବାଷ ଚୌହାନଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ତେବେ ଏ ଦିଗରେ ସେ ପଦକ୍ଷେପ ଗ୍ରହଣ କରିବେ । ସେହିପରି ନିର୍ମାଣାଧୀନ ପ୍ରେକ୍ଷାଳୟ କାର୍ଯ୍ୟ ନେଇ ସମୀକ୍ଷା କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପୂର୍ବତନ ସଭାପତି ତଥା ବିଜୁ ଯୁବ ଜନତା ଦଳ ରାଜ୍ୟ ସମ୍ପାଦକ ମିଲନ ହୋତାଙ୍କ ନେତୃତ୍ୱରେ ସୁନୀଲ ପଟେଲ, ସୌରଭ ସିହ୍ନା, ଶିବମ ଅଗ୍ରୱାଲ, ସୁଭ୍ରାଂଶୁ ସେଲମା, ଚିନ୍ମୟ ପଣ୍ଡା, ଚୁମନ ପ୍ରଧାନ, ନବୁଲ ବିଶ୍ୱା, ସତ୍ୟକୃଷ୍ଣ ରାଉତରାୟ, ବିପ୍ଳବ ନାଥ, ଆଶୁତୋଷ ବାରିକ ପ୍ରମୁଖ ଛାତ୍ର ପ୍ରତିନିଧି ଚୌହାନଙ୍କୁ ଭେଟିଥିଲେ ।


ସମ୍ବଲପୁର ସର୍କିଟ ହାଉସଠାରେ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧକ୍ଷ ସୁବାସ ଚୌହାନଙ୍କୁ ଜିଏମ୍‌ୟୁ ଛାତ୍ର ପ୍ରତିନିଧି ଦାବିପତ୍ର ପ୍ରଦାନ କରୁଛନ୍ତି।

# ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ଦେବଗଡ଼,୨୮।୯(ଡି.ଏନ୍.ଏ.)

ସାପ କାମୁଡ଼ାରେ ଦେବଗଡ଼ ଜିଲା ରିଆମାଳ ବ୍ଲକ ବାଘବର ଗ୍ରାମର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିଳାସିନୀ ସାହୁ(୬୨)। ମିଳିଥିବା ସୂଚନା ମୁତାବକ, ବିଳାସିନୀ ଶୁକ୍ରବାର ରାତିରେ ଘରେ ଶୋଇଥିବା ବେଳେ ଏକ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକ ତାଙ୍କୁ ଗୁରୁତର ଅବସ୍ଥାରେ ଦେବଗଡ଼ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଦେବଗଡ଼ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

# ଝାଡେଶ୍ୱରୀ କଲେଜରେ ଗ୍ରାମାଲୋକ କାର୍ଯ୍ୟକ୍ରମ

ଧମା, ୨୮।୯ (ଡି.ଏନ.ଏ.)

କେନ୍ଦ୍ର ସାହିତ୍ୟ ଏକାଡେମୀ ତରଫରୁ ଶନିବାର ମାଁ ଝାଡେଶ୍ୱରୀ ମହାବିଦ୍ୟାଳୟରେ ଗ୍ରାମଲୋକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ସାହିତ୍ୟ ଏକାଡେମୀ ଓଡିଆ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଡ. ଶ୍ୟାମ ଭୋଇ ଏଥିରେ ସଭାପତିତ୍ୱ କରିଥିଲେ। ପ୍ରଥମ ଅଧିବେଶନରେ ଉଦ୍‌ଘାଟକ ଭାବରେ ଯୁକ୍ତ ୨ ଅଧକ୍ଷ ଅଶୋକ କୁମାର ପୁରୋହିତ ଯୋଗ ଦେଇଥିଲେ। ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ରାଧାକାନ୍ତ ସେଠ, ଲକ୍ଷ୍ମୀନାରାୟଣ ହୋତା, ପ୍ରକାଶ ସେଠ, ହେମାଙ୍ଗିନୀ ଦାଶ ପ୍ରମୁଖ ଯୋଗଦେଇ ସେମାନଙ୍କ କବିତା ଓ ଗଳ୍ପ ପାଠ କରିଥିଲେ । ଯୁକ୍ତ ୩ ଅଧକ୍ଷ ଅନିଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ କ୍ଷିତିଶ କୁମାର ପୁରୋହିତ, ଅଶ୍ୱିନୀ କୁମାର ତ୍ରିପାଠୀ, ଲକ୍ଷ୍ମୀନାରାୟଣ ପଣ୍ଡା ସମୀକ୍ଷକ ଭାବରେ ଯୋଗ ଦେଇଥିଲେ। ଅଞ୍ଚଳର ବରିଷ୍ଠ କବି ଭାବରେ ଫକୀର ମୋହନ ଦାଶ ଯୋଗ ଦେଇଥିଲେ। ରାଧାକାନ୍ତ ଭୋଇ, ସନତ କୁମାର ସାହୁ, କମଳଲୋଚନ ପଣ୍ଡା, କୀର୍ତ୍ତିମୟୀ ରଥ, ସୁଧା ସାହୁ, ସନ୍ଧ୍ୟାରାଣୀ ସାହୁ, ଶୁଭଶ୍ରୀ ବଡପଣ୍ଡା, ରେଣୁକା ଜୁଆଡି, ଅପର୍ଣ୍ଣା ହୋତା, ରଶ୍ମିତା ବଘାର ପ୍ରମୁଖ ଅଞ୍ଚଳର କବି ଓ ଗାଳ୍ପିକମାନେ ଯୋଗଦେଇ ଗଳ୍ପ କବିତା ପାଠ କରିଥିଲେ । ସାହିତ୍ୟିକ ତୁଷାରରଞ୍ଜନ ବାରିକ ଏହି ଅଧିବେଶନରେ ସଂଯୋଜନା କରିଥିଲେ। ଅଧ୍ୟାପିକା ସୁଶ୍ରୀ ପାଢ଼ୀ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ଅଧ୍ୟାପକ ଡ. ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଅଧ୍ୟାପକ ରବୀନ୍ଦ୍ର ନାରାୟଣ ଠାକୁରଙ୍କ ସଂଯୋଜନାରେ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସୁଶ୍ରୀତ ଷଡଙ୍ଗୀଙ୍କ ସଂଯୋଜନାରେ ଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ଶେଷରେ ଅଧ୍ୟାପକ ବଳଦେବ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ, ଛାତ୍ରୀଛାତ୍ରଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସାହିତ୍ୟାନୁରାଗି ଯୋଗ ଦେଇଥିଲେ।

# ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ : ତାଳବାହାଳି ଚାମ୍ପିୟନ

ଦେବଗଡ଼, ୨୮।୯(ଡି.ଏନ.ଏ)

ତିଲେଇବଣି ବ୍ଲକ ଢୋଲପଡା ପଞ୍ଚାୟତ ଅଧିନ ମରଡଙ୍ଗ ଗ୍ରାମର ରାଧାମାଧବ ଯୁବକ ସଂଘ ଆନୁକୂଲ୍ୟରେ ଗତ ବୁଧବାରଠାରୁ ଆରମ୍ଭ ହୋଇଥିବା ତ୍ରିଦିବସୀୟ ଆଞ୍ଚଳିକ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ତାଳବାହାଳି, ଦୁଧିଆନାଳୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ନିର୍ଦ୍ଧାରିତ ସମୟ ଭିତରେ କେହି କାହାକୁ ଗୋଲ ଦେଇ ନ ଥିଲେ। ଫଳରେ ଟିମକୁ ଟାଇବ୍ରେକର ଜରିଆରେ ୩–୨ ଗୋଲରେ ତାଳବାହାଳି ଫୁଟବଲ ଟିମ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚକୁ ରେଫରୀ ଭାବେ ଧିରେନ୍ଦ୍ର ନାୟକ, ପ୍ରଦୀପ ବେହେରା, ରାଜନ ଝାଙ୍କର ଓ ଦିନେଶ ମୁଣ୍ଡା ପରିଚାଳନା କରିଥିଲେ। ରାଧାମାଧବ ଯୁବକ ସଂଘର ସଭାପତି ଫଣୀନ୍ଦ୍ର ଦାସ, ସମ୍ପାଦକ ମୁକ୍ତେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଏହି ଟୁର୍ନାମେଣ୍ଟରେ ସାମାଜିକ କର୍ମୀ କିଶୋର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧକ୍ଷ ପ୍ରଶନ୍ନ କୁମାର ପଟେଲ, କୃଷକ ନେତା ପ୍ରମୋଦ ଝାଙ୍କର, କଂସର ଫାଣ୍ଡି ଅଧିକାରୀ ଦେବେନ୍ଦ୍ର ବେହେରା, ନେହେରୁ ଯୁବକେନ୍ଦ୍ରର ସଂଯୋଜକ ପ୍ରଦୀପ ବିଶ୍ୱାଳ ଓ ଗ୍ରାମ କମିଟି ସମ୍ପାଦକ ଦେବ ବାଘ ପ୍ରମୁଖ ଯୋଗଦେଇ ଚାମ୍ପିୟନ ତାଳବାହାଳି ଫୁଟବଲ ଟିମକୁ ଓ ରନର୍ସ ଅପ୍ ଦୁଧିଆନାଳୀ ଫୁଟବଲ ଟିମକୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭରତ ଅଦାବର, ନବୀନ ବାଘ, କ୍ଷୀରୋଦ ଧାନୱାର, ବିନୋଦ ବାଘ, ନରେନ୍ଦ୍ର ବାଘ ଓ ପ୍ରତାପ ବର୍ଣ୍ଣିଚୂଳ, ସିମନ ମିଞ୍ଜ, ଶ୍ରବଣ ରାଉତଙ୍କ ସମେତ ସମସ୍ତ ସଦସ୍ୟ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।


ଚାମ୍ପିୟନ ତାଳବାହାଳି ଫୁଟବଲ ଟିମକୁ ପୁରସ୍କୃତ କରାଯାଉଛି।

> ଅଭିଜ୍ଞତା ସତ୍ତ୍ୱେ ଆଗାମୀ ବିଶ୍ୱ ଚାମ୍ପିୟନଶିପ୍‌କୁ ନେଇ ନର୍ଭସ ରହିଛି। ସମୟ ଉପରେ ସବୁ ନିର୍ଭର କରେ। ମୁଁ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିବି କିନ୍ତୁ ପଦକ ଜିତିବା ଉପରେ ଗ୍ୟାରେଣ୍ଟି ଦେବିନି। – ଏମ୍.ସି. ମେରୀକମ୍, ଅଭିଜ୍ଞ ଭାରତୀୟ ବକ୍ସର



> 'ଅଲିମ୍ପିକ୍ସରେ ପଦକ ଜିତିବା ପାଇଁ କେବଳ ବକ୍ସିଂ ଜାରି ରଖିଛି। ଆଜି ପର୍ଯ୍ୟନ୍ତ ଯେଉଁସବୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛି ସବୁଥିରେ ପଦକ ଜିତିଛି। –ସରିତା ଦେବୀ, ଷ୍ଟାର୍ ଭାରତୀୟ ବକ୍ସର



## ସଂକ୍ଷେପରେ

### ଚାଇନା ପାରା-ବ୍ୟାଡ୍‌ମିଣ୍ଟନ
## ଦୁଇଟି ପଦକ ନିଶ୍ଚିତ କଲେ ପ୍ରମୋଦ



**ଭୁବନେଶ୍ୱର, ୨୮।୯(ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶାର ଷ୍ଟାର୍ ଶଟ୍‌ଲର ପ୍ରମୋଦ ଭଗତ ଚାଇନାର ୟୁହାଙ୍ଗ ଝାଙ୍ଗଝୋଉଠାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଉଭୟ ପୁରୁଷ ସିଙ୍ଗଲ୍ସ ଓ ଡବଲ୍ସ ବିଭାଗର ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିସହ ସେ ୨ଟି ପଦକ ନିଶ୍ଚିତ କରିଛନ୍ତି। ଶନିବାର ଖେଳାଯାଇଥିବା ସିଙ୍ଗଲ୍ସ ସେମିଫାଇନାଲ ମ୍ୟାଚ୍‌ରେ ପ୍ରମୋଦ ୨୧-୧୫, ୧୯-୨୧, ୨୧-୧୦ ଗେମ୍‌ରେ ଜାପାନର ଡାଇସୁକେ ଫୁଜିହାରାଙ୍କୁ ପରାସ୍ତ କରିଛନ୍ତି। ପ୍ରମୋଦ ରବିବାର ଖେଳାଯିବାକୁ ଥିବା ଫାଇନାଲ ମୁକାବିଲାରେ ଇଂଲଣ୍ଡର ଡାନିଏଲ୍ ବେଥେଲଙ୍କୁ ଭେଟିବେ। ସେହିଭଳି ଡବଲ୍ସରେ ପ୍ରମୋଦ ଓ ତାଙ୍କ ସାଥୀ ଖେଳାଳି ମନୋଜ ସରକାର ସେମିଫାଇନାଲରେ ସହଜ ବିଜୟ ଲାଭ କରିଛନ୍ତି। ପ୍ରମୋଦ ଓ ମନୋଜ ଯୋଡ଼ି ୨୪-୨୨, ୨୧-୧୪ ଗେମ୍‌ରେ ଚାଇନା ଯୋଡ଼ି ଜିଆଓୟୁ ଚେନ୍ ଓ ୟୁୟାଙ୍ଗ୍ ଗାଓଙ୍କୁ ହରାଇ ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ତେବେ ଫାଇନାଲରେ ଅଲ୍‌ଇଣ୍ଡିଆ ମୁକାବିଲା ଦେଖିବାକୁ ମିଳିବ। ପ୍ରମୋଦ-ମନୋଜ ଯୋଡ଼ି ଏବଂ ଅନ୍ୟତମ ଭାରତୀୟ ଯୋଡ଼ି ବିକ୍ରମ କୁମାର ଓ ସୁହାସ ଲି ମଧ୍ୟରେ ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହେବ।

## କ୍ରୀଡ଼ାମନ୍ତ୍ରୀଙ୍କ ଅଚାନକ କଳିଙ୍ଗ ଷ୍ଟାଡିୟମ ଗସ୍ତ

**ଭୁବନେଶ୍ୱର, ୨୮।୯ (ସ୍ପୋର୍ଟ୍ସ ବ୍ୟୁରୋ):** ରାଜ୍ୟର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଶନିବାର ଅଚାନକ କଳିଙ୍ଗ ଷ୍ଟାଡିୟମ ଗସ୍ତ କରି କର୍ମକର୍ତ୍ତାଙ୍କୁ ଚକିତ କରିଦେଇଛନ୍ତି। ସେଠାରେ ଭିତ୍ତିଭୂମି ଏବଂ ନିର୍ମାଣ କାର୍ଯ୍ୟର ତଦାରଖ କରିଛନ୍ତି। ୨୦୨୦ରେ ଏଠାରେ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ଆୟୋଜନ ହେବ। ସେଥିନେଇ ଏବେ ପଡ଼ିଆ ପ୍ରସ୍ତୁତି, ଷ୍ଟାଡିୟମର ଆଧୁନିକୀକରଣ ଏବଂ ପୁନଃ ନିର୍ମାଣ କାର୍ଯ୍ୟ ଚାଲିଛି। କ୍ରୀଡ଼ାମନ୍ତ୍ରୀ ଏହି ସମସ୍ତ କାର୍ଯ୍ୟର ସମୀକ୍ଷା କରିଥିଲେ। ଗୋପୀଚାନ୍ଦ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ଏକାଡେମୀ ପାଇଁ ଥିବା ୩ ଏକର ଜମି ବୁଲି ଦେଖିବା ସହ ଗଗନ ନାରଙ୍ଗ ଶୁଟିଂ ହାଇ ପରଫର୍ମାନ୍ସ ସେଣ୍ଟର, ଗେଟ୍ ନଂ-୧ ସ୍ଥିତ ହାଇ ପର୍ମାନ୍ସ ହଷ୍ଟେଲ ନିର୍ମାଣ ସମ୍ପର୍କରେ ପଚାରି ବୁଝିଥିଲେ। ମନ୍ତ୍ରୀଙ୍କ ପରିଦର୍ଶନ ଅବସରରେ ଶାସନ ସଚିବ ରଞ୍ଜିତ ପରିଡ଼ା ଓ କଳିଙ୍ଗ ଷ୍ଟାଡିୟମ୍‌ର ଅଫିସର ଇନ୍‌ଚାର୍ଜ୍ୟ ବାରିଜ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍
# ନିରାଶ କଲେ ଦୂତୀ

**ଦୋହା,୨୮।୯(ପି.ଟି.)**

ଏଠାରେ ଚାଲିଥିବା ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ୧୭ତମ ସଂସ୍କରଣ ଦ୍ୱିତୀୟ ଦିବସରେ ପହଞ୍ଚିଛି। ପ୍ରଥମ ଦିନ ଭଳି ଦ୍ୱିତୀୟ ଦିବସରେ ମଧ୍ୟ ଭାରତୀୟ ଆଥଲେଟମାନେ ବିଫଳ ପ୍ରଦର୍ଶନ କରିଛନ୍ତି। ଦେଶର ଦ୍ରୁତତମ ଧାବିକା ଦୂତୀ ଚାନ୍ଦ ୧୦୦ମିଟର ହିଟ୍‌ରେ କ୍ୱାଲିଫାଏ କରିବାରେ ବିଫଳ ହୋଇଛନ୍ତି। ଅର୍ଥାତ ଦୂତୀ ଏହି ହିଟକୁ ଅତିକ୍ରମ କରିପାରିନାହାନ୍ତି। ଶନିବାର ରାତି ୭ଟା ୩୦ରେ ଦୂତୀ ହିଟ୍ ନମ୍ବର ୩ରେ ଅଂଶଗ୍ରହଣ କରିଥିଲେ। ଏହି ହିଟ୍‌ରେ ସେ ୧୧.୪୮ ସେକେଣ୍ଡ ସମୟ ନେଇ ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ଦୌଡ଼ରେ




ଦୂତୀ ବେଶ୍ ଭଲ ଆରମ୍ଭ କରିଥିଲେ। ତାଙ୍କର ରିଆକ୍ସନ ଟାଇମ ମଧ୍ୟ ସବୁଠାରୁ ଦ୍ରୁତ ଥିଲା। ତାଙ୍କର ରିଆକ୍ସନ ଟାଇମ୍ ୦.୧୬୮ ସେକେଣ୍ଡ ରହିଥିଲା। ଏପରିକି ସେ ଅଧା ଦୂରତାକୁ ଅତିକ୍ରମ କରିବାରେ ସବୁଠାରୁ ଆଗରେ




**୧୦୦ମି. ହିଟ୍‌ରେ କ୍ୱାଲିଫାଏ କରିବାରେ ବିଫଳ**

ଥିଲେ। ତେବେ ସେ ଏହାର ଫାଇଦା ଉଠାଇପାରି ନ ଥିଲେ ଓ ଏହାପରେ କଥା ଅଲଗା ହୋଇଥିଲା ଏବଂ ସେ ଅନ୍ୟମାନଙ୍କ ପଛରେ ପଡିଯାଇଥିଲେ। ଚଳିତ ସେସନରେ ଦୂତୀଙ୍କର ଏହା ସବୁଠାରୁ ଖରାପ ପ୍ରଦର୍ଶନ ସାବ୍ୟସ୍ତ ହୋଇଛି। ମୋଟ ଉପରେ ୪୭ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ଦୂତୀ ୩୭ତମ ସ୍ଥାନରେ ରହି ଚାମ୍ପିୟନଶିପ୍‌ରୁ ବାଦ୍ ପଡିଛନ୍ତି। ଏହା ପୂର୍ବରୁ ଫେଡେରେଶନ କପ୍ ଅବସରରେ ଦୂତୀ ଗତ ଫେବୃୟାରୀରେ ୧୧.୫୧ ଓ ମାର୍ଚ୍ଚରେ ୧୧.୬୧ ସେକେଣ୍ଡ ସମୟ ନେଇଥିଲେ। ସେମିଫାଇନାଲ ପାଇଁ ଶେଷ କ୍ୱାଲିଫାୟର ଟାଇମିଂ ୧୧.୩୧ ସେକେଣ୍ଡ ରହିଥିଲା। ଏହା ମଧ୍ୟ ଦୂତୀଙ୍କ ଦକ୍ଷତା ତଥା ପହଞ୍ଚ ମଧ୍ୟରେ ଥିଲା। ତେବେ ସେ ଏହି ଟାଇମିଂ ମଧ୍ୟ ହାସଲ କରିପାରି ନ ଥିଲେ। ଏଥିସହିତ ଦୂତୀ ସେମିଫାଇନାଲ ପାଇଁ ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଛନ୍ତି। ସେମିଫାଇନାଲ ପାଇଁ ଯୋଗ୍ୟତା ହାସଲ କରିଥିଲେ ସେ ୨୦୨୦ ଟୋକିଓ ଅଲିମ୍ପିକ୍ସ କୋଟା ହାସଲ କରିଥାନ୍ତେ। ଟୋକିଓ ଅଲିମ୍ପିକ୍ସ କ୍ୱାଲିଫିକେଶନ ଷ୍ଟାଣ୍ଡାର୍ଡ ୧୧.୧୫ ସେକେଣ୍ଡ ରହିଛି।

ହିଟ୍ ନମ୍ବର ୩ରେ ଅଲିମ୍ପିକ ଚାମ୍ପିୟନ ଜାମାଇକାର ଏଲାଇନ ଥମ୍ପସନ ୧୧.୧୪ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନରେ ରହି କ୍ୱାଲିଫାଏ କରିଛନ୍ତି। ସେହିପରି ତ୍ରିନିଦାଦ ଓ ଟବାଗୋର କେଲି-ଆନ ବାପ୍ଟିଷ୍ଟ ୧୧.୨୧ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହିବା ସହ କ୍ୱାଲିଫାଏ କରିଛନ୍ତି। ସେହିପରି ଆମେରିକାର ମୋରୋଲେକ ଅକିନୋସୁନ ୧୧.୨୩ ସେକେଣ୍ଡ ସମୟ ନେଇ କ୍ୱାଲିଫାଏ କରିଛନ୍ତି। ସେହିପରି ଏହି ହିଟ୍‌ରେ ଚାଇନାର ଜି ମାନକି ୧୧.୨୮, ଫ୍ରାନ୍ସର ଓର୍ଲାନ ଓମ୍ପିସା ଡିଜାନଗୁ ୧୧.୩୪, ବ୍ରିଟେନର ଆଶା ଫିଲିପ୍ ୧୧.୩୫ ସେକେଣ୍ଡ ସମୟ ନେଇ ଯଥାକ୍ରମେ ଚତୁର୍ଥ, ପଞ୍ଚମ ଓ ଷଷ୍ଠ ସ୍ଥାନରେ ରହିଛନ୍ତି। କେବଳ ନର୍ଦ୍ଦର୍ନ ମାରିନା ଆଇଲାଣ୍ଡର ଜାରିନାଏ ସାପୋଙ୍ଗ ୧୩. ୧୪ ସେକେଣ୍ଡ ନେଇ ଦୂତୀଙ୍କ ପଛକୁ ରହିଥିଲେ। ୬ଟି ହିଟ୍‌ର ପ୍ରଥମ ୩ଜଣ ପ୍ରତିଯୋଗୀ ଓ ପରବର୍ତ୍ତୀ ୬ଜଣ ଦ୍ରୁତତମ ପ୍ରତିଯୋଗୀ ସେମିଫାଇନାଲ ପାଇଁ କ୍ୱାଲିଫାଏ କରିଛନ୍ତି। ଉଲ୍ଲେଖଥାଉ କି, ଗତ ୨୦୧୭ ଲଣ୍ଡନ ବିଶ୍ୱ ଚାମ୍ପିୟନଶିପ୍‌ରେ ମଧ୍ୟ ଦୂତୀ ୧୦୦ ମିଟର ହିଟ୍‌ରେ ୧୨.୦୭ ସେକେଣ୍ଡ ସମୟ ନେଇଥିଲେ ଓ ସେମିଫାଇନାଲ ପାଇଁ ଯୋଗ୍ୟତା ହାସଲ କରିପାରି ନ ଥିଲେ। ତେବେ ଚଳିତ ବର୍ଷ ଏପ୍ରିଲରେ ୨୩ ବର୍ଷୀୟା ଦୂତୀ ଦୋହା ଏସିଆନ ଚାମ୍ପିୟନଶିପ୍‌ରେ ୧୧.୨୬ ସେକେଣ୍ଡ ନେଇ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରିବା ସହ ଜାତୀୟ ରେକର୍ଡ ସ୍ଥାପନ କରିଥିଲେ। ଏହି ପ୍ରଦର୍ଶନକୁ ମଧ୍ୟ ସେ ଦୋହରାଇବାରେ ବିଫଳ ହୋଇଛନ୍ତି।

## ରୁଥ୍ ଜିତିଲେ ପ୍ରଥମ ସ୍ୱର୍ଣ୍ଣ

**ଦୋହା, ୨୮।୯:** ଦୋହାରେ ଚାଲିଥିବା ଆଇଏଏଏଫ୍ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ପ୍ରଥମ ଆଥ୍‌ଲେଟ୍ ଭାବେ କେନିଆର ଧାବିକା ରୁଥ୍ ଚେପନଗେଟିଚ୍ ସ୍ୱର୍ଣ୍ଣ ପଦକ ଜିତିବାର କୃତିତ୍ୱ ହାସଲ କରିଛନ୍ତି। ମହିଳା ବିଭାଗ ମାରାଥନ (୪୨.୧୯୫ କି.ମି.)ରେ ୨୫ ବର୍ଷୀୟା ରୁଥ୍ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ମହିଳା ମାରାଥନରେ ଶୀର୍ଷ ମାନ୍ୟତା ରୁଥ୍ ଟାଇଟଲ୍ ଫେଭରାଇଟ୍ ରହିଥିଲେ। ସେ ଏହି ଦୂରତାକୁ ୨ ଘଣ୍ଟା ୩୨ ମିନିଟ୍ ଓ ୪୩ ସେକେଣ୍ଡରେ ଫିନିଶ କରି ପ୍ରଥମ ସ୍ଥାନ ହାସଲ କରିଥିଲେ। ସ୍ଥାନୀୟ ସମୟ ଶୁକ୍ରବାର ରାତି ୧୧ଟା ୫୯ରେ ଏହି ମାରାଥନ ଆରମ୍ଭ ହୋଇଥିଲା। ରାତି ପାଖାପାଖି ୨ଟା ୩୦ରେ ରୁଥ୍ ଫିନିଶିଂ ଲାଇନ୍ ଅତିକ୍ରମ କରିଥିଲେ। ଡିଫେଣ୍ଡିଂ ଚାମ୍ପିୟନ ବାହାରିନର ଧାବିକା ରୋଜ୍ ଚେଲିମୋ (୨:୩୩:୪୬) ଓ ନାମ୍ବିଆର ହେଲାଲିଆ ଜୋହାନ୍ସ (୨:୩୪:୧୫) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିଲେ। ମୋଟ୍ ୬୮ ପ୍ରତିଯୋଗୀ ରନିଂ ଆରମ୍ଭ କରିଥିଲେ ମଧ୍ୟ ପ୍ରବଳ ଗରମ କାରଣରୁ ୨୩ଜଣ ଫିନିଶ୍ କରିବାରେ ବିଫଳ ରହିଥିଲେ। ଏହାକୁ ନେଇ ପ୍ରତିଯୋଗୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖିବାକୁ ମିଳିଥିଲା।




## ଜବିର ସେମିରୁ ବାଦ୍



ବିଶ୍ୱ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିନରେ ଦୂତୀ ଚାନ୍ଦଙ୍କ ପରେ ଅନ୍ୟତମ ଭାରତୀୟ ଆଥଲେଟ ଏମ୍‌ପି ଜବିର ମଧ୍ୟ ବାଦ୍ ପଡିଛନ୍ତି। ପୁରୁଷ ୪୦୦ମିଟର ହର୍ଡଲ୍ସ ରେସ୍‌ରେ ଜବିର କିଛି କରି ଦେଖାଇବେ ବୋଲି ଆଶା କରାଯାଉଥିଲା। ତେବେ ଶେଷରେ ସେ ନିରାଶ କରିଛନ୍ତି। ସେ ୪୦୦ମି. ହର୍ଡଲ୍ସ ରେସ୍‌ର ସେମିଫାଇନାଲରେ ୪୯.୭୧ ସେକେଣ୍ଡ ସମୟ ନେଇ ପଞ୍ଚମ ସ୍ଥାନରେ ରହିଥିଲେ। ଏଥିସହିତ ସେ ଫାଇନାଲକୁ ଉଠିବାରେ ବିଫଳ ହୋଇଛନ୍ତି। ୩ଟି ସେମିଫାଇନାଲର ଶ୍ରେଷ୍ଠ ୨ଜଣ ଖେଳାଳି ଓ ଏହାପରେ ଦ୍ରୁତତମ ୨ଜଣ ଖେଳାଳି ଫାଇନାଲରେ ପ୍ରବେଶ କରିବାର ନିୟମ ରହିଛି। ସେମିଫାଇନାଲ ଅଷ୍ଟମ ଦ୍ରୁତତମ ଟାଇମିଂ ଥିଲା ୪୮.୯୩ ସେକେଣ୍ଡ। ଏହା ଜବିରଙ୍କ ଟାଇମିଂଠାରୁ ଯଥେଷ୍ଟ ଊର୍ଦ୍ଧ୍ୱରେ ଥିଲା।




ବିଜୁ ପଟ୍ଟନାୟକ ହିମାଳୟାନ ଏକ୍ସପେଡିଶନ କାର୍ଯ୍ୟକ୍ରମ ଅନୁଯାୟୀ ମାଉଣ୍ଟ ଷ୍ଟକ୍ କାଙ୍ଗ୍ରୀ (୨୦.୧୨୭ ଫୁଟ୍) ଯାତ୍ରା କରିଥିବା ଗଣେଶ ଜେନାଙ୍କ ନେତୃତ୍ୱାଧୀନ ୧୫ଜଣିଆ ଓଡ଼ିଶା ଦଳକୁ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା କଳିଙ୍ଗ ଷ୍ଟାଡିୟମରେ ସମ୍ବର୍ଦ୍ଧିତ କରୁଛନ୍ତି।

## ପାର୍ବତୀଙ୍କ ଭଳି ପ୍ରତିଭା ବିରଳ

**କଟକ ଅଫିସ,୨୮।୯**

ଖୋର୍ଦ୍ଧା ଜଟଣୀସ୍ଥିତ ରେଳବାଇ ସମ୍ମିଳନୀ କକ୍ଷରେ ଅନ୍ତର୍ଜାତୀୟ ତାରକା ପାର୍ବତୀ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଗତ ଅଗଷ୍ଟରେ ଇଟାଲୀର ଟୋରିନୋ ସହରରେ ଅନୁଷ୍ଠିତ ୟୁରୋପିଆନ ମାଷ୍ଟର୍ସ ଗେମରେ ଭାରତ ପାଇଁ ପାର୍ବତୀ ଡବଲ ପଦକ ବିଜୟୀ ହୋଇ ଫେରିଥିଲେ। ସଟ୍‌ପୁଟରେ ବ୍ରୋଞ୍ଜ ଓ ଡିସକସ୍‌ରେ ପାର୍ବତୀ ରୌପ୍ୟ ପଦକ ଜିତିଥିଲେ। ଡିଭିଜନାଲ ରେଲୱେ ମ୍ୟାନେଜର(ଡିଆର୍‌ଏମ୍) ଶଶିକାନ୍ତ ସିଂ ପାର୍ବତୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କ ଭଳି ପ୍ରତିଭା ଓଡ଼ିଶାରେ ବିରଳ ବୋଲି ମତବ୍ୟକ୍ତ କରିଥିଲେ। 'ପାର୍ବତୀ ପଦକ ଜିତି ଓଡ଼ିଶା ପାଇଁ ଅନେକ ଗୌରବ ଆଣି ସାରିଲେଣି। ଆହୁରି ଅନେକ ବାକି ଅଛି। ଜାପାନଠାରେ ହେବାକୁ ଥିବା



ସମ୍ବର୍ଦ୍ଧିତ ହେବା ଅବସରରେ ପାର୍ବତୀ ସେଠୀ।

ଆଗାମୀ ବିଶ୍ୱ ମାଷ୍ଟର୍ସ ଚାମ୍ପିୟନଶିପ ନିମନ୍ତେ ତାଙ୍କୁ ଏବେଠାରୁ ଶୁଭେଚ୍ଛା ଜଣାଇବା ସହ ପ୍ରସ୍ତୁତି ନିମନ୍ତେ ରେଲୱେ ତରଫରୁ ସମସ୍ତ ସହଯୋଗ କରାଯିବ' ବୋଲି ଡିସିଏମ୍ ସିଂ କହିଥିଲେ। ବରିଷ୍ଠ ଡିସିଏମ୍ ପି.କେ. ସାମଲ, ଏସିଏମ୍ ଦୀନବନ୍ଧୁ ସାହୁ ଏହି ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଥିଲେ। ସୂଚନାଥାଉକି, କଟକର ପାର୍ବତୀ ଗତ କିଛିବର୍ଷରେ ବିଭିନ୍ନ ଅନ୍ତର୍ଜାତୀୟସ୍ତରୀୟ ଟୁର୍ନାମେଣ୍ଟରେ ଲଗାତର ଭାବେ ପଦକ ଜିତି ଆସୁଛନ୍ତି। ୟୁରୋପିଆନ ମାଷ୍ଟର୍ସ ଗେମରେ ସେ ପଦକ ଜିତିବା ପରେ ସର୍ବଭାରତୀୟସ୍ତରରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଥିଲା। ଏପରିକି ମୁଖ୍ୟମନ୍ତ୍ରୀ ମଧ୍ୟ ଟୁଇଟ ଯୋଗେ ପାର୍ବତୀଙ୍କୁ ପ୍ରଶଂସା କରିଥିଲେ।

### ଗୁରୁକୁଳ ଏଆଇଟିଏ-ଓଟିଏ ଟେନିସ
## ଅଂଶୁ ଚାମ୍ପିୟନ

**ଭୁବନେଶ୍ୱର, ୨୮।୯ (ସ୍ପୋର୍ଟ୍ସ ବ୍ୟୁରୋ)**

ଏକ ଲକ୍ଷ ପୁରସ୍କାର ରାଶିବିଶିଷ୍ଟ ଗୁରୁକୁଳ ଏଆଇଟିଏ-ଓଟିଏ ପୁରୁଷ ଟେନିସ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସୋର୍ଟ ଟେନିସ କମ୍ପ୍ଲେକ୍ସ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସରେ ଅଂଶୁ କୁମାର ଭୂୟାଁ ଚାମ୍ପିୟନ ହୋଇଛନ୍ତି। ଫାଇନାଲ ମ୍ୟାଚ୍‌ରେ ଏକ ନମ୍ବର ସିଡ୍ ମାନ୍ୟତାପ୍ରାପ୍ତ ଅଂଶୁ ୬-୩, ୬-୩ ସିଧାସଳଖ ସେଟ୍‌ରେ ୩ୟ ସିଡ୍ ପଶ୍ଚିମବଙ୍ଗର ଅର୍ଘ୍ୟ ଦାସଙ୍କୁ ହରାଇଛନ୍ତି। ଏକ ଲକ୍ଷ ପୁରସ୍କାର ରାଶିବିଶିଷ୍ଟ ଟୁର୍ନାମେଣ୍ଟରେ ଅଂଶୁ କୁମାରଙ୍କ ଏହା କ୍ରମାଗତ ୨ୟ ଟାଇଟଲ୍ ଥିଲା। ପୂର୍ବରୁ ସେ ଏଠାରେ ଅନୁଷ୍ଠିତ ଅନ୍ୟ ଏକ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିଲେ।

ଚାମ୍ପିୟନ ଅଂଶୁ ଓ ରନର୍ସଅପ୍ ଅର୍ଘ୍ୟଙ୍କୁ ଯଥାକ୍ରମେ ୧୨,୫୦୦ ଓ ୮,୪୦୦ ଟଙ୍କା ପୁରସ୍କାର ରାଶି ମିଳିଥିଲା। ସେହିଭଳି ଟୁର୍ନାମେଣ୍ଟରୁ ଅଂଶୁଙ୍କୁ ୨୦ ଓ ଅର୍ଘ୍ୟଙ୍କୁ ୧୫ ଏଆଇଟିଏ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ମିଳିଛି। ଟୁର୍ନାମେଣ୍ଟ ନିର୍ଦ୍ଦେଶକ ପ୍ରଦୀପ ପ୍ରଧାନ ଅତିଥିଭାବେ ଯୋଗଦେଇ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯତୀନ ବସ୍ୟ (ଟୁର୍ନାମେଣ୍ଟ ରେଫରି), ଚିନ୍ମୟ ପ୍ରଧାନ (ଗୁରୁକୁଳ ରିସୋର୍ଟ ନିର୍ଦ୍ଦେଶକ) ଓ ପ୍ରକାଶ ପଟ୍ଟନାୟକ (ଓଟିଏ ମ୍ୟାନେଜର) ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିଥିଲେ। ଏହି ପ୍ରତିଯୋଗିତାରେ ପଶ୍ଚିମବଙ୍ଗ, ତାମିଲନାଡୁ, ତେଲେଙ୍ଗାନା, କର୍ଣ୍ଣାଟକ, ଆନ୍ଧ୍ର ପ୍ରଦେଶ, ମହାରାଷ୍ଟ୍ର, ଛତିଶଗଡ଼, ଉତ୍ତର ପ୍ରଦେଶ, ଦିଲ୍ଲୀ, ମଧ୍ୟପ୍ରଦେଶ ଓ ଆୟୋଜକ ଓଡ଼ିଶାକୁ ମିଶାଇ ୧୧ଟି ରାଜ୍ୟର ୪୭ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ।



ଟ୍ରଫି ସହ ଅତିଥିଙ୍କ ଗହଣରେ ଅଂଶୁ ଓ ଅର୍ଘ୍ୟ।

### ବାରବାଟୀ ଷ୍ଟାଡିୟମ: ସୁଧୁରିନି ଫନୀ ପ୍ରକୋପ
# ଅନିଶ୍ଚିତତାରେ ଭାରତ-ୱେଷ୍ଟଇଣ୍ଡିଜ ମ୍ୟାଚ୍

**କଟକ ଅଫିସ,୨୮।୯**

ବାରବାଟୀ ଷ୍ଟାଡିୟମରେ ନ ହୋଇପାରେ ଆସନ୍ତା ଭାରତ-ୱେଷ୍ଟଇଣ୍ଡିଜ ବିପକ୍ଷ ଅନ୍ତର୍ଜାତୀୟ ମ୍ୟାଚ୍। ଏବେ ସୁଦ୍ଧା ଫନୀ ପ୍ରଭାବର କ୍ଷୟକ୍ଷତି ପୂରଣ ହୋଇନି। ଭଙ୍ଗାରୁଜା ଅବସ୍ଥାରେ ପଡ଼ିଛି ରାଜ୍ୟର ଏହି ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ କ୍ରିକେଟ ଷ୍ଟାଡିୟମ। ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ କରିବା ଭଳି ପରିସ୍ଥିତି ମଧ୍ୟ ନାହିଁ। ଏଣୁ ଓଡ଼ିଶାର କ୍ରୀଡ଼ାପ୍ରେମୀ ନିରାଶ ହେବାର ଆଶଙ୍କା ସୃଷ୍ଟି ହେଲାଣି। ଅନ୍ୟପକ୍ଷରେ କ୍ଷୟକ୍ଷତି ଆକଳନ ରିପୋର୍ଟ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ନିକଟକୁ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ପଠାଯାଇଥିଲେ ମଧ୍ୟ ଏଯାଏଁ ଉତ୍ତର ଆସିନି। ବିସିସିଆଇ ନିର୍ବାଚନ ହେବା ପରେ ବୋଧହୁଏ ବାରବାଟୀର କ୍ଷୟକ୍ଷତି ପ୍ରତି ଦୃଷ୍ଟି ଦିଆଯିବ। ସେତେବେଳକୁ ନେଡ଼ିଗୁଡ଼ କହୁଣିକୁ ବୋହି ଯାଇଥିବା ଭଳି ସ୍ଥିତି ଉପୁଜି ସାରିଥିବ। ଓସିଏର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ମ୍ୟାଚ୍ ଆୟୋଜନ କରିବାକୁ ହେଲେ ଆଉ କିଛିଦିନ ମଧ୍ୟରେ ମରାମତି କାମ ଆରମ୍ଭ କରିବାକୁ ହେବ। ବିସିସିଆଇ ନିର୍ବାଚନ ପରେ କାମ ଆରମ୍ଭ ହେଲେ ମ୍ୟାଚ ପୂର୍ବରୁ ସରିବା ମୁସ୍କିଲ। ଏଣୁ ଅନିଶ୍ଚିତତା ମଧ୍ୟରେ ରହିଛି ଆସନ୍ତା ଅନ୍ତର୍ଜାତୀୟ ମ୍ୟାଚ।

ଆସନ୍ତା ଡିସେମ୍ବର ୬ ତାରିଖରୁ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ଦଳ ଭାରତରେ ୩ଟି ଟି୨୦ ଓ ୩ଟି ଏକଦିବସୀୟ ମ୍ୟାଚ୍ ଖେଳିବ। ଏକଦିବସୀୟ ସିରିଜର ଚୂଡ଼ାନ୍ତ ତଥା ୩ୟ ମ୍ୟାଚ୍‌ଟି ବାରବାଟୀ ଷ୍ଟାଡିୟମରେ ଖେଳାଯିବ ବୋଲି ନିଷ୍ପତ୍ତି ହୋଇଛି। ୪୫ହଜାର ଦର୍ଶକ କ୍ଷମତା ବିଶିଷ୍ଟ ଏହି ଷ୍ଟାଡିୟମ ଏବେ ଭଙ୍ଗାରୁଜା ଅବସ୍ଥାରେ ଅଛି। ଗତ ମେ ୩ରେ ସାମୁଦ୍ରିକ ଝଡ଼ ଫନୀ ପ୍ରଭାବରେ ସମ୍ପୂର୍ଣ୍ଣ ରାଜ୍ୟ ପ୍ରଭାବିତ ହୋଇଥିବା ବେଳେ ଏଥିରୁ ବାରବାଟୀ ଷ୍ଟାଡିୟମ ମଧ୍ୟ ବାଦ୍ ପଡ଼ି ନ ଥିଲା। ଫନୀ ପ୍ରଭାବରେ ପ୍ରାୟ ୨୦ କୋଟି ଟଙ୍କାର କ୍ଷତି ହୋଇଥିଲା। ସମସ୍ତ ଫ୍ଲଡ ଲାଇଟ୍‌ର ବଲବ ଭାଙ୍ଗିଯାଇଥିବା‌ବେଳେ କର୍ପୋରେଟ ବକ୍ସ, ମିଡ଼ିଆ ଗ୍ୟାଲେରି, ସ୍ପେଶାଲ ଏନ୍‌କ୍ଲୋଜର, ସମ୍ମିଳନୀ କକ୍ଷ ସମେତ ବିଭିନ୍ନ ପାର୍ଶ୍ୱ ଭାଙ୍ଗି ନଷ୍ଟ ହୋଇଯାଇଛି। ଏହାଛଡ଼ା ଗତ ମାସରେ କିଛି ଗ୍ୟାଲେରିରୁ ପ୍ଲାଷ୍ଟର ମଧ୍ୟ ଖସୁଥିବା ଦେଖିବାକୁ ମିଳିଥିଲା। ଓଡ଼ିଶା ଅଲିମ୍ପିକ ଆସୋସିଏଶନ(ଓଏ) ପକ୍ଷରୁ ଏହି ସ୍ଥାନ



ଗୁଡ଼ିକରେ ଜାଲ ବାନ୍ଧି ଦିଆଯାଇଥିଲା। ଗତ ଅଗଷ୍ଟ ୭ ତାରିଖରେ କିମ୍ବଦନ୍ତୀ କ୍ରିକେଟର କପିଳ ଦେବଙ୍କ କମ୍ପାନୀ 'ଦେବ ମସ୍କୋ' ବାରବାଟୀ ଷ୍ଟାଡିୟମର କ୍ଷୟକ୍ଷତି ଆକଳନ କରି ଫେରିଥିଲା। କମ୍ପାନୀର ୨ଜଣ ବରିଷ୍ଠ ଅଧିକାରୀ ଆକଳନ ଦାୟିତ୍ୱରେ ଆସିଥିଲେ। ବର୍ଷା ଯୋଗୁ ଏମାନେ ଷ୍ଟାଡିୟମର ସମସ୍ତ ଭାଗ ବୁଲିପାରି ନ ଥିବାବେଳେ ଆକଳନ ଶେଷ କରିଥିଲେ ବୋଲି ସୂଚନା ଦେଇଥିଲେ। ତେବେ କ୍ଷୟକ୍ଷତି କେତେ ଘଟିଛି ସେ ରିପୋର୍ଟ ସେମାନେ ଫେରିବା ପରେ ମେଲ୍ ଯୋଗେ ଓଡିଶା କ୍ରିକେଟ ଆସୋସିଏଶନ(ଓସିଏ) ଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)କୁ ଜଣାଇଥିଲେ। 'ଦେବ ମସ୍କୋ' କମ୍ପାନୀ କେବଳ ଫ୍ଲଡ ଲାଇଟ ମରାମତି କାର୍ଯ୍ୟ ହାତକୁ ନେବ। ଏହି କମ୍ପାନୀ ଏକଥା ବି ସ୍ପଷ୍ଟ କରିଥିଲା ଯେ, କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଅତିବେଶିରେ ଏକ ମାସ ସମୟ ଲାଗିବ। ଯଦି କେବଳ ଫ୍ଲଡ ଲାଇଟ ମରାମତିକୁ ଏକମାସ ସମୟ ଆବଶ୍ୟକ ତେବେ ଷ୍ଟାଡିୟମକୁ ସମ୍ପୂର୍ଣ୍ଣ ଭାବେ ସଜାଡିବାକୁ କେତେ ସମୟ ଲାଗିବ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଗତ ଶୁକ୍ରବାର ଶେଷ ହୋଇଛି ଓସିଏର କର୍ମକର୍ତ୍ତା ନିର୍ବାଚନ। ଏହାପରେ ଆସନ୍ତା ଅକ୍ଟୋବର ୨୨ରେ ବିସିସିଆଇ ନିର୍ବାଚନ ଦିନ ଧାର୍ଯ୍ୟ ହୋଇଛି। ବିସିସିଆଇ ନିର୍ବାଚନ ସରିଲେ ହିଁ ଓସିଏକୁ ପାଣ୍ଠି ଦିଆଯିବ ବୋଲି ଓସିଏର ଜଣେ ଅଧିକାରୀ କହିଛନ୍ତି। ଯଦି ଏପରି ହୁଏ ତାହେଲେ ବାରବାଟୀକୁ ମରାମତି କରାଯାଇ ମ୍ୟାଚ କରାଯିବା କାଠିକର ପାଠ ହେବ।

### ୱେଷ୍ଟଇଣ୍ଡିଜର ୪ର୍ଥ ଗସ୍ତ

ଆସନ୍ତା ଅନ୍ତର୍ଜାତୀୟ ମ୍ୟାଚ ବାରବାଟୀରେ ହେଲେ ଏହାହେବ ୱେଷ୍ଟଇଣ୍ଡିଜ ଦଳ ନିମନ୍ତେ ଓଡ଼ିଶାକୁ ୪ର୍ଥ ଗସ୍ତ। ପ୍ରଥମଥର ନିମନ୍ତେ ୧୯୯୪ ନଭେମ୍ବର ୯ରେ ଭାରତ ବିପକ୍ଷରେ ଏଠାରେ ଏକ ଏକଦିବସୀୟ ମ୍ୟାଚ୍ ୱେଷ୍ଟଇଣ୍ଡିଜ ଖେଳିଥିଲା। ପରେ ୨୦୦୭ ମସିହା ଜାନୁୟାରୀ ୨୪ ଓ ୨୦୧୧ ମସିହା ନଭେମ୍ବର ୨୯ ତାରିଖରେ ମଧ୍ୟ ୱେଷ୍ଟଇଣ୍ଡିଜ ଭାରତ ବିପକ୍ଷରେ ଏକଦିବସୀୟ ମ୍ୟାଚ୍ ବାରବାଟୀ ଷ୍ଟାଡିୟମରେ ଖେଳିଛି। ଅନ୍ୟପକ୍ଷରେ ବାରବାଟୀ ଷ୍ଟାଡିୟମରେ ଏହା ହେବ ୨୧ତମ ଅନ୍ତର୍ଜାତୀୟ ଏକଦିବସୀୟ ମ୍ୟାଚ୍।



# ଅଳ୍ପ ବୟସରୁ ମେଦବହୁଳତା ଓ ହୃଦ୍‌ରୋଗ







ପ୍ରଫେସର ଡା. ରମାରମଣ ଷଡ଼ଙ୍ଗୀ

**ସମସ୍ତଙ୍କର ଧାରଣା ଯେ, ପାଶ୍ଚାତ୍ୟ ଦେଶରେ ବେଶି ମୋଟାପଣିଆ ଦେଖାଯାଏ। କିନ୍ତୁ ବର୍ତ୍ତମାନ ଭାରତ ମୋଟାପଣିଆର ଗନ୍ତାଘର ପାଲଟିଯାଇଛି। ବିଶେଷଭାବରେ ସାରା ବିଶ୍ୱର ସବୁ ଦେଶ ଅପେକ୍ଷା ଭାରତରେ ହିଁ ଅଳ୍ପ ବୟସରେ ମେଦବହୁଳଙ୍କ ସଂଖ୍ୟା ବଢ଼ିଚାଲିଛି– ଯାହାକି ହୃଦ୍‌ରୋଗ ଭଳି ଗୁରୁତର ସ୍ୱାସ୍ଥ୍ୟଜନିତ ଜଟିଳତା ସୃଷ୍ଟି କରୁଛି...**

ବର୍ତ୍ତମାନ ଶାରୀରିକ ପରିଶ୍ରମର ଅଭାବ, ଅସନ୍ତୁଳିତ ଖାଦ୍ୟାଭ୍ୟାସଠାରୁ ଆରମ୍ଭ କରି ଅନେକ କାରଣରୁ ଆମ ଦେଶରେ ଅଳ୍ପ ବୟସରୁ ଅନେକଙ୍କଠାରେ ମେଦବହୁଳତା ରୋଗ ଦେଖିବାକୁ ମିଳୁଛି। ଓଜନ ବେଶି ହେବାରୁ ଭବିଷ୍ୟତରେ ମଧୁମେହ ରୋଗ, ଉଚ୍ଚ ରକ୍ତଚାପ ଏବଂ ରକ୍ତରେ ଚର୍ବିର ଆଧିକ୍ୟ ବା ହାଇ କୋଲେଷ୍ଟରଲ ରୋଗର ଆଶଙ୍କା ବୃଦ୍ଧି ପାଉଛି। ବେଳେବେଳେ ଏସବୁ ରୋଗ ଅଳ୍ପ ବୟସ୍କଙ୍କଠାରେ ବି ଦେଖିବାକୁ ମିଳୁଛି, ଯାହାକି ପରବର୍ତ୍ତୀ ସମୟରେ ହୃଦ୍‌ରୋଗର କାରଣ ସାଜୁଛି।

ଅନେକଙ୍କର ଓଜନ କିଛି କେ.ଜି. ବଢ଼ିଗଲେ ମଧ୍ୟ ସେମାନେ ବେଶି ମୋଟା ହୁଅନ୍ତି ନାହିଁ। କେତେଙ୍କର ଶରୀର ସାଧାରଣ ଫ୍ରେମ୍‌ଠାରୁ ବଡ଼ ଫ୍ରେମ୍‌ର ଥାଏ। ଏହାଛଡ଼ା ବର୍ଦ୍ଧନଶୀଳ ବୟସ ସହ ବିଭିନ୍ନ ପର୍ଯ୍ୟାୟରେ ଶରୀରରେ ଅଲଗା ଅଲଗା ଚର୍ବି ଗଚ୍ଛିତ ହୋଇଥାଏ। ତେଣୁ ବଢୁଥିବା ଓଜନ କେତେ କ୍ଷତିକାରକ, ତାହା ସହଜରେ ଜାଣିହୁଏ ନାହିଁ ଏବଂ କେବେକେବେ ଏହା ଜଟିଳ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ। ତେଣୁ ଏହାକୁ ଜାଣିବା ଲାଗି ଡାକ୍ତରଙ୍କ ପରାମର୍ଶ କ୍ରମେ ବୟସ, ଓଜନ ଓ ଉଚ୍ଚତାର ମାପକାଠି ଅର୍ଥାତ୍ ବଡିମାସ୍ ଇଣ୍ଡେକ୍ସ ନିଆଯାଇ ରକ୍ତ ପରୀକ୍ଷା କରାଯାଏ।

**କାରଣ :**

**୧– ଜୀବନଶୈଳୀ :** ବର୍ତ୍ତମାନ ଅନେକଙ୍କର ଜୀବନଶୈଳୀ ହିଁ ସେମାନଙ୍କଠାରେ ବିଭିନ୍ନ ରୋଗର ମୁଖ୍ୟ କାରଣ। ବ୍ୟାୟାମ ନ କରି ଅଳ୍ପ ପରିଶ୍ରମ କରିବା ସହ ଉଚ୍ଚ କ୍ୟାଲୋରିଯୁକ୍ତ ଖାଦ୍ୟ ଖାଇବା, ମୃଦୁ ପାନୀୟ ପିଇବା ଦ୍ୱାରା ମେଦ ବୃଦ୍ଧି ହେଉଛି, ଯାହାକି ପରବର୍ତ୍ତୀ ସମୟରେ ହୃଦ୍‌ରୋଗ ଆଶଙ୍କା ବୃଦ୍ଧି କରୁଛି।

**୨– ଖାଦ୍ୟ :** ଘରୋଇ ସନ୍ତୁଳିତ ଆହାର ଗ୍ରହଣ ନ କରି ବର୍ତ୍ତମାନ ଅଧିକାଂଶ ନିୟମିତ ଭାବରେ ଉଚ୍ଚ କ୍ୟାଲୋରିଯୁକ୍ତ ଖାଦ୍ୟ ଯଥା– ଫାଷ୍ଟଫୁଡ୍ ଓ ଜଙ୍କ୍‌ଫୁଡ୍, ବାହାରେ ମିଳୁଥିବା ଛଣାଛଣି, ସ୍ନାକ୍ସ, ଆଇସକ୍ରିମ୍ ଆଦି ଖାଇବାକୁ ବେଶି ପସନ୍ଦ କରୁଛନ୍ତି, ଯାହା ଓଜନ ବୃଦ୍ଧି ସହ ବିଭିନ୍ନ ରୋଗର ମୁଖ୍ୟ କାରଣ।

**୩– ବ୍ୟାୟାମର ଅଭାବ :** ଦିନ ଥିଲା ଫାଙ୍କା ସମୟ ମିଳିବାମାତ୍ରେ ପିଲାମାନେ ବାହାରେ ଖେଳକୁଦ କରୁଥିଲେ। ହେଲେ ବର୍ତ୍ତମାନ ଭିଡିଓ ଗେମ୍‌ଠୁ ଆରମ୍ଭ କରି ବିଭିନ୍ନ ଇନ୍‌ଡୋର ଗେମ୍ ଖେଳିବା ସହ ଖାଉଛନ୍ତି। ଫଳରେ ଶାରୀରିକ ବ୍ୟାୟାମ ଆଦୌ ହେଉନାହିଁ। ଏଣୁ କ୍ୟାଲୋରି ଖର୍ଚ୍ଚ ନ ହୋଇ ମେଦ ବୃଦ୍ଧି ହେଉଛି। କେବଳ ଏତିକି ନୁହେଁ; ମୋବାଇଲ୍, କମ୍ପ୍ୟୁଟର ଆଦିର ଦୀର୍ଘ ବ୍ୟବହାର ବି ଏଥିପାଇଁ ଦାୟୀ।

**୪– ପରିବାରରେ ମୋଟାପଣିଆ :** ଯାହାର ପରିବାରରେ ମା'ବାପା, ଜେଜେବାପା, ଜେଜେମା, ଅଜା, ଆଈ ବା ଅନ୍ୟ ଭାଇଭଉଣୀମାନେ ମୋଟା ଥା'ନ୍ତି, ସେମାନଙ୍କଠାରେ ବଂଶଗତ ମୋଟାପଣିଆ ଦେଖାଯାଏ।

**୫– ମାନସିକ କାରଣ :** ଅନେକେ ବିଭିନ୍ନ କାରଣରୁ ମାନସିକ ଚାପ ଭିତରେ ଥାଆନ୍ତି। ଏହାସହ ଭାବପ୍ରବଣତା ଓ ବିରକ୍ତି ଭାବକୁ ଏଡାଇବାକୁ ଯାଇ ଆବଶ୍ୟକତାଠାରୁ ଅଧିକ ଖାଇଦିଅନ୍ତି, ଯାହାକି ମେଦବୃଦ୍ଧି କରି ବିଭିନ୍ନ ରୋଗ ଉପୁଜାଇଥାଏ।

**ଜଟିଳତା :** ଏମାନଙ୍କର ଶାରୀରିକ, ମାନସିକ ଓ ସାମାଜିକ ସ୍ତରରେ ଅନେକ ଜଟିଳତା ଦେଖାଦେଇଥାଏ।

**ଶାରୀରିକ ଜଟିଳତା :**

୧– **ଟାଇପ୍–୨ ମଧୁମେହ ରୋଗ:** ଆଦୌ କାମ ନ କରି କେବଳ ବସି ବସି ପାଠ ପଢ଼ିବା, ଭିଡିଓ ଗେମ୍ ଖେଳିବା, କମ୍ପ୍ୟୁଟର, ଟିଭି ଦେଖିବା ଯୋଗୁଁ ଟାଇପ୍–୨ ମଧୁମେହ ରୋଗ ହେବାର ଆଶଙ୍କା ବଢିଯାଏ।

**୨– ମେଟାବୋଲିକ୍ ସିଣ୍ଡ୍ରୋମ୍:** ମୋଟା ହେବା ଯୋଗୁ ଅଳସୁଆ ହେଲେ, ଭବିଷ୍ୟତରେ ହୃଦ୍‌ରୋଗ, ମଧୁମେହ ରୋଗ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜିଥାଏ। ଏହାଦ୍ୱାରା ଉଚ୍ଚ ରକ୍ତଚାପ, ରକ୍ତରେ ଶର୍କରା ଓ ଚର୍ବିର ଆଧିକ୍ୟ ବିଶେଷ ଭାବରେ (ଏଲଡିଏଲ) କୋଲେଷ୍ଟରଲ ହେଲେ ଏହାର କମ୍ ଅନୁପାତ (କମ୍ ଏଚ୍‌ଡିଏଲ) ତଥା ପେଟରେ ଚର୍ବି ଜମିଯିବା ଭଳି ଜଟିଳତା ଦେଖାଦେଇଥାଏ।

**୩– ଉଚ୍ଚ ରକ୍ତଚାପ ଓ କୋଲେଷ୍ଟରଲର ଆଧିକ୍ୟ:** ଯଦି ଖାଦ୍ୟ ପଦାର୍ଥ ସ୍ୱାସ୍ଥ୍ୟକର ହୋଇ ନ ଥାଏ, ତେବେ ଉଚ୍ଚ ରକ୍ତଚାପ ଓ କୋଲେଷ୍ଟରଲ ବଢିଯିବା ଭଳି ଅସୁବିଧା ହୋଇଥାଏ । ଏହାଦ୍ୱାରା ଧମନୀର ଭିତରପଟ କାନ୍ଥରେ ଚର୍ବିଅଂଶ ଜମିଯିବାରୁ ଧମନୀ ସରୁ ଓ ଟାଣ ହୋଇଯାଏ। ଏଥିପାଇଁ ହୃଦ୍‌ଘାତ ଓ ମସ୍ତିଷ୍କାଘାତ ହୋଇଥାଏ।

**୪– ଶ୍ୱାସରୋଗ:** ମେଦବୃଦ୍ଧି ହେଲେ ଶ୍ୱାସରୋଗର ଆଶଙ୍କା ବଢିଥାଏ।

**୫– ନିଦ୍ରାଗତ ବିଶୃଙ୍ଖଳା:** ପ୍ରତିରୋଧକ ନିଦ୍ରାଗତ ବିଶୃଙ୍ଖଳା ହୋଇ ଶ୍ୱାସରୁଦ୍ଧ ହେବା (ଅବଷ୍ଟ୍ରକଟିଭ୍ ସ୍ଲିପ୍ ଆପିଆ) ଗୋଟିଏ ଗୁରୁତର ରୋଗ, ଯେଉଁଥିରେ ଶ୍ୱାସନଳୀ ବାରମ୍ବାର ବନ୍ଦ ହୋଇଯାଏ ଏବଂ ନିଦରେ ଶୋଇଥିବା ବେଳେ ଏହା ଖୋଲିଯାଏ।

**୬– ନନ୍ ଆଲ୍‌କୋହଲିକ୍ ଫ୍ୟାଟି ଲିଭର ଡିଜିଜ୍:** ଏହି ରୋଗର କୌଣସି ଲକ୍ଷଣ ନଥିଲେ ମଧ୍ୟ ଏହା ଯକୃତରେ ଚର୍ବି ଜମିବାରେ ସାହାଯ୍ୟ କରେ । ଜମାଟବନ୍ଧା ଚର୍ବି ଯକୃତ ବା ଲିଭରରେ କ୍ଷତ ସୃଷ୍ଟିକରି ଲିଭରକୁ ନଷ୍ଟ କରିଦିଏ।

**ସାମାଜିକ ଓ ମାନସିକ ଜଟିଳତା :** ଅନେକଙ୍କୁ ମୋଟାପଣ ପାଇଁ ବେଶୀ ଥଟ୍ଟା ଓ ତାଚ୍ଛିଲ୍ୟପରାର ସମ୍ମୁଖୀନ ହେବାକୁ ପଡିଥାଏ। ଫଳରେ ସେମାନେ ନିଜ ଉପରୁ ଆତ୍ମସମ୍ମାନ ଓ ଆତ୍ମବିଶ୍ୱାସ ହରାଇବା ସହ ସବୁବେଳେ ଉଦ୍‌ବେଗ ଜନିତ ଅବସ୍ଥାରେ ରହିଥାନ୍ତି। କେବେକେବେ ଏଥିପାଇଁ ସେମାନେ ଅବସାଦ ଗ୍ରସ୍ତ ହୋଇପଡନ୍ତି ଏବଂ ସେମାନଙ୍କଠାରେ ହୃଦ୍‌ରୋଗ ଆଙ୍କା ବଢିଥାଏ।

**ପ୍ରତିଷେଧକ ବ୍ୟବସ୍ଥା:**

– ଅଧିକ ମିଠା, ତେଲମସଲାଯୁକ୍ତ ଖାଦ୍ୟ, ଫାଷ୍ଟଫୁଡ୍ ନ ଖାଇ ସନ୍ତୁଳିତ ଖାଦ୍ୟାଭ୍ୟାସ କରନ୍ତୁ। ପ୍ରଚୁର ପାଣି ପିଅନ୍ତୁ।
– ଖାଇବା ସମୟରେ ମୋବାଇଲ, ଟିଭି ଆଦି ଦେଖନ୍ତୁ ନାହିଁ।
– ଶାରୀରିକ ବ୍ୟାୟାମ କରନ୍ତୁ ଏବଂ ଆବଶ୍ୟକ ମାତ୍ରାରେ ଶୋଇବାକୁ ଚେଷ୍ଟା କରନ୍ତୁ।
– ଅଳ୍ପ ବୟସରେ ମେଦବୃଦ୍ଧି ହେଉଥିଲେ ଡାକ୍ତରଙ୍କ ପରାମର୍ଶକ୍ରମେ ମଝିରେ ମଝିରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇନିଅନ୍ତୁ।

–ହୃଦ୍‌ବକ୍ଷ ଶଲ୍ୟ ବିଶେଷଜ୍ଞ
ମୋ– ୯୪୩୭୦୫୫୦୦୭

# ମୋବାଇଲ ଧରୁଥିଲେ...

ୟୁ | ଥ୍ | ଆ | ଲ | ର୍ଟ





**ବର୍ତ୍ତମାନ ସମୟରେ ମୋବାଇଲ ସମସ୍ତଙ୍କ ଲାଗି ଏକ ଅତ୍ୟାବଶ୍ୟକ ଉପକରଣ ପାଲଟିଯାଇଛି। କେବଳ ଯୋଗାଯୋଗ ଲାଗି ନୁହେଁ ନିଜର ଫଟୋ, ଭିଡିଓ, ସାର୍ଟିଫିକେଟ୍, ବ୍ୟାଙ୍କ ଡିଟେଲ୍ ଭଳି ବିଭିନ୍ନ ପର୍ସନାଲ୍ ଡାଟା ଠାରୁ ଆରମ୍ଭ କରି ଅଫିସିଆଲ ଡାଟା ପର୍ଯ୍ୟନ୍ତ ସବୁକିଛି ଷ୍ଟୋର କରି ରଖି ହେଉଛି। ହେଲେ କେବେ କେବେ ଫୋନ୍ ହଜିବା କିମ୍ବା ଚୋରି ହେବା ଆଶଙ୍କା ବି ଥାଏ। ତେଣୁ କେତେକ ଦିଗ ପ୍ରତି ଦୃଷ୍ଟି ଦିଅନ୍ତୁ...**

❖ପ୍ରଥମ କଥା ହେଉଛି ମୋବାଇଲ ଫୋନ ନ ହଜିବା କିମ୍ବା ଚୋରି ନ ହେବା ଲାଗି ବାହାରକୁ ଯିବା ବେଳେ ଏହାକୁ ବ୍ୟାଗ୍ କିମ୍ବା ପକେଟ୍‌ରେ ଏପରି ରଖନ୍ତୁ ଯେପରି ହଠାତ୍ କାହା ନଜରକୁ ନ ଆସେ।

❖ଦ୍ୱିତୀୟ କଥା ହେଉଛି ଫୋନ୍ ଆପଣଙ୍କର ଯେତେ ପର୍ସନାଲ୍ ହେଉ ନା କାହିଁକି, ଏଥିରେ ଏଭଳି କିଛି ଡାଟା ଷ୍ଟୋର କରି ରଖନ୍ତୁ ନାହିଁ ଯାହାକି ଅନ୍ୟ ହାତରେ ଲାଗିଲେ ତାହାର ଅପବ୍ୟବହାର ଆପଣଙ୍କୁ ଅସୁବିଧାରେ ପକାଇପାରିବ।

❖ମୋବାଇଲ ଫୋନ୍‌କୁ ପାସ୍‌ୱାର୍ଡ ପ୍ରୋଟେକ୍ଟେଡ୍ ରଖନ୍ତୁ। ଏଥିପାଇଁ ଆପଣ ସିକ୍ୟୁରିଟି କୋଡ୍, ପାଟର୍ନ ହେଉ କିମ୍ବା ଫିଙ୍ଗର୍‌ପ୍ରିଣ୍ଟ ଲକ୍ ସିଷ୍ଟମର ସୁବିଧା ନେଇପାରିବେ।

❖ଫୋନ୍‌ରେ କ୍ରେଡିଟ୍ କାର୍ଡ, ପାସ୍‌ୱାର୍ଡ, ଫଟୋ କିମ୍ବା ଅନ୍ୟାନ୍ୟ ମହତ୍ତ୍ୱପୂର୍ଣ୍ଣ ଡାଟା ରଖିବା ନିହାତି ଜରୁରି ଥିଲେ ପାସ୍‌ୱାର୍ଡ ମ୍ୟାନେଜମେଣ୍ଟ ସଫ୍ଟୱେର୍ ରଖିବାକୁ ଆଦୌ ଭୁଲନ୍ତୁ ନାହିଁ।

❖ଫୋନ୍‌ରେ ଅପ୍‌ଲୋଡିଂ ଏବଂ ଡାଉନ୍‌ଲୋଡିଂରେ ଲକ୍ ସିଷ୍ଟମ୍ ବ୍ୟବହାର କରନ୍ତୁ। ଯାହାଦ୍ୱାରା ଆପଣଙ୍କ ବ୍ୟତୀତ ଅନ୍ୟ କେହି ଚାହିଁଲେ ଫୋନ୍‌ରୁ କୌଣସି ଡାଟା କପି କିମ୍ବା ଫର୍‌ୱାର୍ଡ କରିପାରିବେ ନାହିଁ।

❖ଯଦି ଫୋନ୍‌ରେ ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି ତେବେ ସିକ୍ୟୁରିଟି ସିଷ୍ଟମ୍ ରଖନ୍ତୁ। ତଥାପି ଫୋନ୍ ହଜିବା ମାତ୍ରେ ପ୍ରଥମେ ସମସ୍ତ ଅନ୍‌ଲାଇନ୍ ଆକାଉଣ୍ଟର ପାସ୍‌ୱାର୍ଡ ପରିବର୍ତ୍ତନ କରିଦିଅନ୍ତୁ।

❖ଲାପ୍‌ଟପ୍ କିମ୍ବା ଡେସ୍କଟପ୍‌ରେ ଫୋନ୍‌ରେ ଥିବା ସମସ୍ତ ଡାଟାର ବ୍ୟାକ୍‌ଅପ୍ ରଖନ୍ତୁ।

❖ଯଦି କେବେ ଫୋନ୍ ହଜେ ବା ଚୋରି ହୋଇଯାଏ ତେବେ ତୁରନ୍ତ ସିମ୍ କନେକ୍ସନ୍‌କୁ ବ୍ଲକ କରିଦିଅନ୍ତୁ ଏବଂ ନିକଟସ୍ଥ ଥାନାରେ ଏକ କମ୍ପ୍ଲେନ୍ ଲେଖାଇଦିଅନ୍ତୁ । ନଚେତ୍ ଆପଣଙ୍କ ଫୋନ୍‌ର ଅପବ୍ୟବହାର କରି କେହି କୌଣସି ଆପରାଧିକ କାର୍ଯ୍ୟ କରି ଆପଣଙ୍କୁ ଅସୁବିଧାରେ ପକାଇପାରନ୍ତି।

## ଏ ସପ୍ତାହର ପ୍ରଶ୍ନ

୧– 'ଗାର୍ଲ ପାୱାର: ଇଣ୍ଡିଆନ୍ ଓମେନ୍ ହୁ ବ୍ରୋକ୍ ଦ ରୁଲ୍‌ସ' ପୁସ୍ତକ ........... ଲେଖିଛନ୍ତି ?
୨– ମେନ୍ସ ୱାର୍ଲ୍ଡ ବକ୍ସିଂ ଚାମ୍ପିୟନ୍‌ଶିପ୍‌ର ଫାଇନାଲ୍‌କୁ ଯାଇଥିବା ପ୍ରଥମ ଭାରତୀୟ ବକ୍ସର୍......... ?
୩– ଇଣ୍ଟରନ୍ୟାଶନାଲ୍ ଡେ ଅଫ୍ ସାଇନ୍ ଲାଙ୍ଗୁଏଜ୍ ୨୦୧୯ର ଥିମ୍ ...............?
୪– ପୃଥିବୀର ପ୍ରଥମ ଓଟ ଚିକିତ୍ସାଳୟ......... ଠାରେ ପ୍ରତିଷ୍ଠା କରାଯାଇଛି ?
୫– ଭାରତୀୟ ବାୟୁସେନାର ନୂଆ ମୁଖ୍ୟ ଭାବେ.......... ଯୋଗ ଦେଇଛନ୍ତି ?

## ଗତ ଥରର ଉତ୍ତର

୧ ଏ ସଙ୍ଗ୍ ଅଫ୍ ଆଇସ୍ ଆଣ୍ଡ ଫାୟାର
୨ ସାଗରମଥା
୩ ତାମିଲନାଡୁ
୪ ଦିଲ୍ଲୀ
୫ ଡା. ଖ୍ରୀଷ୍ଟିଆନ୍ ବର୍ନାର୍ଡ୍।

## ଉତ୍ତର ଦାତା



ସହିଦ କୁମାର ବେହେରା
ଢେଙ୍କାନାଳ



ରୋହିତ କୁମାର ଦାସ
ଯାଜପୁର



ସୁପ୍ରିୟା ବେହେରା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

**ପୃଥିବୀର ସବୁଠୁ ଦାମୀ ଘର–୨୦୧୯**

| | |
|---|---|
| ୧– ଆଣ୍ଟିଲା | ୧ ବିଲିଅନ୍ ଡଲାର |
| ୨– ଭିଲା ଲିଓପୋଲ୍ଡା | ୭୩୬ ମିଲିଅନ୍ ଡଲାର |
| ୩– ଫାୟାରଫିଲ୍ଡ ପଣ୍ଡ୍ | ୧୯୮ ମିଲିଅନ୍ ଡଲାର |
| ୪– ଦି ହାର୍ଷ୍ଟ ମାନସନ୍ | ୧୬୫ ମିଲିଅନ୍ ଡଲାର |
| ୫– ଫ୍ରାଞ୍ଚକ୍ ଭିଲା | ୧୬୧ ମିଲିଅନ୍ ଡଲାର |
| ୬– ଦି ପିନାକ୍ଲ | ୧୫୫ ମିଲିଅନ୍ ଡଲାର |
| ୭– ଦି ମାନର୍ | ୧୫୦ ମିଲିଅନ୍ ଡଲାର |
| ୮–ଫ୍ଲର୍ ଡି ଲିସ୍ | ୧୨୫ ମିଲିଅନ୍ ଡଲାର |
| ୯– ସିଲିକନ୍ ଭ୍ୟାଲି ମାନସନ୍ | ୧୦୦ ମିଲିଅନ୍ ଡଲାର |
| ୧୦– ରିବୋଲୋଭେଭ୍ ଇଷ୍ଟେଟ୍ | ୯୫ ମିଲିଅନ୍ ଡଲାର |

ଅଭୁଲା ଅନୁଭୂତି

# କେମିତି ଦେହରେ ଜୋସ୍ ଆସିଲା ଜାଣିନି



**ଅମରେନ୍ଦ୍ର ନାରାୟଣ ଷଡ଼ଙ୍ଗୀ**
ଅବସରପ୍ରାପ୍ତ ପ୍ରାଧ୍ୟାପକ ଓ ଅଧ୍ୟକ୍ଷ

ପିଲାଦିନ ସତରେ କେଡ଼େ ସୁନ୍ଦର! ମନେପଡୁଛି, ସେତେବେଳେ ପଞ୍ଚମ ଶ୍ରେଣୀରେ ପଢୁଥାଏ। ଖରାଦିନ ସକାଳୁଆ କ୍ଲାସ୍ ସାରି ଘରକୁ ଚାଲିଆସେ ଏବଂ ପୁଣିଥରେ ୨ଟା ବେଳେ ସ୍କୁଲକୁ ଯାଏ। କାରଣ ପ୍ରଧାନଶିକ୍ଷକ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ଲାଗି ଆମ କେତେଜଣଙ୍କୁ ବାଛି ଥାଆନ୍ତି ଏବଂ ସ୍କୁଲ୍ ଛୁଟି ପରେ ଆମକୁ ପୁନର୍ବାର ପଢ଼ାଇଥାନ୍ତି। ପ୍ରତିଦିନ ଆମେ ସ୍କୁଲ୍ ଛୁଟି ପରେ ଘରୁ ଖାଇପିଇ ପୁଣି ଆସିବା ବେଳକୁ ସାର୍ ନିଘୋଡ଼ ଦିନରେ ଶୋଇ ଘୁଙ୍ଗୁଡି ମାରୁଥା'ନ୍ତି। ତେଣୁ ସେ ଉଠିବା ପର୍ଯ୍ୟନ୍ତ ପାଖାପାଖି ଏକ ଘଣ୍ଟା ଆମକୁ ଖେଳକୁଦ କରିବାକୁ ସମୟ ମିଳିଯାଏ। ଥରେ ଏଇ ଖେଳକୁଦ ଭିତରେ ହଠାତ୍ ଅଭିନୟ କରିବା ପାଇଁ ମନ ବଳିଲା। ଗାଁରେ ଅପେରାଦେଖା ଅନୁଭୂତିରୁ ପିଲାଳିଆ ଭାବନାରେ ଛୋଟିଆ ନାଟକଟିଏ ଲେଖିଲି। ଆଉ ପ୍ରତିଦିନ ଏହି ଫାଙ୍କା ସମୟରେ ନ ଖେଳି ସାଙ୍ଗମାନଙ୍କୁ ଶିଖାଇ ଧୁମ୍ ରିହର୍ସାଲ କଲୁ। ଯଦିଓ ସେହି ନାଟକ କେଉଁଠି ମଞ୍ଚସ୍ଥ ହେବାର ସମ୍ଭାବନା ନ ଥିଲା, ତଥାପି ସାଙ୍ଗମାନଙ୍କ କରତାଳିରେ ନିଜକୁ ବଡ଼ ନାଟ୍ୟକାର, ନିର୍ଦ୍ଦେଶକ ଓ ଅଭିନେତା ଭାବି ୫ମ ଶ୍ରେଣୀ ଛାତ୍ରଟିର ଛାତି ଫୁଲି ଉଠୁଥିଲା। ନାଟକ କରିବାର ସେଇ ପ୍ରଥମ ପିଲାଳିଆ ନିଶାର ପୁଲକ ହିଁ ମୋତେ ପରବର୍ତ୍ତୀ ଜୀବନରେ ମଞ୍ଚଶିଳ୍ପୀ ହେବା ପାଇଁ ପ୍ରେରିତ କରିଥିଲା। ଇତିମଧ୍ୟରେ କିଛି ବର୍ଷ ବିତିଗଲା। କଲେଜ ଜୀବନରେ ଅନେକ ମଞ୍ଚରେ ଅଭିନୟ କରିବାର ସୁଯୋଗ ମିଳିଲା। ଅନେକ ପୁରସ୍କାର ମଧ୍ୟ ପାଇଲି। ଥରେ ଜଣେ ନାଟୁଆ ସାଙ୍ଗର ଅକାଳ ମୃତ୍ୟୁଖବର ମିଳିଲା ଏବଂ ତା' ସ୍ମୃତିରେ 'କୃଷ୍ଣଚନ୍ଦ୍ର ମେମୋରିଆଲ୍ କ୍ଲବ୍' କରି ଅନେକ ନାଟକ ପରିବେଷଣ କଲି। ହେଲେ 'ସଂଗୀତା' ନାଟ୍ୟ ସଂସ୍ଥାରେ ଯୋଗ ଦେବା ପରେ ମୋତେ ଅଭିନୟ ଜୀବନର ବାସ୍ତବ ସନ୍ତୋଷ ମିଳିଲା।

ଦିନକର ଘଟଣା। ତାଳଚେରରେ ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତାରେ ନାଟକ 'ଈଶ୍ୱର ଫେରିଯାଅ' ମଞ୍ଚସ୍ଥ ହେବାର ଥାଏ। ମୋର ଏଥିରେ ମୁଖ୍ୟ ଚରିତ୍ର, ଏଣେ ମୋତେ ୧୦୪ ଜ୍ୱର। ଦେହ ଥରୁଥାଏ। ନିର୍ଦ୍ଦେଶକ ଗୋପାଳ ଦେ' ମୋତେ ପଚାରିଲେ– ଅଭିନୟ କରିପାରିବ ତ? ମାନସିକ ସ୍ତରରେ ଦୃଢ଼ ହୋଇ 'ହଁ' କହି ମଞ୍ଚକୁ ଓହ୍ଲାଇଲି। ଏକାଥରେ ମଞ୍ଚରେ ୧ ଘଣ୍ଟା ୧୫ ମିନିଟ୍‌ର ଅଭିନୟ। କେମିତି ଦେହରେ ଜୋସ୍ ଆସିଲା ଜାଣିନି। ନାଟକ ସରି ପରଦା ପଡ଼ିବା ବେଳକୁ ମୁଁ ଏକରକମ ମୂର୍ଚ୍ଛା ଯିବା ଉପରେ। ହେଲେ ଉଦ୍ୟମ ବ୍ୟର୍ଥ ଗଲାନି, ଆମ ନାଟକ ଶ୍ରେଷ୍ଠ ବିବେଚିତ ହେଲା ଏବଂ ମୁଁ ଶ୍ରେଷ୍ଠ ଅଭିନେତା ଭାବେ ପୁରସ୍କୃତ ହେଲି। ଅଭିନୟ, ନିର୍ଦ୍ଦେଶନା ପାଇଁ ବହୁ ପୁରସ୍କାର ଓ ପ୍ରଶଂସା ପାଇଛି, ହେଲେ ସେଦିନ ପୁରସ୍କାର ପାଇବାର ମୁହୂର୍ତ୍ତ ମୋ' ଜୀବନର ଅଭୁଲା ସ୍ମୃତି।

> ସରକାରୀ ଏଜେନ୍ସି ନିକଟରେ ପର୍ଯ୍ୟାପ୍ତ ଡାଟା ଥିବା ସତ୍ତ୍ୱେ ସେମାନେ ଅଯଥାରେ ବାଣିଜ୍ୟ ଗୋଷ୍ଠୀଙ୍କୁ ହଇରାଣ କରୁଥିବା ଅତ୍ୟନ୍ତ ଉଦ୍‌ବେଗଜନକ।
> **– ଅଜୟ ପିରାମଲ, ଅଧ୍ୟକ୍ଷ, ପିରାମଲ ଗ୍ରୁପ**



> ଦେଶର ୩ ପ୍ରମୁଖ ବନ୍ଦରରୁ ପବନ ଶକ୍ତି ଉତ୍ପାଦନ ଲାଗି କେନ୍ଦ୍ର ସରକାର ଯୋଜନା ରଖିଛନ୍ତି।
> **– ନୀତିନ ଗଡକରୀ, କେନ୍ଦ୍ର ସଡକ ଏବଂ ପରିବହନ ମନ୍ତ୍ରୀ**



## ସଂକ୍ଷେପରେ

### ପାନ୍-ଆଧାର ଲିଙ୍କ୍ ଅବଧି ୩୧ ଡିସେମ୍ବର ଯାଏ ବୃଦ୍ଧି



**ନୂଆଦିଲ୍ଲୀ,୨୮-୯:** ପର୍ମାନେଣ୍ଟ ଆକାଉଣ୍ଟ ନମ୍ବର (ପାନ୍) ସହ ଆଧାର ସଂଯୋଗ କରାଇବା ଅବଧିକୁ ଚଳିତ ବର୍ଷ ୩୧ ଡିସେମ୍ବର ଯାଏ ବଢ଼ାଯାଇଛି। ଏହାର ଲିଙ୍କ କରାଇବା ନେଇ ଶେଷ ସୀମା ସେପ୍ଟେମ୍ବର ୩୦ ଥିବା ବେଳେ ଏହାକୁ ବଢ଼ାଯାଇଥିବା ଶନିବାର ଅର୍ଥମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ ପ୍ରକାଶ ପାଇଛି। ୧୦ ସଂଖ୍ୟା ବିଶିଷ୍ଟ ପାନ୍‌କୁ ଆୟକର ବିଭାଗ(ଆଇଟି) ଏବଂ ୧୨ ସଂଖ୍ୟା ବିଶିଷ୍ଟ ଆଧାର କାର୍ଡ ୟୁନିକ୍ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ) ଜାରି କରିଥାଏ। ଯେଉଁମାନେ ବର୍ତ୍ତମାନ ସୁଦ୍ଧା ପାନ୍-ଆଧାର ଲିଙ୍କ୍ କରାଇବା କାମ ଶେଷ କରି ନାହାନ୍ତି ସେମାନେ ଆଇଟି ୱେବସାଇଟକୁ ଯାଇ କିମ୍ବା ଏସ୍‌ଏମ୍‌ଏସ୍ ଦ୍ୱାରା କରାଇପାରିବେ। ଲିଙ୍କ୍ ବେଳେ ନାମ, ଜନ୍ମ ତାରିଖ ଏବଂ ଲିଙ୍ଗ କ୍ଷେତ୍ରରେ ଯେଉଁଭଳି କୌଣସି ଅସଙ୍ଗତି ନ ରହେ ତାହା ଦେଖିବାକୁ କୁହାଯାଇଛି। ୨ କାର୍ଡ ମଧ୍ୟରୁ ଯେକୌଣସିଟିରେ ଭୁଲ ରହିଥିଲେ ଏହାକୁ ସୁଧାରିବାକୁ ବିଜ୍ଞପ୍ତିରେ ପ୍ରକାଶ ପାଇଛି। ପାନ୍ ସହ ଆଧାର ଲିଙ୍କ ନ ହେଲେ ଲୋକମାନେ ଏହାକୁ ଆର୍ଥିକ ନେଣଦେଣ କ୍ଷେତ୍ରରେ ବ୍ୟବହାର କରିପାରିବେ ନାହିଁ। ଏଣୁ ବିଭିନ୍ନ ପ୍ରସଙ୍ଗକୁ ଭଲ ଭାବେ ବିଚାର କରିବାକୁ ପରାମର୍ଶ ଦିଆଯାଇଛି। ଆୟକର ବିଭାଗ ଇ-ଫାଇଲିଂ ତଥ୍ୟ ମୁତାବକ ମୋଟ ୮.୪୭ କୋଟି ପଞ୍ଜୀକୃତ ୟୁଜରଙ୍କ ମଧ୍ୟରୁ ୬.୭୭ କୋଟି ସେମାନଙ୍କ ପାନ୍ ଆଧାର ସହ ଲିଙ୍କ୍ କରାଇ ସାରିଛନ୍ତି। ମାର୍ଚ୍ଚ ୩୧ର ଅର୍ଥ ମନ୍ତ୍ରଣାଳୟ ବିଜ୍ଞପ୍ତି ମୁତାବକ, ଆୟକର ବିଭାଗ ଲାଗି ନୀତି ନିର୍ଦ୍ଧାରଣ କରୁଥିବା ସର୍ବୋଚ୍ଚ ସଂସ୍ଥା କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ପାନ-ଆଧାର ସଂଯୋଗ ନେଇ ସ୍ପଷ୍ଟୀକରଣ ଦେଇଥିଲା। ସୂଚନାଯୋଗ୍ୟ ପୂର୍ବରୁ ମଧ ଲିଙ୍କ ଅବଧିକୁ ଅର୍ଥମନ୍ତ୍ରଣାଳୟ ବୃଦ୍ଧି କରିଛି।

### ଡାଇକିନର ନୂଆ ସ୍ପ୍ଲିଟ୍ ଏସି

**ଭୁବନେଶ୍ୱର,୨୮-୯:** ଡାଇକିନ ଏୟାର କଣ୍ଡିସନିଂ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ ନୂଆ ସ୍ପ୍ଲିଟ୍ ଏସି ବଜାରକୁ ଆସିଛି। ଏହାର ବଜାର ଦର ୧୬,୪୦୦ ଟଙ୍କା ରହିଛି। ନୂଆ ଜିଟିଏଲ୍ ୨୮-୩ ଷ୍ଟାର୍ଟ ଅଣ ଇନଭର୍ଟର ଏସି ଭାରତୀୟ ବଜାରରେ ବଡ ଧରଣର ପରିବର୍ତ୍ତନ ଆଣିପାରିବ ବୋଲି ଆଶା କରାଯାଉଛି। କମ୍ ବିଜୁଳି ଶକ୍ତିରେ ଏହି ଏସି କାମ କରିବ। ୧୦୦ ବର୍ଗଫୁଟ ପରିମିତ ସ୍ଥାନକୁ ନେଇ ଏହି ଏସିକୁ ଡିଜାଇନ କରାଯାଇଛି। ସବୁ ବର୍ଗର ଗ୍ରାହକ ଏହି ଏସିକୁ କିଣି ନିଜ ଘରେ ଲଗାଇ ପାରିବେ। ଏଥିରେ ଏଚ୍‌ଏଫ୍‌ସି ରେଫ୍ରିଜରାଣ୍ଟ ରହିଛି। ଗ୍ରାହକ ଏଥିରେ ୱେୟାରଲେସ ରିମୋଟ ପାଇପାରିବେ। ଏଥିରେ ପାୱାର ଚିଲ୍ ବଟନ ମଧ ସାମିଲ କରାଯାଇଛି। ମେକ୍ ଇନ୍ ଇଣ୍ଡିଆରେ ପ୍ରଡକ୍ଟ ଉତ୍ପାଦନ ଲାଗି ନିଷ୍ପତ୍ତି ହୋଇଥିବା ଡାଇକିନ ଇଣ୍ଡିଆର ସିଇଓ କେ.ଜେ.ଜାୱା କହିଛନ୍ତି। ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ପୂରଣ ଦିଗରେ ଏହା ସହାୟକ ହୋଇ ପାରିବ ବୋଲି ସେ କହିଛନ୍ତି।

### ଆଲ୍ଲାହାବାଦ ବ୍ୟାଙ୍କର ନୂଆ ଏଟିଏମ୍

**ଭୁବନେଶ୍ୱର,୨୮-୯:** ଆଲ୍ଲାହାବାଦ ବ୍ୟାଙ୍କର ନୂଆ ଏଟିଏମ୍ ସ୍ଥାନୀୟ ନୂଆପଲ୍ଲୀସ୍ଥିତ ମଣ୍ଡଳ କାର୍ଯ୍ୟାଳୟ ପରିସରରେ ଶୁଭାରମ୍ଭ ହୋଇଛି। ମଣ୍ଡଳ ମୁଖ୍ୟ ସନ୍ଦୀପ କୁମାର ଘୋଷାଲ ଏହାକୁ ଉଦ୍‌ଘାଟନ କରିଥିଲେ। ଅଧିକରୁ ଅଧିକ ଗ୍ରାହକଙ୍କ ନିକଟରେ ଇ-ସେବା ପହଞ୍ଚାଇବା ଲକ୍ଷ୍ୟରେ ଏଭଳି ପଦକ୍ଷେପ ବ୍ୟାଙ୍କ ପକ୍ଷରୁ ଗ୍ରହଣ କରାଯାଇଛି। ଏହି ଅବସରରେ କର୍ମଚାରୀ ଏବଂ ଗ୍ରାହକମାନେ ଉପସ୍ଥିତ ଥିଲେ। ଘୋଷାଲ ଏଟିଏମ୍‌ର ବହୁଳ ବ୍ୟବହାର ପ୍ରଚାର ପ୍ରସାର ଉପରେ ଏଥିରେ ଗୁରୁତ୍ୱାରୋପ କରିଥିଲେ।

### ଆନ୍ଧ୍ର ବ୍ୟାଙ୍କ ପକ୍ଷରୁ ସ୍ୱଚ୍ଛତା ହିଁ ସେବା ୱାକାଥନ

**ଭୁବନେଶ୍ୱର,୨୮-୯:** ଆନ୍ଧ୍ର ବ୍ୟାଙ୍କ ସ୍ୱଚ୍ଛତା ହିଁ ସେବା ଅଭିଯାନ ଅନ୍ତର୍ଗତ ମଧୁସୂଦନ ନଗର ଶାଖାଠାରୁ ଏକ ୱାକାଥନ ଅନୁଷ୍ଠିତ ହୋଇଥିଲା। ଏଥିରେ ମଣ୍ଡଳ କାର୍ଯ୍ୟାଳୟ, ଆଞ୍ଚଳିକ କାର୍ଯ୍ୟାଳୟ ଏବଂ ବିଭିନ୍ନ ଶାଖାର ଅଧିକାରୀମାନେ ଯୋଗ ଦେଇଥିଲେ। ସେମାନେ ପ୍ଲାକାର୍ଡ ଧରି ସ୍ୱଚ୍ଛତାର ବାର୍ତ୍ତା ପ୍ରଦାନ କରିଥିଲେ। ସର୍କଲ ମହାପ୍ରବନ୍ଧକ ରମାକାନ୍ତ ପ୍ରଧାନ, ଆଞ୍ଚଳିକ ମହାପ୍ରବନ୍ଧକ କେ.ବି.ବି.ଏନ୍.ଏସ୍. ରାମମୂର୍ତ୍ତି ଏଥିରେ ଯୋଗ ଦେଇଥିଲେ। ଅକ୍ଟୋବର ୨ରେ ଖଣ୍ଡଗିରି ଅଞ୍ଚଳରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

# ଭେଣ୍ଡର ବକେୟା ଶୀଘ୍ର ପ୍ରଦାନ ନେଇ ରାଷ୍ଟ୍ରାୟତ୍ତ ସଂସ୍ଥାଙ୍କୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୨୮-୯**

**ଅଭିବୃଦ୍ଧି ଲାଗି କେନ୍ଦ୍ରର ପଦକ୍ଷେପ**

- ଅକ୍ଟୋବର ୧୫ ସୁଦ୍ଧା ବକେୟା ପୈଠ ନେଇ କୁହାଗଲା
- ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମୁଖ୍ୟଙ୍କୁ ଭେଟିଲେ ସୀତାରାମନ
- ଭେଣ୍ଡରଙ୍କ ଲାଗି ଶୀଘ୍ର ପୋର୍ଟାଲ ବ୍ୟବସ୍ଥା
- ପେମେଣ୍ଟ ଏବଂ ବିଲ୍ ଟ୍ରାକ କରିବା ହେବ ସହଜ
- ୪ ତ୍ରୈମାସର ଖର୍ଚ୍ଚ ଯୋଜନା ତଥ୍ୟ ମଗାଗଲା



ଦେଶରେ ଅର୍ଥନୈତିକ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାକୁ ସରକାର ପଦକ୍ଷେପ ନେଇଛନ୍ତି। ଏହି ଧାରାରେ ଆସନ୍ତା ମାସ ୧୫ ସୁଦ୍ଧା ଭେଣ୍ଡର ଏବଂ କଣ୍ଟ୍ରାକ୍ଟରଙ୍କ ସମସ୍ତ ବକେୟା ପ୍ରଦାନ କରିବା ଲାଗି ସରକାର ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡ଼ିକୁ ଶନିବାର ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ଦେଶର ଅଭିବୃଦ୍ଧି ସର୍ବନିମ୍ନ ସ୍ତରରେ ରହିଛି। ଏହା ସରକାରଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। ବିଭିନ୍ନ କ୍ଷେତ୍ରର ଖର୍ଚ୍ଚ ବୃଦ୍ଧି ଦ୍ୱାରା ଅର୍ଥ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ଲାଗି ସରକାର ଏଭଳି ଏକ ପ୍ରୟାସ କରିଥିବା ଜଣାପଡ଼ିଛି। ନୂଆଦିଲ୍ଲୀଠାରେ କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମୁଖ୍ୟମାନଙ୍କ ସହ ଶନିବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବୈଠକ କରିବା ସହ ସଂସ୍ଥାଗୁଡ଼ିକର ପୁଞ୍ଜି ବିନିଯୋଗ କାର୍ଯ୍ୟକ୍ରମକୁ ସମୀକ୍ଷା କରିଛନ୍ତି।

ଏହି ଅବସରରେ ନିର୍ମଳା କହିଛନ୍ତି ଯେ, ଅକ୍ଟୋବର ୧୫ ସୁଦ୍ଧା ଏକ ପୋର୍ଟାଲ ବ୍ୟବସ୍ଥା କରିବାକୁ ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡ଼ିକୁ କୁହାଯାଇଛି। ଏଠାରେ ସେବା ଯୋଗାଣକାରୀ, ଭେଣ୍ଡର ଏବଂ କଣ୍ଟ୍ରାକ୍ଟରମାନେ ସେମାନଙ୍କ ପେମେଣ୍ଟ ଏବଂ ବିଲ୍‌କୁ ଟ୍ରାକ କରିବାକୁ ସକ୍ଷମ ହେବେ। ଏହା ଦ୍ୱାରା ନଗଦ ସମସ୍ୟା ହ୍ରାସ କରାଯାଇ ପାରିବ ବୋଲି ନିର୍ମଳା ସ୍ପଷ୍ଟ କରିଛନ୍ତି। ସେହିଭଳି ଭେଣ୍ଡର ଏବଂ କଣ୍ଟ୍ରାକ୍ଟରଙ୍କ ସହ ଦ୍ୱନ୍ଦ୍ୱ ଯୋଗୁ ଫଇସଲା ହୋଇ ପାରି ନ ଥିବା ପେମେଣ୍ଟ ସମ୍ପର୍କିତ ବୁଝାମଣାରେ କେତେ ସମୟ ଲାଗୁଛି ତା'ର ବିସ୍ତୃତ ତଥ୍ୟ ଉପରେ ସଂସ୍ଥାଗୁଡ଼ିକର ପକ୍ଷ ଲୋଡା ଯାଇଛି।

ଆଗାମୀ ୪ ତ୍ରୈମାସ ଲାଗି ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡ଼ିକ ସେମାନଙ୍କ ଖର୍ଚ୍ଚ ସଂକ୍ରାନ୍ତ ଯୋଜନା ପ୍ରଦାନ କରିବାକୁ କୁହାଯାଇଛି। ଅର୍ଥ ସଚିବ ରାଜୀବ କୁମାର କହିଛନ୍ତି, ୩୪ କେନ୍ଦ୍ରୀୟ ସଂସ୍ଥା ଅଗଷ୍ଟ ମାସ ଶେଷ ସୁଦ୍ଧା ୪୮,୦୭୭ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଚଳିତ ବର୍ଷ ଡିସେମ୍ବର ସୁଦ୍ଧା କମ୍ପାନୀଗୁଡ଼ିକ ଆଉ ୫୦,୧୫୯ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା ରଖିଛନ୍ତି। ସେହିଭଳି ଜାନୁୟାରୀ ମାର୍ଚ୍ଚ ତ୍ରୈମାସରେ କମ୍ପାନୀଗୁଡ଼ିକ ୫୪,୭୦୦ କୋଟି ଟଙ୍କା ବିନିଯୋଗ କରିବେ। ଏଥିରେ ବ୍ୟୟ ସଚିବ ଗିରିଶ ଚନ୍ଦ୍ର ମୁର୍ମୁ କହିଛନ୍ତି ଯେ, ୨୪୨ ରାଷ୍ଟ୍ରାୟତ୍ତ ସଂସ୍ଥାର ମୋଟ ଖର୍ଚ୍ଚ ମିଶିଲେ ପ୍ରାୟ ୪ ଲକ୍ଷ କୋଟି ଟଙ୍କା ହେବ।



## ରାଜଧାନୀରେ କ୍ୟାରେଟ୍‌ଲେନର ଦ୍ୱିତୀୟ ଷ୍ଟୋର

**ଭୁବନେଶ୍ୱର,୨୮-୯(ବ୍ୟୁରୋ)**

ପ୍ରମୁଖ ଗହଣା ବ୍ରାଣ୍ଡ ତନିଷ୍କର ପାର୍ଟନରଶିପ ଷ୍ଟୋର କ୍ୟାରେଟଲେନର ଦ୍ୱିତୀୟ ଶୋ'ରୁମ ସ୍ଥାନୀୟ ଚନ୍ଦ୍ରଶେଖରପୁରଠାରେ ଖୋଲିଛି। ତନିଷ୍କ ଷ୍ଟୋର ନିକଟରେ ଏହା ଖୋଲିଥିବା ବେଳେ କ୍ୟାରେଟ୍‌ଲେନର ୭୧ତମ ଷ୍ଟୋର। ଏହାକୁ କ୍ୟାରେଟ୍‌ଲେନର ପ୍ରାଞ୍ଚାଇଜି ଓନର ମାନିକ ହଂସ, ଯୋଗେନ୍ଦ୍ର ହଂସ, ଲିପ୍‌ସା ନାୟକ ହଂସ, ଲେଖିକା ଇତିସାମନ୍ତ ଶୁଭାରମ୍ଭ କରିଛନ୍ତି। ୨୦୦୦ ବର୍ଗଫୁଟ ସ୍ଥାନରେ ଶୋ'ରୁମଟି ଅବସ୍ଥିତ। ଗ୍ରାହକଙ୍କୁ ଗହଣା କ୍ରୟର ଏକ ଭିନ୍ନ ଅନୁଭୂତି ପ୍ରଦାନ କରିବାରେ ଏହା ସହାୟକ ହେବ। କ୍ୟାରେଟ୍‌ଲେନର ସଦ୍ୟତମ ଡିଜାଇନଯୁକ୍ତ ଗହଣା ପକେଟକୁ ସୁହାଇଲା ଭଳି ମୂଲ୍ୟରେ ଗ୍ରାହକ ଏଠାରେ ଲାଭ କରିପାରିବେ। ୨୦୦୮ରେ ମିଥୁନ ସାଚେତି ଏବଂ ଶ୍ରୀନିବାସନ ଗୋପାଳନଙ୍କ ଦ୍ୱାରା କ୍ୟାରେଟ୍‌ଲେନ ପ୍ରତିଷ୍ଠା କରାଯାଇଥିଲା। ଗ୍ରାହକଙ୍କୁ ସହଜରେ ଉପଲବ୍ଧ ହେଲା ଭଳି ଗହଣା ଏହା ପ୍ରସ୍ତୁତ କରିଥାଏ। ଏହା ଦେଶର ପ୍ରମୁଖ ଅନ୍‌ଲାଇନ ଗହଣା ବ୍ରାଣ୍ଡ ଭାବେ ମଧ ଲୋକପ୍ରିୟତା ହାସଲ କରିଛି। କ୍ୟାରେଟ୍‌ଲେନ ଡଟ୍ କମ୍ ଦ୍ୱାରା ଗ୍ରାହକ କମ୍ପାନୀରୁ ଶପିଂ କରିଥାନ୍ତି। ମାତ୍ର ଅଫ୍‌ଲାଇନରେ ଉପସ୍ଥିତି ବଢାଇବା ଲାଗି ଏକାଧିକ ଚ୍ୟାନେଲକୁ କ୍ୟାରେଟ୍‌ଲେନ ଗୁରୁତ୍ୱ ଦେଇଛି। ୨୦୧୬ରେ ତନିଷ୍କ ଏବଂ କ୍ୟାରେଟ୍‌ଲେନ ଚୁକ୍ତିରେ ସାମିଲ ହୋଇଥିଲେ। କ୍ୟାରେଟ୍‌ଲେନର ଗୁଣବତ୍ତା ଜରିଆରେ ଗ୍ରାହକଙ୍କୁ ଗହଣା ଯୋଗାଣ ଏହାର ଲକ୍ଷ୍ୟ ଥିଲା ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି।




## ଅରୁନ୍ଧତୀର ଲକ୍ଷପତି ଲକି ଡ୍ର ବିଜେତା

**ଭୁବନେଶ୍ୱର,୨୮-୯**

ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଲକ୍ଷପତି ଲକି ଡ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରଗଡର ସ୍ୱୟଂସିଦ୍ଧା ମଣ୍ଡପଠାରେ ଲକ୍ଷପତି ଚୟନ କରାଯାଇଥିବା ଶୋ'ରୁମ ପକ୍ଷରୁ ସୂଚନା ରହିଛି। ଏହି ଅବସରରେ ଫେଷ୍ଟିଭ ଅଫର ଶୁଭାରମ୍ଭ ହୋଇଛି। ୨୦ ବର୍ଷ ଧରି ଏଭଳି ଅଫର ପ୍ରଦାନ କରାଯାଉଛି। ଚଳିତ ବର୍ଷ ୨ଟି ପର୍ଯ୍ୟାୟରେ ୫୦ ଜଣ ଲକ୍ଷପତି ହେବାର ସୁଯୋଗ ପାଇପାରିବେ ବୋଲି ସୂଚନା ରହିଛି। ଲକିଡ୍ରରେ ଭାଗ୍ୟଶାଳୀ ବିଜେତା ହୋଇ ଲକ୍ଷପତି ହୋଇଥିବା ଗ୍ରାହକଙ୍କ ମଧ୍ୟରେ ଭୁବନେଶ୍ୱର ଶାଖାର ୬, ବଲାଙ୍ଗୀର ଶାଖାର ୪, ସମ୍ବଲପୁର ଶାଖାର ୪ ଏବଂ ଭବାନୀପାଟଣାରୁ ୨ ଗ୍ରାହକ ଅଛନ୍ତି। କାର୍ଯ୍ୟକ୍ରମରେ ଅରୁନ୍ଧତୀର ଏମ୍‌ଡି ବ୍ରହ୍ମାନନ୍ଦ ମେହେର, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ, ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାହକଙ୍କ ବିଶ୍ୱାସ ଯୋଗୁ ଗୁଣବତ୍ତା ସେବା ଯୋଗାଣରେ ସହାୟତା କରିଛି ବୋଲି ଏମ୍‌ଡି ମେହେର କହିଛନ୍ତି। କାର୍ଯ୍ୟକ୍ରମରେ ବ୍ରାଣ୍ଡ ଆମ୍ବାସାଡର ଅର୍ଚ୍ଚିତା ସାହୁ, ଅଭିନେତା ରାଇମୋହନ, ସାମାଜିକ କର୍ମୀ ଲଳିତ ନାୟକ, ହରିନାରାୟଣ ପୂଜାରୀ, କିଶୋର ରଥ ପ୍ରମୁଖ ଯୋଗ ଦେଇଥିଲେ।

## ଏଲ୍‌ଆଇସି ପକ୍ଷରୁ ସ୍ୱଚ୍ଛତା ହିଁ ସେବା

**ଭୁବନେଶ୍ୱର,୨୮-୯(ବ୍ୟୁରୋ)**

ଭାରତୀୟ ଜୀବନ ବୀମା ନିଗମ ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅକ୍ଷୟ କୁମାର ସାହୁଙ୍କ ନେତୃତ୍ୱରେ ମଣ୍ଡଳ କାର୍ଯ୍ୟାଳୟ ଏବଂ ଶାଖା କାର୍ଯ୍ୟାଳୟ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ସୂର୍ଯ୍ୟ ନଗରସ୍ଥିତ ମଣ୍ଡଳ କାର୍ଯ୍ୟାଳୟ ନିକଟସ୍ଥ ଅଞ୍ଚଳରେ ପ୍ଲାଷ୍ଟିକ ସଂଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏକକ ବ୍ୟବହାର ହେଉଥିବା ପ୍ଲାଷ୍ଟିକ ଉପରେ ରୋକ ଲଗାଇବା ନେଇ ଲୋକଙ୍କୁ ସଚେତନ କରାଯାଇଥିଲା। ପ୍ଲାଷ୍ଟିକ ସଂଗ୍ରହ କାର୍ଯ୍ୟକ୍ରମ ଅକ୍ଟୋବର ୨ ତାରିଖ ଯାଏ ଚାଲିବ। ସଂଗୃହୀତ ପ୍ଲାଷ୍ଟିକଗୁଡ଼ିକୁ ପ୍ରକ୍ରିୟାକରଣ ନେଇ ବ୍ୟବସ୍ଥା କରାଯିବ ବୋଲି ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ସାହୁ କହିଛନ୍ତି। ଏହି ଅବସରରେ ବିପଣନ ପ୍ରବନ୍ଧକ ଅନନ୍ତ ଭୂଷଣ ରଥ ଏବଂ ଅନ୍ୟ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।




## ଆଇଫୋନର ୩ ନୂଆ ମଡେଲ ଶୁଭାରମ୍ଭ

**ଭୁବନେଶ୍ୱର,୨୮-୯(ବ୍ୟୁରୋ)**

ଆପଲ୍ କମ୍ପାନୀ ପକ୍ଷରୁ ଆଇଫୋନର ୩ ନୂଆ ମଡେଲ ବଜାରକୁ ଆସିଛି। ସ୍ଥାନୀୟ ଶହୀଦ ନଗରସ୍ଥିତ ଲକ୍ଷ୍ମୀ ମୋବାଇଲଠାରେ ଆଇଫୋନ ୧୧, ୧୧ ପ୍ରୋ ଏବଂ ୧୧ ପ୍ରୋ ମାକ୍ସକୁ ବଜାର ପ୍ରବେଶ କରାଯାଇଛି। ଷ୍ଟୋର ଓନର ନକୁଳ ସୁବୁଦ୍ଧି, ବିତରକ ଅଭିଷେକ ପୋଦ୍ଦାର, ବିତରଣ ପ୍ରବନ୍ଧକ ପୀୟୂଷ କୁମାର ଏହି ମଡେଲଗୁଡ଼ିକୁ ଉନ୍ମୋଚନ କରିଥିଲେ। ଆଇଫୋନ ୧୧ର ମୂଲ୍ୟ ୬୪,୯୦୦ ଟଙ୍କାରୁ ୭୯,୯୦୦ ଟଙ୍କା ରହିଥିବା ପୋଦ୍ଦାର କହିଛନ୍ତି। ଏହା ୬୪ ଜିବି, ୧୨୮ ଜିବି ଏବଂ ୨୫୬ ଜିବି ବର୍ଗରେ ଆସୁଛି। ଆଇଫୋନ ୧୧ ଉପରେ ଏଚ୍‌ଡିଏଫ୍‌ସି କାର୍ଡରେ ୬ ହଜାର ଟଙ୍କାର କ୍ୟାଶବ୍ୟାକ ଏବଂ ଆଇଫୋନ ୧୧ ପ୍ରୋ ଉପରେ ୭ ହଜାର ଟଙ୍କାର କ୍ୟାଶବ୍ୟାକ ମିଳୁଛି। ମଡେଲ ବଜାର ପ୍ରବେଶ ଅବସରରେ ଗ୍ରାହକଙ୍କଠାରୁ ଏହା ଭଲ ରେସପନ୍ସ ଲାଭ କରିଛି। ପ୍ରଥମ ଦିନରେ ରାଜଧାନୀରେ ୨୫୦ ପ୍ରିବୁକ ଅର୍ଡର କମ୍ପାନୀ ଲାଭ କରିଛି। ଏହା ସହ ଆଇଫୋନ ସିରିଜ ୫ ଘଣ୍ଟା ମଧ ଏହି ଅବସରରେ ବଜାର ପ୍ରବେଶ କରାଯାଇଥିଲା। କ୍ୟାଶବ୍ୟାକ ସ୍କିମ ପରେ ଏହା ୩୭ ହଜାର ଟଙ୍କାରେ ଉପଲବ୍ଧ ହେବ। ଏହି ମଡେଲଗୁଡ଼ିକ ଦ୍ୱାରା ବ୍ୟବସାୟ ୩ ଗୁଣ ଅଭିବୃଦ୍ଧି ହେବା ନେଇ ବିତରକ ଆଶା ରଖିଛନ୍ତି। ଏହାବାଦ ମଡେଲଗୁଡ଼ିକ ଟେକ୍‌ଜୋନ, ଟେକ୍ ଆଣ୍ଡା, ସିଷ୍ଟମ ମୋବାଇଲ, ୟୁନିକର୍ନ ଭଳି ଷ୍ଟୋରଗୁଡ଼ିକରେ ବଜାର ପ୍ରବେଶ କରାଯାଇଛି।




## ଜେଡ୍‌ଟିଇ-ଆମିଟି ୟୁନିଭର୍ସିଟି ମଧ୍ୟରେ ସହଭାଗିତା

**ନୂଆଦିଲ୍ଲୀ,୨୮-୯**

ପ୍ରମୁଖ ଟେକ୍ନୋଲୋଜି କମ୍ପାନୀ ଜେଡ୍‌ଟିଇ କର୍ପୋରେଶନ ଏବଂ ଆମିଟି ୟୁନିଭର୍ସିଟି ଷ୍ଟ୍ରାଟେଜିକ ସହଭାଗିତାରେ ସାମିଲ ହୋଇଛନ୍ତି। ଏହାଦ୍ୱାରା ଉଭୟେ ସ୍କଲାରଶିପ ପ୍ରୋଗ୍ରାମ, ତାଲିମ ଏବଂ ଉନ୍ନତୀକରଣ, ନିଯୁକ୍ତି ଏବଂ ଛାତ୍ରୀଛାତ୍ର ବିକାଶ ନେଇ ବିଭିନ୍ନ ପଦକ୍ଷେପ ଉପରେ କାର୍ଯ୍ୟ କରିବେ। ଜେଡ୍‌ଟିଇ ଗତ ୨୦ ବର୍ଷ ଧରି ଭାରତୀୟ ବଜାରରେ ନିଜର ଉପସ୍ଥିତି ଜାହିର କରିଛି। ୫-ଜି ଇନୋଭେଶନ ସହ ଅତ୍ୟାଧୁନିକ ଟେଲିକମ୍ୟୁନିକେଶନ ସିଷ୍ଟମ, ମୋବାଇଲ ଡିଭାଇସ, ଏଣ୍ଟରପ୍ରାଇଜ ଟେକ୍ନୋଲୋଜି ସଲ୍ୟୁଶନ ପ୍ରଦାନ କ୍ଷେତ୍ରରେ ଜେଡ୍‌ଟିଇ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଛାତ୍ରୀଛାତ୍ରଙ୍କ ସଶକ୍ତୀକରଣ ଦିଗରେ ଏହି ଚୁକ୍ତି ସହାୟକ ହେବ ବୋଲି ଜେଡ୍‌ଟିଇ ଇଣ୍ଡିଆର ସିଇଓ ଡେଜିଗନେଟ୍ ୟାନ ଜିଓ କହିଛନ୍ତି। ଏହି ଚୁକ୍ତି ଛାତ୍ରୀଛାତ୍ରଙ୍କ ଟେକ୍ନୋଲୋଜି ଦକ୍ଷତା ବୃଦ୍ଧିରେ କାମ କରିବ ବୋଲି ଆମିଟି ସ୍କୁଲ ଅଫ ଫିଲ୍ମ ଆଣ୍ଡ ଡ୍ରାମାର ଅଧ୍ୟକ୍ଷା ପୂଜା ଚୌହାନ କହିଛନ୍ତି।

## ୟୁନାଇଟେଡ ଇଣ୍ଡିଆ ଇନସ୍ୟୁରାନ୍ସର କ୍ଷେତ୍ରୀୟ ପ୍ରଶିକ୍ଷଣ କେନ୍ଦ୍ର

**ଭୁବନେଶ୍ୱର,୨୮-୯**

ୟୁନାଇଟେଡ ଇଣ୍ଡିଆ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ ପକ୍ଷରୁ କ୍ଷେତ୍ରୀୟ ପ୍ରଶିକ୍ଷଣ କେନ୍ଦ୍ର ଏବଂ ମୋଟର ଓନ୍ ଡ୍ୟାମେଜ କ୍ଲେମ ହବ ଖାରବେଳ ନଗର, ଜନପଥ ଏସିଏଚ୍‌ସି ବିଲ୍‌ଡିଂରେ ଆରମ୍ଭ ହୋଇଛି। କମ୍ପାନୀର ପ୍ରବନ୍ଧକ ୱା.କେ. ସିମରାୟ ଏହାକୁ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ ଏଲ୍.ଜ୍ୟୋତି ପ୍ରସାଦ ସଭାପତିତ୍ୱ କରିଥିଲେ। କ୍ଷେତ୍ରୀୟ ପ୍ରବନ୍ଧକ ଅଞ୍ଜନ ସିହ୍ନା, ଅଭୟ କୁମାର ପଢ଼ିଆରୀ ଗୁଣବତ୍ତା ଗ୍ରାହକ ସେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ନୀରଦ କାନ୍ତ ଦୀକ୍ଷିତ ଏବଂ ଦୁର୍ଗା ମାଧବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଡ୍ୟୁକ୍ ଅଧ୍ୟକ୍ଷ କମଲ କୁମାର ଜୈନ ସମ୍ମାନିତ




**ସିମ୍‌ଲା,୨୮-୯**

ଦେଶର ବୟନ ତଥା ଫ୍ୟାଶନ ଶିଳ୍ପକୁ ଉଲ୍ଲେଖନୀୟ ଯୋଗଦାନ ଲାଗି ଡ୍ୟୁକ୍ ଫ୍ୟାଶନ୍ସ ଇଣ୍ଡିଆ ଲିମିଟେଡର ଅଧ୍ୟକ୍ଷ କମଲ କୁମାର ଜୈନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହିମାଚଳ ରତ୍ନ କଫି ଟେବୁଲ ବୁକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର, କମଲ କୁମାର ଜୈନ ଏବଂ ତାଙ୍କ ସ୍ତ୍ରୀ କାଞ୍ଚିଲ ଜୈନଙ୍କୁ ସମ୍ମାନିତ କରିଥିଲେ। ଏହି ପୁରସ୍କାର ଲାଭ କରି ଅତ୍ୟନ୍ତ ଖୁସି ବୋଲି ଅଧ୍ୟକ୍ଷ ଜୈନ କହିଛନ୍ତି। ଲୋକଙ୍କ ଭଲ ପାଇବା ସହ ଡ୍ୟୁକ୍ ଏତେ ଆଗକୁ ଯାଇ ପାରିଛି। ଗ୍ରାହକଙ୍କୁ ସର୍ବଦା ଗୁଣବତ୍ତା ଏବଂ ନୂତନତ୍ୱ ପ୍ରଦାନ ଦିଗରେ କାର୍ଯ୍ୟ କରୁଛୁ। ସୁଲଭ ମୂଲ୍ୟର ଅନ୍ତର୍ଜାତୀୟ ସ୍ତରର ଡିଜାଇନ ଏବଂ ଷ୍ଟାଇଲ ପ୍ରଦାନକୁ କମ୍ପାନୀ ଗୁରୁତ୍ୱ ଦେଉଛି। ଦେଶର ଅର୍ଥନୀତି ବିକାଶ କ୍ଷେତ୍ରରେ ବୟନ ଶିଳ୍ପର ଯୋଗଦାନ ଗୁରୁତ୍ୱ ବୋଲି ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର କହିଛନ୍ତି।

## ଲକ୍ଷ୍ମୀ ବିଳାସ ବ୍ୟାଙ୍କ ବିରୋଧରେ ପିସିଏ କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ,୨୮-୯**




ରିଜର୍ଭ ବ୍ୟାଙ୍କ ଲକ୍ଷ୍ମୀ ବିଳାସ ବ୍ୟାଙ୍କ ବିରୋଧରେ ପ୍ରମ୍ପଟ କରେକ୍ଟିଭ ଆକ୍ସନ (ପିସିଏ)କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବ୍ୟାଙ୍କର ନିର୍ଦ୍ଦେଶକଙ୍କ ବିରୋଧରେ ଠକେଇ ଅଭିଯୋଗ ଆସିବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ହୋଇଥିବା ଏହା ଷ୍ଟକ ଏକ୍ସଚେଞ୍ଜକୁ ଶନିବାର ସୂଚନା ଦେଇଛି। ଦିଲ୍ଲୀ ପୋଲିସର ଅର୍ଥନୈତିକ ଅପରାଧ ଶାଖା ଉକ୍ତ ଅଭିଯୋଗ ଉପରେ ତଦନ୍ତ କରୁଛି। ବୃହତ୍ ପରିମାଣର ଏନ୍‌ପିଏ, ବିପଦ ପରିଚାଳନା ଲାଗି ପର୍ଯ୍ୟାପ୍ତ ପୁଞ୍ଜି ଅଭାବ ଏବଂ ଲଗାତର ୨ ବର୍ଷ ଧରି ଆସେଟ ଉପରେ ନକାରାତ୍ମକ ରିଟର୍ନ ଭଳି ଅସୁବିଧାକୁ ବିଚାର କରି କେନ୍ଦ୍ରୀୟ ବ୍ୟାଙ୍କ ଏଭଳି କାର୍ଯ୍ୟାନୁଷ୍ଠାନ ନେଇଛି। ବ୍ୟାଙ୍କ ବୋର୍ଡ ବିରୋଧରେ ଠକେଇ ଏବଂ ଅର୍ଥ ହେରଫେର ନେଇ ଗୁରୁତର ଅଭିଯୋଗ ଆସିଛି। ଇଣ୍ଡିଆ ବୁଲ୍‌ସ ହାଉସିଂ ଫାଇନାନ୍ସ ଏବଂ ଲକ୍ଷ୍ମୀ ବିଳାସ ବ୍ୟାଙ୍କ ମିଶ୍ରଣ ନେଇ ପ୍ରସ୍ତାବ ରହିଥିବା ବେଳେ ଏଭଳି କାର୍ଯ୍ୟାନୁଷ୍ଠାନ ଉକ୍ତ ବ୍ୟାଙ୍କ ଲାଗି ସମସ୍ୟା ସୃଷ୍ଟି କରିବା ନେଇ ଆଶଙ୍କା କରାଯାଉଛି। ମିଶ୍ରଣ ପ୍ରସ୍ତାବ ବର୍ତ୍ତମାନ ରିଜର୍ଭ ବ୍ୟାଙ୍କର ମଞ୍ଜୁରୀ ଅପେକ୍ଷାରେ ରହିଛି।

ଆର୍ଥିକ ବର୍ଷ ୨୦୧୯ରେ ବ୍ୟାଙ୍କର ନେଟ୍‌ଏନ୍‌ପିଏ୭.୪୯% ରହିଛି। ସେହିଭଳି ପୁଞ୍ଜି ପର୍ଯ୍ୟାପ୍ତତା ଅନୁପାତ ୭.୨୨% ଏବଂ ସମ୍ପତ୍ତିରୁ ରିଟର୍ନ (-)୨.୩୨% ରହିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ବ୍ୟାଙ୍କ ୮୯୪.୧୦ କୋଟି କ୍ଷତି ସହିଛି। ପିସିଏ କାର୍ଯ୍ୟାନୁଷ୍ଠାନ ଦ୍ୱାରା ବ୍ୟାଙ୍କର ପରଫରମାନ୍ସ ବୃଦ୍ଧି, ଦୈନନ୍ଦିନ କାର୍ଯ୍ୟ ପ୍ରଣାଳୀରେ ଦକ୍ଷତା, ଜମା ଗ୍ରହଣ ଏବଂ ପୁନଃ ନେଣଦେଣରେ ସୁଧାର ଆସିବା ନେଇ ବ୍ୟାଙ୍କ ଆଶାବାଦି ରହିଛି। କେବଳ ଲକ୍ଷ୍ମୀ ବିଳାସ ବ୍ୟାଙ୍କ ନୁହେଁ ରାଷ୍ଟ୍ରାୟତ୍ତ ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆଇଡିବିଆଇ ଏବଂ ୟୁକୋ ବ୍ୟାଙ୍କ ମଧ ପିସିଏ ପରିସରରେ ଅଛନ୍ତି। ଏହି ମାମଲାରେ ତଦନ୍ତକାରୀ ଏଜେନ୍ସିଗୁଡ଼ିକୁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦିଆଯିବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### କୋରିଆ ଓପନରେ ଭାରତ ଅଭିଯାନ ଶେଷ

**ଇଞ୍ଚିଅନ,୨୮।୯(ପିଟି):** ଏଠାରେ ଚାଲିଥିବା କୋରିଆ ଓପନ ୫୦୦ ଟୁର୍ନାମେଣ୍ଟରେ ଭାରତୀୟ ଶଟଲର ପାରୁପଲ୍ଲୀ କାଶ୍ୟପଙ୍କ ଜବରଦସ୍ତ ଅଭିଯାନ ଶନିବାର ଶେଷ ହୋଇଛି। ତାଙ୍କ ପରାଜୟ ସହ ଭାରତର ଅଭିଯାନ ଚଳିତ ପ୍ରତିଯୋଗିତାରେ ଶେଷ ହୋଇଯାଇଛି। ସେ ସେମିଫାଇନାଲରେ ବିଶ୍ୱର ନଂ ୧ କେଣ୍ଟୋ ମୋମୋଟାଙ୍କଠାରୁ ହାରିଯାଇଛନ୍ତି। ବିଶ୍ୱ ମାନ୍ୟତାର ପୂର୍ବତନ ୬ଷ୍ଠ ର୍ୟାଙ୍କଧାରୀ ଖେଳାଳି କାଶ୍ୟପ ୧୩-୨୧, ୧୫-୨୧ ଗେମ୍‌ରେ ଦୁଇଥର ଚାମ୍ପିୟନ ମୋମୋଟାଙ୍କଠାରୁ ହାରିଯାଇଛନ୍ତି। ୨୦୧୪ ରାଜ୍ୟଗୋଷ୍ଠୀ ଚାମ୍ପିୟନ ଚଳିତ ପ୍ରତିଯୋଗିତାରେ ଯୋଗ୍ୟତା ପର୍ଯ୍ୟାୟରୁ ଉନ୍ନୀତ ହୋଇ ସେମିଫାଇନାଲରେ ପ୍ରବେଶ କରିଥିଲେ।

### ପାକିସ୍ତାନ-ଶ୍ରୀଲଙ୍କା ଦ୍ୱିତୀୟ ମ୍ୟାଚ୍ ଘୁଞ୍ଚିଲା

**କରାଚୀ,୨୮।୯:** ଦୀର୍ଘ ୧୦ ବର୍ଷ ପରେ ଏଠାକୁ ଅନ୍ତର୍ଜାତୀୟ କ୍ରିକେଟ ଫେରିଛି। ହେଲେ ଟସ୍ ପଡ଼ିବା ପୂର୍ବରୁ ମ୍ୟାଚ୍ ବାତିଲ ହୋଇଛି। ଅତ୍ୟଧିକ ବର୍ଷା ଯୋଗୁ କେବଳ ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯିବାକୁ ଥିବା ପ୍ରଥମ ଦିନିକିଆ ମ୍ୟାଚ୍ ବାତିଲ ହୋଇ ନାହିଁ ସିରିଜ୍ ଦ୍ୱିତୀୟର ମ୍ୟାଚ୍‌କୁ ମଧ ଘୁଞ୍ଚାଇ ଦିଆଯାଇଛି। ତେବେ ଏଭଳି ଘଟଣା କ୍ରିକେଟ ଇତିହାସରେ ଘଟିଥିବା ନଜରରେ ଆସିନାହିଁ ପାକିସ୍ତାନ-ଶ୍ରୀଲଙ୍କା ୨ୟ ମ୍ୟାଚ୍ ସମାନ ଭେନ୍ୟୁରେ ରବିବାର ଖେଳାଯିବାର କାର୍ଯ୍ୟସୂଚୀ ଥିଲା। କିନ୍ତୁ ଏବେ ତାକୁ ସୋମବାରକୁ ଘୁଞ୍ଚାଇ ଦିଆଯାଇଛି। ଏ ନେଇ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀଲଙ୍କା କ୍ରିକେଟ (ଏସ୍‌ଏଲସି) ସହ ପରାମର୍ଶ ପରେ ଏହି ନିଷ୍ପତ୍ତି ନିଆଯାଇଥିବା ପିସିବି ପକ୍ଷରୁ କୁହାଯାଇଛି। ଏଥିଯୋଗୁ ଗ୍ରାଉଣ୍ଡ ଷ୍ଟାଫ କରାଚୀ ଜାତୀୟ ଷ୍ଟାଡିୟମର ଆଉଟ୍ ଫିଲ୍ଡକୁ ପ୍ରସ୍ତୁତ କରିବା ପାଇଁ ଯଥେଷ୍ଟ ସମୟ ପାଇବେ। ଚଳିତ ସପ୍ତାହରେ ପ୍ରବଳ ବର୍ଷା ଯୋଗୁ ଆମକୁ କାର୍ଯ୍ୟସୂଚୀରେ ପରିବର୍ତ୍ତନ କରିବାକୁ ପଡ଼ିଲା। ଆମେ ଏସ୍‌ଏଲସି ନିକଟରେ କୃତଜ୍ଞ ବୋଲି ପିସିବି ଡାଇରେକ୍ଟର ଜାକିର ଖାନ କହିଛନ୍ତି।

### ଜିସିଏ ସଭାପତି ପଦରୁ ଅମିତ ଶାହାଙ୍କ ଇସ୍ତଫା

**ମୁମ୍ବାଇ,୨୮।୯:** କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶନିବାର ଗୁଜରାଟ କ୍ରିକେଟ ଆସୋସିଏଶନ (ଜିସିଏ) ସଭାପତି ପଦରୁ ଇସ୍ତଫା ଦେଇଛନ୍ତି। ଫଳରେ ଜିସିଏ ସଭାପତି ପଦ ଖାଲି ହୋଇଛି। ତେବେ ଏହି ପଦ ପାଇଁ ନିକଟ ଭବିଷ୍ୟତରେ ନିର୍ବାଚନ ହେବାର ନାହିଁ। ୨୦୧୪ରେ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦି ଜିସିଏ ସଭାପତି ପଦ ଛାଡ଼ିବା ପରେ ଶାହ ଦାୟିତ୍ୱ ଗ୍ରହଣ କରିଥିଲେ। ଉପ ସଭାପତି ପାରିମଲ ନାଥୱାନି ମଧ ପଦ ଛାଡ଼ିଛନ୍ତି। ଜିସିଏରେ ନାଥୱାନିଙ୍କ ନେତୃତ୍ୱରେ ମୋଟେରା ପ୍ରୋଜେକ୍ଟ ଆରମ୍ଭ ହୋଇଛି। ଯୁଗ୍ମ ସମ୍ପାଦକ ପଦରେ ଥିବା ଶାହଙ୍କ ପୁଅ ନିଜ ଦାୟିତ୍ୱ ଜାରି ରଖିବେ।

> ମହେନ୍ଦ୍ର ସିଂ ଧୋନୀ କ୍ୟାରିୟରରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଅବସର କେବେ ନେବାକୁ ହେବ ସେ ଭଲ ଭାବରେ ବୁଝନ୍ତି।
> **– ଶିଖର ଧାୱନ, ଭାରତୀୟ ଓପନିଂ ବ୍ୟାଟ୍ସମ୍ୟାନ।**



> ଆଇସିସି ବିଶ୍ୱକପ୍ ସେମିଫାଇନାଲରେ ମହେନ୍ଦ୍ର ସିଂ ଧୋନୀ ଆଉଟ୍ ହେବା ପରେ ମୋ ଆଖି ଛଳଛଳ ହୋଇଯାଇଥିଲା।
> **–ଭାରତୀୟ ସ୍ପିନର ଯୁଜବେନ୍ଦ୍ର ଚହଲ**



# ରୋହିତ ବିଫଳ: ଅଭ୍ୟାସ ମ୍ୟାଚ ଡ୍ର

**ବିଜୟନଗରମ,୨୮।୯(ପି.ଟି.)**

ଭାରତୀୟ ବୋର୍ଡ ସଭାପତି ଏକାଦଶ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ୩ ଦିନିଆ ଅଭ୍ୟାସ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି। ଓପନର ହିସାବରେ ନୂଆ ଭୂମିକାରେ ଅଧିନାୟକ ରୋହିତ ଶର୍ମା ବିଫଳ ହୋଇଛନ୍ତି। ମାତ୍ର ଦୁଇଟି ବଲ୍ ଖେଳି ସେ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଛନ୍ତି। ତେବେ ମିଡଲ ଅର୍ଡରରେ ପ୍ରିୟଙ୍କ ପଞ୍ଚାଲ, ଉଇକେଟକିପର ବ୍ୟାଟ୍ସମ୍ୟାନ ଶ୍ରୀକର ଭରତ ଓ ସିଦ୍ଧେଶ ଲାଡ ଅର୍ଦ୍ଧଶତକ ହାସଲ କରି ଦଳକୁ ବିପର୍ଯ୍ୟୟରୁ ରକ୍ଷା କରିଛନ୍ତି।

ସ୍ଥାନୀୟ ଡ. ପିଭିଜି ରାଜୁ ଏସିଏ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଖେଳାଯାଇଥିବା ଏହି ମ୍ୟାଚର ପ୍ରଥମ ଦିବସର ଖେଳ ବର୍ଷା ଯୋଗୁ ବାତିଲ ହୋଇଥିଲା। ଦ୍ୱିତୀୟ ଦିବସରେ ଟସ୍ ଜିତି ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମ ଇନିଂସରେ ଦକ୍ଷିଣ ଆଫ୍ରିକା ଓପନର ଏଡେନ ମାର୍କ୍ରାମଙ୍କ ଶତକ ସହାୟତାରେ ୬୪ ଓଭରରେ ୬ ଉଇକେଟ ହରାଇ ୨୭୯ ରନ କରି ଇନିଂସ ଘୋଷଣା କରିଥିଲା। ଜବାବରେ ବ୍ୟାଟିଂ ଆରମ୍ଭ କରି ଭାରତ ମ୍ୟାଚ ଶେଷହେବା ବେଳକୁ ୬୪ ଓଭରରେ ୮ ଉଇକେଟ ହରାଇ ୨୬୫ ରନ ସଂଗ୍ରହ କରିଛି।


ରୋହିତ ଶର୍ମା

ରୋହିତ ଶର୍ମା ଖାତା ଖୋଲିବା ପୂର୍ବରୁ ଭର୍ନନ ଫିଲାଣ୍ଡରଙ୍କ ବଲ୍‌ରେ ବଦଳ ଖେଳାଳି ତଥା ଉଇକେଟ କିପର ହେନେରିଚ କ୍ଲାସେନଙ୍କୁ କ୍ୟାଚ ଦେଇ ପ୍ରଥମେ ପ୍ୟାଭିଲିୟନ ଫେରିଥିଲେ। ବଲ୍ ରୋହିତଙ୍କ ବ୍ୟାଟ୍‌ର ଏଜ୍ ନେଇଥିଲା ଓ ସେ ଚକ୍‌ମା ଖାଇଥିଲେ। ଅନ୍ୟତମ ଓପନର ମୟଙ୍କ ଅଗ୍ରୱାଲ ୯୨ଟି ବଲ ଖେଳି ୬ ଚୌକା ସହ ୩୯ ରନ ସଂଗ୍ରହ କରି ସ୍ପିନର କେଶବ ମହାରାଜାଙ୍କ ବଲ୍‌ରେ ଫିଲାଣ୍ଡରଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ସେହିପରି ବେଙ୍ଗଲ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ଅଭିମନ୍ୟୁ ଈଶ୍ୱରନ ମାତ୍ର ୧୩ ରନ କରି କାଗିସୋ ରାବାଡ଼ାଙ୍କ ବଲ୍‌ରେ ମାରକ୍ରାମଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ।

### ପଞ୍ଚାଲ, ସିଦ୍ଧେଶ, ଭରତଙ୍କ ଅର୍ଦ୍ଧଶତକ

ପଞ୍ଚାଲ ୬୦ ରନର ଉପଯୋଗୀ ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ସେ ୭୭ଟି ବଲ୍‌ର ସମ୍ମୁଖୀନ ହୋଇ ୧୦ ଚୌକା ଓ ଗୋଟିଏ ଛକା ମାରିଥିଲେ। ପଞ୍ଚାଲ ଫିଲାଣ୍ଡରଙ୍କ ବଲ୍‌ରେ ଡୁପ୍ଲେସିଙ୍କୁ କ୍ୟାଚ ଦେଇଥିଲେ। ଅଭିଜ୍ଞ କରୁନ ନାୟାର ମହାରାଜଙ୍କ ବଲ୍‌ରେ କ୍ଲାସେନଙ୍କୁ କ୍ୟାଚ୍ ଦେଇ ଆଉଟ ହେବା ପୂର୍ବରୁ ୧୯ ରନ ସଂଗ୍ରହ କରିଥିଲେ। ଏହାପରେ ଉଇକେଟକିପର ବ୍ୟାଟ୍ସମ୍ୟାନ ଶ୍ରୀକର ଭରତ ଦ୍ରୁତଗତିରେ ରନ୍ ସଂଗ୍ରହ କରି ୫୭ଟି ବଲ୍‌ରୁ ୭ ଚୌକା ଓ ୫ଟି ଛକା ସହ ୭୧ ରନ କରି ମହାରାଜଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ଜଲାଜ ସାକସେନା ୨ରନ କରି ଆଉଟ ହୋଇଥିବା ବେଳେ ଧର୍ମେନ୍ଦ୍ର ସିନ୍ ଜାଡେଜା ଖାତା ଖୋଲିପାରି ନ ଥିଲେ। ତେବେ ମୁମ୍ବାଇ ବ୍ୟାଟ୍ସମ୍ୟାନ ସିଦ୍ଧେଶ ଲାଡ ୮୯ଟି ବଲର ସମ୍ମୁଖୀନ ହୋଇ ୭ ଚୌକା ଓ ୧ ଛକା ସହ ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଅପରାଜିତ ରହିଥିଲେ। ଷଷ୍ଠ ଉଇକେଟ ଯୋଡିରେ ଭରତ ଓ ଲାଡ ୨୦ ଓଭରରେ ୧୦୦ ରନ ସଂଗ୍ରହ କରିଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକା ତରଫରୁ ମହାରାଜ ସର୍ବାଧିକ ୩, ଫିଲାଣ୍ଡର ୨, ରାବାଡ଼ା, ଡେନ ପିଟ୍ ଓ ସେନୁରାନ ମୁଥୁସାମି ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଦ୍ୱିତୀୟ ଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୯୯/୫ରୁ ଦକ୍ଷିଣ ଆଫ୍ରିକା ଖେଳ ଆରମ୍ଭ କରିଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ଟେମ୍ବା ବଭୁମା ୫୫ ରନରୁ ଖେଳ ଆରମ୍ଭ କରି ୮୭ ରନର ଉପଯୋଗୀ ଇନିଂସ ଖେଳି ଅପରାଜିତ ରହିଥିଲେ। ଫିଲାଣ୍ଡର ୪୮ ରନ ସଂଗ୍ରହ କରି ଆଉଟ ହୋଇଥିଲେ ଓ ଦକ୍ଷିଣ ଆଫ୍ରିକା ୬ ଉଇକେଟ ହରାଇ ୨୭୯ ରନ କରି ଇନିଂସ ଘୋଷଣା କରିଥିଲା। ବୋଲିଂରେ ବୋର୍ଡ ସଭାପତି ଏକାଦଶ ତରଫରୁ ସ୍ପିନର ଧର୍ମେନ୍ଦ୍ରସିନ୍ ଜାଡେଜା ୩, ଉମେଶ ଯାଦବ ଓ ଇଶାନ ପୋରେଲ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

## ୱେଷ୍ଟଇଣ୍ଡିଜ୍ ଗସ୍ତ

### ଜୁନିୟର ସପୋର୍ଟ ଷ୍ଟାଫ୍ ସଦସ୍ୟଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ

**ନୂଆଦିଲ୍ଲୀ,୨୮।୯(ପି.ଟି.)**

ୱେଷ୍ଟଇଣ୍ଡିଜ ଗସ୍ତ ଅବସରରେ ଭାରତୀୟ କ୍ରିକେଟର ଦଳରେ ଜଣେ ଜୁନିୟର ସପୋର୍ଟ ଷ୍ଟାଫ୍ ସଦସ୍ୟଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ ଆସିଥିଲା। ଆଣ୍ଟିଗୁଆରେ ଜଣେ ମହିଳା ହୋଟେଲ କର୍ମଚାରୀଙ୍କୁ ସମ୍ପୃକ୍ତ ସଦସ୍ୟ ଜଣକ ଦୁର୍ବ୍ୟବହାର କରିଥିଲେ। ଆଣ୍ଟିଗୁଆରେ ଅଗଷ୍ଟ ୨୨ରୁ ୨୬ ତାରିଖ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍ ପୂର୍ବରୁ ଏହି ଘଟଣା ସାମ୍ନାକୁ ଆସିଥିଲା। ତେବେ ଚିହ୍ନି ନ ପାରିବା କାରଣରୁ ଏଭଳି ଘଟଣା ଘଟିଥିଲା ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ଅଧିକାରୀ କହିଛନ୍ତି । ପୂର୍ବତନ ଟିମ୍ ମ୍ୟାନେଜର ସୁନୀଲ ସୁବ୍ରମନିୟମ ସେପ୍ଟେମ୍ବର ୨୫ ତାରିଖରେ ଏ ସଂକ୍ରାନ୍ତରେ ପ୍ରଶାସକ କମିଟି (ସିଓଏ)କୁ ଇମେଲ୍ ଜରିଆରେ ପ୍ରଥମେ ଅଭିଯୋଗ ଆଣିଥିଲେ। ପରେ ସୁନୀଲ ତାଙ୍କର ଏହି ଅଭିଯୋଗକୁ ପ୍ରତ୍ୟାହାର କରିନେଇଥିଲେ। ସମ୍ପୃକ୍ତ ସଦସ୍ୟାଙ୍କୁ ଏ ନେଇ ପଚରାଉଚାର କରାଯିବା ଉଚିତ ବୋଲି ସେ କହିଥିଲେ।

# ‘ରୋହିତ ମୋ ଭୁଲ ଦୋହରାଇବା ଉଚିତ ନୁହଁ’

**ନୂଆଦିଲ୍ଲୀ,୨୮।୯(ପି.ଟି.)**

ତାରକା ବ୍ୟାଟ୍ସମ୍ୟାନ ରୋହିତ ଶର୍ମାଙ୍କୁ ଏବେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଇନିଂସ ଓପନ କରାଇବାକୁ ସୁଯୋଗ ଦେଇଛି। ତେବେ ଏ ସଂକ୍ରାନ୍ତରେ ପୂର୍ବତନ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଭିଭିଏସ୍ ଲକ୍ଷ୍ମଣ ତାଙ୍କୁ କେତୋଟି ପରାମର୍ଶ ଦେଇଛନ୍ତି। ରୋହିତ ମୋ ଭୁଲ ଦୋହରାଇବା ଉଚିତ୍ ନୁହଁ ବୋଲି ସେ କହିଛନ୍ତି। ଖେଳିବା ସମୟରେ ମୋତେ ମଧ ଇନିଂସ ଓପନ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିପାଇଁ ଟେକ୍‌ନିକ୍‌ରେ ପରିବର୍ତ୍ତନ ଆଣିଥିଲି। ତେବେ ଏହାର ନକାରାତ୍ମକ ପ୍ରଭାବ ପଡିଥିଲା। ଏବେ ସେ ଭୁଲ ନ ଦୋହରାନ୍ତୁ ବୋଲି ଲକ୍ଷ୍ମଣ କହିଛନ୍ତି।

୧୯୯୬ରୁ ୯୮ ମଧ୍ୟରେ ଲକ୍ଷ୍ମଣଙ୍କୁ ଇନିଂସ ଓପନ କରିବାକୁ ଏକପ୍ରକାର ବାଧ୍ୟ କରାଯାଇଥିଲା। ଯଦିଓ ସେ ଜଣେ ସ୍ପେଶାଲିଷ୍ଟ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ରୂପେ ସଫଳତା ପାଇଥିଲେ। ତେବେ ଏହା କାମ ଦେଇ ନ ଥିଲା। ତେବେ ରୋହିତଙ୍କ ପାଖରେ ଯଥେଷ୍ଟ ଅଭିଜ୍ଞତା ରହିଛି। କିନ୍ତୁ ସେତେବେଳେ ମୋ ପାଖରେ ଅଭିଜ୍ଞତା ନ ଥିଲା। ମାତ୍ର ୪ଟି ଟେଷ୍ଟ ଖେଳିବା ପରେ ମୋତେ ଇନିଂସ ଓପନ୍ କରିବାକୁ କୁହାଯାଇଥିଲା। କିନ୍ତୁ ରୋହିତ ଏବେ ସୁଦ୍ଧା ୧୨ ବର୍ଷ ଅନ୍ତର୍ଜାତୀୟ କ୍ରିକେଟ ଖେଳିସାରିଲେଣି। ସେ ଏବେ ପରିପକ୍ୱ ହେବା ସହ ବେଶ୍ ଅଭିଜ୍ଞତା ମଧ ହାସଲ କରି ସାରିଛନ୍ତି। ସେ ମଧ ଭଲ ଫର୍ମରେ ରହିଛନ୍ତି ବୋଲି ଲକ୍ଷ୍ମଣ ପୂର୍ବତନ କ୍ରିକେଟର ଦୀପ ଦାସଗୁପ୍ତାଙ୍କୁ ସାକ୍ଷାତକାର ଦେବା ସମୟରେ କହିଛନ୍ତି।



ଦୀପଙ୍କ ୟୁଟ୍ୟୁବ୍ ଚ୍ୟାନେଲ ‘ଡିପ୍ ପଏଣ୍ଟ’କୁ ସେ ସାକ୍ଷାତକାର ଦେବା ଅବସରରେ ରୋହିତଙ୍କୁ ଲକ୍ଷ୍ମଣ ଏହି ପରାମର୍ଶ ଦେଇଛନ୍ତି। ଇନିଂସ ଓପନ୍ କଲାବେଳେ ଟେକନିକ୍‌ରେ ପରିବର୍ତ୍ତନ ଆଣିଥିଲି। ତେବେ ଏହା ଦ୍ୱାରା ଲୟ ହରାଇଥିଲି ବୋଲି ଲକ୍ଷ୍ମଣ କହିଛନ୍ତି। ତେବେ ମିଡଲ ଅର୍ଡରରେ ବ୍ୟାଟିଂ କରି ବେଶ୍ ସଫଳ ହୋଇଥିଲି। ୩ ହେଉ କି ୪ ନମ୍ବରରେ ବହୁତ ରନ୍ ସଂଗ୍ରହ କରିଥିଲି। ଲକ୍ଷ୍ମଣ ୧୩୪ଟି ଟେଷ୍ଟ ଖେଳି ୮୭୮୧ ରନ ସଂଗ୍ରହ କରିଥିଲେ।

ଜଣେ ବ୍ୟାଟ୍ସମ୍ୟାନ ତାଙ୍କ ସ୍ୱାଭାବିକ ଖେଳରେ ପରିବର୍ତ୍ତନ ଆଣିବା ଉଚିତ ନୁହଁ। ଏପରି କଲେ ବ୍ୟାଟ୍ସମ୍ୟାନ ଲୟ ହରାଇଥାନ୍ତି ଓ ଆଶାନୁରୂପ ସଫଳତା ପାଇ ନ ଥାନ୍ତି। ରୋହିତ ରିଦିମ ବା ତାଳରେ ଖେଳିଥାନ୍ତି। ଯଦି ସେ ଟଚ୍ ହରାନ୍ତି ତାହାଲେ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହେବ ବୋଲି ଲକ୍ଷ୍ମଣ କହିଛନ୍ତି। ମନୋଭାବ ବା ମାଇଣ୍ଡସେଟ୍‌ରେ ସାମାନ୍ୟ ପରିବର୍ତ୍ତନ ହେଲେ ଅବଶ୍ୟ ଚଳିବ। କିନ୍ତୁ ମୌଳିକ ଟେକ୍‌ନିକ୍‌ରେ କୌଣସି ପରିବର୍ତ୍ତନ ହେବା ଉଚିତ ନୁହଁ। ଅଫ୍ ଷ୍ଟମ୍ପ ବାହାରର ବଲକୁ ଖେଳିବା ଅନାବଶ୍ୟକ। ଦେହଠାରୁ ଦୂରରେ ଯାଉଥିବା ବଲ୍‌କୁ ମଧ ଖେଳିବା ଉଚିତ ନୁହଁ। ପୁଣି ବାଉନ୍ସର ବଲ୍‌ଗୁଡିକୁ ଛାଡି ଦେବା ମଧ ଦରକାର। ମାନସିକ ଭାବେ ଶୃଙ୍ଖଳିତ ହେବା ମଧ ଜରୁରୀ।

ଭାରତୀୟ ପରିବେଶ ଓ ପିଚ୍‌ରେ ଇନିଂସ ଓପନ କରିବାକୁ ଯାଉଥିବାରୁ ରୋହିତ ଫାଇଦାରେ ରହିବେ। ନୂଆ ଉଇକେଟ ଓ ବ୍ୟାଟିଂ ଉପଯୋଗୀ ଉଇକେଟରେ ଇନିଂସ ଓପନ କରିବା ସେତେଟା କଷ୍ଟକର ହୋଇ ନ ଥାଏ। ତେବେ ସମୟ ବଢିବା ଅନୁସାରେ ଉଇକେଟରେ ପରିବର୍ତ୍ତନ ଆସିଥାଏ ଓ ସେତେବେଳେ ରିଭର୍ସ ସୁଇଂ ଏବଂ ସ୍ପିନ୍ ହେଉଥିବା ବଲ୍‌କୁ ଖେଳିବା କଷ୍ଟକର ହୋଇଥାଏ। ଆଗାମୀ ଦକ୍ଷିଣ ଆଫ୍ରିକା ବିପକ୍ଷ ୩ଟି ଟେଷ୍ଟ ମ୍ୟାଚ୍‌ରେ ରୋହିତ ଇନିଂସ ଓପନ୍ କରିବେ ବୋଲି ଚୟନକର୍ତ୍ତା ଘୋଷଣା କରିଛନ୍ତି। ଏହା ଖୁସିର କଥା ବୋଲି ଲକ୍ଷ୍ମଣ କହିଛନ୍ତି।

କାଗିସୋ ରାବାଡ଼ାଙ୍କୁ ବାଦ୍ ଦେଲେ ଦକ୍ଷିଣ ଆଫ୍ରିକା ବୋଲିଂ ସେତେଟା ପ୍ରଭାବୀ ସାବ୍ୟସ୍ତ ହେବନାହିଁ । ଫଳରେ ରୋହିତଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ ଓ ସେ ଲମ୍ବା ଇନିଂସ ଖେଳିପାରିବେ। ଗତ ୬ କିମ୍ବା ୭ଟି ଟେଷ୍ଟରେ ରୋହିତଙ୍କ ହାରାହାରି ରନ୍ ସଂଗ୍ରହ ୫୦। ଟେଷ୍ଟରେ କ୍ୟାରିୟର ସ୍ଥିରତା ରହି ନ ଥିବାରୁ ରୋହିତ ନିଜର ଦକ୍ଷତା ଅନୁରୂପ ଖେଳିପାରି ନାହାନ୍ତି।

### ଖେଲୋ ଇଣ୍ଡିଆ ଆଥ୍‌ଲେଟଙ୍କ ଲାଗି ୭.୮୭ କୋଟି ଟଙ୍କା ମଞ୍ଜୁରୀ

**ନୂଆଦିଲ୍ଲୀ, ୨୮।୯ (ପିଟି)**

ଖେଲୋ ଇଣ୍ଡିଆର ୨,୬୨୫ ଆଥ୍‌ଲେଟଙ୍କ ଆଉଟ ଅଫ୍ ପକେଟ ଭତ୍ତା ବାବଦକୁ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଶନିବାର ୭.୮୭ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଖେଲୋ ଇଣ୍ଡିଆ ଟ୍ୟାଲେଣ୍ଟ ଡେଭଲପମେଣ୍ଟ ଯୋଜନା ଅନୁଯାୟୀ, ଚୟନ ହୋଇଥିବା ଆଥ୍‌ଲେଟଙ୍କୁ ଦେଶର ବିଭିନ୍ନ ଏକାଡେମୀ ଓ ବିଦେଶରେ ଟ୍ରେନିଂ ଦିଆଯିବ। ତୃଣମୂଳ ସ୍ତରରୁ ଚିହ୍ନଟ ହୋଇଥିବା ଟ୍ୟାଲେଣ୍ଟଙ୍କୁ ସରକାରଙ୍କ ସହାୟତାରେ ଉଚିତ ଟ୍ରେନିଂ ପ୍ରଦାନ କରାଯାଏ। ମଞ୍ଜୁର ହୋଇଥିବା ଅର୍ଥ ଚଳିତ ବର୍ଷ ଅକ୍ଟୋବରରୁ ଡିସେମ୍ବର ପର୍ଯ୍ୟନ୍ତ ପ୍ରତ୍ୟେକ ଆଥ୍‌ଲେଟ ୧୦ ହଜାର ଟଙ୍କା ଲେଖାଏ ଭତ୍ତା ପ୍ରଦାନ କରାଯିବ। ମୋଟ ୨,୬୨୫ଙ୍କ ମଧ୍ୟରୁ ୧୩୧୨ ଆଥ୍‌ଲେଟ ଖେଲୋ ଇଣ୍ଡିଆ ଏକାଡେମୀରେ ଟ୍ରେନିଂ ନେଉଛନ୍ତି। ଆଉଟ ଅଫ୍ ପକେଟ ଭତ୍ତା ଦେବା ବ୍ୟତୀତ ଚିହ୍ନଟ ହୋଇଥିବା ପ୍ରତିଭାସମ୍ପନ୍ନ ଆଥ୍‌ଲେଟଙ୍କୁ କୋଚିଂ, ଡାଏଟିଂ, ଲଜିଂ, ଶିକ୍ଷା, ଆହତ ସମସ୍ୟାରୁ ବର୍ତ୍ତିବାର ଉପାୟ ଜାଣିବାକୁ ସୁଯୋଗ ଦିଆଯାଉଛି। ଖେଲୋ ଇଣ୍ଡିଆ ଏକାଡେମୀର ପ୍ରତ୍ୟେକ ଆଥ୍‌ଲେଟଙ୍କୁ ବାର୍ଷିକ ୫ ଲକ୍ଷ ଟଙ୍କାର ସ୍କଲାରଶିପ ମିଳେ। ଏଥିମଧ୍ୟରୁ ୧.୨ ଲକ୍ଷ ଆଥ୍‌ଲେଟଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ପଠାଯାଏ।

# ମୁମ୍ବାଇକୁ ହରାଇଲା ଛତିଶଗଡ଼




**ବେଙ୍ଗାଲୁରୁ,୨୮।୯ (ପିଟି)**

ଚଳିତ ବିଜୟ ହଜାରେ ଟ୍ରଫିରେ ଶନିବାର ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇକୁ ଏକ ହାଇ ସ୍କୋରିଂ ମ୍ୟାଚ୍‌ରେ ଛତିଶଗଡ଼ ହରାଇ ଦେଇଛି। ଆଉ ଏକ ମ୍ୟାଚ୍‌ରେ ଲୋକେଶ ରାହୁଲଙ୍କ ଶତକ ବଳରେ କର୍ଣ୍ଣାଟକ କେରଳକୁ ହରାଇ ଦେଇଛି। ଅଲୁର କ୍ରିକେଟ ଷ୍ଟାଡିୟମଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ମୁମ୍ବାଇ ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୫ ଉଇକେଟ ହରାଇ ୩୧୭ ରନ୍ କରିଥିଲା। ଦଳ ପାଇଁ ଆଦିତ୍ୟ ତାରେ ୯୦, ସୂର୍ଯ୍ୟକୁମାର ଯାଦବ ୮୧ ଓ ଅଧିନାୟକ ଶ୍ରେୟାସ ଆୟାର ୫୦ ରନ୍ କରିଥିଲେ। ଜବାବରେ ଅମନଦୀପ ଖାରେଙ୍କ ୧୦୭ ରନ୍‌ର ବିସ୍ଫୋରକ ଶତକ ବଳରେ ଛତିଶଗଡ଼ ଗୋଟିଏ ବଲ ପୂର୍ବରୁ ମ୍ୟାଚ୍ ଜିତି ନେଇଥିଲା। ଫଳରେ ଛତିଶଗଡ଼ ସମ୍ପୂର୍ଣ୍ଣ ୪ ପଏଣ୍ଟ ହାସଲ କରିଛି।

### ରାହୁଲଙ୍କ ଶତକ

ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ ରାହୁଲଙ୍କ ୧୩୧ (୧୦ ଚୌକା, ୪ ଛକା)ରନ୍ ଯୋଗୁ କର୍ଣ୍ଣାଟକ ୨୯୪ରେ ଅଲଆଉଟ୍ ହୋଇଯାଇଥିଲା। ଅଧିନାୟକ ମନୀଷ ପାଣ୍ଡେ ୫୦ ରନ୍ କରିଥିଲେ। ୨୯୫ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଓହ୍ଲାଇଥିବା କେରଳ ବିଷ୍ଣୁ ବିନୋଦ ୧୦୪ ଓ ସଞ୍ଜୁ ସାମସନଙ୍କ ୬୭ ରନ୍‌ର ଇନିଂସ ସତ୍ତ୍ୱେ ୨୩୪ ରନ୍‌ରେ ସୀମିତ ରହିଥିଲା। ଫଳରେ କର୍ଣ୍ଣାଟକ ୬୦ ରନ୍‌ରେ ବିଜୟୀ ହୋଇ ୪ ପଏଣ୍ଟ ହାତେଇଛି। ଅନ୍ୟ ଏକ ମ୍ୟାଚରେ ହାଇଦ୍ରାବାଦ ୧୨୧ ରନ୍‌ର ବୃହତ୍ ବ୍ୟବଧାନରେ ସୌରାଷ୍ଟ୍ରକୁ ପରାସ୍ତ କରିଛି। ଅମ୍ବାତି ରାୟୁଡୁଙ୍କ ନେତୃତ୍ୱାଧୀନ ହାଇଦ୍ରାବାଦ୍ ୫ ଉଇକେଟ ହରାଇ ୨୫୨ ରନ୍ କରିଥିଲା। ଜବାବରେ ସୌରାଷ୍ଟ୍ର ୧୩୧ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା।

# ପୂର୍ବାଞ୍ଚଳ ଫୁଟ୍‌ବଲ ଟେନିସ ଉଦ୍‌ଘାଟିତ

**ଭୁବନେଶ୍ୱର, ୨୮।୯ (ସ୍ପୋର୍ଟ୍ସ ବ୍ୟୁରୋ)**

ନୟାପଲ୍ଲୀସ୍ଥିତ ମମତାଜ ଅଲି ଉଚ୍ଚ ବିଦ୍ୟାଳୟ ପଡ଼ିଆଠାରେ ଶନିବାର ନରେନ୍ଦ୍ର ଜେନା ମେମୋରିଆଲ ପୂର୍ବାଞ୍ଚଳ ଫୁଟ୍‌ବଲ ଟେନିସ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନର ସମ୍ପାଦକ ଡ. ସୌର୍ଯ୍ୟରଞ୍ଜନ ପରିଡା ଅତିଥିଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଦୁଇଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତା ରବିବାର ଅପରାହ୍ନ ୫ଟାରେ ଉଦ୍‌ଯାପିତ ହେବ। ଏଥିରେ ପୁରୁଷ ବିଭାଗରେ ୬ ଓ ମହିଳା ବିଭାଗରେ ୪ ଦଳ ଅଂଶଗ୍ରହଣ କରୁଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥିଭାବେ ସର୍ବଭାରତୀୟ ଫୁଟ୍‌ବଲ ଟେନିସର ସମ୍ପାଦକ ପି. ସୁଗୁମାରନ, ଉପସଭାପତି ସହଦେବ ରାଉତ, ପଦ୍ମଜା ପ୍ରିୟଦର୍ଶିନୀ ଜେନା, ସିଟି କ୍ଲବର ସମ୍ପାଦକ ପ୍ରଦୀପ ରାଉତରାୟ, ଆନ୍ତର୍ଜାତିକ କ୍ରୀଡ଼ା ପରିଚାଳକ ସୁନିତା ପାତ୍ରଙ୍କ ସମେତ ବିଭିନ୍ନ ପ୍ରଦେଶରୁ ଆସିଥିବା ଅଫିସିଆଲମାନେ ଏହି ଅବସରରେ ଉପସ୍ଥିତ ରହିଥିଲେ। ସୁଜିତ ପାତ୍ର, ପଞ୍ଚାନନ ବଳ, ଆନ୍ନା କେରକେଟା, ରଶ୍ମିତା ମହାନ୍ତି, ସୁଦାମ ଚରଣ ମିଶ୍ର ଓ ସଞ୍ଜୟ କୁମାର ମଲିକ ଖେଳ ପରିଚାଳନା କରିଥିଲେ। ମମତାଜ ଅଲି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଲିଲ୍ ଖାଁ ଧନ୍ୟବାଦ ଅର୍ପଣ କରିଥିଲେ।


ଉଦ୍‌ଘାଟନୀ ଅବସରରେ ଅତିଥି ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି ।

# ଗୁରଜିତ୍‌ଙ୍କ ଗୋଲ ଭାରତକୁ ଜିତାଇଲା

**ମାର୍‌ଲୋ,୨୮।୯**

ଏଠାରେ ଗ୍ରେଟ୍ ବ୍ରିଟେନ ବିପକ୍ଷରେ ଶନିବାର ଖେଳାଯାଇଥିବା ମହିଳା ହକି ମ୍ୟାଚ୍‌ରେ ଗୁରଜିତ୍ କୌରଙ୍କ ଗୋଲ ଭାରତୀୟ ଦଳକୁ ବିଜୟ ଆଣି ଦେଇଛି। ଏକଦା ଭାରତ ୦-୧ ଗୋଲରେ ପଛୁଆ ଥିଲା। ହେଲେ ଶର୍ମିଳା ଦେବୀ ଓ ଗୁରଜିତ୍‌ଙ୍କ ଗୋଲ ଯୋଗୁ ଭାରତ ମ୍ୟାଚ୍‌କୁ ୨-୧ ଗୋଲରେ ଜିତି ନେଇଛି। ଏହି ବିଜୟ ସହ ଭାରତ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୧-୦ ବ୍ୟବଧାନର ଅଗ୍ରଣୀ ହାସଲ କରିଛି।

ମ୍ୟାଚ୍‌ର ପ୍ରଥମ କ୍ୱାର୍ଟରରେ ଦୁଇ ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ କୌଣସି ଦଳ ଗୋଲ ସ୍କୋର କରିପାରି ନ ଥିଲା। ଦ୍ୱିତୀୟ କ୍ୱାର୍ଟରେ ଭାରତ ନିୟନ୍ତ୍ରଣରେ ରହିଥିଲା। ପ୍ରଥମ ୫ ମିନିଟ୍‌ରେ ଟିମ୍ ଇଣ୍ଡିଆ ଦୁଇଟି ପେନାଲ୍ଟି କର୍ଣ୍ଣର ପାଇଥିଲା। ଯାହା ବେକାର ଯାଇଥିଲା। ଏହାପରେ ଘରୋଇ ଗ୍ରେଟ୍ ବ୍ରିଟେନ ଖେଳାଳିମାନେ ଭାରତୀୟ ଗୋଲ ପୋଷ୍ଟ ଉପରେ ଘନ ଘନ ଆକ୍ରମଣ କରିଥିଲେ। ମାତ୍ର କିପର ସବିତା ପୁନିଆ



ଗୋଲ ସ୍କୋର ପରେ ଉଲ୍ଲସିତ ଭାରତୀୟ ମହିଳା ହକି ଖେଳାଳିମାନେ।

ସଫଳତାର ସହ ବଲ ରୋକିଥିଲେ। ଫଳରେ ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ମ୍ୟାଚ୍‌ର ୪୬ତମ ମିନିଟ୍‌ରେ ଗ୍ରେଟ୍ ବ୍ରିଟେନ ପକ୍ଷରୁ ଇମିଲି ଡେଫ୍ରଣ୍ଡ ଗୋଲ ସ୍କୋର କରିଥିଲେ। ଭାରତ ପାଇଁ ଶର୍ମିଳାଙ୍କ ଗୋଲ ଦେଇ ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ମ୍ୟାଚ୍‌ର ଅନ୍ତିମ ମିନିଟ୍‌ରେ ଭାରତ ଏକ ଶର୍ଟ କର୍ଣ୍ଣର ପାଇଥିଲା। ଯାହାକୁ ଗୁରଜିତ୍ ଗୋଲରେ ପରିଣତ କରି ଭାରତୀୟ ଦଳର ବିଜୟ ସୁନିଶ୍ଚିତ କରିଥିଲେ। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ରବିବାର ଖେଳାଯିବ।



"କ୍ରିକେଟର୍ ଏମ୍.ଏସ୍. ଧୋନିଙ୍କ ଅବସର ନେବାର ନିଷ୍ପତ୍ତି ଅନ୍ୟ କେହିନୁହେଁ, କେବଳ ସେ ହିଁ ନେଇପାରିବେ।
-ସୁଶାନ୍ତ ସିଂ ରାଜପୁତ, ବଲିଉଡ୍ ଅଭିନେତା

# ଭାରତର ଗ୍ରେଟା 'ରିଧିମା'



**ଜଳବାୟୁ ପରିବର୍ତ୍ତନ ଲାଗି ସରକାରଙ୍କୁ ଦୋଷାରୋପ**

**ନୂଆଦିଲ୍ଲୀ:** ଜଳବାୟୁ ପରିବର୍ତ୍ତନ ବିଶ୍ୱ ଲାଗି ଏକ ସତର୍କଘଣ୍ଟି। ଏଥିଲାଗି ବିଶ୍ୱବ୍ୟାପୀ ସଚେତନତା ସୃଷ୍ଟି କରାଯାଉଥିବାବେଳେ ସେଭଳି ସୁଫଳ ମିଳୁନାହିଁ। ଏଥିଲାଗି ବିଭିନ୍ନ ଦେଶ କଡ଼ା ପଦକ୍ଷେପ ଗ୍ରହଣ କରିବା ପରିବର୍ତ୍ତେ ଭାଷଣବାଜିରେ ସୀମିତ ରହିବା ଲଜ୍ଜାର ବିଷୟ। ଜଳବାୟୁ କର୍ମୀ ସ୍ୱେଡ଼େନ୍‌ର ଗ୍ରେଟା ଥନ୍‌ବର୍ଗ(୧୬)ଙ୍କ ଉତ୍ତେଜିତ ଭାଷଣ ବିଶ୍ୱନେତାଙ୍କୁ ଅଡୁଆରେ ପକାଇଥିବାବେଳେ ଭାରତୀୟ ଜଳବାୟୁ କର୍ମୀ ହରିଦ୍ୱାରନିବାସୀ ରିଧିମା ପାଣ୍ଡେ(୧୧) ମଧ ପରିବେଶ ସନ୍ତୁଳନ ରକ୍ଷା ଓ ଜଳବାୟୁ ପରିବର୍ତ୍ତନକୁ ନେଇ ସରକାରଙ୍କ ଉପରେ ବର୍ଷିଛନ୍ତି। ଗ୍ରେଟା ଓ ରିଧିମାଙ୍କ ସହିତ ବିଶ୍ୱର ୧୬ଜଣ ଏନେଇ ଜାତିସଂଘ ଜଳବାୟୁ କାର୍ଯ୍ୟକାରୀ କମିଟିରେ ପିଟିଶନ ଦାଖଲ କରି ସରକାରଙ୍କ ଅବହେଳାକୁ ଦାୟୀ କରିବା ସହ ବିକ୍ଷୋଭ ଜାରି ରଖିବାକୁ କହିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ସରକାର କଠୋର ପଦକ୍ଷେପ ନେବାର ସମୟ ଆସିଛି ବୋଲି ରିଧିମା କହିଛନ୍ତି।

ରିଧିମା ଏବେ ଅଷ୍ଟମ ଶ୍ରେଣୀର ଛାତ୍ରୀ। ୨୦୧୭ରେ ସେ ଜଳବାୟୁ ପରିବର୍ତ୍ତନକୁ ନେଇ ଚିନ୍ତା ପ୍ରକଟ କରିବା ସହ ସରକାରଙ୍କ ବିରୋଧରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲରେ ପିଟିଶନ ଫାଇଲ କରି ଚର୍ଚ୍ଚାକୁ ଆସିଥିଲେ। ଦେଶରେ ବୃଦ୍ଧି ପାଉଥିବା ପରିବେଶ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନକୁ ନେଇ ସେ ସରକାରୀ ପଦକ୍ଷେପକୁ ଦୋଷ ଦେଇଥିଲେ। ଖାଲି କାଗଜ କଲମରେ ନୁହେଁ, ପ୍ରତ୍ୟକ୍ଷଭାବେ ଦୃଢ ପଦକ୍ଷେପ ଗ୍ରହଣ କରିବା ଦରକାର ବୋଲି ସେ ସରକାରଙ୍କୁ ପରାମର୍ଶ ଦେଇଥିଲେ। କିଛିମାସ ତଳେ ସେ ବାପାଙ୍କ ସହ ଓସ୍‌ଲୋ ଓ ପରେ ନ୍ୟୁୟର୍କ ଗସ୍ତକରି ଜଳବାୟୁ କର୍ମୀଙ୍କ ସହ ମିଶିଥିଲେ। ପରେ ନ୍ୟୁୟର୍କ ସମିଟ୍‌ରେ ଭାଗ ନେଇଥିଲେ। ଥନ୍‌ବର୍ଗ, ଆଲେକ୍‌ଜାଣ୍ଡ୍ରିଆ ଭିଲ୍ଲାସେନର,ଚିଆରା ସଚ୍ଚି, କାଟାରିନା ଲୋରେଞ୍ଜୋ, ଇରିଶ୍ ଡୁକ୍ୱେନ୍ସ ପ୍ରମୁଖଙ୍କ ସହ ରିଧିମା ଜଳବାୟୁ ପରିବର୍ତ୍ତନ ନେଇ ଅଭିଯାନ ଚଳାଇଥିଲେ। ସରକାରଙ୍କ ଆନ୍ତରିକତାର ଅଭାବ ଯୋଗୁ ଏଭଳି ସ୍ଥିତି ଉପୁଜିଛି ବୋଲି ଜଳବାୟୁ କର୍ମୀ ରିଧିମା କହିଛନ୍ତି। ଗଙ୍ଗା ସଫେଇ ନେଇ ଡିଣ୍ଡିମ ପିଟାଯାଉଥିଲେ ହେଁ ଏଥିରେ ସେଭଳି ଅଗ୍ରଗତି ପରିଲକ୍ଷିତ ହୋଇନାହିଁ। ପଡ଼ିଥିବା ମାଳମାଳ ପଲିଥିନ୍, କଳକାରଖାନାର ବର୍ଜ୍ୟବସ୍ତୁ, ଅଳିଆ ଆବର୍ଜନାକୁ ଦେଖିଲେ ଯେ କେହି ଅନୁଭବ କରିପାରିବ ବୋଲି ରିଧିମା କହିଛନ୍ତି। ମା' ବୋଲି କୁହାଯାଉଥିବା ଗଙ୍ଗା ଏବେ ପୂତିଗନ୍ଧମୟ, ଦୂଷିତ ଜଳପୂର୍ଣ୍ଣ ହୋଇ ରହିଛି। ସେହିଭଳି ଧାର୍ମିକ ପୀଠ ହରିଦ୍ୱାର ଭୟଙ୍କର ବାୟୁ ପ୍ରଦୂଷଣର ଶିକାର ହୋଇଛି। ପଲିଥିନ ନିଷିଦ୍ଧ କରାଯାଇଥିଲେ ହେଁ ସରକାରୀ ଉଦାସୀନତାରୁ ଏହା ସଫଳ ରୂପ ନେଇପାରୁ ନାହିଁ। ଆମ ଆଡୁ ପ୍ଲାଷ୍ଟିକ୍ ବନ୍ଦ ହେଲେ କମ୍ପାନୀ ତିଆରି କରିବା ବନ୍ଦ କରିଦେବ ବୋଲି ସେ ମତ ଦେଇଛନ୍ତି। ପରିବେଶକୁ ସନ୍ତୁଳିତ କରିବା ଲାଗି ଲୋକ ସଚେତନ ହେବା ସହ ସରକାର କଠୋର ପଦକ୍ଷେପ ଗ୍ରହଣ କରିବାକୁ ରିଧିମା ପରାମର୍ଶ ଦେଇଛନ୍ତି।




**ବାବୁ ମହଲ: ପ୍ଲାଷ୍ଟିକ ବର୍ଜନ**

ଦେଖନ୍ତୁ ଭିଡିଓ

YouTube /dharitrilive

# କୁକୁର କାନ୍ଦିଲେ ଦଣ୍ଡ

କାନ୍‌ବେରା: ବିଶ୍ୱସ୍ତ ପ୍ରାଣୀ ତାଲିକାରେ ଶୀର୍ଷରେ ରହିଛି କୁକୁର। ହେଲେ ଭାରତରେ କୁକୁରଙ୍କ ଦୟନୀୟ ଅବସ୍ଥା ନ କହିବା ବରଂ ଭଲ। କେବଳ ବୁଲା କୁକୁର ନୁହନ୍ତି, ବୟସ ଗଡ଼ିଗଲା ପରେ ସାରା ଜୀବନ ସେବା ଯୋଗାଇ ଆସୁଥିବା ଅତି ଆପଣାର ପୋଷା କୁକୁରଟିକୁ ବି ମାଲିକ ଘରୁ ବାହାର କରିଦେବାକୁ ସାମାନ୍ୟ ସଙ୍କୋଚ କରନ୍ତିନି। ଦେଶରେ ଏପରି ଘଟଣା ଅତି ସାଧାରଣ। ସହର ହେଉ କି ଗ୍ରାମାଞ୍ଚଳ, ଖୋଜି ବୁଲିଲେ ଗଳିକନ୍ଦିରେ ଏପରି ହଜାରେ ଦୃଶ୍ୟ ଅତି ସହଜରେ ଦେଖିବାକୁ ମିଳିଯିବ। ଏହାର କାରଣ ଏଠାରେ ପାଳିତ ପ୍ରାଣୀଙ୍କ ସୁରକ୍ଷା ପାଇଁ କାମକରୁନି କଡ଼ା ଆଇନ।

ହେଲେ ସମାନ ଘଟଣା ଯଦି ଅଷ୍ଟ୍ରେଲିଆରେ ଘଟେ, ତେବେ କୁକୁର ମାଲିକଙ୍କୁ ଗଣିବାକୁ ପଡ଼ିବ ମୋଟା ଅଙ୍କର ଜରିମାନା। କେବଳ ଏତିକି ନୁହେଁ, ଦୈନିକ ପୋଷା କୁକୁରକୁ ୨ ଘଣ୍ଟା ପଦାରେ ବୁଲାଇବା ମଧ ବାଧ୍ୟତାମୂଳକ। କୁକୁରକୁ ୨୪ ଘଣ୍ଟା ଘରେ ବାନ୍ଧି ରଖିବା କିମ୍ବା ନିର୍ଯାତନା ଦେଉଥିବା ଅଭିଯୋଗ ଯଦି ଆସେ ତେବେ କଥା ସରିଲା। ଏଥିଲାଗି ଜଣକୁ ୨୭୦୦ ଆମେରିକୀୟ ଡଲାର (ଭାରତୀୟ ମୁଦ୍ରାରେ ହାରାହାରି ୧ଲକ୍ଷ ୯୦ ହଜାର ଟଙ୍କା) ଦଣ୍ଡ ଗଣିବାକୁ ପଡ଼ିବ।

ଦ୍ୱୀପ ମହାଦେଶ ଅଷ୍ଟ୍ରେଲିଆର ରାଜଧାନୀ କାନ୍‌ବେରାରେ ସରକାର ପୋଷାଜନ୍ତୁଙ୍କ ସୁରକ୍ଷା ଲାଗି ଆନିମଲ ୱେଲଫେୟାର ରିଜୋଲ୍ୟୁଶନ ଆମେଣ୍ଡମେଣ୍ଟ ବିଲ୍‌କୁ ସଂଶୋଧନ କରିଛନ୍ତି। ଏଥିରେ ପାଳିତ ପ୍ରାଣୀଙ୍କ ସୁରକ୍ଷା ଲାଗି କଡ଼ା ନିୟମ ଲାଗୁ କରାଯାଇଛି। ଜଣେ ମାଲିକ ନିଜର ପୋଷା କୁକୁର ପାଇଁ ଖାଇବା, ପିଇବା, ରହିବା ବ୍ୟବସ୍ଥାର ସୁବନ୍ଦୋବସ୍ତ କରିବା ବାଧ୍ୟତାମୂଳକ କରାଯାଇଛି। ଏଥିରେ ଖିଲାପ କଲେ ତୁରନ୍ତ ଜରିମାନା ଆଦାୟ ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ଗୃହପାଳିତ ପ୍ରାଣୀଙ୍କ ପ୍ରତି ଦାୟିତ୍ୱବୋଧ ବଢ଼ିବ ଏବଂ ସେମାନେ ଅବହେଳିତ ହୋଇ ରହିବେ ନାହିଁ। କୁକୁରକୁ କନ୍ଦାଇଲେ କେହି ନିସ୍ତାର ପାଇବେ ନାହିଁ। ଏପରି ମହତ୍ ଉଦ୍ଦେଶ୍ୟ ରଖି କାନ୍‌ବେରାରେ ଏହି ଆଇନ ଲାଗୁ କରାଯାଇଛି।



## 'ଲାଲ୍ କପ୍ତାନ୍'ର ଦ୍ୱିତୀୟ ଟ୍ରେଲର ରିଲିଜ୍

# ଦୀପକ ଡୋବରିୟାଲ ଓ ସୋନାକ୍ଷୀ ସିହ୍ନାଙ୍କ ପ୍ରଥମ ଲୁକ୍

ନୂଆଦିଲ୍ଲୀ: ସୈଫ୍ ଅଲୀ ଖାନ୍‌ଙ୍କ ଅପ୍‌କମିଂ ଫିଲ୍ମ 'ଲାଲ୍ କପ୍ତାନ୍'ର ଦ୍ୱିତୀୟ ଟ୍ରେଲର ରିଲିଜ୍ ହୋଇଯାଇଛି। ଟ୍ରେଲର ଆରମ୍ଭରୁ ଦୀପକ ଡୋବରିୟାଲଙ୍କୁ ଦେଖିବାକୁ ମିଳିଛି। ଦୀପକଙ୍କ ଲୁକ୍ ମଧ ସୈଫ୍‌ଙ୍କ ଭଳି ହିଁ ଦମ୍‌ଦାର ଜଣାପଡୁଛି। ୧ମିନିଟ୍ ୨୯ ସେକେଣ୍ଡର ଏହି ଟ୍ରେଲରରେ ସୈଫ୍, ଦୀପକ ଓ ସୋନାକ୍ଷୀଙ୍କୁ ଦେଖିବାକୁ ମିଳିଛି। ଦୀପକ ଦୁଇଟି କୁକୁରଙ୍କୁ ଇଙ୍ଗିତ କରି ସୁଖୀରାମ୍ ଓ ଦୁଃଖୀରାମ ଡାଏଲଗ୍ କହୁଛନ୍ତି। ଜଣାପଡୁଛି ଫିଲ୍ମରେ ସେ ସୁଖୀରାମ ଚରିତ୍ରରେ ଅଭିନୟ କରିଛନ୍ତି। ସେହିପରି ଟ୍ରେଲରରେ ସୋନାକ୍ଷୀ ସିହ୍ନାଙ୍କ ଝଲକ୍ ଦେଖିବାକୁ ମିଳିଛି, କିନ୍ତୁ ତାଙ୍କ ପୂରା ଚେହେରା ଦେଖାଯାଉନାହିଁ। ଏହାସହ ପ୍ରଥମ ଟ୍ରେଲର ଭଳି ୨ୟ ଟ୍ରେଲରରେ ସୈଫ୍‌ଙ୍କ ଦମ୍‌ଦାର ଲୁକ୍ ସହ ଡାଏଲଗ୍ ମଧ ରହିଛି। ସେ ଶିକାରକୁ ଯାଉଥିବା ଜଣାପଡୁଛି। ଫିଲ୍ମଟି ଅକ୍ଟୋବର ୧୮ରେ ରିଲିଜ୍ ହେବ। ମୁହଁରେ ଭସ୍ମ ଓ ଆଖିରେ କଜଳ ଲଗାଇ ନାଗା ସାଧୁଙ୍କ ଚରିତ୍ରରେ ଏକ ଭୟଙ୍କର ରୂପରେ 'ଲାଲ୍ କପ୍ତାନ୍'ରେ ସୈଫ୍ ନଜରକୁ ଆସିବେ।






ନବରାତ୍ର ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ
ମାଁ ଜଗତଜନନୀଙ୍କ ନିକଟରେ କୋଟି କୋଟି ପ୍ରଣାମ।
ସମଗ୍ର ରାଜ୍ୟ ତଥା ଓଡିଶାବାସୀଙ୍କୁ ଦୁର୍ଘଟଣାରୁ ମୁକ୍ତ ରଖନ୍ତୁ।
୧. ସଚେତନତା ମାଧ୍ୟମରେ ଦୁର୍ଘଟଣା କମାଯାଇ ପାରିବ।, ୨. ୫ଟି ଜିଲାରେ ୧୦୦ ଜଣ ବେକାରୀ ଯୁବତୀ, ଯୁବକ ସ୍ୱେଚ୍ଛାସେବୀ ଭାବରେ ଟ୍ରାଫିକ ସଚେତନତା କାର୍ଯ୍ୟ କରି ଆସୁଛନ୍ତି।, ୩. ଗାଡି ଚଳାଇବା ବେଳେ ଗାଡିର କାଗଜ ପତ୍ର ଏବଂ ଡ୍ରାଇଭିଂ ଲାଇସେନ୍ସ ପାଖରେ ରଖନ୍ତୁ।, ୪. ନିଶା ଦ୍ରବ୍ୟ, ମୋବାଇଲ ଫୋନ, ଅନ୍ୟ ମନସ୍କ ହୋଇ ଗାଡି ଚଳାନ୍ତୁ ନାହିଁ।, ୫. ଦୁଇ ଚକିଆ ଚଳାଇବା ବେଳେ ହେଲମେଟ ବ୍ୟବହାର କରନ୍ତୁ।, ୬. ଟ୍ରାଫିକ ଶିକ୍ଷା ମହାନ ଶିକ୍ଷା, ଏ ମହାମନ୍ତ୍ର ନିଅ ହେ ଦିକ୍ଷା।
ମୋବାଇଲ ନମ୍ବର: ୯୩୩୭୬୦୩୫୫୯, ୭୬୦୯୦୯୯୨୭୨
ସୌଜନ୍ୟ
ପଦ୍ମଲୋଚନ ଭୋସାଗର
ପଶ୍ଚିମ ଓଡିଶା ଟ୍ରାଫିକ ସଚେତନତା ସଂଯୋଜକ

ସେହି ଜିନିଷ ସେହି କାମ, ଏବେ କିନ୍ତୁ ନୂଆ ନାମ
ଯାଦୁ, ପାଣିକଛା ଓ ଗୋଡ଼ଫଟା ପାଇଁ ବିଶେଷ ଫଳପ୍ରଦ
ହାଇପାୱାର
ସ୍କେବିରାଜ୍®
ମଲମ ଓ ଲୋଶନ
(ପ୍ରତ୍ୟେକ ଔଷଧ ଦୋକାନରେ ମିଳେ)




ନକଲି ପ୍ରତି ସାବଧାନ!
DIBYA SAI PHARMACY, CUTTACK-11, PH.-6372898038

ମାଟିର ଜୀବନ - କୃଷକର ସମ୍ମାନ



ଚଷୀଭାଇମାନଙ୍କୁ 'ଇଫ୍‌କୋ'ର ଆନ୍ତରିକ ଅଭିନନ୍ଦନ
ପ୍ରତ୍ୟେକ ଚାଷୀଭାଇର ପ୍ରଥମ ଆବଶ୍ୟକତା




ଇଫ୍‌କୋ ସାର ଅଧିକ ଅମଳ
ସୁଷମ ସାର ଲାଭ ପ୍ରଚୁର
IFFCO Wholly owned by Cooperatives
ଇଣ୍ଡିଆନ୍ ଫାରମର୍ସ ଫର୍ଟିଲାଇଜର୍ କୋଅପରେଟିଭ୍ ଲିମିଟେଡ୍, ପାରାଦ୍ୱୀପ ୟୁନିଟ୍, (ଓଡିଶା)
ଚଷୀର ନିଜସ୍ୱ ସମବାୟ ସଂସ୍ଥା- ଇଫ୍‌କୋ
ଅଧିକ ଅମଳ ପାଇଁ ଇଫ୍‌କୋ ଏନ୍.ପି.କେ ୧୦ : ୨୬ : ୨୬, ଡି.ଏ.ପି. ୧୮ : ୪୬ ଏବଂ ୟୁରିଆ ସାର ସର୍ବୋତ୍କୃଷ୍ଟ ଅଟେ।


# ହାପି ବାର୍ଥଡେ'

**ନୂଆଦିଲ୍ଲୀ:** ସଂଗୀତ ସମ୍ରାଜ୍ଞୀ ଲତା ମଙ୍ଗେସକର, ଅଭିନେତା ରଣବୀର କପୁର ଓ ଅଭିନେତ୍ରୀ ମୌନି ରୟ ସେପ୍ଟେମ୍ବର ୨୮ରେ ପାଳିଛନ୍ତି ନିଜ ନିଜର ଜନ୍ମଦିନ। ଲତା ନିଜର ୯୦ତମ ଜନ୍ମଦିବସ ପାଳନ କରିଥିବାବେଳେ ରଣବୀର ୩୭ତମ ଓ ମୌନି ୩୪ତମ ଜନ୍ମଦିନ ପାଳନ କରିଛନ୍ତି। ଏହି ତିନି ଲୋକପ୍ରିୟ ତାରକାଙ୍କ ଜନ୍ମଦିନ ଅବସରରେ ପୂରା ବଲିଉଡ୍ ଓ ପ୍ରଶଂସକଙ୍କ ପକ୍ଷରୁ ଶୁଭକାମନାର ସୁଅ ଛୁଟିଛି।



## ୯୦ବର୍ଷରେ ଲତା

ଶନିବାର ନିଜର ୯୦ତମ ଜନ୍ମଦିନ ପାଳିଛନ୍ତି ସୁନାମଧନ୍ୟା ଗାୟିକା ଭାରତ ରତ୍ନ ଲତା ମଙ୍ଗେସକର। ୧୯୨୯ ସେପ୍ଟେମ୍ବର ୨୮ରେ ମଧ୍ୟପ୍ରଦେଶର ଇନ୍ଦୋର ସହରରେ ଏକ ମରାଠୀ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ଲତା। ତାଙ୍କ ଜନ୍ମଦିନ ଅବସରରେ ସୋସିଆଲ ମିଡିଆରେ ଶୁଭେଚ୍ଛାର ସୁଅ ଛୁଟିଛି। ସଚିନ ତେନ୍ଦୁଲକରଙ୍କଠାରୁ ବିଗ୍ ବି ଅମିତାଭ୍‌ଙ୍କ ପର୍ଯ୍ୟନ୍ତ ସମସ୍ତେ ଲତାଙ୍କୁ ଦୀର୍ଘାୟୁ ଓ ସୁସ୍ଥ ଜୀବନର କାମନା ପୂର୍ବକ ଜନ୍ମଦିନର ଶୁଭକାମନା ଜଣାଇଛନ୍ତି। ଭାରତ ରତ୍ନ ସମ୍ମାନ ସମେତ ଲତାଙ୍କୁ ପଦ୍ମବିଭୂଷଣ, ପଦ୍ମଭୂଷଣ, ଦାଦା ସାହେବ ଫାଲ୍‌କେ ଆୱାର୍ଡ ଭଳି ଅନେକ ସମ୍ମାନରେ ସମ୍ମାନିତ କରାଯାଇଛି। ତାଙ୍କୁ କୁଇନ୍ ଅଫ୍ ମେଲୋଡି, ଡଟର୍ ଅଫ୍ ନେଶନ୍, ଭଏସ୍ ଅଫ୍ ନେଶନ୍ ଓ ଭଏସ୍ ଅଫ୍ ମିଲେନିୟମ୍ ବୋଲି ମଧ କୁହାଯାଏ।

## ୩୭ରେ ରଣବୀର

ଶନିବାର ନିଜର ୩୭ତମ ଜନ୍ମଦିନ ପାଳିଛନ୍ତି ବଲିଉଡ୍ ହ୍ୟାଣ୍ଡସମ୍ ହଙ୍କ୍ ରଣବୀର କପୁର। ତାଙ୍କର ଏହି ଖୁସିର ଦିନରେ ପୂରା ବଲିଉଡ୍ ସମେତ ପ୍ରଶଂସକମାନେ ଶୁଭକାମନା ଜଣାଉଛନ୍ତି। ରଣବୀରଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ ସୋସିଆଲ ମିଡିଆରେ ଆଲିୟା ଶେୟାର କରିଛନ୍ତି କେନିଆ ଟ୍ରିପ୍‌ର ଫଟୋ। ନିକଟରେ ଦୁହେଁ ଛୁଟି କାଟିବାକୁ କେନିଆ ଯାଇଥିଲେ। ସେହି ସ୍ମୃତିକୁ ସୋସିଆଲ ମିଡିଆରେ ଶେୟାର କରି ଆଲିୟା ସ୍ପେଶାଲ ୱିଶ୍ କରିଛନ୍ତି ରଣବୀରଙ୍କୁ, ଯେଉଁଥିରେ ରଣବୀରଙ୍କ ମା' ନିତୁ ମଧ କମେଣ୍ଟ ଦେଇଛନ୍ତି। ରଣବୀରଙ୍କ ବାର୍ଥ ଡେ' ସେଲିବ୍ରେଶନ ପାର୍ଟିରେ ଶାହରୁଖ ଖାନ, ଗୌରୀ ଖାନ, ଦୀପିକା ପାଦୁକୋନ, ଆକାଶ ଅମ୍ବାନୀ, ଆଦିତ୍ୟ ରୟ କପୁର, ଜୋୟା ଅଖତର୍‌ଙ୍କ ଭଳି ତାରକାମାନେ ଯୋଗ ଦେଇଥିଲେ। ଅନ୍ୟପଟେ ଫ୍ୟାମିଲି ସେଲିବ୍ରେଶନରେ ଆଲିୟା ସାମିଲ ଥିଲେ।



## ନାଗୀନ୍‌ଙ୍କୁ ଛୁଇଁଲା ୩୪

ଟିଭି ପରଦାର ଲୋକପ୍ରିୟ ନାଗୀନ୍ ନିଜର ୩୪ତମ ଜନ୍ମଦିନ ପାଳିଛନ୍ତି। ଆଜ୍ଞା ଆମେ କହୁଛୁ ମୌନି ରୟଙ୍କ କଥା, ଯିଏ ଟିଭିରେ ପପୁଲାର ନାଗୀନ୍ କ୍ୟାରେକ୍ଟରରୁ ବଲିଉଡର ହଟ୍ ଆକ୍ଟ୍ରେସ ଭାବେ ନିଜର ପରିଚୟ ସୃଷ୍ଟି କରି ପାରିଛନ୍ତି। ଏକତା କପୁରଙ୍କ ସିରିୟଲ 'କ୍ୟୁଁ କି ଶାଶ୍ ଭି କଭି ବହୂ ଥି'ରୁ ଅଭିନୟ ଦୁନିଆରେ ପାଦ ଦେଇଥିବା ମୌନି ଅକ୍ଷୟ କୁମାରଙ୍କ ସୁପରହିଟ୍ ଫିଲ୍ମ 'ଗୋଲ୍ଡ'ରୁ ବଲିଉଡ୍ ଏଣ୍ଟ୍ରୀ କରିଥିଲେ। ଏବେ ରାଜକୁମାର ରାଓଙ୍କ ସହ ଅପ୍‌କମିଂ ଫିଲ୍ମ 'ମେଡ୍ ଇନ୍ ଚାଇନା'ରେ ମୌନି ପୁଣି ନଜରକୁ ଆସିବେ। ଟିଭି ଦୁନିଆର ଏହି ନାଗୀନ୍ ନିଜ ଅପକମିଂ ଫିଲ୍ମର 'ଓଢ଼ନୀ ଓଢ଼ୁଁ...' ଗୀତ ପାଇଁ ଆଜିକାଲି ଚର୍ଚ୍ଚାରେ ଅଛନ୍ତି।




**ସମ୍ବଲପୁରୀ ବସ୍ତ୍ରାଳୟ**

ମହାଳୟା, ଦଶହରା ଓ କୁମାର ପୂର୍ଣ୍ଣିମା ଉପଲକ୍ଷେ
ବିଶେଷ ସରକାରୀ ରିହାତି
୧୦%+୨୦%
ତା.୨୩।୦୯।୨୦୧୯ ରୁ ତା.୧୩।୧୦।୨୦୧୯ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର

ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢି, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡଶିଟ, ସୁଟ ସେଟ ଇତ୍ୟାଦି। ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧି ଓ ନିମ୍ନୋକ୍ତ ପ୍ରଦର୍ଶନୀମାନଙ୍କଠାରେ ଉପଲବ୍ଧ ଅଟେ।

| ସ୍ଥାନ | ଅବଧି |
|---|---|
| ୧. ବରଗଡ ପ୍ରଦର୍ଶନୀ, ବ୍ଲକ ଅଫିସ ସାମ୍‌ନା, ବରଗଡ | ତା.୨୩।୦୯।୨୦୧୯ ରୁ ତା.୧୩।୧୦।୨୦୧୯ |
| ୨. କୁଚିଣ୍ଡା ପ୍ରଦର୍ଶନୀ, ପଞ୍ଚମୁଖୀ ଛକ, କୁଚିଣ୍ଡା | ତା.୨୫।୦୯।୨୦୧୯ ରୁ ତା.୦୪।୧୦।୨୦୧୯ |
| ୩. ସୋହେଲା ପ୍ରଦର୍ଶନୀ, ପଦ୍ମପୁର ରୋଡ, ସୋହେଲା | ତା.୨୫।୦୯।୨୦୧୯ ରୁ ତା.୦୪।୧୦।୨୦୧୯ |
| ୪. ଭଟଲି ପ୍ରଦର୍ଶନୀ, ମେନ ରୋଡ, ଭଟଲି | ତା.୨୫।୦୯।୨୦୧୯ ରୁ ତା.୦୪।୧୦।୨୦୧୯ |
| ୫. ବରପାଲି ପ୍ରଦର୍ଶନୀ, ସିନେମା ହଲ ରୋଡ, ବରପାଲି | ତା.୨୫।୦୯।୨୦୧୯ ରୁ ତା.୦୪।୧୦।୨୦୧୯ |
| ୬. ଏମ.ସି.ଏଲ. ପ୍ରଦର୍ଶନୀ, ଆନନ୍ଦବିହାର କ୍ଲବ (ନିଶିଗନ୍ଧା), ଆନନ୍ଦବିହାର, ଏମ.ସି.ଏଲ. | ୨୬।୦୯।୨୦୧୯ ରୁ ତା.୦୫।୧୦।୨୦୧୯ |
| ୭. ଲୋଇସିଂଘା, ପ୍ରଦର୍ଶନୀ ବସଷ୍ଟାଣ୍ଡ ପାଖ, ଲୋଇସିଂଘା | ୨୮।୦୯।୨୦୧୯ ରୁ ତା.୦୭।୧୦।୨୦୧୯ |

ROYALE HANDLOOM COLLECTION
FLAT 75%* OFF
from 14th September to 27th October



*Conditions Apply
prelude/kmr/2019
KMR
Kalamandir Royale
309, DISTRICT CENTRE, CHANDRASEKHARPUR, PH : 2303866/966
364, SAHID NAGAR, JANPATH, PH : 2544299/399
MENSWEAR, SAREES, LEHENGAS AND GOWNS

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ସେପ୍ଟେମ୍ବର ୨୯/୨୦୧୯ Sambalpur, Sunday, September 29 / 2019

# ନିଖୋଜଛାତ୍ରନୀଲେଶଙ୍କ ମୃତଦେହ ଉଦ୍ଧାର

**ରାଉରକେଲା ଅଫିସ,୨୮।୯**


ମୃତ ନୀଲେଶ ଦାସଙ୍କ ଫାଇଲ ଫଟୋ

ସ୍ଥାନୀୟ ଝିରପାଣି ନିକଟ କୋଏଲ ନଦୀରୁ ନୀଲେଶ ଦାସଙ୍କ ମୃତଦେହ ଶନିବାର ଉଦ୍ଧାର କରାଯାଇଛି। ସକାଳୁ ପ୍ରଧାନପାଲି ନିକଟରେ ଏକ ମୃତଦେହ ଭାସୁଥିବା ଦେଖାଯାଇଥିଲା। ଫଳରେ ନଦୀପାର୍ଶ୍ୱରେ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ଲୋକେ ଏ ନେଇ ପୋଲିସକୁ ଖବର ଦେଇଥିଲେ। ଏମ୍‌ଜିଏମ୍ ଇଂଲିଶ ମାଧ୍ୟମ ସ୍କୁଲ ଛାତ୍ର ନୀଲେଶ କୌଣସି କାରଣରୁ କୋଏଲ ନଦୀକୁ ଡେଇଁ ଗତ ୨ ଦିନ ତଳେ ଆତ୍ମହତ୍ୟା କରିଥିଲେ। ଏହାପରେ ଝିରପାଣି ପୋଲିସ ଓ ଅଗ୍ନିଶମ କର୍ମଚାରୀ ନୀଲେଶଙ୍କୁ ଖୋଜି ନିରାଶ ହୋଇଥିଲେ।

# ଧସିଲା ବୈତରଣୀ ନଦୀବନ୍ଧ

**ଭଣ୍ଡାରିପୋଖରୀ, ୨୮।୯(ଡି.ଏନ୍.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା-ବିରିଡ଼ି ବୈତରଣୀ ନଦୀବନ୍ଧର ଯଶୋଟିକିରି ଜେନାସାହି ଗାଁ ପାଖ ବନ୍ଧ ଲଗାଣ ବର୍ଷାରେ ଧସିବା ଆରମ୍ଭ କରିଛି। ଗତ ତିନିଦିନ ଧରି ବର୍ଷା ଲାଗି ରହିବାରୁ ମାଟି ଧୀରେ ଧୀରେ ଫାଟି ଧସିଛି। ଉକ୍ତ ସ୍ଥାନ ବ୍ୟତୀତ ଦଳେଇସାହି ଓ ବେହେରାସାହି ନିକଟରେ ମଧ ବନ୍ଧ ଫାଟୁଥିବା ଗ୍ରାମବାସୀ ଚକ୍ରଧର ମଲିକ, ପ୍ରଫୁଲ୍ଲ ବେହେରା, ସନାତନ ବେହେରା ଓ ଅଜୟ ବେହେରା ପ୍ରକାଶ କରିଛନ୍ତି। ନଦୀବନ୍ଧ ଫାଟୁଥିବା ସ୍ଥାନରେ ସ୍ଥାୟୀ ମରାମତି ପାଇଁ ଜଳସମ୍ପଦ ବିଭାଗ ଦୃଷ୍ଟି ଦେବାକୁ ଦାବି କରାଯାଇଛି। ଉଲ୍ଲେଖନୀୟ ଯେ, ଆଖୁଆପଦା ଜଳସମ୍ପଦ ବିଭାଗ ପକ୍ଷରୁ ୨୦୧୫-୧୬ ଆର୍ଥିକ ବର୍ଷରେ ପ୍ରାୟ ୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଆଖୁଆପଦାଠାରୁ ବିରିଡ଼ି ରେଲୱେ ଲାଇନ ପର୍ଯ୍ୟନ୍ତ ବୈତରଣୀ ନଦୀ ବାମପାର୍ଶ୍ୱ ବନ୍ଧର ନବୀକରଣ କରାଯାଇଥିଲା। କାର୍ଯ୍ୟାଦେଶ ପାଇଥିବା ଠିକାସଂସ୍ଥା ପକ୍ଷରୁ ଏଷ୍ଟିମେଟ୍ ଅନୁଯାୟୀ ମାଟି, ଡଷ୍ଟ ମୋରମ ଓ ଡିସମେଣ୍ଟାଲ କାର୍ଯ୍ୟ ସହିତ ପିଚୁ କାମ ହୋଇଥିଲା। ଏହାଛଡ଼ା ବନ୍ଧ ପାର୍ଶ୍ୱ ଗ୍ରାମକୁ ଗଡ଼ାଣି ମଧ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଥିଲା। ନିର୍ମାଣ କାର୍ଯ୍ୟ ସରିବାର ଅଳ୍ପ କିଛିଦିନ ମଧ୍ୟରେ ଯଶୋଟିକିରି ଜେନାସାହି ନିକଟରେ ବନ୍ଧର ୧୦୦ ମିଟର ମାଟି ସହିତ ପଥର ନଦୀପାର୍ଶ୍ୱ କଣ୍ଡିଆକୁ ଧସିଥିଲା। ସେହିପରି ଆଖୁଆପଦା ବ୍ରିଜ୍ ନିକଟରେ ବନ୍ଧ ମଧ ଧସି ଯାଇଥିଲା। ଏହାର ପୁନଃ ମରାମତି ପାଇଁ ବିଭାଗ ପକ୍ଷରୁ କୌଣସି ତତ୍ପରତା ଆଜିଯାଏ ପ୍ରକାଶ ପାଇନାହିଁ। ଯାହାର ପରିଣାମ ସ୍ୱରୂପ ଏବେ ବର୍ଷା ହେବାରୁ ମାଟି ଧସୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

# ପ୍ରେମିକାଙ୍କ ଆତ୍ମହତ୍ୟା, ପ୍ରେମିକ ଅଟକ

**ମନମୁଣ୍ଡା, ୨୮।୯ (ଡି.ଏନ.ଏ.):** ପ୍ରେମ ସମ୍ପର୍କ ଧରାପଡିବା ପରେ ଜଣେ ଯୁବତୀ ବିଷପିଇ ଆତ୍ମହତ୍ୟା କରିଛନ୍ତି । ଅନ୍ୟପକ୍ଷରେ ତାଙ୍କ ପ୍ରେମିକଙ୍କ ବିରୋଧରେ ପୋଲିସ ବଳାତ୍କାର ମାମଲା ରୁଜୁ କରିଛି। ତାଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା ଚଳାଇଛି । ଏପରି ଏକ ଅଭାବନୀୟ ଘଟଣା ଘଟିଛି ମନମୁଣ୍ଡା ଥାନା ବିଳାସପୁର ପଞ୍ଚାୟତ ଥାଟିପାଲି ଅଞ୍ଚଳରେ। ମିଳିଥିବା ସୂଚନା ଅନୁଯାୟୀ, ମନମୁଣ୍ଡା ଥାନା ଅଧୀନ ଥାଟିପାଲି ଅଞ୍ଚଳର ଜଣେ ଯୁବତୀ ଓ ଜାମଲାପଦର ଗ୍ରାମର ଜଣେ ଯୁବକଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା । ଗତ ୨୫ ତାରିଖ ଅପରାହ୍ନ ପ୍ରାୟ ୪ଟା ବେଳେ ଉଭୟ ଅସଂଯତ ଅବସ୍ଥାରେ ଥିଲେ । ଜଣେ ନାବାଳକ ଏହା ଦେଖି ଯୁବତୀଙ୍କ ପରିବାର ଲୋକଙ୍କୁ କହିଥିଲେ। ଏହି କଥା ଗାଁରେ ପ୍ରଚାର ହେବା ପରେ ଲୋକଲଜ୍ଜା ସହି ନ ପାରି ଯୁବତୀ ଜଣକ ବିଷ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ସୋନପୁର ଓ ପରେ ବୁର୍ଲା ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ପୀଡିତାଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି । ପୀଡିତାଙ୍କ ବାପା ଏ ନେଇ ଶଗଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ସନ୍ଧ୍ୟାରେ ମନମୁଣ୍ଡା ଥାନାରେ ଆଇପିସି ଧାରା ୩୭୬ (ଆଇ)ରେ ଏକ ମାମଲା (ନଂ. ୧୫୫/୧୯) ରୁଜୁ ହୋଇଛି। ଅନ୍ୟପକ୍ଷରେ ଅଭିଯୁକ୍ତ ଯୁବକ ବଳାତ୍କାର ଘଟଣାକୁ ଅସ୍ୱୀକାର କରିଛନ୍ତି।












Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

## ସଂକ୍ଷେପରେ



### ଧବଳମୁଖୀ ବେଶରେ ମାଁ ସମଲେଶ୍ୱରୀ

ବରପାଲି, ୨୮।୯ (ଡି.ଏନ.ଏ): ପବିତ୍ର ମହାଳୟା ଅବସରରେ ବରପାଲିର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀ ଧବଳମୁଖି ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ବର୍ଷରେ ଥରେ ହେଉଥିବା ମାଁଙ୍କ ଏହି ବିରଳ ବେଶ ଦର୍ଶନ ପାଇଁ ଶନିବାର ଭୋର ୪ଟା ସମୟରୁ ବହୁ ମହିଳା ଓ ପୁରୁଷଙ୍କ ଭିଡ ରହିଥିଲା । ମାଁଙ୍କୁ ଏହି ବେଶରେ ଦର୍ଶନ କଲେ ଗଙ୍ଗା ଦର୍ଶନର ସୌଭାଗ୍ୟ ପ୍ରାପ୍ତି ହୋଇଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି । ପୂଜକ ଅନନ୍ତ ରାୟ ପୂଜାର୍ଚ୍ଚନା କରିଥିଲେ ।

### ଚଢ଼ା ଦରରେ ୟୁରିଆ ବିକ୍ରି

ଜହ୍ନାପଙ୍କ,୨୮।୯(ଡି.ଏନ.ଏ): ଚଳିତବର୍ଷ ବହୁ ବିଳମ୍ବରେ ଚାଷ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ବର୍ତ୍ତମାନ ଫସଲ ଭଲ ହେବା ପାଇଁ ଚାଷୀମାନଙ୍କୁ ସାରର ଆବଶ୍ୟକତା ରହିଛି । କିନ୍ତୁ ବୌଦ୍ଧ ଜିଲା ତେଲିବନ୍ଧ ପଞ୍ଚାୟତରେ ସାରର ଅଭାବ ସହ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ପଞ୍ଚାୟତର ବାଘପାଲି ଗ୍ରାମରେ ୟୁରିଆ ସାରର ଆବଶ୍ୟକତା ଥିବା ବେଳେ ଏହା ମିଳୁ ନାହିଁ । ୟୁରିଆର ସାରର ସରକାରୀ ଦର ୨୬୬ ଟଙ୍କା ଥିବା ବେଳେ ଚାଷୀମାନେ ୩୫୦ ଟଙ୍କାରୁ ୪୦୦ ଟଙ୍କା ଦରରେ କିଣୁଛନ୍ତି । ଏ ନେଇ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।

### ବୌଦ୍ଧ ଯୁବ ରେଡକ୍ରସ୍‌ର ତାଲିମ କାର୍ଯ୍ୟକ୍ରମ

ବୌଦ୍ଧ,୨୮।୯(ସ୍ୱ.ପ୍ର); ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଯୁବ ରେଡକ୍ରସ ପକ୍ଷରୁ ନୂତନ ଭାବେ ଯୋଗ ଦେଇଥିବା ସ୍ୱେଚ୍ଛାସେବୀମାନଙ୍କ ପାଇଁ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ୧୯୯୪ ମସିହାରେ ଆରମ୍ଭ ହୋଇଥିବା ଏହି ଅନୁଷ୍ଠାନ ୫୦ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଜିଲାର ବିଭିନ୍ନ ସାମାଜିକ ସେବା କାର୍ଯ୍ୟକ୍ରମ କରିଆସୁଛି। ଚଳିତ ବର୍ଷ ମଧ୍ୟ ନୂତନ ଭାବେ ଯୋଗଦେଇଥିବା ୩୦ ଜଣ ଛାତ୍ରୀଛାତ୍ରଙ୍କୁ ରେଡକ୍ରସର ଇତିହାସ, ଲକ୍ଷ୍ୟ, ଆଭିମୁଖ୍ୟ କାର୍ଯ୍ୟକ୍ରମ ଇତ୍ୟାଦି ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା । ବିପର୍ଯ୍ୟୟ ସମୟରେ ସ୍ୱେଚ୍ଛାସେବୀମାନେ ପାଠ ପଢ଼ିବା ସହିତ ସ୍ୱାସ୍ଥ୍ୟସେବା , ବୃକ୍ଷରୋପଣ ଓ ବିପର୍ଯ୍ୟୟର ମୁକାବିଲା କରିବା ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ଶପଥ ନେଇଥିଲେ। ଏହି ତାଲିମ କାର୍ଯ୍ୟକ୍ରମକୁ ଜିଲା ରେଡକ୍ରସର ସମ୍ପାଦକ ତଥା ଅଧ୍ୟାପକ ପ୍ରବୀର ଦାସ ପରିଚାଳନା କରିଥିବାବେଳେ ତାଲିମଦାତା ଭାବେ ରେଡକ୍ରସ ସଂଯୋଜକ ସୁରେଶ୍ୱର ଯୋଶୀ ଯୋଗ ଦେଇଥିଲେ । ଶେଷରେ ସ୍ୱେଚ୍ଛାସେବୀ ଇପ୍ସା ରଥ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରୀତମ ସାହୁ, ଶଙ୍କର ମେହେର, ସୁନୀତା ଶତପଥି, ଇପ୍ସିତା ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

### ଶିଶୁମନ୍ଦିରରେ ମାତୃ ସମ୍ମିଳନୀ

ମନମୁଣ୍ଡା, ୨୮।୯ (ଡି.ଏନ.ଏ): ସରସ୍ୱତୀ ଶିଶୁ ମନ୍ଦିର ବିଳାସପୁରର ଶିକ୍ଷାବର୍ଷ ୨୦୧୯-୨୦ର ମାତୃ ସମ୍ମିଳନୀ ପରିଚାଳନା ସମିତି ସଭାପତି ସୁଦାମ ଚରଣ ଖମାରୀଙ୍କ ଅଧକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଆରସିସି ପ୍ରଜିଣା ପାଢ଼ୀ ମୁଖ୍ୟଅତିଥି, ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡା ମୁଖ୍ୟବକ୍ତା ଓ ଉପସଭାପତି ସରୋଜ ସାହୁ, କୋଷାଧକ୍ଷ ସୁରେନ୍ଦ୍ର ରଣା, ସମ୍ପାଦକ ହିତେନ୍ଦ୍ର ଭୂଷଣ ମେଣ୍ଡିଲି ସମ୍ମାନିତ ଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରଥମେ ମାତୃ ମଣ୍ଡଳୀଙ୍କର ଏକ ଝୋଟି ପ୍ରତିଯୋଗତା ହୋଇଥିଲା। ଏଥିରେ ପ୍ରଜିଣା ପାଢ଼ୀ ଓ କାଜଳ ନାଏକ ବିଚାରକ ଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ମିତ୍ରଭାନୁ ନନ୍ଦ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଗୁରୁମା ପଦ୍ମିନୀ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା ଓ ଗୁରୁଜୀ କାହ୍ନୁଚରଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

■ ବିଜେପୁର ଉପନିର୍ବାଚନ ପାଇଁ ଉଚ୍ଚସ୍ତରୀୟ ବୈଠକ

# ଅବାଧ ନିର୍ବାଚନକୁ ଗୁରୁତ୍ୱ

ବରଗଡ଼ ଅଫିସ,୨୮।୯

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ଆସନ୍ତା ଅକ୍ଟୋବର ୨୧ ତାରିଖରେ ଅନୁଷ୍ଠିତ ହେବ । ସେଥିପାଇଁ ସମସ୍ତ ରାଜନୈତିକ ଦଳ ତତ୍ପର ହୋଇଉଠିଛନ୍ତି। ଜିଲା ପୋଲିସ ପ୍ରଶାସନ ମଧ୍ୟ ପଛରେ ପଡ଼ିନାହିଁ । ଉପନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଶୃଙ୍ଖଳିତ କରିବା ପାଇଁ ଶନିବାର ବରଗଡ଼ ଜିଲା ପୋଲିସ ମୁଖ୍ୟାଳୟରେ ପୋଲିସ ପଦାଧିକାରୀଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉତ୍ତରାଞ୍ଚଳ ଡିଆଇଜି ହିମାଂଶୁ ଲାଲଙ୍କ ଅଧକ୍ଷତାରେ ଏହି ବୈଠକରେ ବରଗଡ଼ ଏସ୍‌ପି ପଦ୍ମିନୀ ସାହୁ, ଅତିରିକ୍ତ ଏସ୍‌ପି ଅମରେନ୍ଦ୍ର ରଣା, ସିଆରପିଏଫ୍ କମାଣ୍ଡାଣ୍ଟ ଏସ. ମେରିଆଙ୍କ ସମେତ ସୋନପୁର, ବଲାଙ୍ଗୀର, ସମ୍ବଲପୁର ଏସ୍‌ପି ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ପଡ଼ୋଶୀ ଛତିଶଗଡ଼ ରାଜ୍ୟର ରାୟଗଡ଼, ମହାସମୁନ୍ଦ ଏସ୍‌ପି ମଧ୍ୟ ବୈଠକରେ ଉପସ୍ଥିତ ଥିଲେ । ଆସନ୍ତା ଉପନିର୍ବାଚନରେ ଭୋଟରଙ୍କୁ ପ୍ରଭାବିତ କିମ୍ବା ହିଂସାକାଣ୍ଡ ଘଟାଇବା ପାଇଁ ଜିଲା ତଥା ଜିଲା ବାହାରୁ ବରଗଡ଼କୁ ବେଆଇନ ଭାବେ ଟଙ୍କା, ମଦ, ବନ୍ଧୁକ ଧରି ଅପରାଧୀମାନେ ଯେପରି ପଶିପାରିବେ ନାହିଁ ତାହା ଉପରେ ଆଲୋଚନା ହୋଇଥିଲା । ଉପନିର୍ବାଚନ ସମୟରେ କେଉଁ ଅଞ୍ଚଳ ପ୍ରତି ମୁଖ୍ୟତଃ ନଜର ରଖାଯିବ ଏବଂ କେଉଁ ଜାଗାରେ ଯାଞ୍ଚ କରାଯିବ ସେ ନେଇ ମଧ୍ୟ ଆଲୋଚନା ହୋଇଥିଲା। ବରଗଡ଼ ଜିଲା ମାଓବାଦୀ ପ୍ରଭାବିତ ଅଞ୍ଚଳ ହୋଇଥିବାରୁ ଉପନିର୍ବାଚନ ସମୟରେ ଯେଭଳି କୌଣସି ମାଓବାଦୀ ହିଂସାକାଣ୍ଡ ନ ଘଟିବ ତାକୁ ମଧ୍ୟ ବୈଠକରେ ଗୁରୁତ୍ୱ ଦିଆଯାଇଥିବା ସୂଚନା ମିଳିଛି । ବୈଠକରେ ଜିଲାର ଅନ୍ୟ ପୋଲିସ ପଦାଧିକାରୀ ଉପସ୍ଥିତ ଥିଲେ ।



ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ପୋଲିସ ପଦାଧିକାରୀମାନେ ।

■ ଭାଜପା ନେତାଙ୍କୁ ଆକ୍ରମଣ ଘଟଣା

## ୪ ଜଣଙ୍କ ନାଁରେ ମାମଲା ରୁଜୁ

ସୋହେଲା,୨୮।୯(ଡି.ଏନ.ଏ)

ସୋହେଲା ବିଜେପୁର ରାସ୍ତା କନାପାଲି ଛକରେ ବିଜେପୁର ପଡାର ଭାଜପା ନେତା ମନୋରଞ୍ଜନ ମେହେରଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାରେ ସୋହେଲା ଥାନା ପୋଲିସ ୪ଜଣଙ୍କ ବିରୁଦ୍ଧରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ସୂଚନାଯୋଗ୍ୟ, ମନୋରଞ୍ଜନ ତାଙ୍କ ସହକର୍ମୀ ପ୍ରହଲ୍ଲାଦ ମେହେର ଓ କାଞ୍ଚନ ମେହେରଙ୍କ ସହିତ କୌଣସି କାମ ପାଇଁ ସୋହେଲା ଯାଇଥିଲେ । କାମ ସାରି ସେମାନେ ଏକ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ବାଟରେ ସୋହେଲା ଥାନା କନାପାଲି ନିକଟରେ ୨ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଏକ ବାଇକ୍ ଯୋଗେ ଆସି ସେମାନଙ୍କୁ ଅଟକାଇଥିଲେ। ସେମାନେ ଅଟକିବା ପରେ ଦୁର୍ବୃତ୍ତମାନେ ମନୋରଞ୍ଜନଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଏମାନଙ୍କ ଆକ୍ରମଣରେ ମନୋରଞ୍ଜନ ଅଚେତ ହୋଇ ପଡିବାରୁ ସେ ମରିଗଲା ଭାବି ଅଭିଯୁକ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ଏହାପରେ ମନୋରଞ୍ଜନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବିଜେପୁର ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବରଗଡ ଜିଲା ମୁଖ୍ୟ ଡାକ୍ତରଖାନକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣା ସମ୍ପର୍କରେ ଶୁକ୍ରବାର ରାତି ପ୍ରାୟ ଅଢେଇଟାରେ ମନୋରଞ୍ଜନଙ୍କ ସାଙ୍ଗ କାଞ୍ଚନ ମେହେର ସୋହେଲା ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗକୁ ଭିତ୍ତି କରି ସୋହେଲା ଥାନାରେ ଏକ ମାମଲା (ନଂ.୧୫୬/୧୯) ରୁଜୁ ହୋଇଛି ।

■ ଯୁବତୀ ଆତ୍ମହତ୍ୟା ଘଟଣାର ପର୍ଦ୍ଦାଫାଶ

## ଦୁଇ ଅଭିଯୁକ୍ତ କୋର୍ଟଚାଲାଣ



ଗିରଫ ଦୁଇ ଅଭିଯୁକ୍ତ ।

ପାଇକମାଲ,୨୮।୯(ଡି.ଏନ.ଏ)

ଜଣେ ନବବିବାହିତା ମହିଳା ପାଇକମାଳ ଥାନା ଟେମିରି ଗ୍ରାମସ୍ଥିତ ନିଜ ବାପଘରେ ଆତ୍ମହତ୍ୟା କରିବା ଘଟଣାର ପର୍ଦାଫାଶ ହୋଇଛି । ଏହି ଘଟଣାରେ ପୋଲିସ ଦୁଇଜଣଙ୍କୁ ଗିରଫ କରି ଶନିବାର ପଦ୍ମପୁର କୋର୍ଟକୁ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପାଇକମାଳର ଯୋଗେଶ୍ୱର ବେହେରା (୨୯) ଓ ସୁରେଶ ସାହୁ (୨୫) । ଏ ନେଇ ପାଇକମାଳ ଥାନାରେ ଏକ ମାମଲା (ନଂ. ୧୭୦/୧୯) ରୁଜୁ ହୋଇଛି ।

ପୋଲିସ ସୂଚନା ଅନୁସାରେ, ଯୋଗେଶ୍ୱର ପୂର୍ବରୁ ଉକ୍ତ ଯୁବତୀଙ୍କ ସହିତ ପ୍ରେମ ସମ୍ପର୍କ ରଖି ଭିଡିଓ ତିଆରି କରିଥିଲେ । ଏହାଦ୍ୱାରା ସେ ଉକ୍ତ ଯୁବତୀଙ୍କୁ ବ୍ଲାକମେଲ କରୁଥିଲେ। ଗତ ୨ମାସ ତଳେ ଅତାବିରା ଥାନା ରେଙ୍ଗାଲିପାଲି ଗ୍ରାମରେ ଯୁବତୀ ଜଣକ ବିବାହ କରିଥିଲେ । ବିବାହ ପରେ ବି ଯୋଗେଶ୍ୱର ତାଙ୍କୁ ବ୍ଲାକମେଲ କରିବାକୁ ଉଦ୍ୟମ କରିଥିଲେ। ଏହାକୁ ସହି ନ ପାରି ଉକ୍ତ ନବବିବାହିତା ଆତ୍ମହତ୍ୟା କରିଥିଲେ। ଏ ନେଇ ମୃତା ନବବିବାହିତାଙ୍କ ବାପଘର ଲୋକେ ପାଇକମାଳ ଥାନାରେ ଅଭିଯୋଗ କରିଥିଲେ । ଉକ୍ତ ଅଭିଯୋଗକୁ ଭିତ୍ତି କରି ପୋଲିସ ତୁଷରା ଥାନା ଅଧୀନ ବଡବାହାଲ ଗ୍ରାମରେ ନିଜ ସମ୍ପର୍କୀୟ ନାନୀ ଘରେ ଲୁଚିଥିବା ବେଳେ ମୋବାଇଲ ଟ୍ରାକିଂ କରି ଯୋଗେଶ୍ୱରଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ସୁରେଶ ତାଙ୍କୁ ସହଯୋଗ କରିଥିବାରୁ ପୋଲିସ ତାଙ୍କୁ ମଧ୍ୟ ଗିରଫ କରିଥିଲା ।

# ସମନ୍ୱୟ ରକ୍ଷା ପାଇଁ ଆହ୍ୱାନ

ସରଣ୍ଡା, ୨୮।୯ (ଡି.ଏନ.ଏ)

ବରଗଡ-ସମ୍ବଲପୁର ସୀମାନ୍ତ ଗୋଡଭଗାଠାରେ ଅନୁଷ୍ଠିତ ହେବାକୁ ଥିବା ୪୯ତମ ଦୁର୍ଗାପୂଜା ମହୋତ୍ସବ ପାଇଁ ଶନିବାର ଗୋଡଭଗା ଦୁର୍ଗାପୂଜା କମିଟି ସମ୍ମିଳନୀ କକ୍ଷଠାରେ ଶାନ୍ତି କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ମଧୁସୂଦନ ଶର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକକୁ ଶିକ୍ଷାବିତ ସୁନୀଲ ମିଶ୍ର ସଂଯୋଜନା କରିଥିଲେ। ଏଥିରେ ସମ୍ବଲପୁର ପ୍ରଶାସନ ପକ୍ଷରୁ ବୁର୍ଲା ଥାନା ଅଧୀନ ଗୋଶାଳା ଫାଣ୍ଡି ଅଧିକାରୀ ଅଜିତ କୁମାର ଧଳସାମନ୍ତ, ବରଗଡ ପ୍ରଶାସନ ପକ୍ଷରୁ ଅତାବିରା ଥାନା ଏସଆଇ ସୁଷମା ପଶାୟତ, ଗୋଡଭଗା ଫାଣ୍ଡି ଅଧିକାରୀ ସୁରେନ୍ଦ୍ର ଛତ୍ରିଆ, ଗୋଡଭଗା ସରପଞ୍ଚ କମଳାକାନ୍ତ ଛନ୍ଦ, ଉପଦେଷ୍ଟା କୁଳମଣି ପ୍ରଧାନ, ବିଦ୍ୟୁତ ବିଭାଗର ଉଦୟଶଙ୍କର ପାଢ଼ିଯୋଶୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଶାନ୍ତି କମିଟି ବୈଠକରେ ଅଞ୍ଚଳର ନାଗରିକ କମିଟି, ଲାୟନ୍ସ କ୍ଲବ, ଟ୍ରକ ମାଲିକ ସଂଘ, ସ୍ପୋର୍ଟ୍ସ ଆସୋସିଏଶନ, ହନୁମାନ ମନ୍ଦିର କମିଟି, ମାରୱାଡି ଯୁବାମଞ୍ଚଳ ସମଲେଶ୍ୱରୀ ମନ୍ଦିର କମିଟି, ଜଗନ୍ନାଥ ମନ୍ଦିର କମିଟି, ପ୍ରାଇଭେଟ ମୋଟର ସାଇକେଲ ଆସୋସିଏଶନ ପ୍ରମୁଖ ଅନୁଷ୍ଠାନର ସଭାପତିମାନେ ଯୋଗଦେଇ ଆଲୋଚନାରେ ନିଜ ବକ୍ତବ୍ୟ ରଖିଥିଲେ। ଅକ୍ଟୋବର ୪ରେ କଳସ ଯାତ୍ରା ହେବ। ୫ରୁ ୯ ତାରିଖ ଯାଏଁ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିବା ବେଳେ ଅକ୍ଟୋବର ୫ରୁ ୮ ତାରିଖ ପର୍ଯ୍ୟନ୍ତ ରାବଣରାଜ୍‌ରେ ଗୋଡଭଗା ପ୍ରକମ୍ପିତ ହେବ । କମିଟିର ଅକ୍ଷୟ କୁମାର କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ ।

**ଦୁର୍ଗାପୂଜା ଶାନ୍ତି କମିଟି ବୈଠକ**



ଦୁର୍ଗାପୂଜା ସମନ୍ୱୟ ବୈଠକରେ ମଞ୍ଚାସୀନ ଅତିଥି ।

## ଅସହାୟ ମା, ନବଜାତକ ଗଲେ ସ୍ୱଧାର ଗୃହ

ମନମୁଣ୍ଡା, ୨୮।୯ (ଡି.ଏନ.ଏ)

ବାପଘର ଓ ଶାଶୁଘର ଲୋକେ ଗ୍ରହଣ ନ କରିବାରୁ କଣ୍ଟାମାଳ ଥାନା ଚୁରୀଦେଉଳ ଗ୍ରାମର ଜଣେ ପ୍ରତାରିତା ଯୁବତୀ ଓ ତାଙ୍କ ନବଜାତକଙ୍କୁ ମନମୁଣ୍ଡା ଥାନା ଆଇଆଇସି ଗୋପିନାଥ ପ୍ରଧାନ ସ୍ୱଧାର ଗୃହକୁ ପଠାଇ ଦେଇଛନ୍ତି । ସୂଚନାଯୋଗ୍ୟ, ପ୍ରାୟ ୧୦ ମାସ ତଳେ ଚୁନୁ ମହାକୁଡଙ୍କ ପୁଅ ମୁରଲି ମହାକୁଡ ଉକ୍ତ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲେ। ଯୁବତୀ ଗର୍ଭବତୀ ହେବା ଜଣାପଡିବା ପରେ ମୁରଲି ତାଙ୍କୁ ବିବାହ କରିବାକୁ ମନା କରି ଦେଇଥିଲେ। ଫଳରେ ଯୁବତୀ ଜଣକ କଣ୍ଟାମାଳ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ତାଙ୍କ ଏତଲାକୁ ଭିତ୍ତିକରି ଅଭିଯୁକ୍ତ ମୁରଲିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ଏବଂ ସେ ବର୍ତ୍ତମାନ ବୌଦ୍ଧ ବିଚାର ବିଭାଗୀୟ ହାଜତରେ ଅଛନ୍ତି । ଅନ୍ୟପକ୍ଷେ ଗତ ୨୩ ତାରିଖରେ ପୀଡିତା ଯୁବତୀଙ୍କ ଗର୍ଭଯନ୍ତ୍ରଣା ହେବାରୁ ସେ ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସି ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ ।

## ସମଲେଶ୍ୱରୀଙ୍କ ଧବଳମୁଖୀ ବେଶ



ବରଗଡ଼ରେ ମାଁ ସମଲେଶ୍ୱରୀଙ୍କ ଧବଳମୁଖୀ ବେଶ ।

ବରଗଡ଼ ଅଫିସ,୨୮।୯

ମହାଳୟା ଅବସରରେ ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀ ଭକ୍ତମାନଙ୍କୁ ଧବଳମୁଖୀ ବେଶରେ ଦର୍ଶନ ଦେଇଥଲେ । ଶନିବାର ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା ପରେ ବିଭିନ୍ନ ପ୍ରକାର ଶ୍ୱେତ ଅଳଙ୍କାର, ବସ୍ତ୍ର ତଥା ପୁଷ୍ପ ଦ୍ୱାରା ସୁସଜ୍ଜିତ କରାଯାଇଥିଲା। ଆଜିର ଦିନରେ ମା ସମଲେଶ୍ୱରୀ ଗଙ୍ଗା ମାତା ରୂପେ ଦର୍ଶନ ଦେଇଥାନ୍ତି । ସେହିପରି ସନ୍ଧ୍ୟାରେ ଶାରଦୀୟ ନବ ଦିନାତ୍ମକ ପୂଜା ପାଇଁ କଳସ ଆବାହନ ତଥା ଖଣ୍ଡାଧୁଆ ପର୍ବ ସମାରୋହରେ ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରା ବାହାରି ନଗର ପରିକ୍ରମାପୂର୍ବକ ଜିରା ନଦୀକୁ ପହଞ୍ଚିଥିଲା । ସେଠାରେ ପଣ୍ଡିତ ଶିବଶଙ୍କର ଦାଶ ଏବଂ ଚୂଡାମଣି ରଥ ପୂଜାର୍ଚ୍ଚନା କରିଥିବା ବେଳେ କର୍ତ୍ତା ଜୟପ୍ରକାଶ ଦାଶ, ମନ୍ଦିର ପୂଜକ ରତ୍ନାକର ଝାଙ୍କରଙ୍କ ସମେତ ଦଶହରା ପୂଜାର କମିଟି କର୍ମକର୍ତ୍ତା ତଥା ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ । ଜିରା ନଦୀରେ କଳସ ଆବାହନ ପରେ ଜଳପୂର୍ଣ୍ଣ କଳସ ନେଇ ମନ୍ଦିରରେ ସ୍ଥାପନା କରାଯାଇଥିଲା। ରବିବାର ମାଁ ସମଲେଶ୍ୱରୀଙ୍କ ନବରାତ୍ର ପୂଜା ଆରମ୍ଭ ହେବା ସହ ମାଁଙ୍କୁ ଶୈଳପୁତ୍ରୀ ବେଶରେ ପୂଜା କରାଯିବ ତଥା ଭକ୍ତମାନଙ୍କ ଦ୍ୱାରା ମାନସିକ ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯିବ।

**ଭେଡ଼େନ,୨୮।୯(ଡି.ଏନ.ଏ):** ଭେଡ଼େନ ବ୍ଲକ ଅନ୍ତର୍ଗତ ବିଭିନ୍ନ ଦେବୀ ପୀଠରେ ପବିତ୍ର ମହାଳୟା ଅବସରରେ ଧବଳମୁଖିବେଶ ଅନୁଷ୍ଠିତ ହୋଇଛି । ରେମଣ୍ଡା, ଭେଡ଼େନ, ବୁର୍ଦ୍ଦା, ରେଶମ ଆଦି ଗ୍ରାମରେ ସମଲେଇ ମନ୍ଦିରରେ ଦେବୀଙ୍କୁ ଧଳା ଫୁଲ ଏବଂ ଧବଳ ବସ୍ତ୍ର ଅର୍ପଣ କରାଯାଇ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଛି। ସେହିପରି ବାଞ୍ଜିପାଲି ସ୍ଥିତ ମାଁ ମଙ୍ଗଳା ମନ୍ଦିରରେ ଦେବୀଙ୍କ ଧବଳମୁଖି ବେଶ ହୋଇଛି । ଏହି ବେଶ ଦର୍ଶନ କରିବାକୁ ପ୍ରବଳ ଭକ୍ତମାନଙ୍କ ସମାଗମ ହୋଇଥିଲା।

## ୧୨୫ ଛାତ୍ରୀଛାତ୍ରଙ୍କୁ ୪ ଶିକ୍ଷକ, ପାଠପଢ଼ା ବ୍ୟାହତ

ତଳଗାଁ,୨୮।୯(ଡି.ଏନ.ଏ)

ହରଭଙ୍ଗା ବ୍ଲକ ଛତରଙ୍ଗ ପଞ୍ଚାୟତର ଗୁଣ୍ଡିସାହି ସ୍କୁଲରେ ଛାତ୍ରଙ୍କ ଅନୁପାତରେ ଶିକ୍ଷକ କମ୍ ଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ୧୫ ଦିନ ଭିତରେ ଶିକ୍ଷକ ଯୋଗାଇ ଦିଆ ନ ଗଲେ ବିଦ୍ୟାଳୟରେ ତାଲା ପଡିବ ବୋଲି ବିଦ୍ୟାଳୟ କମିଟି ଓ ଅଭିଭାବକମାନେ ଚେତାବନୀ ଦେଇଛନ୍ତି। ଏଠାରେ ୧୨୫ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି । ମାତ୍ର ବିଦ୍ୟାଳୟରେ ୪ ଜଣ ଶିକ୍ଷକ ଅଛନ୍ତି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଏଲଓ ଦାୟିତ୍ୱରେ ଥିବାରୁ ସେ ବିଭିନ୍ନ ସରକାରୀ କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି । ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢା ବ୍ୟାହତ ହେଉଛି। ଏ ନେଇ ବିଦ୍ୟାଳୟ କମିଟି ପକ୍ଷରୁ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଜଣାଇଥିଲେ ସୁଦ୍ଧା କିଛି ସୁଫଳ ମିଳିନାହିଁ। ଏ ନେଇ ବିଇଓ ସନାତନ ଗାହାଣଙ୍କୁ ପଚାରିବାରୁ ବର୍ତ୍ତମାନ ଶିକ୍ଷକ ଅଭାବ ଅଛନ୍ତି । ତଥାପି ଉକ୍ତ ସ୍କୁଲକୁ ଶିକ୍ଷକ ଯୋଗାଇଦେବା ପାଇଁ ଚେଷ୍ଟା କରୁଛୁ ବୋଲି କହିଛନ୍ତି ।

■ ଜନ୍‌ମୁ ଦିବ୍ୟାଙ୍ଗ ଜୀବନ୍ ବିତଉଛନ୍ ରୂପେଶ

# ସରକାରୀ ଚିକିତ୍ଛା ସାହାଯ୍ ଆଶ୍‌ରେ ମା'ବାପ୍

ଅତାବିରା, ୨୮।୯ (ଡି.ଏନ୍.ଏ.)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଦେଶଭଟିଲି ପଁଚେତ୍ ବିଶିପାଲିର ସ୍ୱପ୍ନ ପାଣ୍ଡେଙ୍କର ପୁଓ ରୂପେଶ ପାଣ୍ଡେ(୬) । ଜନମ୍ ବେଲେ ସେ ଠିକ୍‌ଠାକ୍ ଥିଲେ। ହେଲେ ବଏସ୍ ବଢ଼ଲା ଉତାରୁ ସେ ଚାଲବୁଲ କି ଠିଆ ହେଇ ନାଇଁପାରଲେ। ଏନ୍‌ତାଥି ଗରିବ୍ ମା'ବାପ୍ ବରଗଡ଼, ବୁର୍ଲା ଡାକ୍‌ତରଖାନାକେ ନେଇ ଚିକିତ୍ଛା କରେଇ ନିରାଶ ହେଇଛନ୍। ଏନ୍‌ତା କି ପୁଓର ଚିକିତ୍ଛା ସାହାଯ୍ ଲାଗି ମା'ବାପ୍ ପରଶାସନକେ ଗୁହାରି କରି ନିରାଶ ହେଇଛନ୍।

ସୂଚନା ଅନ୍‌ସାରେ ଦେଶଭଟିଲି ପଁଚେତ୍ ବିଶିପାଲିର ସ୍ୱପ୍ନ ପାଣ୍ଡେଙ୍କର ପରିବାର କହେଲେ ମାଏକିନା ସୁକାନ୍ତୀ ଆର ପୁଓ ରୂପେଶକେ ନେଇ ତାକର ସଁସାର। ପରିବାରଟା ନିହାତି ଗରିବ୍ ସ୍ୱପ୍ନ କୁଲିମଜୁରି କରି କୁଟୁମ ପୁଷୁଛନ୍। ରୂପେଶ ଜନମ୍ ବେଲେ ଠିକ୍ ଥିଲେ ହେଲେ ବଏସ୍ ବଢ଼ଲା ଉତାରୁ ବି ସେ ଠିଆହେଇ କି ଚାଲବୁଲ କରି ନାଇଁପାରଲେ। ଏନ୍‌ତାଥି ଗରିବ୍ ମା'ବାପ୍ ଲାଗ୍ ବରମସ୍ କରି ପୁଓକେ ଅନେକ ଡାକ୍‌ତରଖାନା ନେଇ ଚିକିତ୍ଛା କଲେ, ହେଲେ କିଛି ଲାଭ ନାଇଁ ହେଲା। ମା'ବାପ୍ ସରକାରୀ ଚିକିତ୍ଛା ସାହାଯ୍ ଲାଗି ପଁଚେତ୍‌ନୁ ମୂଳ କରି ବ୍ଲକ, ଜିଲା ପରଶାସନ ତକ୍ ଗୁହାରି କରିଛନ୍। ହେଲେ ଆଏଜ୍ ତକ୍ ସରକାରୀ ଚିକିତ୍ଛା ସାହାଯ୍ ନାଇଁ ମିଳି ବଲି ରୂପେଶର ମା' ସୁକାନ୍ତୀ କହିଛନ୍। ରୂପେଶ ଏହେଦେ ପୂରାପୂରି ଗୁଟେ ଦିବ୍ୟାଙ୍ଗ ଜୀବନ୍ ବିତଉଛନ୍। ହେଲେ ଦୁଖର କଥା ଆଏଜ୍ ତକ୍ ତାହାକୁ କେହେନ୍‌ସି ପରକାର ସରକାରୀ ସୁବିଧା ସୁଯୋଗ ନାଇଁ ମିଲିପାରି। ଇ ଦୁଖି ମା'ବାପ୍ ବରଗଡ଼ର ପୂରବର ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ତାକର ଅଭିଯୋଗ କୁଠାଥି ଭେଟି ଦୁଖ୍ ଗୁହାରିଥିଲେ। ଜିଲାପାଳ ବି ଗୁଟେ ଡାକ୍‌ତର ଗାଁକେ ପଠେଇ ଚିକିତ୍ଛା ବେବସ୍‌ତା କରବେ ବଲି କହିଥିଲେ। ହେଲେ ଆଏଜ୍ ତକ୍ ଝନେ ବି ଡାକ୍‌ତର କି ପରଶାସନିକ ଅଧିକାରୀ ଘରକେ ନାଇଁ ଆସି ବଲି ରୂପେଶର ବାପା ସ୍ୱପ୍ନ କହିଛନ୍। ଇ ଗରିବ୍ ପରିବାର ଉପରେ ଜିଲା ଆର ବ୍ଲକ ପରଶାସନ ଦୁରୁଷ୍‌ଟି ଦେଇ ରୂପେଶକେ ଚିକିତ୍ଛା ସାହାଯ୍ ସଂଗେ ଉନିଆ ସରକାରୀ ସୁବିଧା ଯୁଗେଇ ଦେବାକେ ସଚେତନ ମହଲରେ ଦାବି ହେଉଛେ। ଇ ବାବ୍‌ଦେ ଭେଡ଼େନ ବିଡିଓ ମୁରଲୀଧର ନାୟକଙ୍କୁ ପଚରାଲାରୁ ଘଟନାର ତଦଁତ୍ କରି ସାହାଯ୍ ଯୁଗେଇ ଦେବାର ବେବସ୍‌ତା କରାଯିବା ବଲି ସେ କହିଥିଲେ।



ରୂପେଶ କେ ତାକର ମା' କୁଲେ ଧରିଛନ୍।



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ



### ମା' ସୁରେଶ୍ୱରୀଙ୍କ ଧବଳମୁଖୀ ବେଶ

**ସୋନପୁର,୨୮।୯(ନି.ପ୍ର.):** ପବିତ୍ର ମହାଳୟା ତିଥିରେ ସୁବର୍ଣ୍ଣପୁର ଗଡଜାତର ଇଷ୍ଟଦେବୀ ମା' ସୁରେଶ୍ୱରୀ ଧବଳମୁଖୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ସୁବର୍ଣ୍ଣପୁରର ଐତିହାସିକ ବଳିଯାତ୍ରା ଆରମ୍ଭ ହେଉଥିବା ବେଳେ ଶନିବାର ଭକ୍ତମାନେ ବାଉତି ଛତ୍ର ଓ ଦେବୀ ମା'ଙ୍କ ବେଶ ଦେଖିବାର ସୌଭାଗ୍ୟ ଲାଭ କରିଛନ୍ତି। ଶନିବାରଠାରୁ ଦେବୀ ମା'ଙ୍କ ଷୋହଳ ଉପଚାର ପୂଜା ଆରଧନା କରାଯିବା ସହିତ ଦେବୀ ନଅଦିନ ପର୍ଯ୍ୟନ୍ତ ବିଭିନ୍ନ ବେଶ ଧାରଣ କରିବେ। ଆସନ୍ତା ରବିବାରଠାରୁ ଦଶହରା ପର୍ଯ୍ୟନ୍ତ ଦେବୀ ମା' ସୁରେଶ୍ୱରୀ ତାରା, ଛିନ୍ନମସ୍ତା, କାଳୀ, ଭୈରବୀ, ମହିଷାମର୍ଦ୍ଦିନୀ, ରାଜ ରାଜେଶ୍ୱରୀ ଆଦି ବେଶ ଧାରଣ କରି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ ।

### ଚୂଡ଼ାଖାଇ ପାହାଡ଼ରେ ଚାରା ରୋପଣ

**ତରଭା, ୨୮।୯(ଡି.ଏନ.ଏ.):** ତରଭା ବ୍ଲକ ଅନ୍ତର୍ଗତ ସରଗଜ ଗ୍ରାମପଞ୍ଚାୟତର ବଘିଆମୁଣ୍ଡା ଚୂଡାଖାଇ ପାହାଡ ପରିସରରେ ବିଜୁ ବାହିନୀ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଜୁ ଯୁବ ବାହିନୀ ପ୍ରୋଜେକ୍ଟ ଅଫିସର ସଞ୍ଜିବ କୁମାର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବ୍ଲକ ସଂଯୋଜକ ରଜତ ଚୌହାନ ଯୋଗଦେଇ ଚାରା ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ବିଜୁ ଯୁବ ବାହିନୀ ସଭାପତି ଯଦୁନାଥ ରଣା, ସମ୍ପାଦକ ରୋହିତ ତରିଆ, ନରେଶ ମେହେର, କୀର୍ତ୍ତନ ମେହେର, ସଞ୍ଜୀବ ମନହୀରା, ଧର୍ମେନ୍ଦ୍ର ମେହେର, ପ୍ରମୋଦ ତରିଆ, ଶଙ୍କର୍ଷଣ ସା, ରୋହିତ କୁଦେଇଙ୍କ ସମେତ ବିଜୁ ଯୁବ ବାହିନୀର ସଦସ୍ୟମାନେ ପାହାଡରେ ୨୫୦ଟି ଚାରା ରୋପଣ କରିଥିଲେ । ଶେଷରେ ବିଜୁ ଯୁବ ବାହିନୀ ସମ୍ପାଦକ ରୋହିତ ତରିଆ ଧନ୍ୟବାଦ ଅର୍ପଣ କରିଥିଲେ ।

### ମହର୍ଷି ବୁଦ୍ଧରାମ କଲେଜରେ ସ୍ୱାଗତ ସମାରୋହ

**ତରଭା, ୨୮।୯(ଡି.ଏନ.ଏ.):** ତରଭା ବ୍ଲକ ମେଣ୍ଡା ଗ୍ରାମସ୍ଥିତ ମହର୍ଷି ବୁଦ୍ଧରାମ ଡିଗ୍ରୀ ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ଅଧକ୍ଷ ସଚ୍ଚିଦାନନ୍ଦ ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନୂତନ ବର୍ଷର ସ୍ନାତକ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। ମହାବିଦ୍ୟାଳୟ ଅଧାପକ ଓ ଅଧାପିକାବୃନ୍ଦ ନୂତନ ବର୍ଷର ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇଥିଲେ । ଏହି ସଭାରେ ସ୍ନାତକ ଶେଷବର୍ଷ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ନୂତନ ସ୍ନାତକ ଛାତ୍ରୀଛାତ୍ରମାନଙ୍କୁ ନିଜର ଅନୁଭୂତି ସମ୍ପର୍କରେ ବୁଝାଇଥିଲେ । ଏହି ସଭାକୁ ସ୍ନାତକ ଦ୍ୱିତୀୟ ବର୍ଷର ଛାତ୍ର ପବିତ୍ର ସରଭଙ୍ଗ ଓ ଛାତ୍ରୀ ମଧୁଶ୍ରୀ ଫରିକାର ପରିଚାଳନା କରିଥିଲେ । ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧାପକ ଅଧାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

### ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ସମ୍ବର୍ଦ୍ଧନା ସଭା

**ଡୁଙ୍ଗୁରିପାଲି,୨୮।୯(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ପ୍ରାଥମିକ ଶିକ୍ଷକ ମହାସଂଘ ତରଫରୁ ସ୍ଥାନୀୟ ଆରଏମ୍‌ସିଠାରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଶ୍ରୀକାନ୍ତ ବାରିକଙ୍କୁ ରାଜ୍ୟ ସଭାପତି ପଦ ମିଳିଥିବାରୁ ସମ୍ବର୍ଦ୍ଧିତ କରାଯାଇଛି। ବାରିକ ବର୍ତ୍ତମାନ ସର୍ଗୁଲ ପଞ୍ଚାୟତ ଛଞ୍ଚାଣୀ ପ୍ରାଇମେରୀ ସ୍କୁଲରେ ଶିକ୍ଷାଦାନ କରୁଛନ୍ତି। ତେବେ ଏଥିରେ ମହାସଂଘର ସଭାପତି ଶିବ ପ୍ରସାଦ ରଣା ଅଧକ୍ଷତା କରିଥିଲେ। ମହାସଂଘ ସଂପାଦକ କୃପାସିନ୍ଧୁ ହରିପାଲ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରେଖାରାମ ବାଗ, ସୁରୁବାବୁ ନନ୍ଦ, କୁମୁଦ ରଞ୍ଜନ ରଣା, ପ୍ରକାଶ ବାରିକ, ଗୋପବନ୍ଧୁ ବାଗ, ଭଗବତ ବିଭାର, କୃଷ୍ଣ ନନ୍ଦ, ମଧୁସୁଦନ ଉର୍ମୀ, ରମେଶ ସାହୁ, ଉଦୟ କୁମାର ଭୋଇ, ନୀରଜ କୁମାର ଭୋଇ, ଗୋବିନ୍ଦ ହୋତା, ସୁରେଶ କୁମାର ନାୟକ, ସୁବାସ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଆରମ୍ଭ ହେଲା ସୁବର୍ଣ୍ଣପୁରର ପ୍ରସିଦ୍ଧ ବଳିଯାତ୍ରା

## ପାଟ ଢୋଲିଆଙ୍କ ଦେହାନ୍ତ ଯୋଗୁ ବଳି ନୃତ୍ୟ ବନ୍ଦ

**ସୋନପୁର,୨୮।୯(ନି.ପ୍ର.)**

ସୁବର୍ଣ୍ଣପୁରର ଐତିହାସିକ ବଳିଯାତ୍ରାର ଶନିବାର ଶୁଭାରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ ଶନିବାର ବିଳମ୍ବିତ ରାତିରେ ବୁଢାରଜା ବଳି କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ଗତ ୧୯ତାରିଖରେ ପାଟ ଢୋଲିଆ ପୁରନ୍ଦର ବାରିକ୍‌ଙ୍କ ମୃତ୍ୟୁ ଯୋଗୁଁ ଚେପ୍‌ଟା ଢୋଲ ପୂଜା ହୋଇ ପାରି ନ ଥିଲା। ପାଟ ଢୋଲିଆ ମଧ ନଥିଲେ ନିଶାର୍ଦ୍ଧରେ ଘୋଡାଘାଟ ପଡାରୁ ବୁଢୀ ସମଲେଇ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ ସମୟରେ ଉଆଁସ ବଳି ନୃତ୍ୟ ହୋଇପାରିନି। କେବଳ ରୀତିନୀତି ଅନୁଯାୟୀ ଦେବୀଙ୍କ ପୂଜା ଆରାଧନା ଓ ଭୋଗ କାର୍ଯ୍ୟ ସମ୍ପନ୍ନ ହୋଇଛି। ରାଜାରାଜୁଡା ଅମଳରୁ ଚାଲି ଆସୁଥିବା ଏହି ଯାତ୍ରା ପାଇଁ ସୁବର୍ଣ୍ଣପୁର ଜିଲାବାସୀଙ୍କ ବିଶେଷ ଶ୍ରଦ୍ଧା, ସମ୍ମାନ ଓ ଭକ୍ତି ରହିଛି। ଆଶ୍ୱିନ ଅମାବାସ୍ୟା(ମହାଳୟା) ଠାରୁ କାର୍ତ୍ତିକ କୃଷ୍ଣପକ୍ଷ ପ୍ରତିପଦ ପର୍ଯ୍ୟନ୍ତ ବିଭିନ୍ନ ଶକ୍ତି ପୀଠରେ ଏହି ଯାତ୍ରା ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ସକାଳେ ସ୍ଥାନୀୟ ଦେବୋତ୍ତର ବିଭାଗ ପକ୍ଷରୁ ଅଷ୍ଟଚଣ୍ଡୀ(ସୁରେଶ୍ୱରୀ, ଖମ୍ଭେଶ୍ୱରୀ, ସମଲେଶ୍ୱରୀ, ଭଗବତୀ, ରାମଚଣ୍ଡୀ, ନାରାୟଣୀ, ଦଶମତୀ ଓ ବିମଳାକ୍ଷୀ)ଙ୍କ ଉଦ୍ଦେଶ୍ୟରେ ୮ଟି ପାହୁର ପୀଠର ପୂଜକମାନଙ୍କୁ ପ୍ରଦାନ କରାଯାଇଥିଲା। ମଧାହ୍ନ ଶୁଭ ଲଗ୍ନରେ ଇଷ୍ଟଦେବୀ ସୁରେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ପରେ ବାଉତି ଛତ୍ରକୁ ବିଜୟ ଯାତ୍ରାରେ ମା'ସମଲେଇ ମନ୍ଦିର ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ନିଆଯାଇଥିଲା।



ସୁରେଶ୍ୱରୀ ମନ୍ଦିରରୁ ବାଉତି ଛତ୍ରକୁ ବିଜୟ ଯାତ୍ରାରେ ସମଲେଇ ମନ୍ଦିର ନିଆଯାଉଛି ।

ରାତି ୧୦ଟାରେ ସମଲେଇ ମନ୍ଦିରରେ ୨ଜଣ ବରୁଆ(କାଳିଶି)ଙ୍କ ଦେହରେ ଦେବୀ ଆବିର୍ଭାବ ହୋଇଥିଲେ। ବରୁଆ ବାଉତି ଛତ୍ର ଧରି ଘୋଡାଘାଟ ପଡାର ଯୋଡାଖମ୍ଭ ଓ ବୁଢୀ ସମଲେଇ ମନ୍ଦିର ଦେଇ ବୁଢାରଜା ପୀଠକୁ ଯାଇଥିଲେ। ଏହି ବଳିକୁ ଦୟଣାବଳି ବା ଅନ୍ଧାର ଘର ବାଉତୀ ବଳି କୁହାଯାଏ। ବଳି ଦେବତା ଓ ବାଉତୀ ଛତ୍ର ଉପରକୁ ଭକ୍ତମାନେ ଦହନାମାଳ ପୁଷ୍ପାଞ୍ଜଳି ସ୍ୱରୂପ ଅର୍ପଣ କରିଥିଲେ। ମହାନଦୀ କୂଳରେ ଥିବା ବୁଢାରଜାଙ୍କ ପୀଠରେ ୨ବରୁଆଙ୍କ ଦେହରୁ ଦେବୀ ଚାଲିଯିବା ପରେ ସେଠାରେ ପୁଣି ଜଣେ ବରୁଆ ଦେହରେ ବୁଢାରଜା ମହାପ୍ରଭୁ ଆବିର୍ଭାବ ହୋଇଥିଲେ। ବୁଢାରଜା ବଳି ନିଶାର୍ଦ୍ଧରେ ଘୋଡାଘାଟ ପଡାରୁ ବୁଢୀ ସମଲେଇ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଯାତ୍ରା ଅବସରରେ ସ୍ଥାନୀୟ ମହିଳାମାନେ (ବଳି ତାରିଣୀ) ଉପବାସ କରିଥିଲେ। ସେମାନେ ବଳି ଦେବତାଙ୍କୁ ପୂଜା କରି ତାରିଣୀ ବ୍ରତ ଘରେ ସନ୍ତାନସନ୍ତତିଙ୍କୁ ଛୁଆଁଇଲା ପରେ ଜଳଗ୍ରହଣ କରିଥାନ୍ତି। ପରମ୍ପରା ଅନୁଯାୟୀ ବୁଢାରଜା ବଳି ଏହି ସମୟରେ ବୁଢୀ ସମଲେଇଙ୍କୁ ପତ୍ନୀ ଭଳି ବ୍ୟବହାର ପ୍ରଦର୍ଶନ କରିଥାଏ। ସକାଳେ ବଳି ଯୋଡାଖମ୍ଭ ଦେଇ ସମଲେଇ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବ। ଏଥିପାଇଁ ମାଳି ସେବାୟତ ରଘୁନାଥ ମଲ୍ଲିକ ଚତୁର୍ଦ୍ଦଶୀର ଭୋର ସମୟରେ ବଳି ଯିବା ରାସ୍ତା ଓ ପୀଠ ରାସ୍ତାକୁ ଲଙ୍ଗଳଗାର ଦ୍ୱାରା ଚିହ୍ନିତ କରିଥିଲେ। ସେହିପରି ବୁଢାରଜା ପୀଠରେ ସ୍ଥାନୀୟ କୁଳି ସମ୍ପ୍ରଦାୟର ସେବାୟତମାନେ ବଳି ଦେବତାଙ୍କୁ ସ୍ୱାଗତ ଉଦ୍ଦେଶ୍ୟରେ କୁକୁଡା ପକ୍ଷୀର ତୋରଣ ନିର୍ମିତ କରିଛନ୍ତି।

### ଯାତ୍ରାର ବିଶେଷତ୍ୱ

ଏହି ମହାବଳି ଯାତ୍ରରେ ଖମ୍‌ସିରିଆ, ପୁରୋହିତ ଡାଙ୍ଗୁଆ, ବରୁଆ, ଗାଏନ୍, ଚାରଘରିଆ, ଛତିରିଆ, ମହୁରିଆ, ଢୁଲିଆ, ଗୁଡିଆ, ମଶାଲତୀ, ଛିପି, ମାଳି, କୁଳି, ଭଣ୍ଡାରୀ, କୁମ୍ଭାର ଓ ଥନାପତି ଆଦି ୧୬ଟି ସମ୍ପ୍ରଦାୟ ଅଂଶଗ୍ରହଣ କରିଥାନ୍ତି। ସେହିପରି ୧୬ ଭରଣୀ ବାଦ୍ୟ, ସହିତ ୧୬ ଦିନ ପୂଜା, ୧୬ଟି ବଳି ଓ ଷୋଡଶ ପୂଜା ଅନୁଷ୍ଠିତ ହୋଇଥାଏ । ଏହି ସେବା କାର୍ଯ୍ୟ ପାଇଁ ରାଜା ଏମାନଙ୍କୁ ଚାଷ ଜମି ଯୋଗାଇ ଦେଇଛନ୍ତି। ତେବେ ଯାତ୍ରାର ମୁଖ୍ୟ ପୁରୋଧା ବିନିକା ବ୍ଲକ ସକମା ଗ୍ରାମର ପାରମ୍ପରିକ ସେବାୟତ(ବରୁଆ) ମାନେ ଦୀର୍ଘ ୧୩ ବର୍ଷରୁ ଊର୍ଦ୍ଧ୍ୱ ହେବ ବଳିଯାତ୍ରାରେ ଅସହଯୋଗ କରୁଛନ୍ତି। ଅଥଚ ବଳିଯାତ୍ରା ସମୟରେ ୧୬ ଦିନ ଓ ସମଲେଶ୍ୱରୀ ଏବଂ ସୁରେଶ୍ୱରୀଙ୍କ ଦୈନନ୍ଦିନ ପୂଜା ପାଇଁ ରାଜା ସେବାୟତ ପରିବାର ଗୁଡିକୁ ୪୯୭ଏକର ମୂଲ୍ୟବାନ ଚାଷ ଜମି ପ୍ରଦାନ କରିଛନ୍ତି । ସେମାନେ ସେହି ଜଳସେଚିତ ଜମିକୁ ଭୋଗଦଖଲ କରି ଆସୁଛନ୍ତି। କିନ୍ତୁ ପରମ୍ପରାକୁ ବଞ୍ଚାଇ ରଖିବାକୁ ଯାଇ ଦେବୋତ୍ତର ବିଭାଗ ତଥା ବଳିଯାତ୍ରା କମିଟି ଭଡାରେ ପ୍ରତିବର୍ଷ ବରୁଆଙ୍କୁ ଆଣୁଛନ୍ତି । ଚଳିତ ବର୍ଷ ମଧ ବରୁଆ ଚନ୍ଦ୍ର ନେଗୀ ଓ ସୁବାଷ ନେଗୀଙ୍କୁ ଭଡାରେ ଅଣାଯାଇଛି ।

### ଯାତ୍ରାର ଇତିହାସ

ଅଷ୍ଟମ ଓ ନବମ ଶତାବ୍ଦୀରୁ ବଳି ଯାତ୍ରା ଆରମ୍ଭ ହୋଇଥିବା ବେଳେ ପ୍ରଥମେ ଏହାକୁ ଆଦିବାସୀମାନେ ଆୟୋଜନ କରୁଥିଲେ। ୧୬୫୦ ଖ୍ରୀଷ୍ଟାବ୍ଦରେ ସୋନପୁରର ପ୍ରଥମ ଚୌହାନ ରାଜା ମଦନ ଗୋପାଳ ସିଂହଦେଓ ଏହାର ପୃଷ୍ଠ ପୋଷକ ସାଜିଥିଲେ। ପରେ ମହାରାଜା ବୀରମିତ୍ରୋଦୟ ସିଂଦେଓ (୧୯୦୨–୧୯୩୭) ମଧରେ ଏହି ଯାତ୍ରକୁ ସ୍ଥାୟୀ ଓ ସୁନ୍ଦର କରିବା ପାଇଁ ସେବାୟତ ମାନଙ୍କୁ ଜମି ପ୍ରଦାନ କରିଥିଲେ ।

## ଆମ ପୋଲିସ ସମିତି ବୈଠକ

**ତରଭା, ୨୮।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ଥାନା ଅଭ୍ୟର୍ଥନା ଗୃହରେ ଆଇଆଇସି ଡୋଳାମଣୀ ଭୋଇଙ୍କ ଅଧକ୍ଷତାରେ ଶୁକ୍ରବାର ସନ୍ଧ୍ୟାରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଷ୍ଟ୍ରିଟ ରୋମିଓମାନଙ୍କୁ ସାବାଡ କରି ଉଚିତ ଦଣ୍ଡ ଦିଆଯିବ ବୋଲି ମତପ୍ରକାଶ ପାଇଥିଲା। ଏହି ବୈଠକରେ ତରଭା ସହରର ରାସ୍ତାଘାଟ ଶୋଚନୀୟ ହୋଇ ପଡିଥିବା ଯୋଗୁଁ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ ବାହାରେ ହୋଇଯାଉଛି। ଏଥିସହ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ଯୋଗୁଁ ଅସାମାଜିକ କାର୍ଯ୍ୟକଳାପ ବଢିବାର ଆଶଙ୍କାକୁ ଦୃଷ୍ଟିରେ ରଖି ବିଭାଗ ସହ ଆଲୋଚନା କରି ଏହାର ସମାଧାନ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଟ୍ରାକ୍ଟର ଓ ଟାଟା ଏସ୍ ପ୍ରଭୃତି ମାନଙ୍କରେ ନିଆଯାଉଥିବା ଲୁହାଛଡରେ ନାଲିକନା ଘୋଡେଇ ବିପଦ ସଙ୍କେତ ସୂଚାଇବା, ଦ୍ରୁତଗତିରେ ଗାଡି ଚାଳନା, ମଦପିଇ ଗାଡି ଚଳାଇବା,୧୮୫ ଏମ.ଭି.ଆଇ ଆକ୍ଟ ଉପରେ ସଚେତନତା ସୃଷ୍ଟି ପାଇଁ ବିହିତ ପଦକ୍ଷେପ ନିଆଯିବା ଆଦି ପ୍ରସଙ୍ଗ ବୈଠକରେ ଉତ୍‌ଥାପିତ ହୋଇଥିଲା। ବୈଠକରେ ପୂର୍ବତନ ନଗରପାଳ ଶୈଳେନ୍ଦ୍ର ସାହୁ, ଜୟପ୍ରକାଶ ନାରାୟଣ ସାହୁ, କାନ୍ତାନାଥ ସରାଫ, ପ୍ରବୀର ନାରାୟଣ ପଣ୍ଡା, ହିରଣ୍ମୟ ପଟ୍ଟନାୟକ, ଏସ.ଆଇ.ପିୟୁଷ ନାଏକ, ଏଏସଆଇ ଶ୍ରୀକୃଷ୍ଣ ସେଠ, ଅକ୍ଷୟ ବାଘଙ୍କ ସମେତ ବହୁ ବୁଦ୍ଧିଜୀବୀ ସାମିଲ ଥିଲେ।

# ଭାଷାର ବିବିଧତାରେ ଏକତାର ମାଧ୍ୟମ ହିନ୍ଦୀ

## ଓଏଭି ଝାରବାହାଲିରେ ହିନ୍ଦୀପକ୍ଷ ସମାପନ ସମାରୋହ

**ଉଲୁଣ୍ଡା, ୨୮।୯ (ଡି.ଏନ.ଏ)**

ଉଲୁଣ୍ଡା ବ୍ଲକ ଝାରବାହାଲିସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ପକ୍ଷରୁ ପାଳନ କରାଯାଉଥିବା ହିନ୍ଦୀ ପକ୍ଷର ସମାପନ ସମାରୋହ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଉପାଧକ୍ଷ ରାଧାମୋହନ ପୂଜାହାରୀଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ଭୀମଭୋଇ ବିଦ୍ୟାଳୟ କୁମରକେଲିର ହିନ୍ଦୀ ଶିକ୍ଷକ ଜୟକିଶାନ ଶର୍ମା ଯୋଗଦେଇ ଅଖଣ୍ଡ ଭାରତରେ ଭାଷାର ବିବିଧତାରେ ଏକତାର ସୂତ୍ରଧରି ହିନ୍ଦୀ ଭାଷା ବୋଲି ବର୍ଣ୍ଣନା କରଥିଲେ। ଏହାର ପ୍ରଚାର ପ୍ରସାରରେ ସମସ୍ତେ ମିଳିତ ଉଦ୍ୟମ କରିବା ଆବଶ୍ୟକତା ବୋଲି ସେ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧରେ ଓଏଭି ହରଭଙ୍ଗାର ହିନ୍ଦୀ ଶିକ୍ଷକ ସୋନୁ ଭୋଇ ଏବଂ ଓଏଭି ବଉଦର ହିନ୍ଦୀ ଶିକ୍ଷକ ଦେବବ୍ରତ ପଶାୟତ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଚଳିତ ମାସ ୧୪ ତାରିଖରୁ ଉଦ୍‌ଘାଟିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ହୋଇଥିବା ହିନ୍ଦୀ ପ୍ରବନ୍ଧ ଲିଖନ, ବକ୍ତୃତା ଏବଂ କବିତା ଆବୃତ୍ତିର ବିଭିନ୍ନ ବର୍ଗରେ କୃତିତ୍ୱ ଅର୍ଜନ କରିଥିବା ଅଂଶିତା ହୋତା, ସ୍ୱସ୍ତିକ ପଧାନ, ପ୍ରତିକ୍ଷା ତ୍ରିପାଠୀ, ଅର୍ପିତା ମେହେର, ନିତିଶ ହୋତା, ପ୍ରତ୍ୟାଶା ମେହେର, ସୋମରାଜ ମିଶ୍ର, ସଂସ୍କୃତି ପାଣିଗ୍ରାହୀ, ସ୍ୱରୂପ କୁମାର ବସ୍ତିଆ, ଅଞ୍ଜନା ପୁରୋହିତ, ଅଶ୍ଳେଷା ବଡପଣ୍ଡା, ନିହାରିକା ଭୋଇ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ଛାତ୍ରୀ ସୁଚିସ୍ମିତା ପଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଂସ୍କୃତ ଶିକ୍ଷକ ପୃଥ୍ୱୀରାଜ ପଧାନ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ରିଙ୍କି ପୂଜାହାରୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏକ ସଚେତନତା ରାଲି ଝାରବାହାଲି ଗ୍ରାମ ପରିକ୍ରମା କରିଥିଲା ।





କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

## ସେଲେଡି ବିଦ୍ୟୁତ୍ ଗ୍ରୀଡ୍ ଉଦ୍‌ଘାଟିତ

**ବିନିକା,୨୮।୯(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ମହାଦେବପାଲି ସେକ୍ସନ ସେଲେଡିରେ ସ୍ଥାପିତ ୩୩/୧୧ କେଭି ବିଦ୍ୟୁତ୍ ଗ୍ରୀଡ୍ ଉଦ୍‌ଘାଟିତ ହୋଇଛି। ସୋନପୁର ନିର୍ବାହୀ ଯନ୍ତ୍ରୀ ଜେ.ସି. ପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ବିଦ୍ୟୁତ୍ ଗ୍ରୀଡ୍ ଦ୍ୱାରା ଏବେ ସେଲେଡି, ଡୁଲୁଣ୍ଡୁପାଲି, ମହାଦେବପାଲି, କର୍ଡଙ୍ଗ, ଘୋଡାଧାର, ସଂସାମୁରା, ପଣ୍ଡକିଟାଲ, ସକମା, ପଧାନପାଲି ଏବଂ ନାଗପାଲି ପ୍ରଭୃତି ଗ୍ରାମର ହିତାଧିକାରୀ ଉତ୍କୃଷ୍ଟମାନର ବିଦ୍ୟୁତ୍ ସେବା ପାଇ ପାରିବେ ବୋଲି କୁହାଯାଇଛି। ବିନିକା ଏସ୍‌ଡିଓ ରଶ୍ମିରଞ୍ଜନ ଜେନା, ମହାଦେବପାଲି ସେକ୍ସସନର କନିଷ୍ଠ ଯନ୍ତ୍ରୀ ସତ୍ୟଜିତ ମହାନ୍ତି, ବିନିକା କନିଷ୍ଠ ଯନ୍ତ୍ରୀ କୁଞ୍ଜବିହାରୀ ନାୟକ, ତାପସ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଲାଇନ୍‌ମ୍ୟାନ୍ ଅଶୋକ ଭୋଇ, ନବ କୁମାର ରଣା, ମୁଣ୍ଡୁ ବଡିଆ, ମୁକ୍ତେଶ୍ୱର ସାହୁ, ଗ୍ରୀଡ୍ କର୍ମଚାରୀ ବଳରାମ ସା, ବିଶ୍ୱଜିତ୍ ଦାଶ, ରାଜେଶ ଦାଶ, ଶଙ୍କର ବାଘ, ଗଣେଶ ସା, ନକୁଳ ବାଘ, ନିମେଇ ବେହେରା ଓ ସମସ୍ତ ଗ୍ରୀଡ୍ କର୍ମଚାରୀ ଉପସ୍ଥିତ ଥିଲେ।

## ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ପ୍ରତିଯୋଗିତା

**ସୋନପୁର,୨୮।୯(ନି.ପ୍ର.)**

ପ୍ରଧାନମନ୍ତ୍ରୀଙ୍କ ସ୍ୱଚ୍ଛ ଭାରତ ଆହ୍ୱାନ ପରିପ୍ରେକ୍ଷୀରେ ବିଦ୍ୟାଳୟସ୍ତରରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷିରେ ବିଦ୍ୟାଳୟସ୍ତରରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ନେଇ ଶନିବାର ସୋନପୁର ବ୍ଲକସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମହାରାଜା ହାଇସ୍କୁଲ ସମ୍ମିଳନୀ କକ୍ଷରେ ଛାତ୍ରୀଛାତ୍ରଙ୍କ ମଧରେ ପ୍ରବନ୍ଧ ଲିଖନ, ବିତର୍କ, ବାର୍ତ୍ତା ଲିଖନ, ସ୍ୱଚ୍ଛତା ପ୍ରଦର୍ଶନୀ, ଚିତ୍ରାଙ୍କନ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପଦ୍ମନାଭ କର୍ଣ୍ଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସୋନପୁର ବିଇଓ ଘନଶ୍ୟାମ ମେହେର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ପୁରସ୍କାର ବିତରଣୀ ସଭାରେ ସୋନପୁର କଲେଜ ସଂସ୍କୃତ ବିଭାଗର ପ୍ରାଧାପକ ଭାବଗ୍ରାହୀ ମହାପାତ୍ର ସ୍ୱଚ୍ଛତା ହିଁ ଦିବ୍ୟତାର ତାତ୍ପର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଫକୀର ଚରଣ ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସମସ୍ତ ସିଆରସିସିମାନେ ପରିଚାଳନା କରିଥିଲେ ।



ଅତିଥିଙ୍କ ଗହଣରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରୀଛାତ୍ର ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସମୀକ୍ଷା

**ଡୁଙ୍ଗୁରିପାଲି, ୨୮।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସଭାଗୃହରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଡିଏମ୍ ତଥା ଭାରପ୍ରାପ୍ତ ପିଡି ଶରତ ଚନ୍ଦ୍ର ପଣ୍ଡା, ଏପିଡି ଆଲୋକ କୁମାର ମିଶ୍ର, ପ୍ରୋଗ୍ରାମ ଅଫିସର ମନୋଜ ମିଶ୍ରଙ୍କ ଉପସ୍ଥିତିରେ ବ୍ଲକରେ ଚାଲିଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ନିର୍ମାଣର ସମୀକ୍ଷା କରାଯାଇଥିଲା । ଏଥିରେ ଯନ୍ତ୍ରୀ, ପିଇଓ, ଜିଆରଏସ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ଶନିବାର ମହାଳୟା ଛୁଟି ସତ୍ତ୍ୱେ ବ୍ଲକ ସଭାଗୃହରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

## ଜାତୀୟ ସେବା ଶିବିର

**ସୋନପୁର,୨୮।୯(ନି.ପ୍ର.)**

ବିଜୁ ପଟ୍ଟନାୟକ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟରେ ଜାତୀୟ ସେବା ଶିବିର ପାଳିତ ହୋଇଯାଇଛି। ଅଧକ୍ଷା କିରଣବାଳା ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପରିଚାଳନା କମିଟି ସଭାପତି ଅଭିମନ୍ୟୁ କୁଶଳ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। କାଦୋଦରସ୍ଥିତ ଉମାଦେବୀ ଆଞ୍ଚଳିକ କଲେଜର ଯୁବ ରେଡକ୍ରସ ପରାମର୍ଶଦାତା ତଥା ଅଧାପକ ଉଦ୍ଧବ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏନଏସଏସର ସ୍ୱେଚ୍ଛାସେବୀ ମାନଙ୍କ ଭୂମିକା ଏବଂ ସମାଜରୁ ଅନ୍ଧବିଶ୍ୱାସକୁ କିପରି ଏଡା ଯାଇପାରିବ ସେ ଦିଗରେ ଆଲୋଚନା କରିଥିଲେ। ଏନଏସଏସ ଅଧିକାରୀ ସରସ୍ୱତୀ ଦାଶ ସଭା ପରିଚାଳନା କରିଥିବା ବେଳେ ଅଧାପିକା ସ୍ନିଗ୍ଧାରାଣୀ ଦାଶ ଧନ୍ୟବାଦ ଦେଇଥିଲେ।





ଶିବିରରେ ମଞ୍ଚାସୀନ ଅତିଥି ବୃନ୍ଦ ।

## କୁଡାପଡାରେ ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ମରାଲୋଏକୁ ହରାଇ ଅଙ୍କରିଆ ଚାମ୍ପିୟନ

**ଅମରପାଲି, ୨୮।୯ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଜଟେସିଂଘା ପଞ୍ଚାୟତ ଅନ୍ତର୍ଗତ କୁଡାପଡା ଖେଳ ପଡିଆରେ ୟୁଥ ସ୍ପୋର୍ଟିଂ ଆନୁକୂଲ୍ୟରେ ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ମରାଲୋଏକୁ ୧–୦ଗୋଲରେ ହରାଇ ଅଙ୍କରିଆ ବିଜୟୀ ହୋଇଛି। ଟୁର୍ଣ୍ଣାମେଣ୍ଟକୁ କ୍ରୀଡାବିତ୍ ରାକେଶ ନାଗ ଓ ରୂପେଶ ପଣ୍ଡା ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ବିଶିପଡା ଓ ଲାତୁରପେଟ ମଧରେ ହୋଇଥିଲା। ବିଶିପଡା ୨–୧ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଅଙ୍କରିଆ ଓ ସୁବଳୟା ମଧରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଉଭୟ ଦଳ କେହି କାହାକୁ ଗୋଲ ଦେଇ ନ ପାରିବାରୁ ପେନାଲଟିରେ ୫–୩ରେ ଅଙ୍କରିଆ ବିଜୟୀ ହୋଇଥିଲା। ପୁଲ–ବି ର ପ୍ରଥମ ମ୍ୟାଚ ମରାଲୋଏ ଓ ଆୟୋଜକ କୁଡାପଡା ମଧରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ଗୋଲଶୂନ୍ୟ ରହିବାରୁ ପେନାଲଟିରେ ୫–୩ରେ ମରାଲୋଏ ବିଜୟୀ ହୋଇଥିଲା। ଶେଷ ଲିଗ୍ ମ୍ୟାଚରେ ସୋନପୁର ୫–୪ରେ ବୀରମହାରାଜପୁରକୁ ହରାଇଥିଲା। ପ୍ରଥମ ସେମିଫାଇନାଲରେ ଅଙ୍କରିଆ ଦଳ ପେନାଲଟିରେ ୫–୪ରେ ବିଶିପଡାକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲ ମରାଲୋଏ ଦଳ ସୋନପୁର ୧–୦ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲରେ ଅଙ୍କରିଆ ଦଳ ମରାଲୋଏକୁ ୧–୦ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା। ଖେଳଗୁଡିକରେ ସୁଦାମ ଜଗଦଲା, ମଧୁସୂଦନ ଭୋଇ, ଅଜୟ ବିଶ୍ୱାଳ ଓ ପ୍ରଦୀପ ନନ୍ଦ ରେଫରି କାର୍ଯ୍ୟ ତୁଲାଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଯୁବ କ୍ରୀଡା ସଂଗଠକ ତଥା ଜିଲା ଛାତ୍ର ବିଜେଡି ସମ୍ପାଦକ ଶୈଳରଞ୍ଜନ ବାଦୀ ମୁଖ୍ୟଅତିଥି ଓ ସତ୍ୟଞ୍ଜିବ ପାତ୍ର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅଙ୍କରିଆ ଦଳର ରଞ୍ଜନ ବିଶ୍ୱାଳଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ, ଅଭିଳାଶ ନାଏକଙ୍କୁ ଶ୍ରେଷ୍ଠ ଗୋଲରକ୍ଷକ ଓ କୁଡାପଡାର ଶାନ୍ତନୁ ବିଶ୍ୱାଳଙ୍କୁ ଶ୍ରେଷ୍ଠ ଡିଫେନ୍ସଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଅଙ୍କରିଆ ଦଳକୁ ନଗଦ ୪ ହଜାର ଟଙ୍କା ସହିତ ଟ୍ରଫି ଓ ରନର୍ସଅପ୍ ମରାଲୋଏ ଦଳକୁ ନଗଦ ୨୫୦୦ ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା।



ଉଭୟ ଦଳର ଖେଳାଳି ଓ ଅତିଥି ।



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେହେଲେ ଅନିଷ୍ଟ ହୁଏ ନାହିଁ।

- ମହର୍ଷି ପରାଶର

# ଫ୍ଲାଏଆସ୍ ଇଟା ବ୍ୟବହାରକୁ ଗୁରୁତ୍ୱ ଦିଆଯାଉ

ନୂଆପଡା ଅଫିସ,୨୮।୯



ଫ୍ଲାଏଆସ୍ ସଂଘ ତରଫରୁ କର୍ମକର୍ତ୍ତା ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

- ବ୍ୟବସାୟୀ ସଂଘ ଜିଲାପାଳଙ୍କୁ ଭେଟି ଗୁହାରି କଲେ
- ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣରେ ଲଗାଯିବାକୁ ଦାବି

ଦିନକୁ ଦିନ ପରିବେଶ ଦୂଷିତ ହେଉଥିବାବେଳେ ମୃତ୍ତିକା କ୍ଷୟ ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ବିଶେଷକରି ମାଟି ଇଟା ପରିବେଶ ପାଇଁ କ୍ଷତିକାରକ ହେଉଥିବା ନେଇ ଅଭିଯୋଗ ହୋଇଛି। ଏଥିପାଇଁ ଫ୍ଲାଏଆସ ଇଟାବ୍ୟବସାୟୀ ଗୋଟିଏ ପଟେ ପରିବେଶ ଚିନ୍ତା କରିଥିବାବେଳେ ଅନ୍ୟପଟେ ସରକାରୀ ଏବଂ ବେସରକାରୀ କାର୍ଯ୍ୟରେ ମାଟି ଇଟା ବଦଳରେ ଫ୍ଲାଏଆସ ଇଟାକୁ ଗୁରୁତ୍ୱ ଦିଆଗଲେ ସେମାନଙ୍କୁ ଉପଯୁକ୍ତ ରୋଜଗାର ମିଳିପାରିବବୋଲି ଦାବି ଜଣାଇଛନ୍ତି। ଏହାକୁ ନେଇ ବ୍ୟବସାୟୀ ସଂଘ ଜିଲାପାଳଙ୍କୁ ଭେଟି ଗୁହାରୀ କରିଛନ୍ତି।

ଫ୍ଲାଏ- ଆସ ଇଟାବ୍ୟବସାୟୀ ସଂଘ ଖରିଆରରୋଡ ଏବଂ ନୂଆପଡା ସଭାପତି ମୁକେଶ କୁମାର ଶ୍ରୀବାସ୍ତବଙ୍କ ନେତୃତ୍ୱରେ ଏକ ଟିମ ଜିଲାପାଳ ମଧୁସ୍ମିତା ସାହୁଙ୍କୁ ଭେଟିଛନ୍ତି। ଏକ ଦାବିପତ୍ର ପ୍ରଦାନ କରିଥିବାବେଳେ ମାଟିଇଟା ବ୍ୟବହାରକୁ ନିରୁତ୍ସାହିତ କରିବା ସହ ଫ୍ଲାଏଆସ ଇଟାକୁ ଗୁରୁତ୍ୱ ଦେବାକୁ ଅନୁରୋଧ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଦିନକୁ ଦିନ ଜଙ୍ଗଲ ନଷ୍ଟ ହେଉଥିବାବେଳେ ପରିବେଶ ଦୂଷିତ ହେଉଛି। ମାଟି ଇଟା ପୋଡିବାକୁ ପ୍ରତିଦିନ ଗଛ ନଷ୍ଟ ହେଉଛି। ଏଥିରୁ ବାହାରୁଥିବା ଧୂଆଁ ପରିବେଶ ଦୂଷିତ କରୁଛି। ଅନ୍ୟପଟେ ମୃତ୍ତିକା କ୍ଷୟ ଘଟୁଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ମାନବସମ୍ବଳ ବିକାଶ ବିଭାଗ ତରଫରୁ ସର୍କୁଲାର ସଂଖ୍ୟା ୧୨୦୧୬/୦୬/୨୦୧୭ରେ ସମସ୍ତ ସରକାରୀ ନିର୍ମାଣ କାର୍ଯ୍ୟରେ ଫ୍ଲାଏ ଆସ ଇଟା ବ୍ୟବହାର କରିବାକୁ ନିର୍ଦ୍ଦେଶ ରହିଥିଲା। ହେଲେ ଏହାକୁ କଡାକଡି ଭାବେ କାର୍ଯ୍ୟକାରୀ କରାଯାଉନାହିଁ। ବିଶେଷ କରି ବର୍ତ୍ତମାନ ହଜାର ହଜାର ସଂଖ୍ୟାରେ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ଚାଲିଛି । ଏଥିରେ ବ୍ୟବହାର କରାଯିବାକୁ ଜିଲାପାଳ ନିର୍ଦ୍ଦେଶ କଲେ ବ୍ୟବସାୟୀମାନେ ଉପକୃତ ହୋଇପାରନ୍ତେ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଫ୍ଲାଏ ଆସ ନିର୍ମାଣ କମ୍ପାନୀଗୁଡିକରେ ବହୁ ଶ୍ରମିକ ରୋଜଗାର ପାଉଛନ୍ତି। ଏହାକୁ ପ୍ରୋତ୍ସାହିତ କରାଗଲେ ବେରୋଜଗାର ମଧ୍ୟ କିଛି ମାତ୍ରାରେ କମାଇ ପାରିବେ ବୋଲି ସଂଘ ଦାବି କରିଛି। ଏହା ଉପରେ ତୁରନ୍ତ ଦୃଷ୍ଟି ଦେଇ କାର୍ଯ୍ୟକାରୀ କରାଗଲେ ଉପକୃତ ହେବେ ବୋଲି ଆଶା ପ୍ରକଟ କରିଛନ୍ତି। ଏହା ଉପରେ ଜିଲାପାଳ ସାହୁ ସମସ୍ତ ବିବରଣୀ ରଖିବା ସହ କାର୍ଯ୍ୟାନୁଷ୍ଠାନ ସକାଶେ ନିଶ୍ଚିତ ଦୃଷ୍ଟି ଦେବେ ବୋଲି କହିଛନ୍ତି। ସଂଘ ତରଫରୁ ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ୍ଲ ପଟେଲ, ଶୈଳେଶ ଭସାଣୀ, ପୁରୁଷୋତ୍ତମ ଦେୱାଙ୍ଗନ, ପ୍ରତ୍ୟୁଷ ପଟ୍ଟନାୟକ, ଅସରଫ ଭାଇ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଲଡୁଗାଁ ଜୁନିୟର କଲେଜରେ ଆଲୋଚନଚକ୍ର

କୋକସରା,୨୮।୯(ଡି.ଏନ୍.ଏ.): ଲଡୁଗାଁ ଉଚ୍ଚ ମାଧମିକ ବିଦ୍ୟାଳୟ ପକ୍ଷରୁ ୧୫୦ତମ ଗାନ୍ଧିଜୀଙ୍କ ଜୟନ୍ତୀ ପ୍ରସ୍ତୁତି ଅବସରରେ ଗାନ୍ଧୀବାଦ ଶିର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଡ. ନିହାରକାନ୍ତ ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ବିଜେପୁର ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଅକ୍ଷୟ କୁମାର ଯୋଶୀ, ମୁଖ୍ୟବକ୍ତା ନବରଙ୍ଗପୁର ମହାବିଦ୍ୟାଳୟ ପ୍ରଫେସର ବିଜୟ ମିଶ୍ର, ସମ୍ମାନିୟ ଅତିଥି କୋକସରା କଲେଜର ଅବସର ପ୍ରାପ୍ତ ପ୍ରଧାପକ ଡ.ଅଜୟ କୁମାର ମଲ୍ଲିକ, ଇନ୍ଦ୍ରବତୀ ମହାବିଦ୍ୟାଳୟ ପ୍ରଫେସର ସୁଶାନ୍ତ କୁମାର ଲେଙ୍କା, ବରିଷ୍ଠ ନାଗରିକ ଘାସିରାମ ପାଟଯୋଷୀ ଯୋଗଦେଇ ଗାନ୍ଧିଜୀଙ୍କ ନୀତି ଆଦର୍ଶକୁ ଆପଣାଇ ସ୍ୱଚ୍ଛ ଭାରତ ମିଶନକୁ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ। ଯୁବ ରେଡକ୍ରସ ପରାମର୍ଶ ଦାତା ସଞ୍ଜୟ କୁମାର ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା, ଅଧାପକ ପ୍ରଶାନ୍ତ କୁମାର ଯୋଶୀ, ପ୍ରେମାନନ୍ଦ ସାହା ସ୍ୱାଗତ ଭାଷଣ ଦେଇଥିଲେ।

## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ

ବୋଡେନ, ୨୮।୯ (ଡି.ଏନ.ଏ.)

ବୋଡେନ ବ୍ଲକ କେରାପଦର ଦ୍ୱାରଶନୀ ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାକୁ ବୋଡେନ ବିଇଓ ଇନ୍ଦ୍ରମଣି ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ଦ୍ୱାରଶନୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ସତ୍ୟପ୍ରିୟ ପଣ୍ଡାଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ବୋଡେନ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୪ ବର୍ଷରୁ କମ ବିଭାଗରେ ୧୫୦ ଓ ୧୭ ବର୍ଷର କମ ବିଭାଗରେ ୧୯୦ ଜଣ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତାରେ ୧୪ ବର୍ଷର କମ ଖୋକୋ ଓ କବାଡି ପାଇଁ ୨୪ ଜଣ ଓ ୧୭ ବର୍ଷର କମ ବିଭାଗରେ କବାଡ଼ି, ଫୁଟବଲ, ଖୋକୋ ପାଇଁ ୫୧ ଛାତ୍ରୀଛାତ୍ର ଜିଲାସ୍ତରକୁ ମନୋନିତ ହୋଇଛନ୍ତି। ପ୍ରତ୍ୟେକ ବିଦ୍ୟାଳୟର ଶିକ୍ଷକ ଓ ଖେଳ ଶିକ୍ଷକ ଓ ସହାୟକ ଶିକ୍ଷକମାନେ ଯୋଗଦାନ କରି ସହଯୋଗ କରିଥିଲେ।



ଅନ୍ତର୍ଜାତୀୟ ଯୁବ ସମ୍ମିଳନୀରେ ଆଶିଷ ଠାକୁରଙ୍କୁ ପୁରସ୍କୃତ କରାଯାଉଛି।

## ଜାତୀୟ ଯୁବ ଆଦର୍ଶ ପୁରସ୍କାରରେ ସମ୍ମାନିତ ହେଲେ ଆଶିଷ

ନୂଆପଡା ଅଫିସ,୨୮।୯

ନୂଆପଡା ଜିଲା ସଦର ମହକୁମାରେ ନେହେରୁ ଯୁବ କେନ୍ଦ୍ରରେ ଜାତୀୟ ଜିଲା ଯୁବ ସଂଯୋଜକ ଭାବରେ କାର୍ଯ୍ୟରତ ଥିବା ଆଶୀଷ ଠାକୁର ଜାତୀୟ ଯୁବ ଆଦର୍ଶ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଦିଲ୍ଲୀଠାରେ ଆୟୋଜିତ ଅନ୍ତର୍ଜାତୀୟ ଯୁବ ସମ୍ମିଳନୀରେ ଠାକୁରଙ୍କୁ ଯୁବ ବିକାଶ ଏବଂ ସମାଜସେବା କ୍ଷେତ୍ରରେ କୃତୀତ୍ୱ ସକାଶେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ ଅନ୍ତରାଷ୍ଟ୍ରୀୟ ଯୁବ ସମିତି ଦ୍ୱାରା ଏସିଆ ମହାଦେଶର ଭାରତ, ଶ୍ରୀଲଙ୍କା, ଆଫଗାନିସ୍ଥାନ, ବାଂଲାଦେଶ ଭଳି କେତେଗୋଟି ବଛାବଛା ଦେଶରୁ ୮ଜଣଙ୍କୁ ଭାରତ ଶାନ୍ତି ପୁରସ୍କାର ଏବଂ ୩ଜଣଙ୍କୁ ମଣ୍ଡେଲା ଶାନ୍ତି ପୁରସ୍କାରରେ ସମ୍ମାନିତ କରାଯାଇଥିବାବେଳେ ୭୯ଜଣ ଯୁବ ପ୍ରତିଭାଙ୍କୁ ଜାତୀୟ ଯୁବ ଆଦର୍ଶ ପୁରସ୍କାରରେ ସମ୍ମାନିତ କରାଯାଇଛି। ପ୍ରକାଶ ଯେ କଳାହାଣ୍ଡି ଜିଲା ଜୟପାଟଣାର ଏକ କୃଷକ ପରିବାରରେ ଜନ୍ମିତ ଆଶୀଷ ଛାତ୍ର ଜୀବନରୁ ବିଭିନ୍ନ ସଙ୍ଗଠନ ସହ ଜଡିତ ରହି ଯୁବ ସାଙ୍ଗଠିକ କାମରେ ରୁଚି ରଖିଆସିଥିଲେ। ଠାକୁର ଅନ୍ତର୍ଜାତୀୟ ସ୍ତରରେ ସାର୍କ ଯୁବ ସମ୍ମିଳନୀ ଏବଂ ଚାଇନାକୁ ଯାଇଥିବା ଭାରତର ଶହେ ଜଣିଆ ପ୍ରତିନିଧି ଦଳରେ ଭାରତର ପ୍ରତିନିଧିତ୍ୱ କରି ଗୌରବ ଆଣିଛନ୍ତି। ବର୍ତ୍ତମାନ ନୂଆପଡା ଜିଲାରେ ନେହେରୁ ଯୁବ କେନ୍ଦ୍ରରେ ନିୟୋଜିତ ରହି କିଛି କମ ସମୟ ମଧ୍ୟରେ ଯୁବ ସଙ୍ଗଠନ ଗୁଡିକ ସହ ନିବିଡ ଭାବେ ସମ୍ପର୍କ ରଖି ସ୍ୱତନ୍ତ୍ର ଛାପ ଛାଡିପାରିଛନ୍ତି। ତାଙ୍କର ଏହି ପୁରସ୍କାର ପାଇବା ଖବର ଜାଣିବାପରେ ନୂଆପଡା ଏବଂ କଳାହାଣ୍ଡି ଜିଲାରେ ଶୁଭେଚ୍ଛାର ସୁଅ ଛୁଟୁଛି।

## ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବୋଡେନ, ୨୮।୯ (ଡି.ଏନ.ଏ.)

ନୂଆପଡା ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ବୋଡେନ ବ୍ଲକର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ବୋଡେନ ପଞ୍ଚାୟତ ସମିତି ଅଧକ୍ଷା ପ୍ରେମଶିଳା ନାଗ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବରେ ନୂଆପଡା ଡିଏସଏସଓ ଗୋପଲକ୍ଷ୍ମୀ ହୋତା, ବୋଡେନ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ, ବୋଡେନ ବିଇଓ ଇନ୍ଦ୍ରମଣି ପାଣିଗ୍ରାହୀ, ଏବିଡିଓ ମନୋଜ ମହାନ୍ତି, ଆଇଡି ମେଟ୍ରୋକୋଡିନେଟର ହେମନ୍ତ ଭୋଇ ପ୍ରମୁଖ ସମସ୍ତେ ଉପସ୍ଥିତ ହୋଇଥିଲେ। ଏହି ଶିବିରକୁ ମାନସିକ ଅଗ୍ରସର ବିଭାଗ ୧୬ ଜଣ ଓ ସିକ୍ଲିନ ଓ ଥାଲାସିମିଆ ୪ ଜଣ, ଶ୍ରବଣ ବାଧିତ ବିଭାଗର ୬୩ ବସ ଓ ରେଳ ପାସ ପାଇଁ ୫୪ ଜଣ, ଦୃଷ୍ଟିବାଧିତ ୬୧, ବାଣିଶ୍ରୀ ଲୋକ ମଧୁବାବୁ ନିର୍ମାଣ ଶ୍ରମିକ ୩୬, ଅସ୍ଥି ବିଭାଗ ୧୭୦ ଜଣ ହିତାଧୀକାରୀ ନିଜର ଫର୍ମ ଦାଖଲ କରିଥିଲେ। ଏହି ଶିବିରକୁ ବିଭିନ୍ନ ବିଭାଗରୁ ବିଶେଷଜ୍ଞ ଡାକ୍ତରମାନେ ଆସି ହିତାଧିକାରୀଙ୍କୁ ଚିହ୍ନଟକରି ପ୍ରମାଣପତ୍ର ଦେଇଥିଲେ। ଏହି ଶିବିରରେ ବ୍ଲକ ପ୍ରଶାସନର କର୍ମଚାରୀ ତଥା ଶିକ୍ଷକ, ଆଶା, ଅଙ୍ଗନୱାଡ଼ି କର୍ମୀ, ସରପଞ୍ଚ, ସମିତିସଭ୍ୟମାନେ ଉପସ୍ଥିତ ହୋଇ ସହଯୋଗ କରିଥିଲେ।



ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଜଣେ ଦିବ୍ୟାଙ୍ଗ ଓ ଅନ୍ୟମାନେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଢ଼ିଲା ଝିଅ**
**ପୁରୁଣା ଘିଅ ।**

ସାଧାରଣତଃ ଝିଅ ଘରଯୋଗ୍ୟା ହେଲେ ତାକୁ ଅଧିକ ଦିନ ଘରେ ରଖିବା ଉଚିତ ହୋଇ ନ ଥାଏ। କାରଣ ଏପରି ରଖିବା ଦ୍ୱାରା ପଛରେ ନିନ୍ଦା ଅପବାଦ ମିଳିବାର ଭୟ ରହିଥାଏ। ସେହିପରି ଘିଅ ପୁରୁଣା ହୋଇଗଲେ ବା ଅଧିକ ଦିନ ଘରେ ରଖିଲେ ତାହା ରହଣିଆ ଲାଗିଥାଏ ଓ ଏହା ଖାଦ୍ୟୋପଯୋଗୀ ହୋଇ ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ବାଇଗଣ ପରିବା**
**ଦି' ସଉତୁଣୀ କଜିଆ କଲେ**
**ଘଇତାକୁ ମାରିବା ।**

ଦୁଇ ସଉତୁଣୀଙ୍କ ମଧରେ ଅହିନକୁଳ ସମ୍ପର୍କ ରହିଥାଏ। କେହି କାହାର ସୁଖଶିରୀ ଦେଖି ସହି ପାରି ନ ଥାନ୍ତି। ସଉତୁଣୀ ହିଁ ଦାମ୍ପତ୍ୟ ଜୀବନରେ ଚରମ ଅଶାନ୍ତିର କାରଣ ସାଜିଥାଏ। ଯେଉଁ ଘରେ ଦୁଇ ସଉତୁଣୀ ରହିଥାନ୍ତି ସେହି ଘରେ ନାନାପ୍ରକାର ବିଶୃଙ୍ଖଳା ଘଟିବା ଥୟ। ଦୁଇ ସଉତୁଣୀ ମଧ୍ୟରେ କଳିକଜିଆ ଲାଗିଲେ ସବୁ ରାଗ ସ୍ୱାମୀ ଉପରେ ଶୁଝା ଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ



ସିନାପାଲି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା କର୍ମକର୍ତ୍ତା ଧାରଣାରେ ବସିଛନ୍ତି।

## ଭାଜପାର ବିକ୍ଷୋଭ, ସ୍ମାରକପତ୍ର ପ୍ରଦାନ

ସିନାପାଲି,୨୮।୯ (ଡି.ଏନ୍.ଏ.)

ନୂଆପଡ଼ା ଜିଲା ସିନାପାଲି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସିନାପାଲି ଭାଜପା କର୍ମକର୍ତ୍ତା ଧାରଣା ଦେବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ। କେନ୍ଦ୍ର ସରକାରଙ୍କ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାକୁ ନାମ ବଦଳାଇ ବିଜୁ ପକ୍କା ଘର ଯୋଜନା କରି ରାଜ୍ୟ ସରକାର ବାହାବା ନେବା ପାଇଁ ଯୋଜନା କରୁଥିବା ସ୍ମାରକପତ୍ରରେ ଦର୍ଶାଯାଇଛି। ଆନ୍ଦୋଳନରେ ଜିଲା ଭାଜପା ସାଧାରଣ ସମ୍ପାଦକ ସୁବ୍ରତ ଠାକୁର, ମଣ୍ଡଳ ସଭାପତି ଅରିଗଞ୍ଜନ ଯୋଷୀ, ବେଲମତୀ ମାଝି, ପ୍ରତାପ ଗୁଆଲ, ମାର୍କଣ୍ଡ ଗହୀର, ନରାୟଣ ସିଂ ବାବୁ, ବୃନ୍ଦା ଖର୍ସେଲ, ଭଗତ ଖର୍ସେଲ, ବିହାରୀ ଖର୍ସେଲ, ଠାବସିଂ ବିଶି, ଧନେଶ ରଣା, କୋଦଣ୍ଡ ରାଉତରାୟ, କୃତ୍ତିବାସ ତେଜି, ପ୍ରେମସିନ୍ଧୁ ହେର୍ଣ୍ଣା ପ୍ରମୁଖଙ୍କ ନେତୃତ୍ୱରେ ଭାଜପା କର୍ମୀମାନେ ଧାରଣାରେ ବସିଥିଲେ। ବକ୍ତାମାନେ ରାଜ୍ୟ ସରକାରଙ୍କ ବିରୋଧରେ ପ୍ରତିବାଦ କରି ବିଡିଓ ସୁରେନ୍ଦ୍ର ମେହେରଙ୍କ ଜରିଆରେ ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

Telnet Towers Co.
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇ-ୱେ ପାର୍ଶ୍ୱ ଜମିରେ
ଡିଜିଟାଲ ମଲ୍ଟିମିଡିଆ ଟାୱାର୍ ଲଗାନ୍ତୁ।
ଅଗ୍ରିମ: 70 ଲକ୍ଷ
ଭଡ଼ା: 60 ହଜାର
+ ଏଗ୍ରିମେଣ୍ଟ
09625373491, 07827396829
www.telnettowers.com
Add.: Hamiltonganj, Uttar Latabari (WB)

ନବରାତ୍ରିର ଶୁଭ ଅବସରରେ ଋଣ ଧମାକା
ଭାରତର Govt. Regd. ନଂ.1 କମ୍ପାନୀ
DURGA FINANCE LTD.
Reg. No. U6519TN198PLC008555
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଗ୍ରୁପ୍ ଓ ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ବ୍ୟବସାୟିକ ସୁଯୋଗ ପାଇଁ ଯୋଗାଯୋଗ କରନ୍ତୁ
9499218733
7302958798
H.No. 12, Sohana, Distt. Mohali

ଋଣ
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7289999543
7289948952
SCO- 106, Second Floor, Vishal Tower, Cannaught Place, Delhi.

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
ଭାରତର Govt. Regd. ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
ମହାଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲି଼ Reg No. MH32820D788
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
7894582823
H.No. 10, Mandi Road, Bathinda Punjab.

HINDUSTAN TOWER
ନାମ ନୁହେଁ କାମ କହିଥାଏ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ 90 ଲକ୍ଷ, ଭଡ଼ା 60,000 + ବାଇକ୍ ।
20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

ଆପଣଙ୍କ ଅତି ନିଜର ଭାଇ ଆପଣଙ୍କ ସେବାରେ
ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9450741373
B-34/7 A Block Vijay Enclave, Burari, New Delhi

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ । ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ ।
ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ୱା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯଦି ତୁମର କାହାଠାରୁ କିଛି ସାହାଯ୍ୟ ପାଇବାକୁ ଅଛି, ତେବେ ତାକୁ ନିଜ ପାଖକୁ ନ ଡକାଇ ତା' ପାଖକୁ ଯାଅ।
-ସ୍ୱାମୀ ଶିବାନନ୍ଦ ସରସ୍ୱତୀ



## ସଂକ୍ଷେପରେ



### ମା' କୁଶଙ୍ଗାଇଙ୍କ ଧବଳମୁଖୀ ବେଶ

**ଲୋଇସିଂହା,୨୮।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶଙ୍ଗ ଗ୍ରାମର ମା' କୁଶଙ୍ଗାଇ ଦେବୀଙ୍କ ମନ୍ଦିରରେ ପୁଅ ଜିଉଁତିଆ ଦିନଠାରୁ ଷୋଳପୂଜା ଆରମ୍ଭ ହୋଇଛି। ଶନିବାର ମହାଳାୟ ତିଥିରେ ଏହି ପୀଠରେ ମା' କୁଶଙ୍ଗାଇ ଧବଳମୁଖୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ମନ୍ଦିର ପୂଜକ ଓ ମନ୍ଦିର କମିଟି ଓ ଗ୍ରାମ୍ୟ କମିଟି ପକ୍ଷରୁ ଶୃଙ୍ଖଳିତ ଦର୍ଶନର ବ୍ୟବସ୍ଥା କରାଯାଇଥିଲା।

### ଟ୍ରାକ୍ଟରରୁ ଖସିପଡି ଯୁବକ ମୃତ

**ଟିଟିଲାଗଡ଼, ୨୮।୯ (ଡି.ଏନ.ଏ):** ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ଅନ୍ତର୍ଗତ ଘଣ୍ଟବାହାଲିଠାରେ ଟ୍ରାକ୍ଟରରୁ ଖସିପଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଆକାଶ ଛତର(୨୦)। ଘଣ୍ଟବାହାଲି ଗ୍ରାମର ଜଣେ ବ୍ୟକ୍ତି ଟ୍ରାକ୍ଟରରେ ବାଲି ଆଣିବାକୁ ଯାଉଥିଲା। ଉକ୍ତ ଟ୍ରାକ୍ଟରରେ ଆକାଶ ବସି କରି ଯାଉଥିଲେ। କାନିଜୁରି ଗ୍ରାମ ନିକଟରେ ସେ ଟ୍ରାକ୍ଟରରୁ ପଡିଯାଇଥିବା ବେଳେ ତାଙ୍କ ଉପରେ ଗାଡି ଚଢିଯାଇଥିଲା। ଗୁରୁତର ଅବସ୍ଥାରେ ଟିଟିଲାଗଡ ଡାକ୍ତରଖାନାକୁ ଅଣାଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରିଛି। ରବିବାର ବ୍ୟବଚ୍ଛେଦ ହେବ। ଏନେଇ ଏକ ମାମଲା ରୁଜୁ ସହ ଅଧିକ ତଦନ୍ତ ଜାରି ରହିଥିବା ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତି କହିଛନ୍ତି।

### ଝାଡ଼ାବାନ୍ତିରେ ୮ ଆକ୍ରାନ୍ତ

**ଖପ୍ରାଖୋଲ, ୨୮।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସଦର ମହକୁମା ମନ୍ଦିର ପଡାରେ ଶନିବାର ଝାଡାବାନ୍ତିରେ ଆଠଜଣ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଗୁରୁତର ଥିବାରୁ ପାଟଣାଗଡ ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାବେଳେ ଅନ୍ୟମାନେ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଦୂଷିତ ପାଣି ଯୋଗୁଁ ଏଭଳି ସ୍ଥିତ ହୋଇଥାଇପାରେ ବୋଲି ଖପ୍ରାଖୋଲ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବାଲଚନ୍ଦ୍ର ଛତ୍ରିଆ ପ୍ରକାଶ କରିଛନ୍ତି। ତେବେ ଲୋକଙ୍କୁ ସଚେତନତା କରିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି। ଏ ନେଇ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଉତ୍କଳମଣି ମେହେରଙ୍କୁ ପଚାରିବାରୁ ଚିକିତ୍ସାଧୀନ ସମସ୍ତ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା କହିଛନ୍ତି।

# ସ୍ପ୍ରେ ମାରି ୬ ଲକ୍ଷ ଲୁଟ୍ ଘଟଣାର ପର୍ଦ୍ଦାଫାଶ

**ବଲାଙ୍ଗୀର ଅଫିସ, ୨୮।୯**

ଗତ ୨୨ ତାରିଖ ରାତିରେ ବଲାଙ୍ଗୀର ସହର ମଧ୍ୟସ୍ଥଳ ରାଧାରାଣୀପଡାରେ ବ୍ୟବସାୟୀ ଆନନ୍ଦ ଅଗ୍ରୱାଲଙ୍କ ଘର ସମ୍ମୁଖରୁ ୩ ଅଭିଯୁକ୍ତ ବାଇକ୍‌ରେ ଆସି ସ୍ପ୍ରେ ମାରି ପ୍ରାୟ ୬ ଲକ୍ଷ ଟଙ୍କା ଲୁଟି ନେଇଥିଲେ । ଏହି ଲୁଟ୍ ଘଟଣାର ତ୍ୱରିତ ପର୍ଦ୍ଦାଫାଶ କରିଛି ବଲାଙ୍ଗୀର ପୋଲିସ । ଲୁଟ୍ ଘଟଣାରେ ସମ୍ପୃକ୍ତ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ଲୁଟ୍ ହୋଇଥିବା ସାଢ଼େ ୬ ଲକ୍ଷ ନଗଦ ଟଙ୍କା, ଗୋଟିଏ ଦେଶୀ ପିସ୍ତଲ, ୨ଟି ପଲସର ବାଇକ୍ ଓ ତିନୋଟି ମୋବାଇଲ ଫୋନ୍ ଜବତ୍ କରାଯାଇଛି। ଏସପି ମାଡକର ସନ୍ଦୀପ ସମ୍ପତ୍ ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଟାଉନ୍ ଥାନାରେ ଖବରଦାତା ସମ୍ମିଳନୀ କରି ଏନେଇ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ବଲାଙ୍ଗୀର ଆଲୋକନଗରର ଅଭିଷେକ ସାହୁ (୧୯), କଲେଜ ଛକର ସାହିଲ ସୁନା(୧୮), ଶାନ୍ତିପଡାର ପପ୍ପୁ ସାହୁ (୨୦), କଲେଜ ଛକର ସମୀର ବଡମାଲି (୨୦), ହାତୀଶାଳପଡାର ରାଜୁ ଭୁଏ (୨୪) ଓ ବେହେରାପାଲିର ଆକାଶ ସରଭଙ୍ଗ (୩୨)। ଘଟଣାଦିନ ରାତି ପ୍ରାୟ ୯ଟା ୪୦ରେ ଅଗ୍ରୱାଲ ଓ ତାଙ୍କର ଜଣେ କର୍ମଚାରୀ ଚକ୍ରପାଣି ଥନାପତି ସ୍କୁଟିରେ ୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ନେଇ ଘରକୁ ଫେରୁଥିଲେ। ଘର ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା ୩ ଜଣ ଯୁବକ କର୍ମଚାରୀଙ୍କ ନାକରେ ଏକ ସ୍ପ୍ରେ ମାରି ତାଙ୍କଠାରୁ ୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୫୧୧/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ । ଏନେଇ ଏସପି ଏକ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରିଥିଲେ।

ତଦନ୍ତ ପରେ ପୋଲିସ ଉପରୋକ୍ତ ୬ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଲୁଟ୍ ଟଙ୍କା ଜବତ୍ କରିଛନ୍ତି । ଅଭିଯୁକ୍ତ ସମୀର ବଡମାଲିଙ୍କୁ ଏହି ଲୁଟ୍ ଘଟଣାର ମାଷ୍ଟରମାଇଣ୍ଡ ବୋଲି ପୋଲିସ କହିଛି । ବ୍ୟବସାୟୀ ଅଗ୍ରୱାଲ ମୋଟା ଅଙ୍କ ଘରକୁ ନେଉଥିବା ସମ୍ପର୍କରେ ପାଖ ଦୋକାନରେ କାମ କରୁଥିବା ଅଭିଯୁକ୍ତ ରାଜୁ ଓ ଆକାଶଙ୍କଠାରୁ ଜାଣିବାକୁ ପାଇ ସମୀର ଲୁଟ୍ ଯୋଜନାର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ଅନ୍‌ଲାଇନ୍ ମାର୍କେଟିଂ ଫ୍ଲିପ୍‌କାର୍ଟରୁ ଏକ ବ୍ଲେକ୍ ପେପର ସ୍ପ୍ରେ ମଗାଇଥିଲେ । ସହଯୋଗୀଙ୍କୁ ଲୁଟ୍‌ର ସମ୍ପୂର୍ଣ୍ଣ ପ୍ଲାନ୍ ଜଣାଇଥିଲେ। ଘଟଣାଦିନ ଏକ ପଲସର ବାଇକ୍‌ରେ ଅଭିଯୁକ୍ତ ଅଭିଷେକ, ସାହିଲ ଓ ପପ୍ପୁ ଅଗ୍ରୱାଲଙ୍କ ଘର ସମ୍ମୁଖରେ ଜଗି ରହିଥିଲେ । ଯେମିତି ଅଗ୍ରୱାଲ ଓ ତାଙ୍କ କର୍ମଚାରୀ ଥନାପତି ଘର ସମ୍ମୁଖରୁ ଆସିଲେ କର୍ମଚାରୀ ମୁହଁରେ ସ୍ପ୍ରେ ମାରି ଦେଇ ଟଙ୍କା ଲୁଟି ନେଇଥିଲେ। ଲୁଟ୍ ଟଙ୍କାକୁ ବିଭିନ୍ନ ସ୍ଥାନରେ ମାଟି ତଳେ ପୋତି ଦେଇ ଲୁଚାଇଥିଲେ। ଲୁଟ୍ ଟଙ୍କାରୁ ଏକ ସେକେଣ୍ଡହ୍ୟାଣ୍ଡ ବାଇକ୍ କିଣିଥିଲେ ଓ ଜଣେ ଏକ ମୋବାଇଲ କିଣି ଦେଇଥିଲେ । ବାକି ଟଙ୍କାକୁ ପୋଲିସ ବିଭିନ୍ନ ସଦସ୍ୟଙ୍କଠାରୁ ଜବତ୍ କରିଥିଲେ। ଅଭିଯୁକ୍ତ ଅଭିଷେକ ସାହୁଙ୍କୁ ପୋଲିସ ପିଛା କରି ଗୋଡାଇବା ବେଳେ ମାଟି ତଳେ ଲୁଚାଇ ରଖିଥିବା ଏକ ଦେଶୀ ବନ୍ଧୁକ ପୋଲିସ ଉପରକୁ ଫାଇରିଂ କରିଥିଲା । ସଦର ଥାନା ଅଧିକାରୀ ତୋଫାନ୍ ବାଗ ଅଭିଯୁକ୍ତ ସାହୁଙ୍କୁ କାବୁ କରିବା ସହ ବନ୍ଧୁକ ଜବତ୍ କରିଥିଲେ । ଏସଡିପିଓ ଶ୍ରୀମନ୍ତ ବାରିକ, ଟାଉନ୍ ଥାନାଧିକାରୀ ସଂଗ୍ରାମ ପଟ୍ଟନାୟକ ଓ ତାଙ୍କ ଟିମ୍‌କୁ ଏସପି ପ୍ରଶଂସା କରିବା ସହ ଗିରଫ ଅଭିଯୁକ୍ତ ଗ୍ୟାଙ୍ଗ ଅନେକ ଆପରାଧିକ ଘଟଣାରେ ଜଡିତ ଅଛନ୍ତି ଓ ସେମାନଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ତଦନ୍ତ କରାଯିବ ବୋଲି କହିଥିଲେ । ଅଦାଲତ ପ୍ରକ୍ରିୟା ପରେ ଉଦ୍ଧାର ହୋଇଥିବା ଟଙ୍କାକୁ ବ୍ୟବସାୟୀ ଅଗ୍ରୱାଲଙ୍କୁ ଫେରାଯିବ ବୋଲି ଏସ୍‌ପି ମାଡକର ସୂଚନା ଦେଇଛନ୍ତି । ଏତେ କମ୍ ସମୟ ମଧ୍ୟରେ ସମସ୍ତ ଲୁଟ୍ ଟଙ୍କା ଉଦ୍ଧାର ହେବା ଓ ସମସ୍ତ ଲୁଟେରା ଗିରଫ ହେବା ଘଟଣା ପୋଲିସର ଅନ୍ୟତମ ସଫଳତା ବୋଲି ସେ କହିଥିଲେ।



ଗିରଫ ୬ ଅଭିଯୁକ୍ତ।



ଜବତ ଟଙ୍କା ଓ ବନ୍ଧୁକ।



ଜବତ ଦୁଇ ବାଇକ୍।

- ୬ ଅଭିଯୁକ୍ତ ଗିରଫ, ବନ୍ଧୁକ ଜବତ
- ଲୁଟ୍ ଟଙ୍କା ଉଦ୍ଧାର, ୨ ବାଇକ୍, ୩ ମୋବାଇଲ ଜବତ
- ଫ୍ଲିପ୍‌କାର୍ଟରୁ ଅନ୍ ଲାଇନ୍ କିଣିଥିଲେ ସ୍ପ୍ରେ
- ସମସ୍ତ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ
- ସ୍ପେଶାଲ ସ୍କ୍ୱାଡକୁ ସାବାସୀ ଦେଲେ ଏସ୍‌ପି

## ଧାନ ଫସଲରେ ରୋଗପୋକ

**ଗୁଡ଼ଭେଲା,୨୮।୯(ଡି.ଏନ.ଏ.)**

ଗତବର୍ଷ ଭୟାବହ ମରୁଡି ପରେ ଚଳିତ ବର୍ଷ ବନ୍ୟା ଯୋଗୁଁ ଧାନଚାଷ ପ୍ରାୟ ନଷ୍ଟ ହୋଇ ଯାଇଥିଲା । ଯାହା କିଛି ବଞ୍ଚି ଯାଇଥିଲା ଏବେ ସେହି ଫସଲରେ ରୋଗପୋକ ଦେଖା ଦେଇଛି ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଓ ତୁଷୁରା ଏନଏସି ଅଞ୍ଚଳରେ। ଧାନଚାଷରେ ଚକଡା, ପତ୍ରସଢା ରୋଗ ସହିତ ବିପିଏଚ କୀଟ ଦ୍ୱାରା ନଷ୍ଟ ହେବାକୁ ବସିଲାଣି । ଚାଷୀ ଧାରକରଜ କରି କ୍ଷେତରେ ଔଷଧ ସିଞ୍ଚନ କଲେ ମଧ କିଛି ସୁଫଳ ମିଳୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଗୁଡଭେଲା ବ୍ଲକ କୃଷି ବିଭାଗ କାର୍ଯ୍ୟାଳୟକୁ ସବସିଡି ଔଷଧ ପାଇଁ ଦୌଡିଲେ ବି ଚାଷୀ ଖାଲି ହାତରେ ଫେରୁଥିବା ଅଭିଯୋଗ ହେଉଛି। ଏପରିକି କୃଷି ବିଭାଗର ଗ୍ରାମ୍ୟ କ୍ଷେତ୍ର କର୍ମଚାରୀଙ୍କ ଦେଖା ଦର୍ଶନ ମିଳୁ ନଥିବା ବେଳେ ଚାଷୀମାନେ କୃଷି ବିଭାଗଠାରୁ କିଛି ପରାମର୍ଶ ପାଇ ପାରୁ ନାହାନ୍ତି। ଏ ନେଇ ବ୍ଲକ କୃଷି ଅଧିକାରୀ ପ୍ରମୋଦ ବଡପଣ୍ଡାଙ୍କୁ ପଚାରିବାରୁ କହିଛନ୍ତି ଯେ, ଦୁଇ ତିନି ଦିନ ମଧ୍ୟରେ ସବୁ ସବସିଡି ଔଷଧ ଆସିଯିବ। ଲାଇସେନ୍ସପ୍ରାପ୍ତ ସାର ଦୋକାନଗୁଡିକରେ ଚାଷୀମାନେ ଏହାକୁ ପାଇପାରିବେ । ଏଥିପ୍ରତି ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ତୁରନ୍ତ ନ ନେଲେ ବାକିଥିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇପାରିବ ନାହିଁ।

### ସମଲେଇ ଯାତ୍ରା ପାଇଁ ତୁଷରା ସହର ଚଳଚଞ୍ଚଳ

## ଧବଳମୁଖୀ ବେଶରେ ଦର୍ଶନ ଦେଲେ ସମଲେଇ

**ଗୁଡ଼ଭେଲା,୨୮।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷରା ସହରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ସମଲେଇ ଯାତ୍ରା ଆଶ୍ୱିନ ଅମାବାସ୍ୟା ଶନିବାରଠାରୁ ଆରମ୍ଭ ହୋଇଛି। ଏଥିଯୋଗୁ ମନ୍ଦିର ପରିସର ଆଲୋକମାଳାରେ ସଜ୍ଜିତ ହୋଇଛି। ଏପରିକି ବିଭିନ୍ନ ଗ୍ରାମରେ ଅସ୍ଥାୟୀ ମଣ୍ଡପ ନିର୍ମାଣ କରାଯାଇ ଦୁର୍ଗାଙ୍କ ନଅଦିନ ଧରି ପୂଜା କରାଯାଉଥିବା ବେଳେ ତୁଷରା ସହରରେ ମାଁଙ୍କ ପୀଠରେ ତ୍ରିଦିନାତ୍ମକ ଶାରଦୀୟ ପୂଜା ହେବାର ପରମ୍ପରା ରହିଛି। ମା' ସମଲେଇଙ୍କ ଧବଳମୁଖୀ ବେଶ ଶନିବାର ହୋଇଥିବା ବେଳେ ଦର୍ଶନ ପାଇଁ ଭକ୍ତଙ୍କ ନାହିଁ ନ ଥିବା ଭିଡ଼ ଲାଗି ରହିଥିଲା। ଏହି ପୀଠରେ ଶନିବାରଠାରୁ ଦଶ ଦିନ ଧରି ସମଲେଇ ଯାତ୍ରା ଜୋରଦାର ଅନୁଷ୍ଠିତ ହେଉଛି। ଅନ୍ୟପକ୍ଷରେ ୩ ତାରିଖ ଗୁରୁବାର ଗୋଧୂଳି ଲଗ୍ନରେ ପୂଜକ ଗୋପାଳ ଭୋଇଙ୍କ ଘରରୁ ଛତ୍ର ଯାତ୍ରା ବାହାରି ମା'ଙ୍କ ମନ୍ଦିରକୁ ବିଜେ କରିବା ପରେ ରାତ୍ର ୯ଟା ୩୦ରେ ମା' ସମଲେଇ ବରୁଆଙ୍କ ଦେହରେ ଆର୍ବିଭାବ ହେବେ । ମହାଷ୍ଟମୀ ତଥା ଶନିବାର ସକାଳ ୭ଟାରୁ ୮ଟା ୧୫ ମିନିଟ ମଧ୍ୟରେ ମା' ବରୁଆ ଦେହରେ ଆର୍ବିଭାବ ହୋଇ ନଗର ପରିକ୍ରମା କରିବେ। ରବିବାର ନବମୀ ଦିନ ରାତ୍ର ୧୧ଟା ୫୮ରୁ ୧ ଟା ୦୬ ମିନିଟ ମଧ୍ୟରେ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ଓ ୧୩ ତାରିଖ ମା'ଙ୍କ ରାଜରାଜେଶ୍ୱରୀ ବେଶ ହେବାର କାର୍ଯ୍ୟକ୍ରମ ରହିଛି।



ମା' ଧବଳମୁଖୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ।

## ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟରେ ଅଭିଭାବକ ସମ୍ମିଳନୀ

**ପାଟଣାଗଡ, ୨୮।୯ (ଡି.ଏନ.ଏ.)**

ପାଟଣାଗଡ ବ୍ଲକ ଘାସିଏନ ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟରେ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଣବ କୁମାର କୁଅଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ଅଧ୍ୟାପକ ଗୋପାଳ ଚନ୍ଦ୍ର କ୍ଷେତି ସମ୍ମିଳନୀର ଉଦ୍ଦେଶ୍ୟ ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ଓଡିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ଚଳିତ ବର୍ଷଠାରୁ ଛାତ୍ରୀଛାତ୍ରଙ୍କ ଅତିକମ୍‌ରେ ୭୫ପ୍ରତିଶତ ଉପସ୍ଥାନ ନିହାତି ଜରୁରୀ ହୋଇଥିବାରୁ ପିଲାମାନେ ଯେପରି ନିୟମିତ କ୍ଲାସ କରି ପାରିବେ ତାହା ଉପରେ ସୂଚନା ଦିଆଯାଇଥିଲା। ସେହିପରି କଲେଜ କ୍ୟାମ୍ପସରେ ଛାତ୍ରୀଛାତ୍ରଙ୍କୁ ମୋବାଇଲ ବ୍ୟବହାର ନ କରିବା ପାଇଁ ଅଭିଭାବକମାନେ ମତ ରଖିଥିଲେ। ଯେଉଁ ଛାତ୍ରୀଛାତ୍ରମାନେ ନିଜ ଦୁଇଚକିଆ ଯାନରେ କଲେଜ ଆସୁଛନ୍ତି ସେମାନଙ୍କୁ ଟ୍ରାଫିକ ନିୟମ ଉପରେ ମଧ୍ୟ ସଚେତନ କରାଯାଇଥିଲା। ଏହି ସମ୍ମିଳନୀରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଅଭିଭାବକ ଯୋଗଦେଇ ସ୍ୱମତ ରଖିଥିଲେ। ଅଧ୍ୟାପକ ପ୍ରହ୍ଲାଦ ସାହୁ ସଭା ପରିଚାଳନା ଓ ଅଧ୍ୟାପକ ମାଧବ ଚନ୍ଦ୍ର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।



ନବଦୁର୍ଗା ପୂଜା ପାଇଁ ଶନିବାର ବାହାରିଥିବା ମହିଳାଙ୍କ କଳସ ଶୋଭାଯାତ୍ରା।

## ନବଦୁର୍ଗା ପୂଜା ପାଇଁ କଳସ ଶୋଭାଯାତ୍ରା

**ପାଟଣାଗଡ, ୨୮।୯ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ ସହରର କଲେଜ ଛକଠାରେ ନବଦୁର୍ଗାଙ୍କ ଷୋଡଶ ପୂଜା ପାଇଁ ଶନିବାର ସକାଳେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସୁବର୍ଣ୍ଣରେଖା ନଦୀରୁ ଏକ କଳସ ଶୋଭାଯାତ୍ରାରେ ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ମହିଳା ପୂର୍ଣ୍ଣ କଳସ ଜଳ ମା'ଙ୍କ ମଣ୍ଡପ ପର୍ଯ୍ୟନ୍ତ ଆଣିଥିଲେ। ରବିବାରଠାରୁ ନଅଦିନ ବ୍ୟାପୀ ମା'ଙ୍କ ପୂଜା ଅନୁଷ୍ଠିତ ହେବ। ରବିବାର ପ୍ରତିପଦାଠାରୁ ଅକ୍ଟୋବର ୭ ତାରିଖ ନବମୀ ପର୍ଯ୍ୟନ୍ତ ଦେବୀ ବିଭିନ୍ନ ରୂପରେ ଭକ୍ତଙ୍କୁ ଦର୍ଶନ ଦେବେ। ୮ ତାରିଖ ବିଜୟା ଦଶମୀ ଦିନ ପୂର୍ବାହ୍ନ ୧୧ଟା ସମୟରେ ପୂର୍ଣ୍ଣାହୂତୀ କାର୍ଯ୍ୟକ୍ରମ ପରେ ଅନ୍ନଯଜ୍ଞ ଅନୁଷ୍ଠିତ ହେବ ବୋଲି ଦୁର୍ଗା ପୂଜା କମିଟି ସଭାପତି ସତ୍ୟନାରାୟଣ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ୯ ତାରିଖ ବୁଧବାର ସକାଳ ୯ଟାରୁ ଭସାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିପରି ପ୍ରତ୍ୟହ ରାତ୍ରରେ ରାଜ୍ୟର ବିଶିଷ୍ଟ ଅନୁଷ୍ଠାନମାନଙ୍କ ଦ୍ୱାରା ଭକ୍ତି ସଙ୍ଗୀତ, ଭାଗବତ ପରାୟାଣ, ଫୋକ ଡ୍ୟାନ୍ସ, ଘୁଡୁକା ନାଚ, ଅର୍କେଷ୍ଟ୍ରା ତଥା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବ। ଚଳିତ ବର୍ଷ ପୂଜା କମିଟି ପାଇଁ ସତ୍ୟନାରାୟଣ ପାଣିଗ୍ରାହୀ ସଭାପତି ଦାୟିତ୍ୱ ବହନ କରିଥିବା ବେଳେ ସମ୍ପାଦକ ଭାବେ ପ୍ରକାଶ ଚନ୍ଦ୍ର ଭୋଇ, ଉପ ସଭାପତି ରମେଶ କୁମାର ଯୋଷୀ, ସହ ସମ୍ପାଦକ ଅଶ୍ୱିନୀ କୁମାର ସାହୁ ଏବଂ କୋଷାଧ୍ୟକ୍ଷ ଭାବେ ନିରଞ୍ଜନ ପୁରୋହିତ ଦାୟିତ୍ୱ ତଲାଉଛନ୍ତି।

# ନୂଆଁଖାଇ ଭେଟ୍‌ଘାଟ୍

**ବେଲପଡା, ୨୮।୯(ଡି.ଏନ.ଏ.)**

ବେଲପଡା ବ୍ଲକ ମାଲିମୁଣ୍ଡା ଗ୍ରାମର ଶିବ ମନ୍ଦିର ପ୍ରାଙ୍ଗଣରେ ଶନିବାର ଜଗନ୍ନାଥ କଳା ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ସମିତିର ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପାଟନାଗଡ ବିଧାୟକ ସରୋଜ ମହେର, ସମ୍ମାନୀତ ଅତିଥି ଡାକ୍ତର ରବିନ୍ଦ୍ର ମେହେର, ବେଲପଡା ସମିତି ସଭ୍ୟ ଆଲୋକ ବେହେରା, ନୁନହାଡ ସମିତି ସଭ୍ୟ ପୁରନ୍ଦର ବାଗ ଯୋଗ ଦେଇଥିଲେ। ଜଗନ୍ନାଥ କଳା ସଂସ୍କୃତିର ବ୍ଲକ ସଭାପତି ନରେନ୍ଦ୍ର ମହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଭେଟ୍‌ଘାଟ ଉତ୍ସବରେ ଜିଲା ସଭାପତି ଅମୀର ପୁଟେଲ ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ସମ୍ପାଦକ ରଶରାଜ ବୁଡେକ ତାଙ୍କ ବକ୍ତବ୍ୟରେ ବ୍ଲକ ତଥା ଜିଲାରେ ଥିବା କଳାକାରଙ୍କ ମଧ୍ୟରେ ଏକତା ଓ କଳା ସଂସ୍କୃତିର ପ୍ରଚାର ପ୍ରସାର କରିବା ନୂଆଁଖାଇ ଭେଟ୍‌ଘାଟର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମତ ଦେଇଥିଲେ । ଏହି ସଭାରେ ବ୍ଲକ ତଥା ଜିଲାର ବିଭିନ୍ନ ପ୍ରାନ୍ତରୁ କଳାକାରଙ୍କ ସମାଗମ ହୋଇଥିଲା। ଏହି ଅବସରରେ କଳାକାରମାନେ ପ୍ରୋତ୍ସାହନ ଭତ୍ତା ସହ ଅନ୍ୟାନ୍ୟ ସରକାରୀ ସୁବିଧା ଯୋଗାଇ ଦେବା ପାଇଁ ରାଜ୍ୟସରକାରଙ୍କଠାରେ ଦାବି ଉପସ୍ଥାପନ କରିବା ପାଇଁ ବିଧାୟକ ମହେରଙ୍କୁ ଅନୁରୋଧ କରିଥିଲେ। ବିଧାୟକ ମେହେର ମାଲିମୁଣ୍ଡା ଗ୍ରାମରେ ଭାଗବତ ଟୁଙ୍ଗୀ ନିର୍ମାଣ ପାଇଁ ତାଙ୍କ ପାଣ୍ଠିରୁ ଅର୍ଥ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉତ୍ସବରେ କଳାସଂସ୍କୃତି ପରିଷଦ ବ୍ଲକ ସମ୍ପାଦକ ହରାରୀ ମେହେର, ଗୁଣନିଧି ବିଶ୍ୱାଳ, କଳାକାର ଦାମୋଦର ମେହେର, ଘନଶ୍ୟାମ ମେହେର, ତ୍ରିଲୋଚନ ମେହେର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଭେଟ୍‌ଘାଟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

### କାଁଥି ଭାଂଗି ସାହିଲର ଜଂଘ୍ ଭାଂଗ୍‌ବାର ଘଟନା

# ମୁଖ୍ୟମନ୍ତ୍ରୀ ରିଲିଫ୍ ପାଁଠିରୁ ମିଲ୍‌ଲା ଚିକିତ୍ସା ସାହାଯ୍

**ଲୋଇସିଂହା,୨୮।୯(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡ଼ା ଗାଁର ଦୁଖୀ ପଧାନ। ଗଲା ଅଗଷ୍ଟ ୧୩ ତାରିଖ୍ ହେଇଥିବାର ଲଗେତ୍ ବରଷାରେ ତାକର ଘର ଭାଂଗି ଯାଇଥିଲା। ଇଥିରେ ତାକର ୫ ବଛର୍‌ର ପୁଓ ସାହିଲର ଭୁଜ୍‌ନି ଗୋଡ଼ର ଜଂଘ୍ ଭାଂଗି ଯାଇଥିଲା। ତାକର ଉଚ ଚିକିତ୍ସା ଲାଗି ମୁଖ୍ୟମନ୍ତ୍ରୀକଁର ରିଲିଫ୍ ପାଁଠିରୁ ସାହାଯ୍ ଯୁଗେଇ ଦିଆଯାଇଛେ। ଶନିବାର ଲୋଇସିଂହା ବିଡିଓ ରାମଚନ୍ଦ୍ର ଖାଡ଼ିଆ ଯୋଗୀସର୍ଡ଼ା ଯାଇ ୨୦ ହଜାର ଟଁକାର ଚେକ୍ ସାହିଲର ବାପାକେ ଦେଇଛନ୍।

ଯୋଗୀସର୍ଡ଼ା ପଁଚେତ୍ ସଦର ଗାଁର ଦୁଖୀ ପଧାନକଁର ପରିବାର କହେଲେ ମାଏକିନା ଭାରତୀ, ଝିଁଶ୍ରାବଣୀ(୮) ଆର ପୁଓ ସାହିଲ(୫)। ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ଦୁଖୀ କୁଲିମଜୁରି କରି କୁଟୁମ୍ ପୁଷୁଛନ୍। ଗଲା ଅଗଷ୍ଟ ୧୩ ତାରିଖ ସଖାଲେ ସାହିଲ ବାରଣ୍ଡାରେ ଶୌଚ ହେଲାବେଲେ ହଠାତ୍ ଘରର କାଁଥି ଭାଂଗି ଯାଇଥିଲା। ଇ ସମିଆରେ ଘରର ଗୁଟେ ଉରା ଛିଟ୍‌କି ତାକର ଡେବ୍‌ରି ଗୁଡ଼ର ଜଂଘ୍ ଭାଂଗି ଯାଇଥିଲା। ପରିବାର ଲୋକ ତାହାକୁ ବଲାଙ୍ଗୀର ଭୀମଭୋଇ ମେଡିକାଲରେ ଚିକିତ୍ସା କରେଇଥିଲେ। ଏହେଦେ ବରଷାରେ ଘରଟା ଭାଂଗି ଯିବାର ଲାଗି ପରିବାରଟା ବେସାହାରା ହେଇ ପରହର ଘରେ ଆଶ୍‌ରେ ନେଇଛନ୍। ବଛ୍‌ରେ ତଲେ ଭାରତୀକଁର ବେଟ୍‌ବଥା ହେଇଥିଲା। ପରୀକ୍ଷା ଉତାରୁ ଜନାପଡ଼ଲା ଯେ ତାହାକୁ ପଥ୍‌ରୀ ବେମାର ହେଇଛେ। ଦୁଖି ଧାରଉଧାର କରି ଅଗଷ୍ଟ ମାସେ ଭାରତୀକଁର ଅପରେଶନ କରବାର ଯୋଜନା କରିଥିଲେ। ଏନ୍‌ତାଥି ଭରଷାରେ ତାକର ଘରଟା ଭାଂଗିଯିବାର ସଂଗେ ପୁଓର ଗୋଡ଼ ଭାଂଗିଯାଇଥିଲା। ଚଲତି ମାସ ୧୬ ତାରିଖ୍ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ 'ଦୁଖୀକଁର ପିଛା ନାଇଁଛାଡ଼ବାର ଦୁଖ୍' ଶୀରଷକ୍‌ରେ ଖବର ବାହାରିଥିଲା। ଇ ଖବରକେ ନେଇ ଦୁଇ ଝନ୍ ସାମାଜିକ କରମୀ ଦୀପା ବାରିକ ଆର ଦିବସ କୁମାର ସାହୁ ମୁଖ୍ୟମନ୍ତ୍ରୀ ଆର ଜିଲାପାଲକଁର ଦୃରୁଷ୍ଟି ଆକରଷନ୍ କରିଥିଲେ। ଏହେଦେ ଇ ଦୁଖି ପରିବାରକେ ମୁଖ୍ୟମନ୍ତ୍ରୀକଁର ରିଲିଫ୍ ପାଁଠିରୁ ୨୦ ହଜାର ଟଁକା ଚିକିତ୍ସା ସାହାଯ୍ ମିଲିଛେ। ବିଡିଓ ଖାଡ଼ିଆ, ପିଇଓ ଓକିଲ ଜୁଏଡ଼୍ ପରମୁଖ୍ ଦୁଖୀକଁର ଘରକେ ଯାଇ ଚେକ୍ ଦେଇଥିଲେ। ଇ ଅବ୍‌ଛରଥି ବିଡିଓ ଦୁଖୀକଁର ଭଂଗା ଘର ବୁଲି ଦେଖିଥିଲେ। ଇ ବାବ୍‌ଦେ ବିଡିଓ ଖାଡ଼ିଆକୁଁ ପଚରାଲାରୁ ସାହିଲର ଉଚ ଚିକିତ୍ସା ଲାଗି ମୁଖ୍ୟମନ୍ତ୍ରୀ ରିଲିଫ୍ ପାଁଠିରୁ ୨୦ ହଜାର ଟଁକା ସାହାଯ୍ ଦିଆଯାଇଛେ। ଏସ୍‌ଇସିସି ତାଲିକାରେ ଦୁଖୀକଁର ନାଁ ନାଁଇଁନ। 'କ' ଫର୍ମ ଆବେଦନ ଉତାରୁ ତାହାକୁ ଆବାସ ଯୋଜନାରେ ସାମିଲ କରାଯିବା ବଲି ସେ କହିଥିଲେ।



ବିଡିଓ ଖାଡ଼ିଆ ସାହିଲକଁର ଚିକିତ୍ସା ସାହାଯ୍ ବାବ୍‌ଦେ ଚେକ୍ ଦେଉଛନ୍।



କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।
- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ନବରାତ୍ର ଦୁର୍ଗାପୂଜା ଲାଗି କଳସ ଶୋଭାଯାତ୍ରା

**ସଇଁତଲା, ୨୮।୯ (ଡି.ଏନ.ଏ.):** ନବରାତ୍ର ଦୁର୍ଗାପୂଜା ପାଇଁ ସଇଁତଲା ଚଳଚଞ୍ଚଳ ହୋଇଉଠିଛି। ଶନିବାର ହାଟପଦାସ୍ଥିତ ଦୁର୍ଗାମଣ୍ଡପଠାରୁ ଏକ ଶୋଭାଯାତ୍ରାରେ ନୂଆଁବନ୍ଧ ପର୍ଯ୍ୟନ୍ତ ଯାଇ ଗ୍ରାମର ଶତାଧିକ ମହିଳାପୁରୁଷ ପୂର୍ଣ୍ଣ କଳସ ଜଳ ଦୁର୍ଗାମଣ୍ଡପକୁ ଆଣିଥିଲେ। କଳସ ଶୋଭାଯାତ୍ରା ସମୟରେ କର୍ତ୍ତା ସୀତାରାମ ଅଗ୍ରୱାଲା ଓ ଶକୁନ୍ତଳାଦେବୀ ଅଗ୍ରୱାଲ, ସଭାପତି ସୁରେନ୍ଦ୍ର ସିଂ ଭୋଇ, ସମ୍ପାଦକ ସୁବୋଧ କୁମାର ମିଶ୍ର, ବିନୟ ଭୋଇ, ସଞ୍ଜୟ ଅଗ୍ରୱାଲ, ସୁବାଷ ରଥ, ସତ୍ୟନାରାୟଣ ବେହେରା, ଝସକେତନ ମନହୀରା, ଶେଷଦେବ ଜାନୀ, ବିଜୟ କୁମାର ରଥ, ହରି ଷଡ଼ଙ୍ଗୀ, ଦୁର୍ଗେଶ ସାହୁ, ବିଶାଳ ଅଗ୍ରୱାଲ, କୁନା ପାଣିଗ୍ରାହୀ, ସୂର୍ଯ୍ୟକୁମାର ଶତପଥୀଙ୍କ ଶହ ଶତାଧିକ ଗ୍ରାମବାସୀ ଯୋଗଦେଇଥିଲେ । ଏହି ପୂଜା ନଅଦିନ ଧରି ଚାଲିବ।

### ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ୩ ଆହତ

**ଖପ୍ରଖୋଲ, ୨୮।୯ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ-ଭାଲୁଡୁଙ୍ଗୁରି ରାସ୍ତା ମହୁରୁଣ୍ଡି କୋଲପଡା ନିକଟରେ ଶନିବାର ସକାଳେ ଦୁଇ ବାଇକ ମଧରେ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣଙ୍କର ମତ୍ୟୁ ହୋଇଥିବାବେଳେ ଅନ୍ୟ ତିନିଜଣ ଆହତ ହୋଇଛନ୍ତି। ମୃତକ ହେଲେ ଭାଲୁଡୁଙ୍ଗୁରି ଗାଁର ଠାକୁର ବାଗ(୨୮)। ଆହତମାନେ ହେଲେ ବେଲପଡା ବ୍ଲକ ଗମ୍ଭାରୀର ବିଷ୍ଣୁ ରଣା (୨୫), ଭାଲୁଡୁଙ୍ଗୁରି ଗାଁର ମହେନ୍ଦ୍ର ନାଗ(୫୫) ଏବଂ କରୁଣା ନାଗ(୧୫)। ସୂଚନା ଅନୁସାରେ ଏକ ବାଇକ ଯୋଗେ ଠାକୁର , ମହେନ୍ଦ୍ର ଓ କରୁଣା ଖପ୍ରାଖୋଲ ପଟୁ ନିଜ ଗାଁକୁ ଫେରୁଥିବାବେଳେ ସାମ୍ନା ପଟୁ ବିଷ୍ଣୁ ରଣା ଅନ୍ୟ ଏକ ବାଇକରେ ଆସୁଥିଲେ । କୋଲପଡା ବୁଲାଣି ନିକଟରେ ସେମାନଙ୍କ ମଧରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ଚାରି ଜଣଯାକ ଛଇଟି ପଡିଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ଖପ୍ରାଖୋଲ ଡାକ୍ତରଖାନାକୁ ନେଇଥିବାବେଳେ ଠାକୁରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ବିଷ୍ଣୁ ରଣାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ଅନ୍ୟ ଆହତଙ୍କ ଚିକିତ୍ସା ଖପ୍ରାଖୋଲ ଡାକ୍ତରଖାନାରେ ଚାଲିଛି । ଏ ନେଇ ଖପ୍ରାଖୋଲ ଥାନାରେ ଏକ ମାମଲା (ନଂ.୧୮୦/୧୯)ରୁଜୁ କରି ପୋଲିସ ଦୁର୍ଘଟଣାଗ୍ରସ୍ତ ଦୁଇଟି ଯାକ ବାଇକକୁ ଜବତ କରିଥିବା ଆଇଆଇସି ଜ୍ୟୋତିରଞ୍ଜନ ପତି ପ୍ରକାଶ କରିଛନ୍ତି।

### ବ୍ଲକସ୍ତରୀୟ ବିଜ୍ଞାନ ସେମିନାର

**ଦେଓଗାଁ,୨୮।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ନେତ୍ରଭାନୁ ହାଇସ୍କୁଲରେ ବ୍ଲକ ସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ମୌଳିକଗୁଡିକର ପର୍ଯ୍ୟାୟ ସାରଣୀ ମାନବ କଲ୍ୟାଣ ଉପରେ ପ୍ରଭାବ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅଗ୍ନୀ କୁମାର ନାଏକଙ୍କ ଅଧକ୍ଷତା ଓ ବ୍ଲକ ସଂଯୋଜକ ବିଭୂତି ଭୂଷଣ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବ୍ଲକର ୧୮ଟି ବିଦ୍ୟାଳୟର ପ୍ରତିଯୋଗୀ ଓ ଗାଇଡ ଶିକ୍ଷକ ଯୋଗଦେଇଥିଲେ । ପ୍ରତିଯୋଗିତାରେ ଦେଓଗାଁ ହାଇସ୍କୁଲର ନିକିତାରାଣୀ ଭୋଇ ପ୍ରଥମ, ବଡବନ୍ଧ ହାଇସ୍କୁଲର ରାଜକିଶୋର ଭୋଇ ଦ୍ୱିତୀୟ ଓ ସିକୁଆଁ ହାଇସ୍କୁଲର ନିରୋଜ ବାରିକ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ସ୍ଥାନୀୟ ସରପଞ୍ଚ କୁଶମଣି ମେହେର, ସମ୍ମାନୀତ ଅତିଥିଭାବେ କାମେଶ୍ୱର ମେହେର ଓ ସୂର୍ଯ୍ୟ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଦେଓଗାଁ ହାଇସ୍କୁଲର ପ୍ରଧାନଶିକ୍ଷକ ତଥା ଆବାହକ କୁମାର ଷାଣ୍ଡ ଯୋଗଦେଇଥିଲେ । ବୁଡବାହାଲ ହାଇସ୍କୁଲର ବିଜ୍ଞାନଶିକ୍ଷକ ପ୍ରଦୀପ କୁମାର ସାହୁ ଓ ବଡଙ୍ଗୋମୁଣ୍ଡା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଗୋପାଳ ମେହେର ବିଚାରକ ଭାବେ ଯୋଗଦେଇଥିଲେ। ବିଜ୍ଞାନ ଶିକ୍ଷକ ରାଜକିଶୋର ମିଶ୍ର, ବୀରେନ୍ଦ୍ର ସା, ସରୋଜ କୁମାର ଦଣ୍ଡସେନା, ସସ୍ମିତା ସେଠ, ସଙ୍ଗୀତା ନାଏକ ଏଥିରେ ସହଯୋଗ କରିଥିଲେ ।





ମହାଳୟା ଅବସରରେ ବଲାଙ୍ଗୀର ସମଲେଶ୍ୱରୀ ମନ୍ଦିରରେ ଦେବୀ ସମଲେଇଙ୍କ ଧବଳମୁଖୀ ବେଶ (ବାମ)। ତୁଳସୀନଗର ଦୁର୍ଗାପୂଜା କମିଟି ପକ୍ଷରୁ ଅନୁଷ୍ଠିତ କଳସ ଶୋଭାଯାତ୍ରାରେ ସାମିଲ ମହିଳାମାନେ । (ଫଟୋ-ସୁନୀଲ)

### ପ୍ଲାଷ୍ଟିକ ବର୍ଜନ ସଚେତନତା କାର୍ଯ୍ୟକ୍ରମ

**ଖପ୍ରଖୋଲ, ୨୮।୯ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କରଠାରେ ସିଆରପିଏଫ୍ ତରଫରୁ ପ୍ଲାଷ୍ଟିକ ବର୍ଜନ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ସିଆରପିଏଫ୍ ଯବାନ ଏବଂ ସ୍ଥାନୀୟ ଜନସାଧାରଣ ଏକ ଶୋଭାଯାତ୍ରାରେ ହରିଶଙ୍କର ଝରଣା କୂଳ ଯାଏ ଶୋଭାଯାତ୍ରାରେ ଯାଇଥିଲେ। ପରେ ସେମାନେ ହରିଶଙ୍କର ପାପନାଶିନି ଝରଣା କୂଳ ସଫେଇ କରିଥିଲେ । ସିଆରପିଏଫର ବଳରାମ ପାତ୍ରଙ୍କ ସମେତ ଯବାନମାନେ ଏହି ଅବସରରେ ଉପସ୍ଥିତ ଥିଲେ ।

## ପାଟ୍ରୋଲିଂ ପୋଲିସ ହାବୁଡ଼ରେ ୩ ଟ୍ରକ୍ ଲୁଟେରା

**ବଲାଙ୍ଗୀର ଅଫିସ, ୨୮।୯**



ଗିରଫ ତିନି ଟ୍ରକ୍ ଲୁଟେରା ।

ବଲାଙ୍ଗୀର-ସୋନପୁର ୫୭ ନମ୍ବର ଜାତୀୟ ରାଜପଥର ପୁଇଁତଲା ବ୍ଲକ୍ ଅଫିସ ସମ୍ମୁଖରୁ ୩ ଜଣ ଟ୍ରକ୍ ଲୁଟେରାଙ୍କୁ ଗିରଫ କରିଛି ପାଟ୍ରୋଲିଂ ପୋଲିସ। ଅଭିଯୁକ୍ତମାନେ ହେଲେ ପୁଇଁତଲା ଗାଁର ଦୀପକ ପୋଢ଼, ମନ୍‌ଜିତ୍ ଭୋଇ ଓ ଦାରାସିଂହ ଭୋଇ । ବାଇପାସ୍ ରାସ୍ତା ନଥିବାରୁ ଦୁର୍ଘଟଣା ଭୟ ଯୋଗୁଁ ସକାଳ ୬ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ବଲାଙ୍ଗୀର ସହର ଭିତରକୁ ଭାରୀଯାନ୍ ଚଳାଚଳ ଉପରେ ରୋକ୍ ଲାଗାଯାଇଛି। ଫଳରେ ସହର ଉପକଣ୍ଠ ରାସ୍ତାକଡରେ ଶତାଧିକ ଭାରୀଯାନ, ଟ୍ରକ୍ ଅଟକି ରହୁଛି । ଏହି ଟ୍ରକ୍‌ରୁ ଲୁଟେରାମାନେ ଲୁଟ୍‌ପାଟ କରୁଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି । ଶୁକ୍ରବାର ରାତିରେ ପୁଇଁତଲା ବ୍ଲକ୍ ସମ୍ମୁଖର ଜାତୀୟ ରାଜପଥ କଡରେ ଏକ ସ୍ୱଞ୍ଜ ବୋଝେଇ ଟ୍ରକ୍ (ସିଜି୨୨ଜେ ୩୮୯୦) ଅଟକି ଥିଲା । ରାତି ପ୍ରାୟ ସାଢ଼େ ୧ଟା ବେଳେ ଉକ୍ତ ଟ୍ରକ୍‌ଟି ଯିବା ସମୟରେ ଚକ ପମ୍ପଚର ହୋଇଯାଇଥିବା ଜଣାପଡିଥିଲା । ଡ୍ରାଇଭର ଜଣକ ସେଠାରେ ଅଟକି ରହିଥିବାବେଳେ ଅନ୍ୟ ଟ୍ରକ୍‌ମାନେ ଚାଲିଯାଇଥିଲେ । ଏହାର ସୁଯୋଗ ନେଇ ସମ୍ପୃକ୍ତ ଟ୍ରକ୍ ଡ୍ରାଇଭରଙ୍କୁ ପୁଇଁତଲା ଗାଁର ଦୀପକ ପୋଢ଼, ମନ୍‌ଜିତ୍ ଭୋଇ ଓ ଦାରାସିଂହ ଭୋଇ ଆକ୍ରମଣ କରିବା ସହ ତାଙ୍କଠାରୁ ୨ ହଜାର ଟଙ୍କା ଓ ମୋବାଇଲ ଫୋନ୍ ଲୁଟି ନେଇଥିଲେ। ଏତିକି ବେଳେ ପୁଇଁତଲା ପୋଲିସର ପାଟ୍ରୋଲିଂ ଗାଡି ସେଠାରେ ଆସି ପହଞ୍ଚିଲା । ପୋଲିସ ଗାଡି ଦେଖିବା ମାତ୍ରେ ସମ୍ପୃକ୍ତ ଡ୍ରାଇଭର ଜଣକ ୩ ଲୁଟେରାଙ୍କ ମଧ୍ୟରୁ ଜଣକୁ କାବୁ କରିନେଇଥିଲେ । ଅନ୍ୟ ଦୁଇ ଅଭିଯୁକ୍ତ ସେଠାରୁ ଫେରାର ହୋଇଯାଇଥିଲେ। ଗିରଫ ଅଭିଯୁକ୍ତଙ୍କୁ ଜେରା ପରେ ଫେରାର ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ସେମାନଙ୍କଠାରୁ ଲୁଟ୍ ୨ ହଜାର ଟଙ୍କା ଓ ମୋବାଇଲ ଜବତ୍ କରାଯାଇଥିବା ସଦର ଏସଡିପିଓ ଶ୍ରୀମନ୍ତ ବାରିକ ସୂଚନା ଦେଇଛନ୍ତି । ଶନିବାର ତିନି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ପୁଇଁତଲା ଥାନାଧିକାରୀ ବି ରୁଦ୍ରିଆ ସୂଚନା ଦେଇଛନ୍ତି ।

#### ନିମ୍ନମାନର ଛତୁଆ ଯୋଗାଣ ପ୍ରସଙ୍ଗ

## ସମନ୍ୱିତ ଶିଶୁ ବିକାଶ ବିଭାଗର ତଦନ୍ତ

**ଦେଓଗାଁ,୨୮।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମହଲାଇ ପଞ୍ଚାୟତର କୁକୁରଖାଇ ଗାଁରେ ନିମ୍ନମାନର ଛତୁଆ ଓ ସୁଜିରୁ ପୋକ ବାହାରୁଥିବା ଅଭିଯୋଗ ହୋଇଥିଲା । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଆଇଡି ନଂ.୩୩୯୫୧କୁ ଆଧାର କରି ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଜିଲା ସମାଜ କଲ୍ୟାଣ ଅଧିକାରୀ ବିନୋଦିନୀ ପ୍ରଧାନଙ୍କ ନେତୃତ୍ୱରେ ସିଡିପିଓ ପ୍ରତିମା ଚୋପଦାର, ସୁପରଭାଇଜର ସୁମତି ଭୋଇ କୁକୁରଖାଇ ଗାଁକୁ ଯାଇଥିଲେ। ହିତାଧିକାରୀଙ୍କୁ ଡକାଇ ଘଟଣାର କରିଥିଲେ। ଏହି ଅବସରରେ ୱାର୍ଡସଭ୍ୟା ରଶ୍ମିତା ନିଆଲ ଓ ଯାଞ୍ଚ କମିଟି ସଭାପତି ସତ୍ପେଶ୍ୱର ପରୁଆଙ୍କ ଉପସ୍ଥିତିରେ ହିତାଧିକାରୀ ସିତୟା ନନ୍ଦ, ସୁମିତ୍ରା ଗହିର, କୁମୁଦିନୀ ବାଗ, ରାଜେଶ୍ୱରୀ ପରୁଆ, ମିତା ଗହିର, ମିନା ପରୁଆ, ଗୀତାଞ୍ଜଳି ନନ୍ଦ ପ୍ରମୁଖ ହିତାଧିକାରୀଙ୍କୁ ପଚାରାଉଚୁରା କରିଥିଲେ । ଏ ସମ୍ପର୍କରେ ଜିଲା ସମାଜ କଲ୍ୟାଣ ଅଧିକାରୀ ପ୍ରଧାନଙ୍କୁ ପଚାରିବାରୁ ଛତୁଆର ମାନକୁ ନେଇ ଅଭିଯୋଗ ଉଠିବାରୁ ତଦନ୍ତ ଆରମ୍ଭ ହୋଇଛି ବୋଲି କହିଥିଲେ ।

## ଭାଲୁପାଲି-କଦଳିପାଲି ରାସ୍ତା ମରାମତି ହେଲା

**ଲୋଇସିଂହା, ୨୮।୯(ଡି.ଏନ.ଏ)**



କଟି ଯାଇଥିବା ରାସ୍ତାରେ ମୋରମ ପକାଇ ମରାମତି କରାଯାଇଛି।

ଲୋଇସିଂହା ବ୍ଲକ ଭାଲୁପାଲି-କଦଳିପାଲି ପ୍ରଧାନମନ୍ତ୍ରୀ ସଡକ ରାସ୍ତା ଭାଲୁପାଲି ବନ୍ଧ ନିକଟରେ ଗତ ମଙ୍ଗଳବାର ରାତିରେ ପ୍ରବଳ ବର୍ଷାରେ ଧୋଇ ଯାଇଥିଲା । ରାସ୍ତାରେ ବିରାଟ ଘାଇ ହୋଇଥିବାରୁ ଭାଲୁପାଲି-ଦଳିପାଲି ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ଗତ୨୭ ତାରିଖ ଏ ସଂକ୍ରାନ୍ତରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା । ଏହାପରେ ଆରଡି ବିଭାଗ ପକ୍ଷରୁ ଘାଇ ସ୍ଥାନରେ ମୋରୁମ ପକାଇ ରାସ୍ତା ମରାମତି କରାଯାଇଛି। ସୂଚନାମତେ,ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଅଧୀନ କଦଳିପାଳିକୁ ବଲାଙ୍ଗୀର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜାନରେ ସାମିଲ କରି ୧ କୋଟି ୯୫ ଲକ୍ଷ ୪୮ ହଜାର ବ୍ୟୟରେ ପ୍ରଧାନମନ୍ତ୍ରୀ ସଡକ ନିର୍ମାଣ ହୋଇଛି। ୨୦୧୩ ଜାନୁୟାରୀ ୧୫ରୁ କାମ ଆରମ୍ଭ ହୋଇ ସେହିବର୍ଷ ଡିସେମ୍ବରରେ କାମ ଶେଷହେବା କଥା। ହେଲେ ଠିକାଦାରଙ୍କ ଅବହେଳା ଓ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଉଦାସୀନତା ଯୋଗୁ କାମ ଢେର ବିଳମ୍ବ ହୋଇଥିଲା । ରାସ୍ତାର ରକ୍ଷଣାବେକ୍ଷଣ କାମ ଡିସେମ୍ବର ୨୦୧୮ ପର୍ଯ୍ୟନ୍ତ ରହିଥିଲା । ଗତ ୨୪ ତାରିଖ ରାତିରେ ପ୍ରବଳ ବର୍ଷା ନିକଟସ୍ଥ ପାହାଡର ପାଣି ଓ ଭାଲୁପାଲିର ବନ୍ଧର ଉଛୁଳା ପାଣି ମାଡି ଯାଇ ରାସ୍ତା କଟି ଯାଇଥିଲା। ସେହି ସ୍ଥାନରେ ୮ ଫୁଟ ଓସାର ଏବଂ ୪ ଫୁଟ ଗଭୀରରେ ଘାଇ ସୃଷ୍ଟି ହୋଇଥିଲା। ସ୍ଥାନୀୟ ଏସଡିଓ ବୀରେନ୍ଦ୍ର କୁମାର ତ୍ରିପାଠୀ କହିଛନ୍ତି ଯେ, ରାସ୍ତା କଟିଥିବା ଖବର ପାଇବା ପରେ ସଙ୍ଗେସଙ୍ଗେ ମରାମତି କରାଯାଇଛି ।

### ଗାନ୍ଧୀ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

**ଲାଠୋର, ୨୮।୯(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଲାଠୋର ରାଜୀବ ସେବା କେନ୍ଦ୍ରଠାରେ ସରପଞ୍ଚ ପ୍ରବୀଣ କୁମାର ଅଗ୍ରୱାଲଙ୍କ ଅଧ୍ୟକ୍ଷତା ତଥା ସିଆରସିସି କୁଞ୍ଜବିହାରୀ ସରାପଙ୍କ ସଂଯୋଜନାରେ ଗାନ୍ଧିଜୀଙ୍କ ୧୫୦ ତମ ଜୟନ୍ତୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସର୍ବସମ୍ମତିକ୍ରମେ ଗୋଟିଏ ପଦଯାତ୍ରା କରିବା ପାଇଁ ସ୍ଥିର କରାଯାଇଛି । ଏଥିରେ ଛାତ୍ରୀଛାତ୍ର ତଥା ସମସ୍ତ ବିଭାଗର କର୍ମଚାରୀମାନେ ଯୋଗଦେଇଥିଲେ। ସ୍ୱଚ୍ଛତା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ସହ ସଫେଇ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମରେ ପଞ୍ଚାୟତ ଅଧିନ ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ, ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ, ଅଙ୍ଗନୱାଡି, ଆଶାକର୍ମୀ, ସ୍ୱାସ୍ଥ୍ୟ ବିଭାଗ ଓ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।



ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍‌କୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

## ରାଜ୍ୟ ଟେବୁଲ ଟେନିସ୍ ଚାମ୍ପିୟନ୍‌ଶିପ୍ ଉଦ୍‌ଘାଟିତ

**ବଲାଙ୍ଗୀର ଅଫିସ, ୨୮।୯**

ବଲାଙ୍ଗୀର ରିଜର୍ଭ ପୋଲିସ ଇନ୍‌ଡୋର ଷ୍ଟାଡିୟମଠାରେ ଶନିବାର ରାଜ୍ୟ ଟେବୁଲ ଟେନିସ୍ ଚାମ୍ପିୟନଶିପ୍ ଉଦ୍‌ଘାଟନ ହୋଇଥିଲା । ଜିଲା ଟେବୁଲ ଟେନିସ ଆସୋସିଏଶନ୍ ପକ୍ଷରୁ ଆୟୋଜିତ ଏହି ଚାମ୍ପିୟନଶିପ୍‌ରେ ମୁଖ୍ୟଅତିଥିଭାବେ ଅତିରିକ୍ତ ଏସ୍‌ପି ସୁବାସ କୁମାର ଜମାଦାର, ସମ୍ମାନିତ ଅତିଥି ରିଜର୍ଭ ଇନ୍ସପେକ୍ଟର ଆଶିଷ ସାହୁ, ଅଦ୍ରିଜା ମଞ୍ଜରୀ ସିଂଦେଓ, ଜିଲା ଟେବୁଲ ଟେନିସ ଆସୋସିଏଶନ୍ ସମ୍ପାଦକ ସୁମିତ୍ ରଞ୍ଜନ ପୁରୋହିତ ଯୋଗଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଚାମ୍ପିୟନଶିପ୍‌ର ୯ଟି ଇଭେଣ୍ଟରେ ଭୁବନେଶ୍ୱର, କଟକ, ପୁରୀ, ରାଉରକେଲା, ଖୋର୍ଦ୍ଧା ଓ ଅନ୍ୟ ଜିଲାରୁ ୨ ଶହ ଖେଳାଳି ଯୋଗଦାନ କରିଛନ୍ତି। ଏହି ଚାମ୍ପିୟନଶିପ ୩୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ଟୁର୍ନାମେଣ୍ଟ ପରିଚାଳନାରେ ନରେଶ ପଧାନ, ସୂର୍ଯ୍ୟ ମିଶ୍ର, ସୁରେଶ ପ୍ରଧାନ ଓ ଅନ୍ୟମାନେ ସହଯୋଗ କରୁଛନ୍ତି ।

## ବଜ୍ରପାତରେ ଯୁବକ ମୃତ, ୨ ଗୁରୁତର

**ବଲାଙ୍ଗୀର ଅଫିସ, ୨୮।୯**

ଶନିବାର ଅପରାହ୍ନରେ ବଜ୍ରପାତରେ ବଲାଙ୍ଗୀର ମାଳପଡାର ଶିବାଶିଷ ଦାସ (୨୩)ଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଦୁଇଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଭୀମଭୋଇ ମେଡିକାଲ କଲେଜ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି । ଅପରାହ୍ନରେ କଂସାରୀପଡା ନିକଟ ମଦନଗୁଡିଆ ବଗିଚାରେ କେତେକ ପିଲା କ୍ରିକେଟ୍ ଖେଳ ଖେଳୁଥିଲେ । ଖେଳ ଦେଖିବା ପାଇଁ ମାଳପଡାର ଶିବାଶିଷ, ସମ୍ବିତ୍ ଡାଙ୍ଗ (୨୨) ଓ ପଶ୍ଚିମବଙ୍ଗ ମେଦିନୀପୁରର ଟାଇଲ ଶ୍ରମିକ ଅଲି ଖାନ୍ (୨୦) ସେଠାକୁ ଯାଇଥିଲେ । ବର୍ଷା ହେବା ପରେ ଏହି ତିନିଜଣ ନିକଟସ୍ଥ ଏକ ଗଛ ତଳକୁ ଚାଲିଯାଇଥିଲେ । ଏହି ସମୟରେ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ଶିବାଶିଷ ଟଳି ପଡିବା ସହ ଅନ୍ୟ ଦୁଇ ଯୁବକ ଛିଟିକି ପଡିଥିଲେ । ସେମାନଙ୍କୁ ଭୀମଭୋଇ ମେଡିକାଲ କଲେଜ ହସପିଟାଲକୁ ଅଣାଯାଇଥିବାବେଳେ ସେଠାରେ ଡାକ୍ତର ଶିବାଶିଷଙ୍କୁ ମୃତ ଘୋଷଣା କରିଥିଲେ । ଶିବାଶିଷ ମାଳପଡା ନିବାସୀ ସୁଧାଂଶୁ ଦାସଙ୍କ ଏକମାତ୍ର ପୁଅ। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ସାମାଜିକ କର୍ମୀ ଲଳିତ କୁମାର ନାୟକ, ବିଙ୍ଗ ହ୍ୟୁମାନ୍ ଫାଉଣ୍ଡେସନ୍ ସଭାପତି ସୋମନାଥ ମିଶ୍ର, ରଘୁନନ୍ଦନ ସିଂ ଉଟଣାସ୍ଥଳରେ ପହଞ୍ଚି ସମବେଦନା ଜଣାଇଥିଲେ।

#### ରଚନା ପକ୍ଷରୁ ଆଲୋଚନାଚକ୍ର

## ବ୍ୟକ୍ତିର କାର୍ଯ୍ୟ ପରିଦୃଶ୍ୟମାନ୍ ହେବା ଜରୁରୀ

**ବଲାଙ୍ଗୀର ଅଫିସ, ୨୮।୯**




ରଚନା ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ଉପସ୍ଥିତ ବକ୍ତାମାନେ ।

ବଲାଙ୍ଗୀରର ଅଗ୍ରଣୀ ସାମାଜିକ, ସାଂସ୍କୃତିକ ଓ ସାହିତ୍ୟିକ ଅନୁଷ୍ଠାନ ରଚନା ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ସ୍ଥାନୀୟ ଗାନ୍ଧୀଭବନଠାରେ ଶନିବାର ସନ୍ଧ୍ୟାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ରଚନା ସଭାପତି ସନାତନ ଠାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ 'ଗାନ୍ଧୀ କ'ଣ କେବଳ ଏକ ଅପହଞ୍ଚ ଆଦର୍ଶ' ଶୀର୍ଷକରେ ସ୍କୁଲ, କଲେଜର ନିର୍ବାଚିତ ଛାତ୍ରୀଛାତ୍ର ଓ ଅତିଥିବକ୍ତା ବକ୍ତବ୍ୟ ଦେଇଥିଲେ। ଡ. ସନ୍ତୋଷ କୁମାର ରଥଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅତିଥିବକ୍ତାଭାବେ ସୋନପୁର ରୋଆର ସଭାପତି ତଥା ଆଡଭୋକେଟ୍ ଗୌରୀଶ୍ୟାମ ପଣ୍ଡା ଯୋଗଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ସରସ୍ୱତୀ ବିଦ୍ୟାମନ୍ଦିର ଛାତ୍ର ଅର୍ଯ୍ୟାନ ରାଉତ୍, କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀ ଅଙ୍କନା ନନ୍ଦ, ସିଏନ୍‌ସି କଲେଜ ଛାତ୍ରୀ ଅଦିତି ଅଗ୍ରୱାଲ, ଆୟୁର୍ବେଦିକ କଲେଜ ଛାତ୍ରୀ ଅର୍ଚ୍ଚନା ପାଢ଼ୀ, ମହିଳା ମହାବିଦ୍ୟାଳୟ ଛାତ୍ରୀ ସୋମ୍ୟା ମଧୁପର୍ଣ୍ଣା ତ୍ରିପାଠୀ, ଭୀମଭୋଇ ମେଡିକାଲ କଲେଜ ଛାତ୍ର ଅନୁପ ଗୌରବ ସାହୁ ନିର୍ବାଚିତ ବକ୍ତାଭାବେ ଯୋଗଦାନ କରିଥିଲେ । ସମଗ୍ର ମାନବଜାତି ପାଇଁ ଗାନ୍ଧୀଜୀ ଏକ ଆଦର୍ଶ ବୋଲି ବକ୍ତାମାନେ କହିଥିଲେ। ଆଜି ସମଗ୍ର ବିଶ୍ୱ ଅହିଂସ ହୋଇଉଠୁଛି, ପରସ୍ପର ଭିତରେ ସଂଘର୍ଷଶୀଳ ହେଉଛି । ଆଗାମୀ ଭବିଷ୍ୟତ ଅନ୍ଧକାରମୟ ହୋଇଉଠୁଥିବା ବେଳେ ବିଶ୍ୱ ଇତିହାସରେ ଗାନ୍ଧୀଜୀ ଏକ ଆଦର୍ଶ ଭାବେ ଦେଖାଯାଉଛନ୍ତି । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଓ ସ୍ଥାନ, କାଳ, ଦେଶ ସବୁଠୁ ଉର୍ଦ୍ଧ୍ୱରେ କେବଳ ମଣିଷକୁ ଭଲ ପାଇବା ଓ ନିଷ୍ଠାର ସହ ସାମାଜିକ କାର୍ଯ୍ୟ କରିବା ପାଇଁ ଗାନ୍ଧୀଜୀ କହିଆସିଥିଲେ । ତାଙ୍କ ଆଦର୍ଶ ହିଁ ଆଗାମୀ ବିଶ୍ୱକୁ ଆଲୋକିତ କରିବା ବୋଲି ନିର୍ବାଚିତ ବକ୍ତାମାନେ କହିଥିଲେ । ଅତିଥିବକ୍ତା ପଣ୍ଡା ତାଙ୍କ ବକ୍ତବ୍ୟରେ ଗାନ୍ଧୀ ନିଜ ଜୀବନର ସବୁ କିଛି ସମାଜ ସମ୍ମୁଖରେ ପରିଦୃଶ୍ୟମାନ୍ କରିଦେଇଥିଲେ ବୋଲି କହିଥିଲେ। ଯେତେଦିନ ପର୍ଯ୍ୟନ୍ତ ଜଣେ ମଣିଷ ନିଜକୁ ପରିଦୃଶ୍ୟମାନ୍ କରିପାରିବନାହିଁ ସେ ଗ୍ରହଣଯୋଗ୍ୟ ହେବନାହିଁ ବୋଲି କହିଥିଲେ। ଏହିମର୍ମରେ ଗାନ୍ଧୀ ହିଁ ଏକମାତ୍ର ବ୍ୟକ୍ତି ଯେ ବ୍ୟକ୍ତି ଜୀବନକୁ ସମାଜ ଜୀବନ କରିଥିଲେ ବୋଲି କହିଥିଲେ । ସଭାପତୀୟ ଅଭିଭାଷଣରେ ଠାକୁର ଗାନ୍ଧୀ ଆଦର୍ଶ ଓ ଆଜିର ସମାଜ ଉପରେ କହିଥିଲେ ।

**ଛାତ୍ରୀଛାତ୍ରଙ୍କ ମୁହଁରେ ଗାନ୍ଧୀ ମହିମା**

## ଆଞ୍ଚଳିକ ଶାନ୍ତି ସୁରକ୍ଷା ବୈଠକ

**ଦେଓଗାଁ,୨୮।୯(ଡି.ଏନ.ଏ.)**

ଦେଓଗାଁ ବ୍ଲକ ବନ୍ଧପଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଞ୍ଚଳିକ ଶାନ୍ତି ଓ ସୁରକ୍ଷା ପାଇଁ କମିଟି ଗଠନ ଓ ଏ ଦିଗରେ ସଜାଗ ରହିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।। ବନ୍ଧପଡା ଗଉଁନ୍ତିଆ ସଦାନନ୍ଦ ସିଂନିନାଙ୍କ ସଭାପତିତ୍ୱ ତଥା ଏମପିଙ୍କ ବ୍ଲକ ପ୍ରତିନିଧି ଅମିତ କୁମାର ସିଂ ନିନାଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ୧୮ଖଣ୍ଡ ଗାଁର ଗଉଁନ୍ତିଆ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ। ଦେଓଗାଁ ବନ୍ଧପଡା ଭାୟା ଭୁଡିଆରବାହାଲ ରାସ୍ତାରେ ବାରମ୍ବାର ଲୁଟ୍‌ତରାଜ, ବନ୍ଧପଡା ଅଞ୍ଚଳରେ ଘରୋଇ ଝାମେଲା, ମାରଣାନ୍ତକ ଆକ୍ରମଣ, ମଦ ବ୍ୟବସାୟ ବଢିଚାଲିଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ଅଞ୍ଚଳବାସୀଙ୍କ ଉଦ୍ୟମରେ ଏକ ଶାନ୍ତି ଓ ସୁରକ୍ଷା କମିଟି ଗଠନ ପାଇଁ ସିଦ୍ଧାନ୍ତ କରାଯାଇଥିଲା।



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ମହିଳାଙ୍କୁ ନିର୍ଯାତନା ଅଭିଯୋଗରେ ସ୍ୱାମୀ ଗିରଫ

କୋକସରା,୨୮।୯ (ଡି.ଏନ.ଏ.)- ମହିଳାଙ୍କୁ ନିର୍ଯାତନା ଦେବା ଅଭିଯୋଗରେ କୋକସରା ଥାନା ପୋଲିସ ମୋଟେର ଫାଣ୍ଡି ଅଧୀନ ଧନେର ଗ୍ରାମର ପୀତାମ୍ବର ହାତୀଙ୍କୁ ଶନିବାର ଗିରଫ କରି କୋର୍ଟ ଚଲାଣ କରିଛି। ପୀତାମ୍ବର କୋକସରା ବ୍ଲକ ଡାଲଗୁମା ଗ୍ରାମର ମସ୍ତରାମ ପୋଡଙ୍କ ଝିଅ ଭୂମତୀଙ୍କୁ ବିବାହ କରିଥିଲେ। ପରେ ପୀତାମ୍ବର ଅଧିକ ଯୌତୁକ ଦାବି କରି ଭୂମତୀଙ୍କୁ ନିର୍ଯାତନ ଦେଉଥିଲେ। ୨୪ତାରିଖ ରାତି ପ୍ରାୟ ୮ଟାରେ ପୀତାମ୍ବର ଭୂମତୀଙ୍କୁ ନିସ୍ତୁକ ମାଡମାରି ଘରୁ ବାହାରି ଯିବାକୁ କହିଥିଲେ। ଏନେଇ ଭୁମତୀ ମୋଟେର ଫାଣ୍ଡିରେ ଅଭିଯୋଗ କରିଥିଲେ। କୋକସରା ଥାନା ପୋଲିସ ଏକ ମାମଲା(ନଂ.୧୫୭/୧୯)ରୁଜୁକରି ଘଟଣା ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ପୋଲିସ ପୀତାମ୍ବରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଏଏସ୍ଆଇ ଆନ୍ନା ମି ସୂଚନା ଦେଇଛନ୍ତି।

### ୫୯ବର୍ଷରେ ରିଷିଡ଼ା ଦୁର୍ଗାପୂଜା
# ରାବଣ ପୋଡ଼ି ମୁଖ୍ୟ ଆକର୍ଷଣ

ରିଷିଡ଼ା,୨୮।୯ (ଡି.ଏନ୍.ଏ.)

କଳାହାଣ୍ଡି ଜିଲା ରିଷିଡ଼ା ଦୁର୍ଗାପୂଜା ଚଳିତ ବର୍ଷ ୫୯ବର୍ଷରେ ପଦାର୍ପଣ କରିଛି। କିଛି ବର୍ଷ ହେଲା ଯୁବ ଗୋଷ୍ଠୀ ପୂଜା ଦାୟିତ୍ୱ ନେଇଥିବା ବେଳେ ଚଳିତ ବର୍ଷ ପୂଜାକୁ କିପରି ଆକର୍ଷଣ କରାଯିବ ସେନେଇ ବରିଷ୍ଠ ନାଗରିକଙ୍କୁ ପୂଜା ପରିଚାଳନା ଦାୟିତ୍ୱରେ ରଖାଯାଇଛି। ଦୁର୍ଗାପୂଜାକୁ ଅଳ୍ପ ଦିନ ଥିବା ବେଳେ ତୋରଣ ସହ ମୂର୍ତ୍ତି ନିର୍ମାଣ କାମ ଚାଲିଛି। ଯୁବଶିଳ୍ପୀ ସଞ୍ଜୟ ରଣା ମୂର୍ତ୍ତି ନିର୍ମାଣ କରୁଛନ୍ତି। ପୂଜାର ବିଭିନ୍ନ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ କମିଟି ପକ୍ଷରୁ ଏକ ଷ୍ଟେଜ ନିର୍ମାଣ କରାଯାଉଛି। ଚଳିତ ବର୍ଷ ରାବଣପୋଡି ମୁଖ୍ୟ ଆକର୍ଷଣ ରହିଥିବା ପୂଜା କିମିଟି ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଆଖପାଖ ଅଞ୍ଚଳରେ ରାବଣ ପୋଡି ହେଉ ନ ଥିବାରୁ ରିଷିଡାରେ ହେଉଥିବା ରାବଣ ପୋଡିରେ ଜନସମାଗମ ହୋଇଥାଏ। ଏନେଇ ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ସାର୍ବ ଜନୀନ ଦୁର୍ଗାପୂଜା କମିଟିରେ ସଭାପତି ଭାବେ ଅନ୍ତର୍ଯ୍ୟାମୀ ସାହୁ ଏବଂ ସମ୍ପାଦକ ଭାବେ ନନ୍ଦକିଶୋର ରଣା ରହିଛନ୍ତି । ମା'ଙ୍କ ପୂଜା ୪ ଦିନ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।



ରିଷିଡ଼ାରେ ନିର୍ମାଣ ହେଉଥିବା ମା'ଙ୍କ ମୃଣ୍ମୟୀ ପ୍ରତିମା।

#### ସେମାନେ ଯାହା କୁହନ୍ତି...

"ଚଳିତ ବର୍ଷ ପୂଜାକୁ କିପରି ଆକର୍ଷଣ କରାଯିବ ସେନେଇ ଉଦ୍ୟମ ଜାରି ରହିଛି। ଏପରି କି ଶାନ୍ତିଶୃଙ୍ଖଳାର ସହ ରାବଣ ପୋଡି କରିବାକୁ କମିଟି ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଚଳିତବର୍ଷ ବରିଷ୍ଠ ନାଗରିକଙ୍କ ଦ୍ୱାରା ଦୁର୍ଗାପୂଜା ପରିଚାଳିତ ହେଉଛି।

**- ଅନ୍ତର୍ଯ୍ୟାମୀ ସାହୁ, ସଭାପତି ଦୁର୍ଗାପୂଜା କମିଟି**

"ଚଳିତ ବର୍ଷ ପୂଜାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆଞ୍ଚଳିକ ଲୋକକଳା ଉପରେ ବିଶେଷ ଧ୍ୟାନ ଦିଆଯାଉଛି । ବୈଠକୀ କୀର୍ତ୍ତନ, ସମ୍ବଲପୁରୀ ଦଣ୍ଡନୃତ୍ୟ, ରାମଲୀଳା ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

**- ନନ୍ଦକିଶୋର ରଣା, ସମ୍ପାଦକ ଦୁର୍ଗାପୂଜା କମିଟି**



ତାଲିମ ଶିବିରରେ ଉପସ୍ଥିତ ଅତିଥିବୃନ୍ଦ।

## କୀଟନାଶକ ନିରାପଦ ବ୍ୟବହାର ତାଲିମ ଶିବିର

ମଦନପୁର୨୮।୯ (ଡି.ଏନ୍ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅଧୀନ ମଦନପୁର ପଞ୍ଚାୟତରେ ମ.ରାମପୁର କୃଷି ବିଭାଗ ପକ୍ଷରୁ କୀଟନାଶକ ନିରାପଦ ବ୍ୟବହାର ତାଲିମ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଦନପୁର, ଗୋପାଳପୁର, ଅନ୍ତର୍ଲାର ୫୦ଜଣ ଚାଷୀଙ୍କୁ ତାଲିମ ଦିଆଯାଇଥିଲା। ମ.ରାମପୁର ଏଏଓ ଭାସ୍କର ସାହୁ, ଭିଏଡବ୍ଲ୍ୟୁ ବୁଦ୍ଧଦେବ ସାହୁ, ଅମୀୟ ରଞ୍ଜନ ମାଝି, ପ୍ରଶାନ୍ତ କୁମାର ନାୟକ ତାଲିମଦାତା ଭାବେ ଯୋଗ ଦେଇଥିଲେ। କୀଟନାଶକ ପ୍ରୟୋଗ ସମୟରେ କିପରି ସତର୍କତା ଅବଲମ୍ବନ କରାଯାଏ ତାହା ଚାଷୀମାନଙ୍କୁ ଏକ ଭିଡିଓ ମାଧ୍ୟମରେ ପ୍ରଦର୍ଶନ କରାଯିବା ସହ ତାଲିମ ପ୍ରଦାନ କରାଯାଇଥିଲା। ସେହିପରି ଗୋଛାଡେଙ୍ଗେନ ପଞ୍ଚାୟତରେ ଗ୍ରାମ୍ୟ କୃଷି କର୍ମଚାରୀ ଅନୀଲ କୁମାର ଦୋରାଙ୍କ ତତ୍ତ୍ୱାବଧାନରେ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ଗାଁ ବିକାଶ ଯୋଜନା, ଜଳ ସଂରକ୍ଷଣ ଯୋଜନା ନେଇ ଆଲୋଚନାଚକ୍ର

କର୍ଲାମୁଣ୍ଡା,୨୮।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ଆତ୍ମା ସଭାଗୃହଠାରେ ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ବିସ ସୋସାଇଟି ପକ୍ଷରୁ ଗୁରୁବାର ଗାଁ ବିକାଶ ଯୋଜନା ଓ ଜଳ ସଂରକ୍ଷଣ ଯୋଜନା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧା, ସଂସ୍ଥା କାର୍ଯ୍ୟକ୍ରମ ଅଧିକାରୀ ଅରୁଣ କୁମାର ଗୌଡ, କୃଷି ବିଭାଗ କର୍ମଚାରୀ ଧର୍ମେନ୍ଦ୍ର ଶବର, ଘନଶ୍ୟାମ ଜାନୀ ପ୍ରମୁଖ ଯୋଗଦେଇ ଗାଁର ବିକାଶ ପାଇଁ ଠିକ୍ ଭାବେ ଯୋଜନା କିପରି ପ୍ରସ୍ତୁତ ହୋଇପାରିବ ଓ ଜଳ ସଂରକ୍ଷଣ ପାଇଁ ଗ୍ରାମବାସୀ ଯତ୍ନବାନ ହେବେ ସେ ଉପରେ ଆଲୋଚନା ହୋଇଥିଲା। ଏଥିରେ ସାମାଜିକ କର୍ମୀ ଜଗଦିଶ ରଣା, ପ୍ରଦୀପ କୁମାର ସାହୁ, ସୁରେଶ ଚୌଧୁରୀ, ଭୂପିନ୍ଦ୍ର ଚୌଧୁରୀ, ଜଗନ୍ନାଥ ଭୋଇ, ବଳଦେବ ଭୋଇ, ସନ୍ତୋଷ ଧରୁଆ, କ୍ଷୀରମଣୀ ଧରୁଆ, ମମତା ଭୋଇ, ସତ୍ୟବ୍ରତ ବଗର୍ତ୍ତୀ ସହଯୋଗ କରିଥିଲେ।

## ଭୁର୍ଷିଗୁଡ଼ା ଦୁର୍ଗା ମନ୍ଦିରରେ ନବରାତ୍ର ପୂଜା ଆରମ୍ଭ

କଲମପୁର/ଜୟପାଟଣା ୨୮।୯, (ଡି.ଏନ୍.ଏ.)

ଜୟପାଟଣା ବ୍ଲକ ରଣମାଲ ପଞ୍ଚାୟତ ଭୁର୍ଷିଗୁଡା ଗ୍ରାମ ଦୁର୍ଗା ମନ୍ଦିରରେ ଶନିବାର ମା'ଙ୍କ ନବରାତ୍ର ପୂଜା ଆରମ୍ଭ କରାଯାଉଛି। ଗ୍ରାମର ମହିଳାମାନେ ଏକ କଳସ ଶୋଭାଯାତ୍ରାରେ ବାହାରି ଗ୍ରାମର ଭରତ ପୋଖରୀରେ ପହଞ୍ଚି କଳସରେ ପାଣି ଧରି ମନ୍ଦିରକୁ ଆସିଥିଲେ। ପରେ ମନ୍ଦିର ପୀଠରେ କଳସ ସ୍ଥାପନ କରାଯାଇଥିଲା। ମନ୍ଦିର ପୂଜକ ବେଣୁଧର ପଟେଲ ରୀତିନୀତି ଅନୁସାରେ ପୂଜାକାର୍ଯ୍ୟ ଆରମ୍ଭ କରିଥିଲେ। ନବରାତ୍ର କାର୍ଯ୍ୟକ୍ରମରେ ଅର୍ଜୁନ ପଟେଲ, ପଦ୍ମନାଭ ପଟେଲ, କମ୍ପନ ନାଏକ, ହୀରାଲାଲ ନାଏକ, ସାନ ନାଏକ, ମଧୁସୂଦନ ପଟେଲ, ଅକ୍ଷ ପଟେଲ, ଲଙ୍କା ନାଏକ, ଶିବାନୀ ସହଯୋଗ କରୁଛନ୍ତି।

## ଗ୍ରାମବାସୀ, ଅଭିଭାବକଙ୍କୁ ନେଇ ନୂଆଁଖାଇ ଭେଟ୍‌ଘାଟ

ଭବାନୀପାଟଣା,୨୮।୯ (ଡି.ଏନ.ଏ.)

ଭବାନୀପାଟଣା ବ୍ଲକ ଅନ୍ତର୍ଗତ ଗୁଡିଆଲିପଦର ପଞ୍ଚାୟତ ଇଚ୍ଛାପୁର ସରକାରୀ ଉପ୍ରା ବିଦ୍ୟାଳୟରେ ଏକ ମନୋଜ୍ଞ ପରିବେଶ ମଧ୍ୟରେ ନୂଆଁଖାଇ ଭେଟଘାଟ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଜୟ କୁମାର ମାଝି, ଅନ୍ୟତମ ଅତିଥି ଭାବେ ସିଆରସିସି ଜଗନ୍ନାଥ ଦାଶ, ଗୁଡିଆଲିପଦର ପଞ୍ଚାୟତର ମହିଳା ସରପଞ୍ଚ ସୁଇ ସୁନା, ଜିଲା ପରିଷଦ ସଭ୍ୟା ବିମଳା ନାଏକ, ସ୍କୁଲ ଶିକ୍ଷା କମିଟି ଚେୟାରପର୍ସନ୍ ଶୂନ୍ୟ ମଙ୍ଗରାଜ, ଅବସରପ୍ରାପ୍ତ ଶିକ୍ଷକ ସନାତନ ମିଶ୍ର, ବିଜେପୁର ବିଦ୍ୟାଳୟର ଶିକ୍ଷକ ବିଶ୍ୱାଳ ଓ ପ୍ରଧାନ ଶିକ୍ଷୟିତ୍ରୀ କବିତା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ନୂଆଁଖାଇ ଉତ୍ସବର ତପର୍ଯ୍ୟ ଓ ଏହା କିଭଳି ଭାବେ ଭାଇଚାରା ସୃଷ୍ଟି କରିବାରେ ସହାୟକ ହୋଇଥାଏ ତାହା ପ୍ରକାଶ କରିଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୂଆଁଖାଇ ସମ୍ପର୍କିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଶିକ୍ଷୟିତ୍ରୀ ବସୁମତୀ ସାହୁ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଅନୁପମା ଶିଶୁ, ମାନସୀ ପଣ୍ଡା, ଜ୍ୟୋତ୍ସ୍ନା ରାଣୀ ତ୍ରିପାଠୀ ଓ ସୁବାସିନୀ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷା କମିଟି ଅଧକ୍ଷ ଶୂନ୍ୟ ମଙ୍ଗରାଜ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଗ୍ରାମବାସୀ ଓ ଛାତ୍ରୀଛାତ୍ରମାନଙ୍କୁ ପ୍ରସାଦ ବିତରଣ କରାଯାଇଥିଲା।



ନୂଆଁଖାଇ ଭେଟଘାଟ ଉତ୍ସବରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ଗହଣରେ ଛାତ୍ରୀଛାତ୍ର।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିଜେଡି କର୍ମକର୍ତ୍ତା।

### ନର୍ସିଂ ଛାତ୍ରୀ ଗଣବଳାତ୍କାର ଭିଡିଓ ଭାଇରାଲ ଘଟଣା
## ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକଲା ବିଜେଡି

ଜୁନାଗଡ,୨୮।୯ (ଡି.ଏନ୍.ଏ)

କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ବନମାଳିପୁର ଘନା ଜଙ୍ଗଲରେ ଜଣେ ନର୍ସଂ ଛାତ୍ରୀଙ୍କୁ ଗଣବଳାତ୍କାର ଓ ଭିଡିଓ ଭାଇରାଲ ଘଟଣାକୁ ବିଜେଡି ପକ୍ଷରୁ ନିନ୍ଦା କରାଯାଇଛି। ସମ୍ପୃକ୍ତ ଗିରଫ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶନିବାର ଜୁନାଗଡ଼ ସହର ଦଳୀୟ କାର୍ଯ୍ୟାଳୟରେ ବିଜେଡି ପକ୍ଷରୁ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଦାବି କରାଯାଇଥିଲା। ଘଟଣାରେ ବିଜେଡିର କୌଣସି ଲିଙ୍କ ନ ଥିବା କୁହାଯାଇଥିଲା। ପରେ ଦଳୀୟ କର୍ମୀମାନେ ଜୁନାଗଡ଼ ଥାନାକୁ ଯାଇ କଳାହାଣ୍ଡି ଏଏସ୍ଏପି ଗୋପୀନାଥ ମଣିପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ଦେବା ବେଳେ ଜୁନାଗଡ଼ ବ୍ଲକ ବିଜେଡି ସଭାପତି ପ୍ରମୋଦ ବେହେରା, ସରପଞ୍ଚ ସଂଘ ସଭାପତି ଅଜୟ କୁମାର ବେହେରା, ପୂର୍ବତନ ଏନ୍ଏସି ଅଧ୍ୟକ୍ଷ ମହେଶ କୁମାର ସାହୁ, ଯୁବ ସଭାପତି ବିଶ୍ୱ ରଞ୍ଜନ ନାଏକ, ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ

ପର୍ଲା,୨୮।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରାସ୍ଥିତ ଲକ୍ଷିରାମ ମହାବିଦ୍ୟାଳୟ ଠାରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଲେଜ ଛାତ୍ରୀଛାତ୍ର ଓ ଅଧ୍ୟାପକମାନଙ୍କ ଦ୍ୱାରା ଏକ ସଚେତନତା ରାଲି ବାହାରି ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ଜନସାଧାରଣଙ୍କୁ ସ୍ୱଚ୍ଛ ଭାରତ ଗଠନ କରିବା ଦିଗରେ ସହାୟତା ହେବାକୁ ଆହ୍ୱାନ ଦେବା ସହ ସୁସ୍ଥ ଭାରତ ଗଠନ କରିବାକୁ ସଚେତନ କରାଇଥିଲେ। ଏହାପରେ ଗ୍ରାମଗୁଡିକ ରାସ୍ତାକୁ ସେଫଇ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ନିର୍ମଳ ଚନ୍ଦ୍ର ନାଏକ, ମୋହନ ଚରଣ ବିଷି, ଅକ୍ଷୟ ପଟନାୟକ, ନିକୁଞ୍ଜ ସାହୁ, ରଞ୍ଜନ କୁମାର ପଣ୍ଡାଙ୍କ ସହ କଲେଜର ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ। କଲେଜ ଯୁବ ରେଡକ୍ରସ ତରଫରୁ ଅନୁଷ୍ଠିତ ହୋଇଥିବା ବେଳେ କଲେଜ କର୍ମଚାରୀମାନେ ସହଯୋଗ କରିଥିଲେ।




ସଚେତନତା କାର୍ଯ୍ୟକ୍ରମ ଅବସରରେ ବାହାରିଥିବା ରାଲି।

## ଧବଳେଶ୍ୱର ମନ୍ଦିର ପରିସରରେ ଚାରାରୋପଣ, ସଫେଇ କାର୍ଯ୍ୟକ୍ରମ

ତୁଣ୍ଡଲା,୨୮।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ଧବଳେଶ୍ୱର ମନ୍ଦିର ପରିସରରେ ଜିଲା ପର୍ଯ୍ୟଟନ କଳାହାଣ୍ଡି ବିଭାଗ ତରଫରୁ ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ ମନ୍ଦିର ପ୍ରାଙ୍ଗଣରେ ଚାରାରୋପଣ ଓ ସଫେଇ କାର୍ଯ୍ୟକ୍ରମ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବେଲଖଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ତୁଣ୍ଡଲା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ଉକ୍ତ କାର୍ଯ୍ୟ କରାଯାଇଥିଲା। ଏହି ଅବସରରେ ଜିଲା ପର୍ଯ୍ୟଟନ ବିଭାଗ ଅଧିକାରୀ ସୁବୋଧ ଛତ୍ରିଆ ଏବଂ ବିଭାଗ ସମସ୍ତ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ବେଲଖଣ୍ଡି ଯୁକ୍ତ ୨ କଲେଜ ଅଧକ୍ଷ ସନ୍ତୋଷ କୁମାର ପାଣିଗ୍ରାହୀ, ଅଧ୍ୟାପକ ବିଭୁଦେନ୍ଦୁ ମହାନ୍ତି, ସଞ୍ଜୀବ କୁମାର ପାଣିଗ୍ରାହୀ, ମହେନ୍ଦ୍ର ଭୋଇ, କୁମୁଦ ଚନ୍ଦ୍ର ବାଗ, ଜିତେନ୍ଦ୍ରିୟ ବାରିକ ଓ ତୁଣ୍ଡଲା ଯୁକ୍ତ ୨ର ଇତିହାସ ଅଧ୍ୟାପକ ଭୁପେନ୍ଦ୍ର ରଣା ରହିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ରମାନେ ମନ୍ଦିର ସମସ୍ତ କାର୍ଯ୍ୟକୁ ସୁନ୍ଦର ଭାବରେ କରି ସ୍ଥାନୀୟ ଜନସାଧାରଣଙ୍କ ମନକୁ ଜିଣି ପାରିଥିଲେ। ଏ ନେଇ ଜିଲା ପର୍ଯ୍ୟଟନ ବିଭାଗ ଅଧିକାରୀ ସୁବୋଧ ଛତ୍ରିଆଙ୍କୁ ପଚାରିବାରୁ ଆଗକୁ ଆହୁରି ପ୍ରୋଜେକ୍ଟ ଦିଆଯାଇଛି । ଟଙ୍କା ଆସିଲେ ମନ୍ଦିରରେ ଧର୍ମ ମାର୍ଗର ନୀତି ଶିକ୍ଷାଗୁଡିକ ଲେଖାଯିବା ସହିତ ପରିସର ବାହାରେ ଷ୍ଟଲଗୁଡିକ ତିଆରି କରି ମନ୍ଦିରର ଉନ୍ନତିକରଣ କରାଯିବ ବୋଲି କହିଛନ୍ତି। ଏହି କାର୍ଯ୍ୟରେ ଦଇତାରୀ ପଧାନ, ଅଶୋକ କୁମାର ଭୋଇ ଏବଂ କଲେଜର ସମସ୍ତ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

## ବ୍ଲକସ୍ତରୀୟ କୃଷି ବୈଷୟିକ ପରାମର୍ଶଦାତାମଣ୍ଡଳୀ ବୈଠକ

ଭବାନୀପାଟଣା,୨୮।୯ (ଡି.ଏନ.ଏ.)

କୃଷି ସୂଚନା ଓ ପରାମର୍ଶକେନ୍ଦ୍ର ଆତ୍ମା କଳାହାଣ୍ଡି ପକ୍ଷରୁ ଭବାନୀପାଟଣା ବ୍ଲକସ୍ତରୀୟ କୃଷି ବୈଷୟିକ ପରାମର୍ଶଦାତା ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଥିଲା। ଭବାନୀପାଟଣା କୃଷି ବୈଷୟିକ ପରାମର୍ଶ ଦାତା ମଣ୍ଡଳୀ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ ବୈଜ୍ଞାନିକ ପ୍ରଣାଳିରେ କୃଷି, ପଶୁପାଳନ, ମତ୍ସ୍ୟ ଚାଷୀ, ଉଦ୍ୟାନ କୃଷି ବିଭାଗର ଚାଷୀମାନଙ୍କୁ ସ୍ୱତନ୍ତ୍ର ଭାବରେ ତାଲିମ୍ ପ୍ରଦାନ କରାଯାଇ ଉନ୍ନତମାନର ଚାଷ କରି ଅଧିକ ଲାଭବାନ ହେବା ସକାଶେ ପରାମର୍ଶ ଦେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। କୃଷି ବିଭାଗ ପକ୍ଷରୁ ବିଶେଷ କରି ଉନ୍ନତ କିଶମର ଧାନ ଚାଷ ସହିତ ଜୈବିକ ସାର ପ୍ରୟୋଗ, ଧାଡିରୁଆ ଓ ଗ୍ରୀନ୍ ଧାନ, ବ୍ରାଉନ୍ ଧାନ ଏବଂ କଳାଧାନ ଚାଷ କରି ଚାଷୀମାନେ ଅଧିକ ଲାଭବାନ ହେବା ସକାଶେ ତାଲିମ୍ ପ୍ରଦାନ କରାଯିବାକୁ କୃଷି ଅଧିକାରୀ ପରାମର୍ଶ ଦେଇଥିଲେ। ସେହିଭଳି ମତ୍ସ୍ୟ ଚାଷୀ ବିଶେଷ କରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପଞ୍ଚାୟତ ଜଳାଶୟରେ ମତ୍ସ୍ୟ ଚାଷ କରିବା ପାଇଁ ସ୍ୱତନ୍ତ୍ର ତାଲିମ୍ ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥି ସହିତ ଉଦ୍ୟାନ କୃଷି ଜରିଆରେ ପନିପରିବା ଚାଷ, ପିଆଜ ଚାଷ ଏବଂ ଫୁଲ ଚାଷ ସକାଶେ ସ୍ୱତନ୍ତ୍ର ତାଲିମ୍ ପ୍ରଦାନ ସକାଶେ ଆଲୋଚନା କରାଯାଇଥିଲା। ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଗୋପାଳନ, କୁକୁଡା, ବତକ, ଉନ୍ନତ ଛେଳି, ମେଣ୍ଢା ପାଳନ ସକାଶେ ଗୋପାଳକମାନଙ୍କୁ ବିଭିନ୍ନ ଫାର୍ମ ପରିଦର୍ଶନ କରାଇ ତାଲିମ୍ ପ୍ରଦାନ କରିବା ସକାଶେ ବୈଠକରେ ସଦସ୍ୟମାନେ ମତାମତ ଦେଇଥିଲେ। ବ୍ଲକ କୃଷି ପରାମର୍ଶଦାତା ମଣ୍ଡଳୀ ଆବାହକ ଡା. କେଦାରନାଥ ଖମାରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ସ୍ୱତନ୍ତ୍ର ଅତିଥି ଭାବରେ ଭବାନୀପାଟଣା କୃଷି ଜିଲା ଅଧିକାରୀ ଅଶୋକ କୁମାର ଅମାତ, ବିଶେଷଜ୍ଞ ଭାବରେ ଏଏଚ୍ଓ ସଙ୍ଗୀତା ନାଏକ, ଏଏଫ୍ଓ ପ୍ରଶାନ୍ତୀ ନାଏକଙ୍କ ସମେତ ଆତ୍ମା ଭବାନୀପାଟଣାର ବୈଷୟିକ ପରିଚାଳକ ମନୋସ୍ୱିନୀ ମହାପାତ୍ର, ରମନ ପ୍ରଧାନ, ସୁଜିତ୍ ନେଗୀ ଏବଂ ବ୍ଲକର ଅଗ୍ରଣୀ କୃଷି ପରାମର୍ଶ ସଦସ୍ୟ ମାନେ ଯୋଗଦେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।



ବୈଠକରେ ଯୋଗ ଦେଇଥିବା ଅତିଥିଗଣ।

## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ଖଡିଆଳ,୨୮।୯ (ଡି.ଏନ.ଏ.)

ଖଡିଆଳ ବ୍ଲକ ଚଲାନପଡାସ୍ଥିତ ରାମନାଥ ବିଦ୍ୟାପୀଠରେ ୧୪ରୁ ୧୭ ବର୍ଷ ବୟସ୍କ ଛାତ୍ରୀଛାତ୍ରଙ୍କୁ ନେଇ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବ୍ଲକ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କୁ ନେଇ ଖୋଖୋ, କବାଡି, ଟାଇକୋଣ୍ଡୋ ଓ ଟେନିକୋଟ ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଦସ୍ୟ ଉଜ୍ଜଳ ଗୁପ୍ତା, ସମ୍ମାନିତ ଅତିଥି ଭାବେ ଖଡିଆଳ ବ୍ଲକ ଶିକ୍ଷାଧିକାରୀ ଜଗଦିଶ ଖମାରୀ, ରାମନାଗ ଉଚ୍ଚ ବିଦ୍ୟାପୀଠ ପ୍ରଧାନଶିକ୍ଷକ ସଞ୍ଜିବ କୁମାର ଠାକୁର ସମ୍ମାନିତ ଅତିଥି ଭାବେ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ମହେଶ ଦଣ୍ଡସେନା, ସହକାରୀ ଶିକ୍ଷା ଅଧିକାରୀ ବୋଳଧର ନାଗ ଯୋଗଦେଇଥିଲେ। ଶିକ୍ଷକ ରାଜକପୁର ବାରିକ, ରତନ ବାରିକ, ଧନଞ୍ଜୟ ଦଣ୍ଡସେନା, ଡଗ୍ରେ ବାଗ,ଗୁଣ ରଣା ସହଯୋଗ କରିଥିଲେ। ରାଜକପୁର ବାରିକ ମଞ୍ଚ ପରିଚାଳନା କରିଥିଲେ ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଜୁନାଗଡ଼,୨୮।୯ (ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ପୋଲିସ ପକ୍ଷରୁ ଶନିବାର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜୁନାଗଡ଼ ପୋଲିସ କର୍ମଚାରୀଙ୍କ ସହ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର, ପିଆଇ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଜୁନାଗଡ଼ ଓକିଲ ସଂଘ, କନକଦୁର୍ଗା ଟ୍ୟାକ୍ସି ସଂଘ, ମା' ଲଙ୍କେଶ୍ୱରୀ ଓଟୋ ସଂଘ ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ ଜୁନାଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟରୁ ଏକ ସଚେତନ ଶୋଭାଯାତ୍ରା ବାହାରି ପିଆଇ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ରାସ୍ତାରେ ଯାଉଥିବା ବାଇକ୍ ଚାଳକଙ୍କୁ ହେଲମେଟ ବ୍ୟବହାର କରିବା, ଚାରିଚକିଆ ଗାଡି ଚାଳକଙ୍କୁ ସିଟ ବେଲ୍ଟ ବାନ୍ଧିବା, ଗାଡିର ସମସ୍ତ କାଗଜାତ ରଖିବା, ମଦ୍ୟମାନ କରି ଗାଡି ନ ଚଳାଇବା ଆଦି ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜୁନାଗଡ଼ ଥାନା ଆଇଆଇସି ପ୍ରଭାତ କୁମାର ସେଠି, ଓକିଲ ସଂଘ ସଭାପତି ସୁଧାଂଶୁ ବରାଡ, ସମ୍ପାଦକ ରମେଶ ନାଏକ, ବରିଷ୍ଠ ଆଇନଜୀବୀ ହିମାଂଶୁ ଶେଖର ବରାଡ, ଅଶୋକ ପାତ୍ର, ଶିଶିର ପଟ୍ଟନାୟକ, ପିଆଇ ମହାବିଦ୍ୟାଳୟ ଅଧକ୍ଷ ବିଭୂତିଭୂଷଣ ମେହେର, ଅଧାପକ ପ୍ରିୟବ୍ରତ ବାଣୁଆ, ଦେଶରାଜ ରାଉତ, ଖେଳ ଅଧାପକ ସମୀର କୁମାର ସାହୁ, ଡେମୋଷ୍ଟ୍ରେଟର କୁଞ୍ଜ ବିହାରୀ ସାହୁ, ସାମାଜିକ କର୍ମୀ ସୁଖବିନ୍ଦର ସିଂ ପ୍ରମୁଖ ଉପସ୍ଥିତ ଥିଲେ।



ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ପୋଲିସ ଅଧିକାରୀଙ୍କ ସହ ବିଭିନ୍ନ ସଂଘର କର୍ମକର୍ତ୍ତା।

ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେହେଲେ ଅନିଷ୍ଟ ହୁଏ ନାହିଁ।
- ମହର୍ଷି ପରାଶର






ସିଭିକ ସେଣ୍ଟରଠାରେ ମିଳିତ ଶିକ୍ଷକ ସଂଘର ସମ୍ମିଳନୀରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ (ବାମ)। ଶିକ୍ଷକ ସଂଘର କର୍ମକର୍ତ୍ତାଙ୍କ ସହ ମନ୍ତ୍ରୀ, ବିଧାୟକ ଓ ଅନ୍ୟମାନେ।

# ଅଭିଭାବକଙ୍କ ଆସ୍ଥା ବିଶ୍ୱାସ ବଜାୟ ରଖିବାକୁ ଆହ୍ୱାନ

**ସୁନ୍ଦରଗଡ଼, ୨୮।୯ (ଡି.ଏନ୍.ଏ)**

ଶିକ୍ଷକମାନେ ହେଉଛନ୍ତି ସମାଜର ଦିଗ୍‌ଦର୍ଶକ। ଶିକ୍ଷୟିତ୍ରୀ, ଶିକ୍ଷକମାନେ ନିଷ୍ଠାପର ଭାବେ କର୍ତ୍ତବ୍ୟ ସମ୍ପାଦନ କରି ଛାତ୍ରୀଛାତ୍ରଙ୍କୁ ଗଢି ତୋଳିବାରେ ତାଙ୍କର ଗୁରୁ ଦାୟିତ୍ୱ ରହିଛି। ଆବହମାନ କାଳରୁ ଶିକ୍ଷକମାନଙ୍କ ଉପରେ ଅଭିଭାବକମାନଙ୍କ ରହିଥିବା ଆସ୍ଥା ଓ ବିଶ୍ୱାସକୁ ବଜାୟ ରଖି ନିଜର କର୍ତ୍ତବ୍ୟ ପାଳନ କରିବାକୁ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଆହ୍ୱାନ ଦେଇଛନ୍ତି। ଶନିବାର ସିଭିକ ସେଣ୍ଟରଠାରେ ମିଳିତ ଶିକ୍ଷକ ସଂଘ ଆନୁକୂଲ୍ୟରେ ଆୟୋଜିତ ଶିକ୍ଷା ଓ ଶିକ୍ଷକ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଦାଶ କହିଥିଲେ ଯେ, ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଦିଗରେ ରାଜ୍ୟ ସରକାର ପ୍ରାଥମିକତା ଦେଇ କାର୍ଯ୍ୟ କରୁଛନ୍ତି। ଏଥି ନିମନ୍ତେ ଛାତ୍ରୀ, ଛାତ୍ରମାନଙ୍କୁ ବିଭିନ୍ନ ପ୍ରୋତ୍ସାହନ ଯୋଗାଇ ଦେବା ସହ ସ୍କୁଲ ଗୃହ ନିର୍ମାଣ ଓ ମରାମତି ପାଇଁ ପଞ୍ଚାୟତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ସ୍ୱତନ୍ତ୍ର ଅନୁଦାନ ମଧ୍ୟ ଯୋଗାଇ ଦେଇଛନ୍ତି। ଗତ ୨୦୦୦ମସିହାରେ ରାଜ୍ୟର ଶିକ୍ଷା ବଜେଟ୍ ମାତ୍ର ୧୩ଶହ କୋଟି ଥିବା ବେଳେ ଗତ ଆର୍ଥିକ ବର୍ଷରେ ୧୬ହଜାର କୋଟିରେ ପହଞ୍ଚିଛି। ବିଦ୍ୟାଳୟ ଗୁଡିକର ଭିତ୍ତିଭୂମିକୁ ସଜାଡିବା ପାଇଁ ମୋ ସ୍କୁଲ ଅଭିଯାନ ମାଧ୍ୟମରେ ପାଣ୍ଠି ସଂଗ୍ରହ ସହ ନିଜ ବିଦ୍ୟାଳୟ ପାଇଁ ନିଜେ ଯୋଜନା

### ଜିଲାସ୍ତରୀୟ ଶିକ୍ଷା, ଶିକ୍ଷକ ସମ୍ମିଳନୀ

ପ୍ରସ୍ତୁତ କରି ବିକାଶ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ତତ୍କାଳୀନ ସମାଜ ବ୍ୟବସ୍ଥାରେ ଶିକ୍ଷକ ସମାଜ ପ୍ରତି ରହିଥିବା ସମ୍ମାନବୋଧ ଆଜି କେଉଁଠାରେ ବୋଲି ପ୍ରଶ୍ନ କରିବା ସହ ସେ ସମ୍ମାନକୁ ଫେରାଇ ଆଣିବାକୁ ହେଲେ ଶିକ୍ଷକମାନେ ଆତ୍ମସମୀକ୍ଷା କରିବାର ସମୟ ଆସିଛି ବୋଲି କହିଥିଲେ। ଜିଲା ସଂଘ ପକ୍ଷରୁ ଦିଆଯାଇଥିବା ବିଭିନ୍ନ ପ୍ରସ୍ତାବ ଅନୁଯାୟୀ ଜିଲାର ସବୁ ପିଲାଙ୍କ ପାଇଁ ବେଞ୍ଚ, ଡେସ୍କର ବ୍ୟବସ୍ଥା ସକାଶେ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ବ୍ୟବସ୍ଥା କରାଯିବାକୁ ଉଦ୍ୟମ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ଯୋଗଦେଇ ସୁନ୍ଦରଗଡ ନିର୍ବାଚନ ମଣ୍ଡଳୀର ହେମଗିର ବ୍ଲକରେ ଶୋଚନୀୟ ଅବସ୍ଥାରେ ଚାଲୁଥିବା ବିଭିନ୍ନ ବିଦ୍ୟାଳୟର ମରାମତି ଓ ନୂତନ କୋଠା ନିର୍ମାଣ ସହ ଆବଶ୍ୟକ ଅନୁଯାୟୀ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗାଇ ଦେବା ପାଇଁ ଦାବି କରିଥିଲେ। ଅତିରିକ୍ତ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ତାଙ୍କ ଛାତ୍ରଜୀବନ ଅନୁଭୂତିକୁ ସ୍ମୃତିଚାରଣ କରି ସେମାନଙ୍କର ଶିକ୍ଷାଦାନ ଶୈଳୀଦ୍ୱାରା କିଭଳି ଛାତ୍ରୀଛାତ୍ର ଅନୁପ୍ରାଣିତ ହୋଇଛନ୍ତି ବୋଲି କହିଥିଲେ। ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ ଟପ୍ପୋ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାର ଆଦିବାସୀ ଛାତ୍ରୀଛାତ୍ରଙ୍କୁ ଉତ୍ତମ ଶିକ୍ଷାଦାନ ସହ ବିଦ୍ୟାଳୟ ପରିସରରେ ସେମାନଙ୍କ ନିରାପତ୍ତା ପ୍ରତି ଦୃଷ୍ଟି ଦେବାକୁ କହିଥିଲେ। ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି, ଜିଲା ସମଗ୍ର ଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ଅମୂଲ୍ୟ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନିଖିଳ ଉତ୍କଳ ରାଜ୍ୟ ପ୍ରାଥମିକ ଶିକ୍ଷକ ଫେଡେରେସନର ସଭାପତି ହୃଦାନନ୍ଦ ଦ୍ୱିବେଦୀ, ମହାସଚିବ ଅମୀୟ କୁମାର ଦାଶ, ସଂଯୋଜିକା ଚାରୁଲତା ମହାପାତ୍ର, ସଙ୍ଗୀତା ଦାଶ, ସୁଚିତ୍ରା ଦାସ ପ୍ରମୁଖ ଯୋଗଦେଇ ଶିକ୍ଷକମାନଙ୍କୁ ଚାପମୁକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ହୋତେଶ୍ୱର ଶେଖରଦେଓଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ଆବାହକ ଗୋବିନ୍ଦ ଚନ୍ଦ୍ର ସୁଆର ସ୍ୱାଗତ ଅଭିଭାଷଣ ସହ ଶିକ୍ଷାର୍ଥୀ, ଶିକ୍ଷକ ଓ ଶିକ୍ଷାନୁଷ୍ଠାନ ଗୁଡିକୁ ସୁଦୃଢ କରିବା ଉପରେ କହିଥିଲେ। ବରିଷ୍ଠ ଶିକ୍ଷକ ଧନଞ୍ଜୟ ନାଏକ ନୂତନ ଜାତୀୟ ଶିକ୍ଷାନୀତିର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଜିଲାର ୬୧୦ଜଣ କନିଷ୍ଠ ଶିକ୍ଷକଙ୍କୁ ନିୟମିତ ଶିକ୍ଷକ ନିଯୁକ୍ତିପତ୍ର ମୁଖ୍ୟଅତିଥି ମନ୍ତ୍ରୀ ପ୍ରଦାନ କରିଥିଲେ। ଶେଷରେ କବିତା ଦାଶ ଧନ୍ୟବାଦ ଦେଇଥିଲେ

## ସଂକ୍ଷେପରେ

### ବଜ୍ରପାତରେ ନବମ ଶ୍ରେଣୀ ଛାତ୍ର ମୃତ

**ସୁନ୍ଦରଗଡ଼/ବିଶ୍ରା, ୨୮।୯ (ଡି.ଏନ୍.ଏ)**- ସୁନ୍ଦରଗଡ ଜିଲା ବିଶ୍ରା ବ୍ଲକ ଅନ୍ତର୍ଗତ ମସରିକୁଦ ଗ୍ରାମରେ ଶନିବାର ଅପରାହ୍ନ ପ୍ରାୟ ୪ଟା ବେଳେ ବଜ୍ରପାତରେ ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ରଙ୍କ ନାମ ବିଶ୍ୱନାଥ ମୁଣ୍ଡା (୧୩)। ମହାଳୟା ଛୁଟି ଥିବାରୁ ସେ ଗାଈଚରାଇବାକୁ ଯାଇଥିବା ବେଳେ ହଠାତ୍ ବଜ୍ରପାତ ଘଟିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବିଶ୍ରା ଥାନା ପୋଲିସ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା (ନଂ. ୨୫/୧୯) ରୁଜୁ କରିଛି। ବିଶ୍ୱନାଥ ସହିତ ଆଉ ୩ଜଣ ବର୍ଷା ହେବାରୁ ଏକ ଗଛମୂଳରେ ଛିଡା ହୋଇଥିଲେ।ଏହି ସମୟରେ ଘଡଘଡି ସହିତ ବିଜୁଳି ମାରିଥିଲା। ଫଳରେ ସମସ୍ତେ ଛିଟିକି ପଡିଥିଲେ। ସେମାନଙ୍କ ମଧ୍ୟରୁ ବିଶ୍ୱନାଥଙ୍କ ମୃତ୍ୟୁ ହୋଇଥିଲା। ଜୀବନ ମୁଣ୍ଡା (୧୧)ଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇ ବିଶ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାଉରକେଲା ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ଆଉ ୨ଜଣ ସାଙ୍ଗ ରାଜେଶ ମୁଣ୍ଡା ଓ ଅଜିତ ମୁଣ୍ଡା ବର୍ତ୍ତମାନ ସୁସ୍ଥ ଅଛନ୍ତି।

### ୩ ମାସ ହେଲା ଅନ୍ଧାରରେ ବାଦୁଲପାନି ଗ୍ରାମ

**ବଡ଼ଗାଁ, ୨୮।୯ (ଡି.ଏନ.ଏ)**- ବଡ଼ଗାଁ ବ୍ଲକ ଅନ୍ତର୍ଗତ ବାଦୁଲପାଲି ଗ୍ରାମର ଟ୍ରାନ୍ସଫର୍ମର ପୋଡିଯିବାରୁ ୩ମାସ ହେଲା ବିଦ୍ୟୁତ ନାହିଁ। ଝାଡଖଣ୍ଡ ସୀମାବର୍ତ୍ତି ଏହି ଗ୍ରାମର ୬୦ଟି ପରିବାରକୁ ବିଦ୍ୟୁତ ସଂଯୋଗ ଦିଆଯାଇଛି। ଟ୍ରାନ୍ସଫର୍ମର ପୋଡି ଗଲାପରେ ଗ୍ରାମର ଇଗନେସ୍ ଏକ୍କା, ଦିଲୀପ ଟପ୍ପୋ, ମୋରିସ କୁଜୁର, ମୋରିସ ଲାକ୍ରା, ୱାର୍ଡ ମେମ୍ବର ଗେରୋଟି ଲାକ୍ରା, ହାବିଲ ଲାକ୍ରା ପ୍ରମୁଖ ବ୍ୟକ୍ତିମାନେ ପୋଡିଯାଇଥିବା ଟ୍ରାନ୍ସଫର୍ମରର ମରାମତି କରି ବିଦ୍ୟୁତ ଦେବାକୁ ବହୁବାର ଅନୁରୋଧ କରି ଆସୁଥିଲେ ମଧ ଏ ଦିଗରେ ବିଭାଗୀୟ ଅଧିକାରୀମାନେ ପଦକ୍ଷେପ ନେଉନଥିବା ଅଭିଯୋଗ ହୋଇଛି। ବିଶେଷ କରି ଉପାନ୍ତ ଗ୍ରାମରେ ବିଜୁଳି ବିଭ୍ରାଟ ଏକ ସାଧାରଣ ଘଟଣା। ବର୍ଷା କିମ୍ବା ଘଡଘଡି ହେଲେ ଦିନେ ଦୁଇ ଦିନ ବିଜୁଳି ଚାଲିଯାଏ। ଏହାକୁ ନେଇ ଗ୍ରାମାଞ୍ଚଳ ଲୋକେ ହଇରାଣ ହୋଇଥାନ୍ତି।

# ଜୁନିୟର ଆଥ୍‌ଲେଟିକ ମିଟ୍ ଉଦ୍‌ଘାଟିତ

**ସୁନ୍ଦରଗଡ଼, ୨୮।୯ (ଡି.ଏନ୍.ଏ)**



ଜିଲା ଜୁନିୟର ଆଥ୍‌ଲେଟିକ୍ ମିଟ୍‌ର ଉଦ୍‌ଘାଟନୀ ମୁହୂର୍ତ୍ତ।

ସୁନ୍ଦରଗଡ଼ ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମଠାରେ ଶନିବାର ଜିଲା ଜୁନିୟର ଆଥଲେଟିକ ମିଟ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ ଏହି ଆଥଲେଟିକ ମିଟକୁ ଉଦ୍‌ଘାଟନ କରିଥିଲେ। କର୍ତ୍ତବ୍ୟ ନିଷ୍ଠ ଭାବରେ କ୍ରୀଡା ଅଭ୍ୟାସ କରି ଭବିଷ୍ୟତରେ ନିଜକୁ ଜଣେ ସୁଦକ୍ଷ କ୍ରୀଡାବିତ ଭାବେ ଗଢି ପାରିବେ ବୋଲି ଭାଗନେଇଥିବା ଖେଳାଳିଙ୍କୁ ଆହ୍ୱାନ ଦେଇଥିଲେ। ଜିଲା କ୍ରୀଡା ସଂସଦର ଉପସଭାପତି ରାଜେନ୍ଦ୍ର କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ କାର୍ତ୍ତିକ ବେରିହା ଅତିଥିମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଶ୍ୱରଞ୍ଜନ ହୋତା ମଞ୍ଚ ପରିଚାଳନା କରିଥିଲେ। ଏହି ଆଥଲେଟିକ ମିଟ୍ ୨ଦିନ ଧରି ଚାଲିବ। ଏଥିରେ ୧୪ବର୍ଷରୁ କମ୍ ଓ ୧୬ବର୍ଷରୁ କମ୍ ଉଭୟ ବାଳିକା, ବାଳକ ବର୍ଗରୁ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶ ଗ୍ରହଣ କରିଛନ୍ତି। ୨୨ଜଣ ଅଫିସିଆଲ ଏହି ପ୍ରତିଯୋଗିତା ପରିଚାଳନା କରୁଛନ୍ତି। ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, ସହସମ୍ପାଦକ ଜୟଦେବ ପାତ୍ର, କୋଷାଧ୍ୟକ୍ଷ ଦୁର୍ଗାମାଧବ ନାଏକ, ଆଥ୍‌ଲେଟିକ ସମ୍ପାଦକ ଅଜୟ କୁମାର ବହିଦାର, ରୋମାଞ୍ଚ ଭୈଷାଁଲ, ଶିଶିର ପଟେଲ, ନିତ୍ୟ କୁମାର ବଳ, ଅନୀଲ ବରିହାଙ୍କ ତତ୍ତ୍ୱାବଧାନରେ ଏହା ପରିଚାଳିତ ହେଉଛି। କ୍ରୀଡା ଶିକ୍ଷକ ତଥା କୋଚ୍ ଉମାପ୍ରସାଦ ରାଓ ,ସୁସ୍ମିତା ଦତ୍ତ, ଦାମୋଦର ସା, ଚନ୍ଦ୍ରଶେଖର ସାହୁ, ସଂଯୁକ୍ତା ବହିଦାର, ମଞ୍ଜୁଲତା ପଟେଲ, ଏଲିନ ଏକ୍କା, ସୁରେଶ ଖଡରିଆ, ସୁନୀଲ ପଟେଲ, ଚିନ୍ତାମଣି ବନଛୋର, ଜଗନ୍ନାଥ ଖଣ୍ଡା ପ୍ରମୁଖ ଏହି ଆଥଲେଟିକ ମିଟ ପରିଚାଳନା କରୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଢ଼ିଲା ଝିଅ
ପୁରୁଣା ଘିଅ।**

ସାଧାରଣତଃ ଝିଅ ଘରଯୋଗ୍ୟା ହେଲେ ତାକୁ ଅଧିକ ଦିନ ଘରେ ରଖିବା ଉଚିତ ହୋଇ ନ ଥାଏ। କାରଣ ଏପରି ରଖିବା ଦ୍ୱାରା ପଛରେ ନିନ୍ଦା ଅପବାଦ ମିଳିବାର ଭୟ ରହିଥାଏ। ସେହିପରି ଘିଅ ପୁରୁଣା ହୋଇଗଲେ ବା ଅଧିକ ଦିନ ଘରେ ରଖିଲେ ତାହା ରହଣିଆ ଲାଗିଥାଏ ଓ ଏହା ଖାଦ୍ୟୋପଯୋଗୀ ହୋଇ ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ବାଇଗଣ ପରିବା
ଦି' ସଉତୁଣୀ କଜିଆ କଲେ
ଘଇତାକୁ ମାରିବା।**

ଦୁଇ ସଉତୁଣୀଙ୍କ ମଧରେ ଅହିନକୁଳ ସମ୍ପର୍କ ରହିଥାଏ। କେହି କାହାର ସୁଖଶିରୀ ଦେଖି ସହି ପାରି ନ ଥାନ୍ତି। ସଉତୁଣୀ ହିଁ ଦାମ୍ପତ୍ୟ ଜୀବନରେ ଚରମ ଅଶାନ୍ତିର କାରଣ ସାଜିଥାଏ। ଯେଉଁ ଘରେ ଦୁଇ ସଉତୁଣୀ ରହିଥାନ୍ତି ସେହି ଘରେ ନାନାପ୍ରକାର ବିଶୃଙ୍ଖଳା ଘଟିବା ଥୟ। ଦୁଇ ସଉତୁଣୀ ମଧରେ କଳିକଜିଆ ଲାଗିଲେ ସବୁ ରାଗ ସ୍ୱାମୀ ଉପରେ ଶୁଝା ଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ




କଂଗ୍ରେସ ପକ୍ଷରୁ ବୀରମିତ୍ରପୁରରେ ଗଣବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ବୀରମିତ୍ରପୁରରେ କଂଗ୍ରେସ ପକ୍ଷରୁ ୨ଘଣ୍ଟିଆ ଗଣବିକ୍ଷୋଭ

**କୁଆଁରମୁଣ୍ଡା,୨୮।୯ (ଡି.ଏନ.ଏ.)**

ରାଉରକେଲା-ବୀରମିତ୍ରପୁରର ଜୀବନରେଖା ବ୍ରାହ୍ମଣୀ ନଦୀର ପାନପୋଷ ସେତୁ ଓ ୧୪୩ ନମ୍ବର ଜାତୀୟ ରାଜପଥର ଅବସ୍ଥା ଅତ୍ୟନ୍ତ ଶୋଚୀୟ ହୋଇପଡ଼ିଛି। ଦୀର୍ଘବର୍ଷର ଏହି ସେତୁର ଅବସ୍ଥା ଦିନକୁ ଦିନ ବିଗିଡିବାରେ ଲାଗିଛି। ଫଳରେ ଅନେକ ସମୟରେ ସେତୁରେ ଫାଟ ସୃଷ୍ଟି ହେବା ଯୋଗୁ ମଧ୍ୟ ଗାଡି ଜାମ୍ ଅବସ୍ଥା ସୃଷ୍ଟି ହେଉଛି। ଫଳରେ ରାଉରକେଲା-ବେଦବ୍ୟାସ ମଧ୍ୟରେ ଯାତାୟାତ ବ୍ୟବସ୍ଥା ସମ୍ପୂର୍ଣ୍ଣଭାବେ ବ୍ୟାହତ ହେଉଛି। ଏହି ଅବ୍ୟବସ୍ଥା ପ୍ରତି ସରକାରୀ କଳ ସବୁଜାଣି ଚୁପ୍ ରହିବା ପ୍ରତିବାଦରେ ଶନିବାର କଂଗ୍ରେସ ଦଳ ପକ୍ଷରୁ ବୀରମିତ୍ରପୁରସ୍ଥିତ ଟାଉନ ଛକ ୧୪୩ ନମ୍ବର ଜାତୀୟ ରାଜପଥରେ ୨ ଘଣ୍ଟିଆ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଂଗ୍ରେସ ନେତା ଜର୍ଜ ତିର୍କୀଙ୍କ ନିର୍ଦ୍ଦେଶମତେ ବୀରମିତ୍ରପୁର ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ଶଶି ସାଗର, ସାମାଜିକକର୍ମୀ ଜଗଦୀଶ ଅଗ୍ରୱାଲ, ଯୁବ କଂଗ୍ରେସ ନେତା ରୋହିତ ଯୋଶେଫ ତିର୍କୀ, ବିକ୍ରମ ପଟ୍ଟନାୟକ, ଏମଡି ସାଜିଦ୍ ଅହମ୍ମଦ, ସୌକତ ଅଲ୍ଲୀ ଖାନ୍‌ଙ୍କ ନେତୃତ୍ୱରେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ରାଜପଥରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଜପଥର ତୁରନ୍ତ ମରାମତି କରିବା ପାଇଁ ଯୁବ କଂଗ୍ରେସ ନେତା ରୋହିତ ଯୋଶେଫ ତିର୍କୀ ଦୃଢ ଦାବି କରିଛନ୍ତି। ଏହି ଗଣ ବିକ୍ଷୋଭ ସକାଳ ୧୦ଟାରୁ ଆରମ୍ଭ ହୋଇ ୨ଘଣ୍ଟା ପର୍ଯ୍ୟନ୍ତ ଚାଲିଥିଲା। ଏହି ବିକ୍ଷୋଭକୁ ମଧ୍ୟ ବୀରମିତ୍ରପୁର ଅଞ୍ଚଳର ସାଧାରଣ ଲୋକେ ସମର୍ଥନ ଜଣାଇଥିଲେ। ଫଳରେ ରାଜପଥର ଉଭୟ ପାର୍ଶ୍ୱରେ ଶତାଧିକ ଭାରିଯାନଠାରୁ ଆରମ୍ଭ କରି ଯାତ୍ରୀବାହୀ ଗାଡିଗୁଡିକ ଲମ୍ବାଧାଡି ଲାଗିଥିଲା। ପରେ ଘଟଣାସ୍ଥଳରେ ବୀରମିତ୍ରପୁର ପୋଲିସ ପହଞ୍ଚି ବିକ୍ଷୋଭକାରୀଙ୍କୁ ବୁଝାଶୁଝା କରି ରାଜପଥ ଅବରୋଧ ହଟାଇଥିବା ଜଣାପଡ଼ିଛି।


# CLASSIFIED DISPLAY

| TARIFF | For Single Day | | For 7 Days | | For 15 Days | | For 30 days | | |
|---|---|---|---|---|---|---|---|---|---|
| MORE SPACE • SAME PRICE | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | GST 5% |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

Telnet Towers Co.
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇ-ୱେ ପାର୍ଶ୍ୱ ଜମିରେ
ଡିଜିଟାଲ ମଲ୍ଟିମିଡିଆ ଟାୱାର୍ ଲଗାନ୍ତୁ।
ଅଗ୍ରିମ: 70 ଲକ୍ଷ
ଭଡ଼ା: 60 ହଜାର
+ ଏଗ୍ରିମେଣ୍ଟ
09625373491, 07827396829
www.telnettowers.com
Add.: Hamiltonganj, Uttar Latabari (WB)

FINANCE FINANCE

ନବରାତ୍ରିର ଶୁଭ ଅବସରରେ ଋଣ ଧମାକା
ଭାରତର Govt. Regd. ନଂ.1 କମ୍ପାନୀ
DURGA FINANCE LTD.
Reg. No. U6519TN198PLC008555
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଗ୍ରୁପ୍ ଓ ସମସ୍ତ ଋଣ
3-4 ଦିନରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ବ୍ୟବସାୟିକ ସୁଯୋଗ ପାଇଁ ଯୋଗାଯୋଗ କରନ୍ତୁ
9499218733
7302958798
H.No. 12, Sohana, Distt. Mohali

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7289999543
7289948952
SCO- 106, Second Floor, Vishal Tower, Cannaught Place, Delhi.

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
ଭାରତର Govt. Regd. ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
ମହାଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ Reg No. MH32820D788
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
7894582823
H.No. 10, Mandi Road, Bathinda Punjab.

HINDUSTAN TOWER
ନାମ ନୁହେଁ କାମ କହିଥାଏ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ 90 ଲକ୍ଷ, ଭଡ଼ା 60,000 + ବାଇକ୍।
20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

ଆପଣଙ୍କ ଅତି ନିଜର ଭାଇ ଆପଣଙ୍କ ସେବାରେ
ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9450741373
B-34/7 A Block Vijay Enclave, Burari, New Delhi

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଧରେ ଦିଆଯାଉଛି। ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ। ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

BUSINESS BUSINESS

ASTROLOGY ASTROLOGY

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ।
୨% ସୁଧ ୪୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ।
ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯାହାର ହୃଦୟଟି ଭଲ, ସେ
ଅଗାଧ ସମ୍ପତ୍ତିର ଅଧିକାରୀ।
- ୱିଲିୟମ ସେକ୍ସପିଅର



## ସଂକ୍ଷେପରେ

### ମାତୃପିତୃ କର୍ମଶାଳା-୨

ଲଖନପୁର, ୨୮।୯ (ଡି.ଏନ.ଏ)- ଆମ ଶିଶୁ ବିକାଶ ବିଦ୍ୟାମନ୍ଦିର ବିଦ୍ୟାନଗର ପଞ୍ଚପଡ଼ାଠାରେ ମାତୃପିତୃ କର୍ମଶାଳା ଭାଗ -୨ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ସ୍ଥାନୀୟ ତୋଷମତି ପଟେଲ ସମ୍ମାନିତ ଅତିଥି ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରୂପାନନ୍ଦ ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ପଟେଲ 'ମାଆ ହିଁ ଶିଶୁର ପ୍ରଥମ ଗୁରୁ' ତା' ଉପରେ ଆଲୋଚନା କରିଥିଲେ। ଚୌଧୁରୀ ଶିଶୁମାନଙ୍କର କିପରି 'ଘର ହିଁ ପ୍ରଥମ ବିଦ୍ୟାଳୟ' ସେ ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ଦିଗାମ୍ବର ମାଝି ମାଆ ବାପା ଚାହିଁଲେ କିପରି ଶିଶୁମାନଙ୍କର ଶିକ୍ଷାର ଅଧିକ ପ୍ରସାର ହେବ ସେ ବିଷୟରେ ବୁଝାଇଥିଲେ। ପ୍ରଧାନଆଚାର୍ଯ୍ୟ ମମତା ସିଂ ତାଙ୍କ ଅଭିଭାଷଣରେ ଘର ପରିବେଶ କିପରି ଶିଶୁର ପ୍ରାଥମିକ ଶିକ୍ଷାର ଭିତ୍ତିଭୂମି ତାହା ବୁଝାଇଥିଲେ। ଅନ୍ୟାନ୍ୟଙ୍କ ମଧ୍ୟରେ ବିଦ୍ୟାଳୟର କୋଷାଧ୍ୟକ୍ଷ ପ୍ରିୟଙ୍କା ସାହୁ, କିଶୋର ପଟେଲ, ମାନସ ସାହୁ, ସନ୍ତୋଷ ନାହାକ, ଅଶାନ୍ତ ଜେନା, ବିଜୟ ପାତ୍ର ଆଦି ସକ୍ରିୟ ଭାବରେ ସହଯୋଗ କରିଥିଲେ। ଅରୁଣ ପଟେଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆର୍ଯ୍ୟ ପଟେଲ କର୍ମଶାଳାର ସଂଯୋଜନା କରିଥିଲେ।

■ ବନ୍ଧବାହାଲ ସମଲେଇ ମନ୍ଦିରରେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ

# ଆଜିଠାରୁ ନବରାତ୍ର ପୂଜା ଆରମ୍ଭ

ଲଖନପୁର,୨୮।୯(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ବନ୍ଧବାହାଲସ୍ଥିତ ସମଲେଇ ମନ୍ଦିର ପ୍ରତିଷ୍ଠା ହେବାପରେ ଚଳିତବର୍ଷ ପ୍ରଥମ କରି ମା'ଙ୍କ ନବରାତ୍ର ପୂଜା ଅନୁଷ୍ଠିତ ହେବ। ଏଥିପାଇଁ ମନ୍ଦିର କମିଟି ଓ ସ୍ୱତନ୍ତ୍ର ନବରାତ୍ର ପୂଜା କମିଟିର ମିଳିତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ରବିବାରରୁ ନବରାତ୍ର ପୂଜା ଆରମ୍ଭ ହେବ। ୯ ଦିନ ଧରି ମା' ସମଲେଇ ଭିନ୍ନ ଭିନ୍ନ ବେଶରେ ପୂଜା ପାଇବେ। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଅବସରରେ ଦେଶାତ୍ମବୋଧକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏହି ଅବସରରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ମନ୍ଦିର ପରିସରରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଜଳନ୍ଧର ବଧ, ଗୁଞ୍ଜନ ମ୍ୟୁଜିକାଲ୍ ଗ୍ରୁପ୍, ପଞ୍ଚଗାଁ ମହିମା ସାଂସ୍କୃତିକ ପରିଷଦ, ଝାରସୁଗୁଡ଼ା କମେଡି ବଜାର, ସୁନ୍ଦରଗଡ଼ର ମୟୂରୀ ସାଂସ୍କୃତିକ ସଂଗଠନ ଆଦି ଯୋଗଦେବେ। ଜଳନ୍ଧର ଭୂମିକାରେ ବରଗଡ଼ ସର୍ଲାର ଭୁବନେଶ୍ୱର ପ୍ରଧାନ ଓ ସାଥୀ କଳାକାରମାନେ ଅଭିନୟ କରିବେ ବୋଲି ଜଣାପଡ଼ିଛି। ସେହିଭଳି କାର୍ଯ୍ୟକ୍ରମରେ ପ୍ରତିଦିନ ମନ୍ତ୍ରୀ, ବିଧାୟକ, ସାଂସଦ, ଶିକ୍ଷାବିତ, ସାମାଜିକ କର୍ମୀମାନେ ସମ୍ମାନିତ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ମନ୍ଦିର ପରିସରରେ ରଙ୍ଗବେରଙ୍ଗର ବିଦ୍ୟୁତ୍ ଆଲୋକ ସାଙ୍ଗକୁ ବିଭିନ୍ନ ପ୍ରକାର ସାଜସଜ୍ଜା କରାଯାଇଛି। ଏହି ନବରାତ୍ର ପୂଜାରେ ଘନଶ୍ୟାମ ସିଂହ ଓ ତାଙ୍କ ସ୍ତ୍ରୀ କବିତା କର୍ତ୍ତାଭାବେ ଦାୟିତ୍ୱ ତୁଲେଇବାକୁ ଥିବାବେଳେ ନିରଞ୍ଜନ ପାଣିଗ୍ରାହୀ ପୂଜାକାର୍ଯ୍ୟ ସମ୍ପାଦନ କରିବେ। ନବରାତ୍ର ସ୍ୱତନ୍ତ୍ର ପୂଜା କମିଟିର ସଭାପତି ଭାବେ ଶୁଭେନ୍ଦୁ ମହାପାତ୍ର, ସାଧାରଣ ସମ୍ପାଦକ ସାଲେଗ୍ରାମ ନାୟକ, କୋଷାଧ୍ୟକ୍ଷ ବସନ୍ତ ପାଢ଼ୀ କାର୍ଯ୍ୟଭାର ତୁଲାଉଛନ୍ତି। ସେହିଭଳି ମନ୍ଦିର କମିଟି ସଭାପତି ସାମଲ ନାଏକ, ସମ୍ପାଦକ ସୁବ୍ରତ ପ୍ରଧାନ, ଦ୍ରୋଣାଚାର୍ଯ୍ୟ ପାଢ଼ୀ, ଦେବାନନ୍ଦ ପ୍ରଧାନ, ପ୍ରଦୀପ ସେନାପତି, ଅଖିଳ ସ୍ୱାଇଁ, କେଶବ ସା, ସଞ୍ଜୟ ସିଂହ, ଚୂଡ଼ାମଣି ସିଂହ, କ୍ଷୀରୋଦ ଦୂବେ, ସୁରେଶ ଲେଙ୍କା ଓ ସୁଶାନ୍ତ ସା ପ୍ରମୁଖ ସଦସ୍ୟ ସହଯୋଗ କରୁଛନ୍ତି।



ନବରାତ୍ର ପାଇଁ ରଙ୍ଗବେରଙ୍ଗ ଲାଇଟ୍‌ରେ ସୁସଜ୍ଜିତ ସମଲେଇ ମନ୍ଦିର।

# ଜିଲାସ୍ତରୀୟ ହ୍ୟାଣ୍ଡଲୁମ ପ୍ରଦର୍ଶନୀ

ବେଲପାହାଡ଼,୨୮।୯ (ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ହସ୍ତତନ୍ତ, ହସ୍ତଶିଳ୍ପ ବିଭାଗ ଓ ବୟନଶିଳ୍ପ ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳସ୍ଥିତ ଗୁମାଡ଼େରା ଜଗନ୍ନାଥ ମନ୍ଦିର ନିକଟରେ ଏକ ହ୍ୟାଣ୍ଡଲୁମ ପ୍ରଦର୍ଶନୀ ଆୟୋଜିତ ହୋଇଛି। ଏହି ପ୍ରଦର୍ଶନୀରେ ସମ୍ବଲପୁରୀ ବସ୍ତ୍ରାଳୟ ସମେତ ସୋନପୁର, ବରଗଡ଼, କେନ୍ଦ୍ରାପଡ଼ା, ବୌଦ୍ଧ ଓ ଆଠଗଡ଼ ପ୍ରଭୃତି ସ୍ଥାନରୁ ଆସିଥିବା ହସ୍ତତନ୍ତ ସମିତିଗୁଡ଼ିକ ଷ୍ଟଲ ଲଗାଇ ବସ୍ତ୍ର ବିକ୍ରି କରୁଛନ୍ତି। ଶନିବାର ପୂର୍ବାହ୍ନରେ ବେଲପାହାଡ଼ ପୌରପରିଷଦ ଅଧ୍ୟକ୍ଷ ପର୍ଶୁରାମ ସାହୁ ଫିତା କାଟି ପ୍ରଦର୍ଶନୀର ଉଦ୍‌ଘାଟନ କରିଥିଲେ। ପୌର ନିର୍ବାହୀ ଅଧିକାରୀ ଲୋକନାଥ କୁମାର ତିୱାରୀ, ଟେକ୍ସଟାଇଲ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଦଶରଥ ପଣ୍ଡା, ସମ୍ପାଦକ ହେମନ୍ତ କୁମାର ମିଶ୍ର ଓ ମାର୍କେଟିଂ ଅଫିସର ଟେଭାଧର ମେହେର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଆସନ୍ତା ଦୁର୍ଗାପୂଜା ଓ ପଶ୍ଚିମ ଓଡ଼ିଶାର ମହାନ୍ ପର୍ବ ଭାଇ ଜିଉଁନ୍ତିଆକୁ ଦୃଷ୍ଟିରେ ରଖି ଏହି ପ୍ରଦର୍ଶନୀର ଆୟୋଜନ କରାଯାଇଛି। ପ୍ରଦର୍ଶନୀରେ ଧୋତି, ଗାମୁଛାଠୁ ନେଇ ବିଭିନ୍ନ ନୂଆ ଡିଜାଇନ୍‌ର ଶାଢ଼ୀ ଓ ରେଡିମେଡ୍ ଲୁଗା ସବୁ ରିହାତି ମୂଲ୍ୟରେ ବିକ୍ରି କରାଯାଉଛି। ପ୍ରଦର୍ଶନୀ ଆସନ୍ତା ୭ ଅକ୍ଟୋବର ପର୍ଯ୍ୟନ୍ତ ଚାଲିବ ବୋଲି ଜଣାଯାଇଛି।


ବେଲପାହାଡ଼ ପୌରପରିଷଦ ଅଧ୍ୟକ୍ଷ ପର୍ଶୁରାମ ସାହୁ ହ୍ୟାଣ୍ଡଲୁମ ପ୍ରଦର୍ଶନୀକୁ ଉଦ୍‌ଘାଟନ କରୁଛନ୍ତି।

ନିରୁପମା କମ୍ପାନୀ କାମ ବନ୍ଦ

# ଦୁଇଶହ କର୍ମଚାରୀଙ୍କ ପେଟରେ ଲାତ



ଡ୍ରାଇଭରମାନେ ଲଜକୁରା ପିଓଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

ବ୍ରଜରାଜନଗର, ୨୮।୯ (ଡି.ଏନ.ଏ)

ମହାନଦୀ କୋଇଲା କମ୍ପାନୀର ମାଲ ବାହାର କରିବା ଟେଣ୍ଡର ସିକଲ୍ କମ୍ପାନୀ ନେଇଥିଲା। ସିକଲ କମ୍ପାନୀ ଦୀର୍ଘ ୨ ବର୍ଷ ହେବ ପେଟି କଣ୍ଟ୍ରାକ୍ଟର ହିସାବରେ ନିରୁପମା କନ୍‌ଷ୍ଟ୍ରକ୍‌ସନ୍ସକୁ ଦେଇଥିଲା। ନିରୁପମାରେ ୨ଶହରୁ ଊର୍ଦ୍ଧ୍ୱ ଡ୍ରାଇଭର, ହେଲପର୍ କାମ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ। ହେଲେ ଶନିବାର ନିରୁପମା କମ୍ପାନୀ ବିନା ନୋଟିସ୍‌ରେ ସେମାନଙ୍କ କାମ ବନ୍ଦ କରି ଦେଇଛି। ଘଟଣା ସମ୍ପର୍କରେ କମ୍ପାନୀ ପରିଚାଳକ ଅନୁଧ୍ୟାନ ମିଶ୍ରଙ୍କୁ ପଚାରିବାରୁ ଅର୍ଥାଭାବ ଓ ଡିଜେଲ ନ ଥିବା ଦର୍ଶାଇଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ସିକଲ୍ କମ୍ପାନୀ ୫ ବର୍ଷ ପାଇଁ ନିରୁପମା କନ୍‌ଷ୍ଟ୍ରକ୍‌ସନ୍ସକୁ କାମ ଦେଇଥିଲା। ସିକଲ୍ କମ୍ପାନୀ ଠିକ୍ ସମୟରେ ନିରୁପମାକୁ ପେମେଣ୍ଟ ଦେଉନାହିଁ। ଫଳରେ କମ୍ପାନୀ ଚଳାଇବା କଷ୍ଟକର ହୋଇ ପଡୁଛି ବୋଲି ପରିଚାଳକ ପ୍ରକାଶ କରିଛନ୍ତି। ଯେହେତୁ ସିକଲ କମ୍ପାନୀର କେହି ପଦାଧିକାରୀ ବ୍ରଜରାଜନଗରରେ ନାହାନ୍ତି ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ। କାମ ବନ୍ଦ କରିବା ପଛରେ ପ୍ରକୃତ ରହସ୍ୟ କ'ଣ ଅଛି ତାହା ମଧ ବୁଝା ପଡୁନାହିଁ। ବର୍ତ୍ତମାନ ସମୟରେ ସମଲେଶ୍ୱରୀ ଖୋଲାମୁହଁ ଖଣିରୁ କୋଇଲା ଉତ୍ପାଦନ କମ ହେଉଛି। ଲଜକୁରା କୋଇଲା ଉତ୍ପାଦନ କମିଲେ ତାହାର ପ୍ରଭାବ ମଧ ରେଡସେଲ ଉପରେ ପଡିବ। ଫଳରେ ଏହାର ସିଧାସଳଖ ପ୍ରଭାବ ରୋଡସେଲ ଟ୍ରକ ମାଲିକ ଓ ଡ୍ରାଇଭରଙ୍କ ଉପରେ ପଡିବ। ଏହି ସବୁ ସମସ୍ୟା ସମାଧାନ ପାଇଁ ନିରୁପମା କମ୍ପାନୀ ଡ୍ରାଇଭରମାନେ ଲଜକୁରା ପିଓଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ମହାନଦୀ କୋଇଲା କମ୍ପାନୀ କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରି ସମସ୍ୟାର ସମାଧାନ କରିବାକୁ ସେମାନେ ଦାବି କରିଛନ୍ତି।

# ସାହିତ୍ୟ ସଂସଦ ପକ୍ଷରୁ ଶରତ କବିତା ଆସର

କୋଲାବିରା,୨୮।୯ (ଡି.ଏନ୍.ଏ.)

କୋଲାବିରା ସମଲେଶ୍ୱରୀ ସାହିତ୍ୟ ସଂସଦ ପକ୍ଷରୁ ପବିତ୍ର ମହାଳୟା ଅବସରରେ ଶରତ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଶନିବାର ଅପରାହ୍ନରେ ସଭାପତି ପ୍ରଜ୍ଞାସୌରଭ ଶୋଭାଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶରତ କବିତା ଆସରରେ ମୁଖ୍ୟଅତିଥି ଭାବେ ପ୍ରଜ୍ଞାନିଧି ଅଭିମନ୍ୟୁ ପଟେଲ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ଗୌରବ ଅଶୋକ କୁମାର ବେହେରା, ଶିକ୍ଷକ ଲଲିନ୍ଦ୍ର ଗୋଖରା ପ୍ରମୁଖ ଯୋଗଦେଇଥିଲେ। ସେହିପରି ମୁଖ୍ୟବକ୍ତା ଭାବରେ ପଣ୍ଡିତ ତ୍ରୈଲୋକ୍ୟନାଥ ମହାପାତ୍ର ଯୋଗଦେଇ ସାହିତ୍ୟର ବାଣୀ ଭଣ୍ଡାରକୁ ପରିପୂର୍ଣ୍ଣ କରିବା ଦିଗରେ ପ୍ରୟାସରତ ମହାରଥିମାନଙ୍କ ସ୍ମୃତିଚାରଣ କରିଥିଲେ। ସ୍କୁଲ, କଲେଜରେ ଓଡ଼ିଆ ଭାଷା ଯେପରି ଦିନକୁ ଦିନ ଗୌଣ ହେବାରେ ଲାଗିଛି ତାହା ବିପଜ୍ଜନକ ସ୍ଥିତି ସୃଷ୍ଟି କରୁଛି। ଏଥିପାଇଁ ଭାଷାର ପ୍ରାଧାନ୍ୟ ଶିକ୍ଷା ଓ ଶିକ୍ଷା ମାଧ୍ୟମରେ ଜାହିର ହେବା ଦରକାର। ସମସ୍ତେ ନିଷ୍ଠାର ସହ ନିରବଚ୍ଛିନ୍ନ ଭାବରେ ଏ ଦିଗରେ ପ୍ରୟାସ ଜାରି ରଖିବା ଦରକାର ବୋଲି ସେ ଆହ୍ୱାନ ଦେଇଥିଲେ। ଏଇ ଅବସରରେ ଆସନ୍ତା ନଭେମ୍ବର ୧୦ ତାରିଖ ରବିବାର ସଂସଦର ସପ୍ତମ ବାର୍ଷିକ ଉତ୍ସବ ଅବସରରେ ଉନ୍ମୋଚିତ ହେବାକୁ ଥିବା ତାହାର ବାର୍ଷିକ ସଂକଳନ ''ଅଗ୍ନିତୀର୍ଥ '' ଅର୍ଜୁନ ଚନ୍ଦ୍ର ମହନ୍ତଙ୍କ ରଚିତ ''ସୀତାଙ୍କ ବାଲିପିଣ୍ଡ ଦାନ'' ଏବଂ ପଣ୍ଡିତ ତ୍ରୈଲୋକ୍ୟନାଥ ମହାପାତ୍ରଙ୍କ ମାନସ ରଚନା ''କଥା କୈବଲ୍ୟ''ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା। ସେହିଭଳି ସାହିତ୍ୟ ପରି ଏକ ଚିନ୍ତାଧାରାକୁ କିପରି ଲୋକାଭିମୁଖୀ କରାଯାଇପାରିବ ସେ ନେଇ ଅତିଥିମାନେ ମତପୋଷଣ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନାରାୟଣ ବାଗ, ପ୍ରଦ୍ୟୁମ୍ନ ପୁରୋହିତ, ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ, ଅନିରୁଦ୍ଧ ଜୟପୁରିଆ, ଶିକ୍ଷାବିତ ତୁଲେଶ୍ୱର ପଟେଲ, ପୂର୍ବତନ ସରପଞ୍ଚ ତୁଲାରାମ ସେନାପତି, କୁଟରାଚୁଆଁ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାଏକ, ଅଧ୍ୟାପକ ସତ୍ୟନାରାୟଣ ପଟେଲ, ସୁଶ୍ରୀ ମଞ୍ଜିଲ ନାଏକ, ଶିକ୍ଷୟିତ୍ରୀ ପଙ୍କଜିନୀ ନାଏକ ପ୍ରମୁଖ ଯୋଗଦେଇ ଶରତ କବିତା ଆସରରେ ଭାଗ ନେଇଥିଲେ। ଏ ଅବସରରେ କବି, କବୟିତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିଲେ।



କବିତା ଆସରରେ ମଞ୍ଚାସୀନ ଅତିଥିମାନେ।

# ବଜରଙ୍ଗ ଦଳ ଦ୍ୱାରା ସେବା ସପ୍ତାହ ପାଳିତ

ବ୍ରଜରାଜନଗର, ୨୮।୯ (ଡି.ଏନ.ଏ)

ସ୍ଥାନୀୟ ରାମପୁର କୋଲିଆରି କଲୋନୀର ହନୁମାନ ମନ୍ଦିରଠାରେ ବଜରଙ୍ଗ ଦଳ ପକ୍ଷରୁ ସେବା ସପ୍ତାହ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବ୍ରଜରାଜନଗର ଶାଖା ସଂଯୋଜକ ଅକ୍ଷୟ କୁମ୍ଭାରଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ପଶ୍ଚିମ ଓଡ଼ିଶା ସଂଯୋଜକ ସୁଧୀର ବହିଦାର ମୁଖ୍ୟଅତିଥି ଭାବେ ଯୋଗଦେଇ ଦଳର ଆଭିମୁଖ୍ୟ, ସଭ୍ୟ ସଂଗ୍ରହ ଉପରେ ଗୁରୁତ୍ୱ ଦେଇଥିଲେ। ଦଳର କର୍ମୀମାନେ ସେବା, ସଂସ୍କାର ଓ ସୁରକ୍ଷା ଉପରେ ଧ୍ୟାନ ଦେଇ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ସଭାରେ ରାମପୁର ଅଞ୍ଚଳର ନୂତନ ସଭ୍ୟମାନେ ସଦସ୍ୟତା ଗ୍ରହଣ କରିଥିଲେ।

# ଧବଳମୁଖୀ ବେଶରେ ମା' ସମଲେଶ୍ୱରୀ

ଲଇକେରା, ୨୮।୯ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଇକେରାର ପ୍ରତ୍ୟକ୍ଷ ଦେବୀ ମା' ସମଲେଶ୍ୱରୀ ଶନିବାର ମହାଳୟା ଅବସରରେ ଭକ୍ତମାନଙ୍କୁ ଧବଳମୁଖୀ ବେଶରେ ଦର୍ଶନ ଦେଇଛନ୍ତି। ମା'ଙ୍କୁ ଧଳାବସ୍ତ୍ର ପରିଧାନ କରାଯାଇଥିବାବେଳେ ସମ୍ପୂର୍ଣ୍ଣ ଧଳା ରଙ୍ଗରେ ଚିତ୍ରିତ କରାଯାଇଥିଲା। ମା'ଙ୍କ ଧବଳମୁଖୀ ବେଶ ଦେଖିବା ପାଇଁ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ଭିଡ଼ ଜମିଥିଲା। ଲୋକପ୍ରବାଦ ଅନୁଯାୟୀ ଅମାବାସ୍ୟା ତିଥିରେ ମା'ଙ୍କ ଧବଳମୁଖୀ ବେଶ ଦର୍ଶନ କଲେ ପିତୃପୁରୁଷ ଗଙ୍ଗାଲାଭ କରନ୍ତି। ଏଥିପାଇଁ ମା'ଙ୍କ ଧବଳମୁଖୀ ବେଶକୁ ଗଙ୍ଗା ବେଶ ମଧ୍ୟ କୁହାଯାଏ। ପୂଜକ ଭୁବନେଶ୍ୱର ରାୟ ପୂଜା କାର୍ଯ୍ୟ ସମ୍ପାଦନ କରିଛନ୍ତି। ସେହିପରି ରାତିରେ ମା'ଙ୍କ ପୀଠରେ ଅମାବାସ୍ୟା ବଳିଯାତ୍ରା ଅନୁଷ୍ଠିତ ହେବ। ଏଥିରେ ପଞ୍ଚବାଦ୍ୟ ଦୁଲଦୁଲି ବାଜାର ତାଳେ ତାଳେ ବରୁଆ ମନ୍ଦିରରୁ ବାହାରି ଗ୍ରାମ ପରିକ୍ରମା ପୂର୍ବକ ପୀଠକୁ ପ୍ରତ୍ୟାବର୍ତ୍ତନ କରିବ।


ଧବଳମୁଖୀ ବେଶରେ ମା'ସମଲେଶ୍ୱରୀ ଦର୍ଶନ ଦେଉଛନ୍ତି।

# ଜିଲା କେମିଷ୍ଟ ଆଣ୍ଡ୍ ଡ୍ରଗିଷ୍ଟ ଆସୋସିଏଶନ୍‌ର ବୈଠକ



ବୈଠକରେ ମଞ୍ଚାସୀନ ଅତିଥିମାନେ।

ଝାରସୁଗୁଡ଼ା ଅଫିସ୍ / ଲଖନପୁର,୨୮।୯ (ଡି.ଏନ୍.ଏ.)

ଝାରସୁଗୁଡ଼ାସ୍ଥିତ ଏକ ହୋଟେଲରେ ଶନିବାର ଜିଲା କେମିଷ୍ଟ ଆଣ୍ଡ୍ ଡ୍ରଗିଷ୍ଟ ଆସୋସିଏଶନ୍‌ର ତ୍ରୈବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆସୋସିଏଶନ୍‌ର ସଭାପତି ମନୋଜ ଅଗ୍ରୱାଲ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ, ସମ୍ମାନିତ ଅତିଥି ଭାବେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ବିଧାୟକ କିଶୋର ମହାନ୍ତି, ରାଜ୍ୟ ଡ୍ରଗ୍ କଣ୍ଟ୍ରୋଲର ମାମିନା ପଟ୍ଟନାୟକ, ଜିଲା ଡ୍ରଗ୍ ଇନ୍‌ସ୍ପେକ୍ଟର ଜ୍ୟୋତିରଞ୍ଜନ ପଣ୍ଡା, ୟୁସିଡିଏ ଅଧ୍ୟକ୍ଷ ହୃଷୀକେଶ ମିଶ୍ର, ସାଧାରଣ ସମ୍ପାଦକ ପ୍ରଶାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଜେସିଡିଏ ସମ୍ପାଦକ ମନୋରଞ୍ଜନ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଅନ୍‌ଲାଇନ ଔଷଧ ବିକ୍ରି, ଜନ ଔଷଧି, ନିରାମୟ ଯୋଜନା ଆଦି ଯୋଗୁ ଔଷଧ ବ୍ୟବସାୟୀମାନେ ବିଶେଷ ଭାବେ କ୍ଷତିଗ୍ରସ୍ତ ହେଉଛନ୍ତି। ଏ ଦିଗରେ ସରକାର ଦୃଷ୍ଟିଦେବା ପାଇଁ ଆସୋସିଏଶନ ଦାବି କରିଥିଲା। ଏଥିରେ ଜିଲାର କେମିଷ୍ଟ ଆଣ୍ଡ୍ ଡ୍ରଗିଷ୍ଟ ଆସୋସିଏଶନର ସଦସ୍ୟମାନେ ଯୋଗଦେଇଥିଲେ । ପରେ ଜେସିଡିଏ ଆସୋସିଏଶନ୍‌ର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ଜୟନ୍ତ ଦୀକ୍ଷିତ, ସଭାପତି ଓ ପ୍ରଦୀପ ସାକୁନିଆଁ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି।

# ଜିଲାସ୍ତରୀୟ ଖୋଖୋ ଓ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ

ଲଖନପୁର, ୨୮।୯ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଶିକ୍ଷା କାର୍ଯ୍ୟାଳୟର ବିଦ୍ୟାଳୟ ସମୂହର କ୍ରୀଡ଼ା ସଂଗଠନ ଆନୁକୂଲ୍ୟରେ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ, ମୁରଲୀପାଲିଠାରେ ସପ୍ତମ ଜିଲାସ୍ତରୀୟ ଖୋଖୋ ଓ କବାଡି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଡମ୍ବରୁଧର ପୂଜାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତିନି ଦିନ ଧରି ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ଚାରପାଲି ଗ୍ରାମ ପଞ୍ଚାୟତର ସରପଞ୍ଚ ପ୍ରଦୀପ କୁମାର ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ୧୭ ବର୍ଷରୁ କମ୍ ବାଳକ କବାଡ଼ି ଖେଳରେ ବିଜେତା ଲଇକେରା ବ୍ଲକ ଓ ଉପବିଜେତା କିର୍ମିରା ବ୍ଲକ ହୋଇଥିଲା। ସେହିପରି ୧୪ ବର୍ଷରୁ କମ୍ ବାଳକ କବାଡ଼ିରେ ବିଜେତା ଲଇକେରା ବ୍ଲକ ଓ ଉପବିଜେତା ଝାରସୁଗୁଡା ବ୍ଲକ ହୋଇଥିଲା। ୧୭ ବର୍ଷରୁ କମ୍ ବାଳିକା କବାଡ଼ିରେ ବିଜେତା କିର୍ମିରା ବ୍ଲକ ଓ ଉପବିଜେତା କୋଲାବିରା ବ୍ଲକ। ସେହିପରି ୧୪ ବର୍ଷରୁ କମ୍ ବାଳିକା କବାଡିରେ ବିଜେତା କିର୍ମିରା ବ୍ଲକ ଓ ଉପବିଜେତା କୋଲାବିରା ବ୍ଲକ। ୧୭ ବର୍ଷରୁ କମ୍ ବାଳକ ଖୋଖୋ ବିଜେତା କିର୍ମିରା ବ୍ଲକ ଓ ଉପବିଜେତା ଲଖନପୁର ବ୍ଲକ ହୋଇଥିଲା। ସେହିପରି ୧୪ ବର୍ଷରୁ କମ୍ ବାଳକ ଖୋଖୋ ବିଜେତା କିର୍ମିରା ବ୍ଲକ ଓ ଉପବିଜେତା ଲଇକେରା ବ୍ଲକ ହୋଇଥିଲା। ୧୭ ବର୍ଷରୁ କମ୍ ବାଳିକା ଖୋଖୋ ଖେଳର ବିଜେତା ଲଖନପୁର ବ୍ଲକ ଓ ଉପବିଜେତା କିର୍ମିରା ବ୍ଲକ। ୧୪ ବର୍ଷରୁ କମ୍ ବାଳିକା ଖୋଖୋ ଖେଳର ବିଜେତା ଲଇକେରା ବ୍ଲକ ଓ ଉପବିଜେତା କିର୍ମିରା ବ୍ଲକକୁ ଟ୍ରଫି ପ୍ରଦାନ କରାଯାଇଥିଲା। ମୁରଲୀପାଲି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନବୀନ କୁମାର ସାଙ୍କ ନିର୍ଦ୍ଦେଶନାରେ ସମସ୍ତ କାର୍ଯ୍ୟକୁ ଶାରୀରିକ ଶିକ୍ଷା ଶିକ୍ଷକ ନିତ୍ୟାନନ୍ଦ ନାଏକ, ମିତ୍ରଭାନୁ ସାହି, ନିର୍ମଳ ବିଶ୍ୱାଳ, ବିମଳ ତାଣ୍ଡି, ବଂଶୀଧର ପଶାୟତ, ତ୍ରିଲୋଚନ ରଣା, ଅଶୋକ ପାଢ଼ୀ, ଗୌର ଭୋଇ, ସତ୍ୟନାରାୟଣ ଭୋଇ ଓ ରବିନାରାୟଣ ପୂଜାରୀ ପ୍ରମୁଖ ସୁଚାରୁରୂପେ କାର୍ଯ୍ୟ ତୁଲାଇଥିଲେ। ଖୋଖୋ ବାଳକ କନ୍‌ଭେନର ନିର୍ମଳ ସାହୁ ଓ ବାଳିକା ଖୋଖୋ କନ୍‌ଭେନର ପବିତ୍ର ପଧାନ, କବାଡି ବାଳକ କନ୍‌ଭେନର ରବି ପୂଜାରୀ ଓ କବାଡ଼ି ବାଳିକା କନ୍‌ଭେନର ସଚ୍ଚିଦାନନ୍ଦ ପଧାନଙ୍କ ସହ ରେଫରି ଶିବ ପଧାନ, ମମତା ପାଣ୍ଡେ, ପଙ୍କଜିନୀ ପଟେଲ, ନିଳିନୀ ବରିହା, ଆଦିତ୍ୟ ମେହେର ଓ ବଂଶୀଧର ପଶାୟତ ପ୍ରମୁଖ ଖେଳ ପରିଚାଳନା କରି ଖୋଖୋ ଓ କବାଡିର ରାଜ୍ୟସ୍ତରୀୟ ପ୍ରତିଯୋଗିତା ସକାଶେ ଆଠ ଗୋଟି ଦଳ ମନୋନୀତ କରିଥିଲେ। ଶେଷରେ ଲଖନପୁର ବ୍ଲକ କ୍ରୀଡା ସଂଗଠନର ସମ୍ପାଦକ ଚେମାକାନ୍ତ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।


ଶିକ୍ଷୟିତ୍ରୀଶିକ୍ଷକଙ୍କ ଗହଣରେ ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରମାନେ।

## ସଂକ୍ଷେପରେ

### ଟଙ୍କା ଆଦାୟ କରିବାକୁ ଆସି ମାଡ଼ ଖାଇଲେ

ବାସୁଦେବପୁର,୨୮।୯(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ପଡୁଁଆ ଗ୍ରାମକୁ ବକେୟା ଟଙ୍କା ଆଦାୟ କରିବାକୁ ଆସି ଶନିବାର ସନ୍ଧ୍ୟାରେ ୮ ବ୍ୟକ୍ତି ଲୋକଙ୍କ ରୋଷର ଶିକାର ହୋଇଛନ୍ତି। ସେମାନେ ବାଲେଶ୍ୱର ଜିଲା ବଳରାମଗଡ଼ି ଅଞ୍ଚଳର ହୋଇଥିବା ବେଳେ ଏକ ବୋଲେରୋରେ ଏହି ଗାଁକୁ ଆସିଥିଲେ। ଉକ୍ତ ଗାଡ଼ିରେ ମାରଣାସ୍ତ୍ର ଥିବା ଦେଖି ଗାଁ ଲୋକେ ସେମାନଙ୍କୁ ଧରି ବାନ୍ଧି ପକାଇବା ସହ ନିସ୍ତୁକ ମାଡ଼ ମାରିଥିଲେ। ଏହି ସମୟରେ ୫ ଜଣ ଖସି ପଳାଇ ଥିବାବେଳେ ୩ ଜଣଙ୍କୁ ବାସୁଦେବପୁର ପୋଲିସ ଉଦ୍ଧାର କରି ଥାନାରେ ଅଟକ ରଖିଛି। ସୂଚନା ଅନୁଯାୟୀ, ପଡୁଁଆ ଗ୍ରାମର ଜଣେ ମତ୍ସ୍ୟଜୀବୀ ବଳରାମଗଡି ଅଞ୍ଚଳର ଜଣେ ବୋଟ୍ ମାଲିକଙ୍କଠାରୁ ଲକ୍ଷାଧିକ ଟଙ୍କା ଆଣି ଆଉ କାମ କରିବାକୁ ଯାଉ ନ ଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ଟଙ୍କା ଆଦାୟ ପାଇଁ ଆସିଥିବା ବେଳେ ଏହି ବ୍ୟକ୍ତିମାନେ ମାଡ଼ ଖାଇଥିବା ଜଣାପଡ଼ିଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ଦେଓ ନଦୀରୁ ଗଳିତ ମୃତଦେହ ଉଦ୍ଧାର

ପାଟଣା,୨୮।୯(ସ୍ୱ.ପ୍ର.)-କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅଧୀନ ଦେଓ ନଦୀର ମଙ୍ଗଳପୁର ଘାଟରୁ ଶନିବାର ଜଣେ ଅଜଣା ବ୍ୟକ୍ତିଙ୍କ ଗଳିତ ମୃତଦେହକୁ ସାହାରପଡା ଅଗ୍ନିଶମ ବିଭାଗ ସହାୟତାରେ ପୋଲିସ ଉଦ୍ଧାର କରିଛି। ମୃତଦେହକୁ ବ୍ୟବଚ୍ଛେଦ ଲାଗି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏ ନେଇ ଏଏସଆଇ ଗୁରୁପ୍ରସାଦ ଦେଓ ଏକ ଅପମୃତ୍ୟୁ ମାମଲା (ନଂ.୧୮/୧୯) ରୁଜୁକରି ତଦନ୍ତ ଜାରି ରଖିଛନ୍ତି। ସୂଚନା ଅନୁଯାୟୀ ଶନିବାର ସକାଳେ କେତେକ ଲୋକ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ମୃତଦେହ ଭାସୁଥିବାର ଦେଖି ତୁରୁମୁଙ୍ଗା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ ମଧ ମୃତକଙ୍କ ପରିଚୟ ମିଳି ପାରି ନାହିଁ।

### ୩ ମାଲିକଙ୍କ ସମେତ ୧୧ ଅଟକ

ଭୋଗରାଇ,୨୮।୯(ଡି.ଏନ.ଏ.)- ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ୩ଟି ବେଆଇନ କରତକଳ ଉପରେ ଶନିବାର ଟାସ୍କଫୋର୍ସ ଓ ପୋଲିସ୍ ଆକସ୍ମିକ ଭାବେ ଚଢ଼ାଉ କରିଛି। ଚନ୍ଦନେଶ୍ୱର ନିକଟବର୍ତ୍ତୀ ଚଣ୍ଡୀସିଂପୁର, ଜଗନ୍ନାଥପୁର ଓ ନିମାଟ୍ପୁର ନିକଟସ୍ଥ ବେଲାଗ୍ରାମରେ ବେଆଇନ ଭାବେ କରତକଳ ଚାଲୁଥିବା ଖବରପାଇ ଟାସ୍କଫୋର୍ସର ଡିଏସ୍‌ପି ମନୋଜ ରାଉତ ଓ ଜଳେଶ୍ୱର ଏସ୍‌ଡ଼ିପିଓ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ୩ଟି ସ୍ଥାନରୁ ୩ମାଲିକଙ୍କ ସମେତ ୧୧ଜଣ କର୍ମଚାରୀଙ୍କୁ ପୋଲିସ ଭୋଗରାଇ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଟାସ୍କଫୋର୍ସ ବନବିଭାଗକୁ ଖବର ଦେଇଥିଲେ ମଧ ବନବିଭାଗ ସେଠାରେ ପହଞ୍ଚିନାହିଁ। ଖବରଲେଖା ହେବା ପର୍ଯ୍ୟନ୍ତ ୩ କରତକଳର କାଠ କିମ୍ବା ଯନ୍ତ୍ରାଂଶ ଜବତ ହୋଇ ନ ଥିବା ସୂଚନା ମିଳିଛି।

■ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ନିର୍ମାଣରେ ବିଳମ୍ବ,ଅନିଶ୍ଚିତତା

# ୩ ସ୍ଥାନରେ ରାସ୍ତାରୋକୋ

■ ଅର୍ଥନୈତିକ ଅବରୋଧ ଧମକ ଦେଲେ ଜର୍ଜ ତିର୍କୀ

■ ରାଜଗାଙ୍ଗପୁର ବିଧାୟକଙ୍କ ସମେତ ୬୦ ଗିରଫ

ରାଉରକେଲା ଅଫିସ,୨୮।୯

ଦ୍ୱିତୀୟ ବ୍ରାହ୍ମଣୀ ସେତୁକୁ ନେଇ ଦିନକୁ ଦିନ ରାଉରକେଲା ରାଜନୀତି ସରଗରମ ହେବାରେ ଲାଗିଛି। ଏନେଇ ବିରୋଧୀ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଘେରିବାରେ ଲାଗିଛନ୍ତି। ଗତ ଶୁକ୍ରବାର ପୂର୍ବତନ କଂଗ୍ରେସ ବିଧାୟକ ପ୍ରଭାତ ମହାପାତ୍ର ଏଭଳି ଅବହେଳା ନେଇ ସରକାରଙ୍କୁ ସମାଲୋଚନା କରିଥିବା ବେଳେ ଶନିବାର ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ ନେତୃତ୍ୱରେ ପାନପୋଷ ଛକ, ପ୍ରଶାନ୍ତ ସେଠୀଙ୍କ ନେତୃତ୍ୱରେ ଫର୍ଟିଲାଇଜର ରଙ୍ଗିଲା ଛକ ଓ ରୋହିତ ଯୋସେଫ ତିର୍କୀଙ୍କ ନେତୃତ୍ୱରେ ବୀରମିତ୍ରପୁରଠାରେ ରାସ୍ତାରୋକୋ କରାଯାଇଛି। ଦ୍ୱିତୀୟ ସେତୁ ନିର୍ମାଣରେ ଅହେତୁକ ବିଳମ୍ବ ତଥା ଅନିଶ୍ଚିତତା ନେଇ ଆନ୍ଦୋଳନକାରୀମାନେ କ୍ଷୋଭ ପ୍ରକାଶ କରିଛନ୍ତି।

ଏକକାଳୀନ ୩ଟି ସ୍ଥାନରେ ଆୟୋଜିତ ଆନ୍ଦୋଳନରେ କଂଗ୍ରେସର ବହୁ କର୍ମୀ, ନେତା ସାମିଲ ହୋଇଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଏହି ଗଣ ବିକ୍ଷୋଭରେ ରାଜଗାଙ୍ଗପୁର ବିଧାୟକ ଡ. ରାଜେନ ଏକ୍କା, ରାଉରକେଲା ପୂର୍ବତନ ଜିଲା କଂଗ୍ରେସ ସଭାପତି ବୀରେନ ସେନାପତି, ବର୍ତ୍ତମାନର କାର୍ଯ୍ୟକାରୀ ସଭାପତି ସବିର ହୁସେନ, ପିସିସି ସଭ୍ୟ ଦେବ ବିହାରୀ, ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ପ୍ରଭାତୀ ମିଶ୍ର, ବରିଷ୍ଠ କଂଗ୍ରେସ ନେତା ଇକ୍‌ବାଲ ମଲ୍ଲିକ, ସୁନ୍ଦରଗଡ ମହିଳା କଂଗ୍ରେସ ସଭାନେତ୍ରୀ ସରୋଜିନୀ ବାଖ୍ଲା, ସେବା ଦଳ ସଙ୍ଗଠକ ବିନୋଦ ରାଉତ, ବରିଷ୍ଠ ନେତା କୀର୍ତ୍ତନ ଦାସ, ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାନେତ୍ରୀ ନିରୁପମା ବଳିଆରସିଂ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅବହେଳାକୁ ତୀବ୍ର ସମାଲୋଚନା କରିଥିଲେ।

ସରକାର ଏଠାରୁ ବିପୁଳ ରାଜସ୍ୱ ପାଉଥିବା ବେଳେ ଜିଲାବାସୀଙ୍କ ପ୍ରତି ଚରମ ଅବହେଳା ପ୍ରଦର୍ଶନ କରୁଛନ୍ତି ବୋଲି ନେତୃବୃନ୍ଦ ଅଭିଯୋଗ କରିଥିଲେ। ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଦାବି ସତ୍ତ୍ୱେ ଜରାଜୀର୍ଣ୍ଣ ରାସ୍ତା ମରାମତି କରାଯାଉନି। ଏଥିପାଇଁ ପଥଚାରୀ ନାନା ସମସ୍ୟାର ସମ୍ମୁଖୀନ ହେବା ସହ ଜୀବନହାନି ଘଟୁଛି। ଏପରି ଅବସ୍ଥାରେ କର୍ତ୍ତୃପକ୍ଷଙ୍କ ମନମାନିକୁ ଆଉ ବେଶିଦିନ ବରଦାସ୍ତ କରାଯିବନି ବୋଲି କଂଗ୍ରେସ ନେତାମାନେ ଚେତାବନୀ ଦେଇଥିଲେ। ତୁରନ୍ତ ପୁରୁଣା ସେତୁ ନିକଟରେ ରାଜ୍ୟ ସରକାର ଆଉ ଏକ ନୂତନ ସେତୁ ନିର୍ମାଣ ପାଇଁ ପଦକ୍ଷେପ ନିଅନ୍ତୁ। ଜିଲା ଖଣିଜ ପାଣ୍ଠି ବ୍ୟୟ ଅଟକଳରେ ଏହା ଶୀଘ୍ର ଶେଷ କରାଯାଉ। ଏଥିପ୍ରତି ସରକାର ଅବହେଳା ପ୍ରଦର୍ଶନ କଲେ ଅର୍ଥନୈତିକ ଅବରୋଧ କରାଯିବ ବୋଲି ଜର୍ଜ ତିର୍କୀ ଚେତବନୀ ଦେଇଥିଲେ। ଆବଶ୍ୟକ ପଡିଲେ ଏ ନେଇ ଅନଶନ କରିବାକୁ ପଛାଇବିନି ବୋଲି ସେ କହିଥିଲେ।

ଗତ ୨ବର୍ଷ ତଳେ କେନ୍ଦ୍ରମନ୍ତ୍ରୀ ଗଡ଼କରୀ ଏହି ସେତୁ ଶିଳାନ୍ୟାସ କରିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଉରକେଲା ଆସି ସେତୁ ନିର୍ମାଣ ସ୍ଥଳକୁ ଯାଇ ଅନୁଧ୍ୟାନ କରିବାକୁ ଅନୁରୋଧ କରାଯାଇଛି। ସେତୁ ନିର୍ମାଣ କାମ କିପରି କଚ୍ଛପ ଗତିରେ ଚାଲିଛି ତାହା ଦେଖିବା ଉଚିତ ବୋଲି ଦାବି କରାଯାଇଛି। ଉକ୍ତ ଆନ୍ଦୋଳନରେ ଛାତ୍ର କଂଗ୍ରେସ ଜିଲା ସଭାପତି ସୂର୍ଯ୍ୟକାନ୍ତ ବାରିକ ଓ ଯୁବ ନେତା ଜ୍ଞାନେନ୍ଦ୍ର ଦାସଙ୍କ ନେତୃତ୍ୱରେ ଉଦିତନଗର ଛକରୁ ଏକ ବାଇକ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଦୀର୍ଘ ସମୟ ଧରି ରାସ୍ତାରୋକୋ ଜାରି ରହିବାରୁ ରଘୁନାଥପାଲି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ରାଜଗାଙ୍ଗପୁର ବିଧାୟକ ଡ. ଏକ୍କା ଓ ବୀରେନ ସେନାପତିଙ୍କ ସମେତ ୬୦ରୁ ଊର୍ଦ୍ଧ୍ୱ ଆନ୍ଦୋଳନକାରୀଙ୍କୁ ଗିରଫ କରି ରିଜର୍ଭ ପୋଲିସ ଲାଇନ ବ୍ୟାରେକରେ ଅଟକ ରଖିଥିଲା। ପରେ ସମସ୍ତଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛଡା ଯାଇଥିଲା। ଏହି ଆନ୍ଦୋଳନାରେ ଚିତ୍ତରଞ୍ଜନ ମହାନ୍ତି, ରାମପୁକାର ସିଂ, ଇନ୍ଦ୍ରମୋହନ ପଣ୍ଡା, ସନ୍ତୋଷ ବିଶ୍ୱାଳ, ଉମେଶ ଶରଣ, ରାମପ୍ରସାଦ ଜୟସ୍ୱାଲ, ପ୍ରଫୁଲ୍ଲ ପ୍ରଧାନ, ବସନ୍ତ ସାମଲ, ଦିଲୀପ ଲାହିଡ଼ି, ଶରତ ବେହେରା, ଶୋଭା ସିଂ, ଗୀତା ସାହୁ, ସରୋଜ ଜେନା, ଶଙ୍କର ଦାସ, ମଞ୍ଜୁ ଦେବୀ, ସରସ୍ୱତୀ ଦାସ, କଳ୍ପନା ସାହୁ, ବିଶ୍ୱଭୂଷଣ କର ପ୍ରମୁଖ ଉପସ୍ଥିତ ଥିଲେ।



କଂଗ୍ରେସ ନେତା ଜର୍ଜ ତିର୍କୀଙ୍କ ନେତୃତ୍ୱରେ ରାସ୍ତାରୋକୋ କରାଯାଇଛି।

### ମେଡିକାଲରୁ ଆଉ ୨ ଦଲାଲ ଗିରଫ

**ଭଦ୍ରକ ଅଫିସ, ୨୮।୯:** ଭଦ୍ରକ ଜିଲା ଚିକିତ୍ସାଳୟରୁ ଶନିବାର ଆଉ ୨ ଦଲାଲଙ୍କୁ ଗିରଫ କରିଛି ଟାଉନ ଥାନା ପୋଲିସ। ରାଜ୍ୟ ସରକାର ମେଡିକାଲ ଓ ଆର୍‌ଟିଓକୁ ଦଲାଲମୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦେବା ପରେ ପୋଲିସ ତତ୍ପର ହୋଇଉଠିଛି। ଏହାପୂର୍ବରୁ ୬ ଦଲାଲଙ୍କୁ ଗିରଫ କରାଯାଇଥିଲା। ଶନିବାର ଗିରଫ ହୋଇଥିବା ୨ ଜଣଙ୍କ ମଧ୍ୟରୁ ଜଣେ ମହିଳା ଥିବା ଜଣାପଡ଼ିଛି। ଗିରଫ ଦୁଇଜଣ ହେଲେ ଗ୍ରାମାଞ୍ଚଳ ଥାନା ଅଧୀନ ରାଜପୁର ଗାଁର ସୁଭାଷିନୀ ସାହୁ ଓ କୁଆଁସ ଗ୍ରାମର ସାଗର ମୁଖୀ। ଗିରଫ ସାଗର ଜଣେ ଅଟୋ ଚାଳକ ବୋଲି ଜଣାପଡ଼ିଛି। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଟାଉନ ଥାନାରେ ମାମଲା (ନଂ.୨୯୦/୧୯) ରୁଜୁ ହୋଇଛି।

### ୫ ବଖରା ଜଳିଗଲା

**ଭଦ୍ରକ ଅଫିସ, ୨୮।୯:** ଭଦ୍ରକ ବ୍ଲକ ବରହମ୍ପୁର ପଞ୍ଚାୟତ ମାଳି ଅରୁଆ ଗାଁରେ ଶୁକ୍ରବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୨ ପରିବାରର ୫ ବଖରା ଘର ଜଳିଯାଇଛି। ଗ୍ରାମର ଗୁରୁବା ସିଂ ଓ ସାରଥି ସିଂଙ୍କ ଘର ପୋଡ଼ି ଯାଇଥିବା ବେଳେ ୨୦ଟି କୁକୁଡ଼ା ଓ ଗୋଟିଏ ଗୋରୁ ଜୀବନ୍ତଦଗ୍ଧ ହୋଇଯାଇଛନ୍ତି। ବିଦ୍ୟୁତ୍ ଶର୍ଟସର୍କିଟ୍ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। କ୍ଷତିଗ୍ରସ୍ତ ଦୁଇ ପରିବାର ଭୂମିହୀନ ଆଦିବାସୀ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି କରାଯାଇଛି।

## ଛିଣ୍ଡା ପଲିଥିନ ତଳେ ଜୀବନ

ଭୋଗରାଇ, ୨୮।୯(ଡି.ଏନ.ଏ.)

ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗରିବ ଲୋକଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାର ସରକାରୀ ପକ୍କାଗୃହ ପାଇଁ ସହାୟତା ପ୍ରଦାନ କରୁଛନ୍ତି। ହେଲେ ପ୍ରଶାସନ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ଅବହେଳା ଯୋଗୁ ଗରିବ ଲୋକେ ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି। ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ବାରବାଟିଆ ଗ୍ରାମ ୧ ନମ୍ବର ୱାର୍ଡ଼ର ସୁଧାଂଶୁ କାମିଲା (୫୫) ଏଭଳି ଅବହେଳାର ଶିକାର ହୋଇଛନ୍ତି। ସୁଧାଂଶୁ ଜଣେ ଗରିବ ଚାଷୀ ହୋଇଥିବା ବେଳେ ସ୍ତ୍ରୀ ରେବତୀ ରୋଗିଣା। ଦୁଇପୁଅ କାର୍ତ୍ତିକ ଓ ଗଣେଶ। ଜମିବାଡ଼ି ନ ଥିବାରୁ ପରିବାର ଚଳାଇବା ପାଇଁ ବାପ ଓ ପୁଅଙ୍କୁ ସଂଘର୍ଷ କରିବାକୁ ପଡୁଛି। ୫ବର୍ଷ ହେଲା ତାଙ୍କର ନଡ଼ାଛପର ଘର ଭାଙ୍ଗିଯାଇଛି। ବହୁ କଷ୍ଟରେ ସେମାନେ ଘର ଉପରେ ପଲିଥିନ ପକାଇ କଷ୍ଟେମଷ୍ଟେ ୪ ପ୍ରାଣୀ ରହୁଛନ୍ତି। ଚଳିତବର୍ଷ ଝଡ଼ବର୍ଷାରେ ପଲିଥିନ୍ ଚିରିଯାଇ ପାଣି ଗଳୁଛି। ବର୍ଷା ଓ ଘଡ଼ ଘଡ଼ି ସମୟରେ ପରିବାର ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ସୁଧାଂଶୁ ଏବଂ ତାଙ୍କ ପୁଅ କାର୍ତ୍ତିକ ପର ଘରେ ମୂଲ ଲାଗି ଯାହା ରୋଜଗାର କରନ୍ତି ତାହା ରେବତୀଙ୍କ ଚିକିତ୍ସା ପାଇଁ ଖର୍ଚ୍ଚ ହୁଏ। ସୀମିତ ଅର୍ଥରେ ଦିନକୁ ଦୁଇ ଓଳି ପେଟପୂରା ଖାଇବାକୁ କଷ୍ଟକର ହୋଇପଡୁଥିବା ବେଳେ ଘର ସଜାଡ଼ିବା ସେମାନଙ୍କ ପାଇଁ ସ୍ୱପ୍ନ। ସରକାରୀ ଗୃହ ଯୋଗାଇ ଦେବା ପାଇଁ ଏହି ପରିବାର ପଞ୍ଚାୟତ କାର୍ଯ୍ୟନିର୍ବାହୀ, ସରପଞ୍ଚ, ବିଡ଼ିଓଙ୍କୁ ନିବେଦନ କରିଛନ୍ତି। ପ୍ରତିଶ୍ରୁତି ମଧ ମିଳିଛି। ହେଲେ ସରକାରଙ୍କ ଏହି ଯୋଜନା ସାତସପନ ପରି ଲାଗୁଛି ବୋଲି କୁହନ୍ତି ସୁଧାଂଶୁ। ତଥାପି ଆଶାରେ ଅଛନ୍ତି।


ଘର ଆଗରେ ସୁଧାଂଶୁ ଓ ରେବତୀ।

## ମାନ୍ଦାବସ୍ଥା ସତ୍ତ୍ୱେ ଦେଶର ସ୍ଥିତି ଅପରିବର୍ତ୍ତିତ, ଦରଦାମ ନିୟନ୍ତ୍ରଣାଧୀନ: ଜୁଏଲ

ରାଉରକେଲା ଅଫିସ,୨୮।୯

ସଂପ୍ରତି ଦେଶରେ ଦେଖାଦେଇଥିବା ମାନ୍ଦାବସ୍ଥା କାରଣରୁ ବିଭିନ୍ନ କ୍ଷେତ୍ରରେ ଏହାର ପ୍ରଭାବ ଅନୁଭୂତ ହୋଇଥିବା ଆଲୋଚନା ହେଉଛି। ତେବେ କେନ୍ଦ୍ର ସରକାରଙ୍କ ଦୃଢ଼ ପଦକ୍ଷେପ ଯୋଗୁ ସ୍ଥିତି ଅପରିବର୍ତ୍ତିତ ରହିଛି ବୋଲି ପୂର୍ବତନ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ କହିଛନ୍ତି। ଏନେଇ ସେକ୍ଟର- ୩ ଭାଜପା କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଓରାମ କହିଲେ, ଭାରତର ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନେକ ଐତିହାସିକ ପଦକ୍ଷେପ ନେଇଛନ୍ତି। ଭାରତର ଅର୍ଥନୀତିକୁ ୫ ଟ୍ରିଲିୟନ ଆମେରିକୀୟ ଡଲାର ବିଶିଷ୍ଟ କରିବାରେ ଏହା ସହାୟକ ହେବ ଓ ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ।

ଏହିଅବସରରେ ସେ କହିଥିଲେ, ସମଗ୍ର ଏସିଆ ମହାଦେଶରେ କମ୍ପାନୀମାନଙ୍କ ଉପରେ ସବୁଠୁ କମ ଟିକସ ଲାଗୁ କରୁଥିବା ଦେଶ ଭାବେ ଭାରତ ଏବେ ପ୍ରମୁଖ ଦେଶ ରୂପେ ଉଭା ହୋଇଛି। ଅତିରିକ୍ତ ଦେୟ ଓ ସେସକୁ ମିଶାଇଲେ ଏହି ଟିକସ ୨୫. ୧୭ ପ୍ରତିଶତରେ ସୀମିତ ରହିବ, ଯାହା ପୂର୍ବରୁ ୩୪. ୯ ପ୍ରତିଶତ ଥିଲା। ଅକ୍ଟୋବର ୨୦୧୯ ପରେ ପଞ୍ଜୀକୃତ ହୋଇଥିବା କମ୍ପାନୀ(ମାନୁଫାକ୍‌ଚରିଂ)ଗୁଡିକର ଆୟକରକୁ ୧୫ ପ୍ରତିଶତରେ ସୀମିତ ରଖା ଯାଇଛି। ପୁରୁଣା କମ୍ପାନୀଗୁଡ଼ିକୁ ମଧ୍ୟ ଅନୁରୂପ ଭାବେ ସହଯୋଗର ହାତ ବଢାଇଛନ୍ତି କେନ୍ଦ୍ର ସରକାର। ପୂର୍ବରୁ ୧୮. ୫ ପ୍ରତିଶତ ଟିକସ ଦେଉଥିବା କମ୍ପାନୀ ଏଣିକି ୧୫ ପ୍ରତିଶତ ପ୍ରଦାନ କରିବେ। ଏହା ଦ୍ୱାରା ମାନୁଫେକଚରିଂ ସେକ୍ଟରଗୁଡିକରେ ନୂଆ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ମିଳିବ। ଏଭଳି ପଦକ୍ଷେପ ଯୋଗୁ ପୁଞ୍ଜି ନିବେଶକାରୀ ଭାରତୀୟ ଷ୍ଟକ୍ ଏକ୍ସଚେଞ୍ଜରେ ଶେୟାର କ୍ରୟ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି ଓରାମ ଏଥିରେ ସୂଚନା ପ୍ରଦାନ କରିଥିଲେ। ଭାରତ ସରକାରଙ୍କ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସେମାନଙ୍କ ସାମାଜିକ ଦାୟିତ୍ୱବୋଧର(ସିଏସଆର) କାର୍ଯ୍ୟ ସୀମା ବଢାଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଚାଲୁଥିବା ଅନୁସନ୍ଧାନ ସଂସ୍ଥାମାନଙ୍କୁ ସହଯୋଗ କରି ପାରିବେ। ସାରା ଦେଶର ୧୦ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ଏକୀକୃତ କରାଯାଇ ୪ଟିରେ ସୀମିତ କରାଯାଇଛି। ଏହି ବ୍ୟାଙ୍କ ସମୂହଙ୍କୁ ୭୦ ହଜାର କୋଟି ପୁଞ୍ଜି ପ୍ରଦାନ ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ସବୁ ବର୍ଗର ଗ୍ରାହକ କମ ସୁଧରେ ଋଣ ସୁବିଧା ପାଇ ପାରିବେ। ଏହାର ଫାଇଦା ତଳସ୍ତରରେ ପହଞ୍ଚି ପାରିବ ବୋଲି ଓରାମ ଆଶା ବ୍ୟକ୍ତ କରିଥିଲେ। କେବଳ ଏତିକି ନୁହେଁ ଜିଏସ୍‌ଟିରେ ବଡ ପରିବର୍ତ୍ତନ ଫଳରେ ସାମଗ୍ରିକ ବିକାଶ ଘଟିବା ସୁନିଶ୍ଚିତ ବୋଲି ସେ କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଭାଜପା ସମ୍ପାଦକ ଧୀରେନ ସେନାପତି, ପାନପୋଷ ସାଙ୍ଗଠନିକ ଜିଲା ସଭାପତି ଜଗବନ୍ଧୁ ବେହେରା, ମୁଖପାତ୍ର ଗଙ୍ଗାଧର ଦାସ, ବରିଷ୍ଠ ନେତା ନୀହାର ରାୟ, ଭଗବାନ ରାଉତଙ୍କ ସମେତ ପ୍ରମିଳା ଦାସ ପ୍ରମୁଖ ପଉସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ଓ ଅନ୍ୟମାନେ।

## ୧୦ ଜୁଆଡ଼ି ଗିରଫ

■ ୪୩ ହଜାର ଟଙ୍କା, କାର ଓ ସ୍କୁଟି ଜବତ

ରାଉରକେଲା ଅଫିସ, ୨୮।୯

ଗତ ଶୁକ୍ରବାର ବିଳମ୍ବିତ ରାତିରେ ସେକ୍ଟର ୬ ବସ୍ତିଆ ଭବନ ପଛରୁ ୧୦ଜଣ ଜୁଆଡିଙ୍କୁ ପୋଲିସ ଗିରଫ କରିଛି। ସମସ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନଙ୍କଠାରୁ ନଗଦ ୪୩ ହଜାର ୭ଶହ ଟଙ୍କା, ୧୦ ମୋବାଇଲ, ତାସ ମୁଠା, ଏଟିଏମ୍ କାର୍ଡ, ଏସ୍‌ବିଆଇ କ୍ରେଡ଼ିଟ କାର୍ଡ, ସ୍ମାର୍ଟ କାର୍ଡ ଏବଂ ଗୋଟିଏ ହ୍ୟୁଣ୍ଡାଇ କାର (ନଂ. ଜେଏଚ- ୦୧ଜେ ୯୮୭୭) ଓ ସ୍କୁଟି (ନଂ. ଓଡି ୧୪ପି- ୯୩୪୮ ମଧ ) ଜବତ ହୋଇଛି। ବସ୍ତିଆ ସ୍ମୃତି ସଦନ କୋଠା ପଛରେ ଏହି ଅଭିଯୁକ୍ତମାନେ ନିୟମିତ ଜୁଆ ଖେଳୁଥିଲେ। ପୋଲିସକୁ ଖବର ମିଳିବା ପରେ ଚଢାଉ କରାଯାଇଥିଲା। ଖବର ପାଇ ଡିଏସ୍‌ପି ଜ୍ୟୋତିର୍ମୟ ଭୁକ୍ତା ଓ ସେକ୍ଟର ୭ ଥାନାଧିକାରୀ ଗୁରୁବାରୀ ହେମ୍ବ୍ରମଙ୍କ ନେତୃତ୍ୱରେ ପୋଲିସ ଚଢାଉ କରିଥିଲା।


ଜୁଆଡ଼ିମାନଙ୍କ ଠାରୁ ଜବତ ନଗଦ ଟଙ୍କା, ମୋବାଇଲ ଫୋନ ଓ ଅନ୍ୟାନ୍ୟ ସାମଗ୍ରୀ।

■ ଶହୀଦ ଭଗତ ସିଂଙ୍କ ଜୟନ୍ତୀ

## ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ଭଗତ ସିଂଙ୍କ ମନକୁ ଆନ୍ଦୋଳିତ କରିଥିଲା

ରାଉରକେଲା ଅଫିସ,୨୮।୯

ସ୍ୱାଧୀନତା ଆନ୍ଦୋଳନର ମହାନ୍ କ୍ରାନ୍ତିକାରୀ ଶହୀଦ ଭଗତ ସିଂଙ୍କ ୧୧୨ତମ ଜୟନ୍ତୀ ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେଶନ(ଡିୱାଇଏଫ୍‌ଆଇ) ସୁନ୍ଦରଗଡ଼ ଜିଲା କମିଟି ଓ ଭଗତ ସିଂ ସ୍ମୃତି କମିଟି ପକ୍ଷରୁ ଛେଣ୍ଡ କଲୋନୀଠାରେ ପାଳିତ ହୋଇ ଯାଇଛି। ପ୍ରାରମ୍ଭରେ ଶହୀଦ ଭଗତ ସିଂଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସଙ୍ଗଠନ ପକ୍ଷରୁ ଭାରତର ମୁକ୍ତି ସଂଗ୍ରାମରେ ଶହୀଦଙ୍କ ବଳିଦାନ ସମ୍ପର୍କରେ ସ୍ତୁତିଚାରଣ କରାଯାଇ ଥିଲା। ଡିୱାଇଏଫ୍‌ଆଇ ସୁନ୍ଦରଗଡ ଜିଲା କମିଟି ସଭାପତି ତଥା ଆଇନଜୀବୀ ରାଜକିଶୋର ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ରୂପେ ପଞ୍ଚମସ୍ତମ୍ଭ ସମ୍ପାଦକ କେଳୁଚରଣ ବଡଜେନା ଯୋଗଦେଇ ଶହୀଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଦେଶର ଘଡିସନ୍ଧି ମୁହୂର୍ତ୍ତରେ ଯୁବଛାତ୍ର ଶହୀଦ ଭଗତ ସିଂଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ସେ ଆହ୍ୱାନ ଦେଇଥିଲେ। ଏହ ଅବସରରେ ଜେନା ଶହୀଦ ଭଗତ ସିଂଙ୍କ ଜନ୍ମ ଓ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ମାତ୍ର ୧୨ବର୍ଷ ବୟସରେ ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ଭଗତ ସିଂଙ୍କ ମନକୁ ଆନ୍ଦୋଳିତ କରିଥିଲା। ସେଠାରେ ନିରୀହ ଲୋକଙ୍କ ଉପରେ ବ୍ରିଟିଶ ସେନାର ଆକ୍ରମଣକୁ ଦେଖି ଚିହିଁକି ଉଠିଥିଲେ ଭଗତ ସିଂ। ପରବର୍ତ୍ତୀ ଅବସ୍ଥାରେ ଏହି ଚିନ୍ତାଧାରା ତାଙ୍କୁ ଜଣେ ସ୍ୱାଧୀନତା ସଂଗ୍ରାମୀ ରୂପେ ଜନ୍ମ ଦେଇଥିଲା। ସେ ଦେଶର ଯୁବ ସମାଜକୁ ଆକୃଷ୍ଟ କରି ଦେଶମାତୃକାର ସେବା ପାଇଁ ବ୍ରତୀ କରାଇପାରିଥିଲେ। ଏହି ଦୁର୍ଦ୍ଧର୍ଷ ସେନାନୀଙ୍କୁ ବିଟ୍ରିଶ ସରକାର ୧୯୩୧ ମସିହା ୨୩ ମାର୍ଚ୍ଚରେ ଫାଶୀ ଦେଇଥିଲେ। ଏହି ଅବସରରେ ଶହୀଦ ଭଗତ ସିଂ କିପରି ସ୍ୱାଧୀନତା ଆନ୍ଦୋଳନରେ ନିଜ ପରାକାଷ୍ଠା ପ୍ରଦର୍ଶନ କରିଥିଲେ ସେନେଇ ଉପସ୍ଥିତ ବକ୍ତା ଆଲୋକପାତ କରିଥିଲେ। ଏଥିରେ ଆଇନଜୀବୀ ଚନ୍ଦ୍ରଭାନୁ ଦାସ, ବିଶ୍ୱଜିତ ମାଝି, ବିଭୁ ନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶେଖର ଶର୍ମା, ଦିବାକର ମହାରଣା, ସତ୍ୟମ ତନ୍ତି, ମହମ୍ମଦ ଆରିଫ, ପ୍ରସନ୍ନ ମହାପାତ୍ର, ରାଜେଶ ନାୟକ, ପ୍ରଭାତ ମହାନ୍ତି, ପ୍ରତାପ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।


ଡିୱାଇଏଫ୍‌ଆଇ ପକ୍ଷରୁ ଶହୀଦ ଭଗତ ସିଂଙ୍କ ଜୟନ୍ତି ପାଳନ ଅବସରରେ ଉପସ୍ଥିତ କର୍ମକର୍ତ୍ତା।

